
ISSN : 2583-5270

# ସାହିତ୍ୟ ଚର୍ଚ୍ଚା

ମଇ ୨୦୨୪



ଫଟୋ : ଅଜୟ ମହାଲା

## ଓଡ଼ିଆ ସାହିତ୍ୟର ନବ ଦିଗନ୍ତ

Vol-3 • Issue-3 • May 2024 • Monthly • Rs.40 • 68 Pages • Bhubaneswar

# ସାହିତ୍ୟ ଚର୍ଚ୍ଚା

SAHITYA CHARCHA

ଓଡ଼ିଆ ସାହିତ୍ୟର ନବ ଦିଗନ୍ତ

ISSN : 2583-5270, RNI Regd. No. : ODIODI/2022/81590

ଭାଗ-୩ • ସଂଖ୍ୟା-୩ • ମଇ ୨୦୨୪ • ମାସିକ • ଟ.୪୦ • ୬୮ ପୃଷ୍ଠା • ଭୁବନେଶ୍ୱର

ମୁରବି
**ମହାପ୍ରଭୁ ଶ୍ରୀଜଗନ୍ନାଥ**

ସଂପାଦକ
**ନିହାର ରଂଜନ ଶତପଥୀ**

ଉପଦେଷ୍ଟା
**ଡ. ପୂର୍ଣ୍ଣଚନ୍ଦ୍ର ମିଶ୍ର**
**ଦୁର୍ଗା ଚରଣ ଷଡ଼ଙ୍ଗୀ**
**ବଳଦେବ ମହାରଥା**
**ପ୍ରଶାନ୍ତ ଭୂୟାଁ**

ସହ-ସଂପାଦକ
**ପ୍ରଭାତ ରଞ୍ଜନ ବେହୁରା**
**ଦେବାଶିଷ ମୁଦୁଲି**

ପରିଚାଳନା ନିର୍ବାହୀ
**ଗୋଲଖ ଚନ୍ଦ୍ର ଦାସ**

ଅକ୍ଷର ସଜ୍ଜା
**ଶଚିନ୍ଦ୍ର କୁମାର ରାଉତରାୟ**

ୱେବ୍‌ସାଇଟ୍ ପରିଚାଳକ
**ପ୍ରଭଞ୍ଜନ ବଳିୟାରସିଂ**

ପ୍ରଚ୍ଛଦପଟ ଫଟୋ
**ଅଜୟ ମହାଲା**

ଯୋଗାଯୋଗ
**ସାହିତ୍ୟ ଚର୍ଚ୍ଚା**, ୧୯, ଆର୍ଯ୍ୟ ଭିଲେଜ୍,
ଡୁମୁଡୁମା, ଫେଜ୍-୪,
ଭୁବନେଶ୍ୱର-୭୫୧୦୧୯
ଫୋନ୍ : (୦୬୭୪) ୩୫୫୨୯୪୭
ମୋବାଇଲ : ୯୩୬୮୭୭୨୫୦୬
**E-mail: info@sahityacharcha.com**
**Website: www.sahityacharcha.com**

**ମୂଲ୍ୟ : ଟ. ୪୦/-**


## ।। ସୂଚୀ ।।

ପାଠକଙ୍କ ମତାମତ ୦୨
ପଗଦ୍ୟ ଓ ଗପଦ୍ୟ (ସଂପାଦକୀୟ) ୦୩
ଓଡ଼ିଆ ପତ୍ରପତ୍ରିକା - ସେ କାଳରୁ ଏ ଯାବତ୍ (ପ୍ରବନ୍ଧ): ରମାକାନ୍ତ ନାୟକ ୦୫
ଚୁପ୍ ଚାପ୍ (କବିତା) : ସ୍ୱୟଂଶ୍ରୀ ପଣ୍ଡା ୧୧
ଅପହଞ୍ଚ ସ୍ୱପ୍ନ (ଗଳ୍ପ) : ରବି ପଣ୍ଡା ୧୨
କାହାକୁ ଦେବି ଭୋଟ (ରମ୍ୟରଚନା) : ପୀତବାସ ରାଉତରାୟ ୧୬
ଓଡ଼ିଆ କବିତାରେ ନାନ୍ଦନିକ ବିଗଳନ (ପ୍ରବନ୍ଧ) : ଆଦିକନ୍ଦ ସାହୁ ୨୦
ପ୍ରାବନ୍ଧିକ ବୈଷ୍ଣବ ଚରଣ ମହାନ୍ତିଙ୍କ ସହ ଅନ୍ତରଙ୍ଗ ଆଳାପ (ସାକ୍ଷାତକାର) ୨୪
ମହାର୍ଘ ପିତୃତ୍ୱ (ଗଳ୍ପ) : ଜୟନ୍ତୀ ସାହୁ ୨୮
ଅନାମ କାବ୍ୟ ଆନ୍ଦୋଳନରେ ପ୍ରତିବାଦର ସ୍ୱର (ପ୍ରବନ୍ଧ) : ରମେଶଚନ୍ଦ୍ର ମଲ୍ଲିକ ୩୧
ଅଣମଣିଷା (ବ୍ୟଙ୍ଗ) : ଅଜୟ କୁମାର ମିଶ୍ର ୩୪
ଚିଠି (ଅନୁବାଦ ଗଳ୍ପ) : ପଦ୍ମନାଭ ମିଶ୍ର ୩୭
ବଉଳ ଫୁଲର ବେଣୀ (ଗଳ୍ପ) : ସଚ୍ଚିଦାନନ୍ଦ କର ୩୯
ଓଡ଼ିଆ ଶାସ୍ତ୍ରୀୟକରଣରେ ଦେଉଳିଆ ଭାଷାର ଭୂମିକା (ପ୍ରବନ୍ଧ): ହେମନ୍ତ ବିଶ୍ୱାଳ ୪୫
ମୃତ୍ୟୁ ଏକ ପ୍ରେମର (ଅନୁଭୂତି) : ସନ୍ତୋଷ କୁମାର ପଟ୍ଟନାୟକ ୫୦
କାନ (ଗଳ୍ପ) : ତପନ ମହାପାତ୍ର ୫୪
ଏକ ଭିନ୍ନ ଦୃଷ୍ଟିରେ କଳାହାଣ୍ଡିର ଲୋକକଥା (ପ୍ରବନ୍ଧ): ଦୋଳଗୋବିନ୍ଦ ବିଶୀ ୫୭
ଭୋଅଟ୍ ପରବ୍ (କବିତା) : ବଳରାମ ପୂଜାରୀ ୬୧
ଦୁଇଟି ମିନିଗଳ୍ପ (ମିନିଗପ) : ହରେକୃଷ୍ଣ ସାହୁ ୬୩
ଦଣ୍ଡ ଭଲ ପିଲା ହେଲା (ଶିଶୁ ଗଳ୍ପ) : ନାରାୟଣ ଚନ୍ଦ୍ର ଶତପଥୀ ୬୪
ଲୁପ୍ତପ୍ରାୟ ଲୋକସଂସ୍କୃତି (ପୁସ୍ତକ ସମୀକ୍ଷା) : ନିହାର ଶତପଥୀ ୬୬
ସାହିତ୍ୟ ସମାଚାର ୬୭
ଅସଙ୍ଷେପ (ଶେଷ ପୃଷ୍ଠା) : ପ୍ରଶାନ୍ତ ଭୂୟାଁ ୬୮

# ପାଠକଙ୍କ ମତାମତ

'ସାହିତ୍ୟ ଚର୍ଚ୍ଚା' ପତ୍ରିକାର ଏପ୍ରିଲ ସଂଖ୍ୟାରେ ଦାଶ ବେନହୁରଙ୍କ 'ବନ୍ଦେ ଉତ୍କଳ ଜନନୀ: ଓଡ଼ିଆ ଜାତିର ମର୍ମସ୍ୱର' ପ୍ରବନ୍ଧରେ ଲେଖକଙ୍କ ଭାଷାରେ, ବନ୍ଦେ ଉତ୍କଳ ଜନନୀ- ଓଡ଼ିଆ ଜାତିର ମର୍ମସ୍ୱର। ସତରେ ଚମତ୍କାର ଭାବରେ ଭିଜାଏ ଏ ମର୍ମସ୍ୱର। ଅଦ୍ଭୁତ ଏକ ଜାତୀୟତା ଭାବ, ଉଚ୍ଚାଟ ଏକ ଉତ୍କଳୀୟ ମନ ମୁଣ୍ଡ ଟେକେ ପ୍ରତିଟି ଓଡ଼ିଆ ଭିତରେ। ଲେଖକଙ୍କ ଅପୂର୍ବ ଶୈଳୀରେ ବର୍ଣ୍ଣିତ ଏ ଉତ୍କଳର ବୈଶିଷ୍ଟ୍ୟ ପ୍ରତି ସବୁରି ମନରେ ଯେତିକି ସଚେତନତା ସୃଷ୍ଟି କରିଛି, ତା ଠାରୁ ବେଶି ସ୍ପଷ୍ଟୀକରଣ ରହିଛି ସେହି ତଥ୍ୟ ପ୍ରଦାନରେ ଯେଉଁ ଲମ୍ବା ସଡ଼କ ଦେଇ ରଚନା ସମୟରୁ ସେ ତାର ବାଟ କଢ଼ାଇ କଢ଼ାଇ ନେଇଛି ଓଡ଼ିଶାର ଜାତୀୟ ସଙ୍ଗୀତର ମାନ୍ୟତା ପାଇବା ପର୍ଯ୍ୟନ୍ତ। ସତରେ କାନ୍ତକବିଙ୍କର ଏ ମାର୍ମିକ ରଚନାଟି ସେତେବେଳର ଭୂଲୁଣ୍ଠିତା ଉତ୍କଳକୁ ଟିକିଏ ସଳଖି ଠିଆ କରାଇବାରେ ଅଗ୍ରଣୀ ଭୂମିକା ନେଇଥିବ ନିଶ୍ଚୟ। ଦାଶ ବେନହୁରଙ୍କ ଏ ହୃଦୟସ୍ପର୍ଶୀ ପ୍ରବନ୍ଧଟି ଏହି ପତ୍ରିକାଟିକୁ ସତରେ ଋଦ୍ଧିମନ୍ତ କରିଛି।

**ରେବା ପଟ୍ଟନାୟକ**
rebapatnaik1@gmail.com




ମତାମତ ପଠାଇବା ପାଇଁ ଇ-ମେଲ୍ ଠିକଣା:
**info@sahityacharcha.com**

ସମ୍ପ୍ରତି ଅନେକ ପତ୍ରିକା କପି-ପେଷ୍ଟ ନିୟମରେ ନିଜର କାୟା ବିସ୍ତାର କରୁଥିବା ଦେଖାଯାଉଛି, କିନ୍ତୁ 'ସାହିତ୍ୟ ଚର୍ଚ୍ଚା'ର ଏକାଧିକ ସଂଖ୍ୟା ପଢ଼ିବା ପରେ ମୁଁ ଉପଲବ୍ଧି କରୁଛି ଯେ ଏହି ପତ୍ରିକା ଅନ୍ୟଠାରୁ ସ୍ୱତନ୍ତ୍ର ଏବଂ ପ୍ରତ୍ୟେକ ସଂଖ୍ୟାରେ ସଂପାଦକୀୟ ସହ ଦିଆଯାଉଥିବା କାର୍ଟୁନ୍ ଚିତ୍ର ସମାଜର ବାସ୍ତବତା ଓ ଅପ୍ରିୟ ସତ୍ୟ କଥା ପ୍ରକାଶ କରେ।

**ସୁବାସ ଭୋଇ**
bhoibabu030@gmail.com

ପୁରୁଣା ବସଷ୍ଟାଣ୍ଡରୁ କିଛି ବହି କିଣିବାକୁ ଯାଇଥିବାବେଳେ ନଜର ପଡ଼ିଲା କ୍ଷୁଦ୍ର କଳେବର ବିଶିଷ୍ଟ ନିଛକ ସାହିତ୍ୟ ପତ୍ରିକା 'ସାହିତ୍ୟ ଚର୍ଚ୍ଚା' ଉପରେ। ଏପ୍ରିଲ ସଂଖ୍ୟାରେ ବିଶିଷ୍ଟ ସାହିତ୍ୟିକ ପ୍ରଫେସର ଉଦୟନାଥ ସାହୁଙ୍କ 'କମ୍ପ୍ୟୁଟର ପ୍ରୟୋଗରେ ଓଡ଼ିଆ ଭାଷାର ଅନୁକୂଳତା' ପ୍ରବନ୍ଧ ପଢ଼ିଲି। ଆମ ସମୟରେ କମ୍ପ୍ୟୁଟରରେ ଓଡ଼ିଆ ଲେଖିବା ବେଳେ ହେଉଥିବା ଅସୁବିଧା ଏବଂ ଏହାର ବିଭିନ୍ନ ନିଷ୍କର୍ଷ ଗୁଡ଼ିକ ସମ୍ପର୍କରେ ବିସ୍ତୃତ ଭାବେ ଲେଖକ ଆଲୋଚନା କରିଛନ୍ତି। ବିଭିନ୍ନ ଇଜିମ୍ ତଥା ବର୍ତ୍ତମାନ ଉତ୍ପନ୍ନ ହେଉଥିବା ନୂଆ ନୂଆ ବାଦ, ମତବାଦ ଓ ଗୋଷ୍ଠୀ ସାହିତ୍ୟକୁ କବଳିତ କରି ରଖିଛି, ଯାହା ଏପ୍ରିଲ ମାସର ସମ୍ପାଦକୀୟ ସୂଚାଉଛି। ଅଧ୍ୟାପକ ବିଶ୍ୱରଂଜନଙ୍କ ସହ ସାରସ୍ୱତ ସାକ୍ଷାତକାରରେ ଅନେକ ନୂଆ ତଥ୍ୟ ଜାଣିଲି। ରଞ୍ଜନ ସ୍ୱାଇଁ, କୁଞ୍ଜବିହାରୀ ସାହୁ ଓ ରବି ସ୍ୱାଇଁଙ୍କ ଗଳ୍ପ ବହୁତ ଭଲ ଲାଗିଲା। ସାହିତ୍ୟ ପତ୍ରିକାଟି ବି ଅତ୍ୟନ୍ତ ଆକର୍ଷଣୀୟ ହୋଇଛି।

**ଅଂଶୁମାନ ଗିରି**
anshumangiri2001@gmail.com

'ସାହିତ୍ୟ ଚର୍ଚ୍ଚା'ର ଏପ୍ରିଲ ସଂଖ୍ୟାର ସମ୍ପାଦକୀୟ ସମାଜରେ ଯେପରି ବିଭାଜିତ ଗୋଷ୍ଠୀ ରହିଛନ୍ତି, ସାହିତ୍ୟ କ୍ଷେତ୍ରରେ ମଧ୍ୟ ତାହା କବଳିତ ହୋଇଗଲାଣି ବୋଲି ସୂଚାଉଛି। ଉଦୟନାଥ ସାହୁ କମ୍ପ୍ୟୁଟରରେ ଓଡ଼ିଆ ଫଣ୍ଟରେ ଲେଖିବା ବେଳେ ହେଉଥିବା ଅସୁବିଧା ଓ ତାହାର ସମାଧାନ ବିଷୟରେ ବର୍ଣ୍ଣନା କରିଛନ୍ତି। 'ସାହିତ୍ୟ ଚର୍ଚ୍ଚା'ର ଉତ୍ତରୋତ୍ତର ଉନ୍ନତି ହେଉ, ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

**ସୁଚିସ୍ମିତା ରାଉତ**
suchi.rout98@gmail.com

ସମ୍ପାଦକୀୟ

# ପଗଦ୍ୟ ଓ ଗପଦ୍ୟ

ପଗଦ୍ୟ ଓ ଗପଦ୍ୟ - ଏହି ଶବ୍ଦ ଦୁଇଟି ହୁଏତ ଆମର ପାଠକ ବନ୍ଧୁମାନଙ୍କୁ ଟିକିଏ ଅଡୁଆ ଲାଗୁଥାଇପାରେ, ଅବୋଧ ବି। ଆମେ ମଧ୍ୟ ଯେତେବେଳେ ପ୍ରବୀଣ ସାହିତ୍ୟିକ ପ୍ରଫୁଲ୍ଲ କୁମାର ତ୍ରିପାଠୀଙ୍କର ଏକ କବିତାରେ ଏ ଶବ୍ଦ ଦୁଇଟିଙ୍କୁ ପହିଲେ ଭେଟିଲୁ, ଏହାର ମର୍ମ ଠଉରାଇ ପାରିଲୁ ନାହିଁ। ସେଥିରେ ଥିଲା,

"ଗଦ୍ୟ, ପଦ୍ୟ ଯାହା ଯେବେ ଇଚ୍ଛା ଲେଖୁଁ
ପଗଦ୍ୟ, ଗପଦ୍ୟ କେବେ ବି ନ ଲେଖୁଁ
... କବିତା ସର୍ଜନା ଲୋଡ଼େନି ଗଦ୍ୟ କି ପଦ୍ୟ
ହୃଦୟର ଭାଷା ହୁଏ ସଦା ଅନବଦ୍ୟ।"

ଜଣେ କବିତା ଲେଖିବ, ଅଥଚ ତାହା ଗଦ୍ୟ କି ପଦ୍ୟ ହୋଇ ନ ଥିବ - ଏହା ପୁଣି କେମନ୍ତ କଥା ? ଟିକିଏ ଗହୀରକୁ ଯାଇ ଏହାର ଉତ୍ତର ଖୋଜିବାକୁ ଚେଷ୍ଟା କଲୁ। କବିତାର ସମ୍ପର୍କ ଯେ ହୃଦୟର ସହିତ, ଏଥିରେ ଦ୍ୱିମତ ନାହିଁ। ହୃଦୟର ଭାବକୁ ପ୍ରତିଫଳିତ ନ କଲେ କୌଣସି ରଚନା, ତାହା ଗଦ୍ୟ ହେଉ ଅବା ପଦ୍ୟ, କବିତାର ପଦବାଚ୍ୟ ହୋଇପାରିବ ନାହିଁ।




ଗଦ୍ୟ ବା ପଦ୍ୟ ତେବେ କ'ଣ କବିତାର ଗୋଟିଏ ଖୋଳପା ବା ବାହ୍ୟ ଆବରଣ ? କିନ୍ତୁ ଏହି ବାହ୍ୟ ଆବରଣଟି ଆମକୁ କେତେ ଭ୍ରମରେ ନ ପକାଏ ସତେ ! ଏମିତି ଦେଖାଯାଇଛି ଯେ ବେଳେ ବେଳେ ଅନେକ ଅ-କବିତା କେବଳ ମାତ୍ର ପଦ୍ୟ ରୂପରେ ରଚିତ ହୋଇଥିବା କାରଣରୁ କବିତା ଭାବରେ ପରିଚିତ ହୋଇପଡ଼ନ୍ତି।

ଏଠାରେ ଦୁଇଟି ଉଦାହରଣ ଦେଲେ କଥାଟି ସ୍ପଷ୍ଟ ହୋଇଯିବ। ପିଲାଦିନେ ନିଜ ବିଦ୍ୟାଳୟର ଅକ୍ଷରଶିକ୍ଷା ବହିରେ ପଢ଼ିଥିବା ଏହି ଦୁଇଟି ପଦ୍ୟ ହୁଏତ ଆମର ମନେ ଥିବ:

୧. ଟାଇଲି ଛପର ଘର
ନିଆଁକୁ ନଥାଏ ଡର।

୨. ଆକାଶ ଦିଶେ କି ସୁନ୍ଦର
ତାହାକୁ ରଚିଲେ ଈଶ୍ୱର।

ଉଭୟ ପଦ୍ୟରୂପରେ ରଚିତ। ଅଥଚ ଦ୍ୱିତୀୟଟି ଗୋଟିଏ କବିତା ହୋଇଥିବା ସ୍ଥଳେ ପ୍ରଥମଟି ନୁହେଁ। ପ୍ରଥମଟିରେ ତ ନିରୁତା ଗଦ୍ୟ ପରାୟ କଥାଟିଏ ବ୍ୟକ୍ତ କରାଯାଇଛି; ଯାହାକୁ ସିଧା ଭାବରେ କହିଲେ ଏମିତି ହେବ: ଗୋଟିଏ ଘର ଟାଇଲ୍ ଦ୍ୱାରା ଛପର ହୋଇଥିଲେ ସେଥିରେ ନିଆଁ ଲାଗିବାର ଡର ନ ଥାଏ। ଏଥିରେ କବିତାର ଲେଶମାତ୍ର ଚିହ୍ନ ନାହିଁ। ଅଥଚ ତାହାର ପରବର୍ତ୍ତୀ ପଦ୍ୟଟିରେ ସୁନ୍ଦର ଆକାଶଟିକୁ ସୃଷ୍ଟି କରିଥିବା ଈଶ୍ୱରଙ୍କର ଅଲୌକିକ ବୈଚିତ୍ର୍ୟକୁ ବର୍ଣ୍ଣନା କରାଯାଇଛି। କୌଣସି ଦୃଶ୍ୟ ବା ଘଟଣାର ଅଭ୍ୟନ୍ତରକୁ ଯାଇ ସେଥିରେ ନିହିତ ଥିବା ଛନ୍ଦାୟିତ ଅସାଧାରଣତାକୁ ଅନୁଭବ କରିବା ହିଁ କବିତା। ତେଣୁ କେବଳ ଛନ୍ଦ ଓ ଯତିପାତ ଆଦିର କୃତ୍ରିମ ପୋଷାକ ପିନ୍ଧି କବିତାର ଧାଡ଼ିରେ ଠିଆ ହେବାକୁ ଚେଷ୍ଟା କରୁଥିବା କେତେକ ଗପଦ୍ୟ, ଅର୍ଥାତ୍ ଗଦ୍ୟ ଭାବାପନ୍ନ ପଦ୍ୟମାନଙ୍କ ପ୍ରତି ଆମକୁ ସତର୍କ ହେବାର ବେଳ ଆସିଛି।

ଗତ ଶତାବ୍ଦୀର ଦ୍ୱିତୀୟ ଭାଗରେ ଓଡ଼ିଆ କବିତାରେ ଆଧୁନିକତାର ଧାରା ଆରମ୍ଭ ହେବା ପରେ ସଚ୍ଚି ରାଉତରାୟ, ଗୁରୁ ମହାନ୍ତି, ଭାନୁଜୀ ରାଓ ପ୍ରମୁଖ କବିମାନେ କବିତାରେ ଛନ୍ଦ ଓ ଯତିପାତ ପରିହାର କରି ଗଦ୍ୟରୂପରେ ନିଜ କବିତାର ଭାବକୁ ପ୍ରକାଶ କଲେ। ଏହା ହେଉଛି ପଗଦ୍ୟ, ଅର୍ଥାତ୍ ଏହା ଗଦ୍ୟରେ ରଚିତ ହୋଇଥିଲେ ହେଁ ଏଥିରେ ପଦ୍ୟ ବା କବିତାର ଉପାଦାନ ନିହିତ। ତେବେ ଆଜିକାଲି ତ କବିତା ଭିତରକୁ ଛନ୍ଦୋବଦ୍ଧ ପଦ୍ୟର ଧାରା ପୁଣି ଫେରିଆସିଲାଣି। ଏହାର ସୁଯୋଗ ନେଇ ପଦ୍ୟ ବେଶରେ ଅକବିତାମାନେ ଯେମିତି କବିତା ବୋଲାଇବାକୁ ଚେଷ୍ଟା ନ କରନ୍ତି ତାହା ଦେଖିବା ଆମର କର୍ତ୍ତବ୍ୟ।

***ନିହାର ଶତପଥୀ***

## ସାହିତ୍ୟ ବିଚାର

**କମଲାକାନ୍ତ ରଥ**




*ବ୍ୟଙ୍ଗଚିତ୍ରଟିର ପ୍ରସଙ୍ଗ ପାଇଁ ଚଳିତ ସଂଖ୍ୟାର 'ସମ୍ପାଦକୀୟ' ଦ୍ରଷ୍ଟବ୍ୟ।*


## 'ସାହିତ୍ୟ ଚର୍ଚ୍ଚା'ର ଗ୍ରାହକ ଯୋଜନା

ଆଗ୍ରହୀ ପାଠକମାନେ ବାର୍ଷିକ ଗ୍ରାହକ ଦେୟ ସ୍ୱରୂପ ୧୨ଟି ସଂଖ୍ୟାର ମୂଲ୍ୟ ଟ.୪୮୦/- ମାତ୍ର ପଠାଇ ଏକ ବର୍ଷ ପର୍ଯ୍ୟନ୍ତ ଡାକ ବା କୋରିଅର୍ ଯୋଗେ ଏହି ପତ୍ରିକା ପାଇପାରିବେ। ଏଥିପାଇଁ କୌଣସି ଅତିରିକ୍ତ ଡାକଖର୍ଚ୍ଚ ନିଆଯାଏ ନାହିଁ। ନିମ୍ନରେ ଦିଆଯାଇଥିବା ଆକାଉଣ୍ଟ ନମ୍ବର କିମ୍ବା 'କ୍ୟୁ.ଆର୍. କୋଡ୍'କୁ ଟ.୪୮୦/- ପଠାଇବା ପରେ ଆମର ହ୍ୱାଟ୍ସଆପ୍ ନଂ. 9368772506 କିମ୍ବା ଇ-ମେଲ୍ ଠିକଣା info@sahityacharcha.com ରେ ନିଜର ନାମ, ଡାକଠିକଣା ଓ ମୋବାଇଲ ନମ୍ବର ଜଣାନ୍ତୁ।

*IFS Code* : CNRB0018007
*Account No.* : 120000048648
*Account Name* : Sahitya Charcha

ଏହି ଗ୍ରାହକ ଯୋଜନାର ସୂଚନା ଆମ ୱେବ୍‌ସାଇଟ୍‌ର ନିମ୍ନୋକ୍ତ ଲିଙ୍କ୍‌ରେ ମଧ୍ୟ ଉପଲବ୍ଧ ଅଛି।
**www.sahityacharcha.com/subscription**

ପାର୍ଶ୍ୱରେ ଦିଆଯାଇଥିବା କ୍ୟୁ.ଆର୍. କୋଡ୍ ଚିତ୍ରକୁ ସ୍କାନ କରି G Pay, PhonePe କିମ୍ବା Paytm ଆଦି ଦ୍ୱାରା ମଧ୍ୟ ଏହି ଦେୟ ପଠାଯାଇପାରେ। ଚେକ୍ କିମ୍ବା ବ୍ୟାଙ୍କ ଡ୍ରାଫ୍ଟ ଯୋଗେ ବାର୍ଷିକ ଗ୍ରାହକଦେୟ ପଠାଇବାକୁ ଥିଲେ ତାହାକୁ Sahitya Charcha ନାମରେ ଲେଖି ଆମର ନିମ୍ନଲିଖିତ ଠିକଣାକୁ ପଠାନ୍ତୁ।

**ସାହିତ୍ୟ ଚର୍ଚ୍ଚା**, ୧୯, ଆର୍ଯ୍ୟ ଭିଲେଜ୍, ଡୁମୁଡୁମା, ଫେଜ୍-୪, ଭୁବନେଶ୍ୱର-୭୫୧୦୧୯
ଫୋନ୍ : (୦୬୭୪) ୩୫୫୨୯୪୭, ମୋବାଇଲ : ୯୩୬୮୭୭୨୫୦୬


**ପ୍ରବନ୍ଧ**

# ଓଡ଼ିଆ ପତ୍ରପତ୍ରିକାର ଧାରା - ସେ କାଳରୁ ଏ ଯାବତ୍



ଡ. ରମାକାନ୍ତ ନାୟକ

ଭାରତର ପ୍ରଥମ ପତ୍ରିକା ଇଂରାଜୀ ଭାଷାରେ "ବମ୍ବେ ହେରାଲଡ୍" ୧୭୮୯ ଖ୍ରୀ: ରେ ପ୍ରକାଶିତ ହେବା ସହିତ ଅନ୍ୟାନ୍ୟ ପ୍ରାଦେଶିକ ଭାଷାରେ ପତ୍ରିକାମାନ ଆତ୍ମପ୍ରକାଶ କରିଥିଲେ ମଧ୍ୟ ଓଡ଼ିଆ ଭାଷାରେ ମୁଦ୍ରିତ ପତ୍ରିକାଟିଏ ପ୍ରକାଶିତ ହେବାକୁ ଆହୁରି ପ୍ରାୟ ଆଠଦଶକ ଅପେକ୍ଷା କରିବାକୁ ପଡ଼ିଥିଲା। ତେବେ ବମ୍ବେ ହେରାଲଡ୍ ପ୍ରକାଶନର ଦୁଇ ଦଶନ୍ଧି ପୂର୍ବରୁ ୧୭୬୯ ଖ୍ରୀ:ରେ ଚୌଦ୍ୱାର ନିକଟସ୍ଥ କୁଜିବର ଆଶ୍ରମରୁ ସାଧୁ ସୁନ୍ଦର ଦାସଙ୍କ ପ୍ରଚେଷ୍ଟାରେ ପ୍ରଥମ ହସ୍ତଲିଖିତ ସମ୍ବାଦପତ୍ର 'କୁଜିବର ପତ୍ର' ପ୍ରକାଶିତ ହୋଇ କ୍ରମାଗତ ବହୁବର୍ଷ ଧରି କେବେ ଦୈନିକ କେବେ ସାପ୍ତାହିକ ରୂପରେ ଆତ୍ମପ୍ରକାଶ କରୁଥିଲା। ଏପରିକି ମିଶନାରୀମାନେ ଏହାକୁ ଇଂରାଜୀରେ ଅନୁବାଦ କରି ଅନ୍ୟତ୍ର ପ୍ରେରଣ କରୁଥିଲେ। ପାଦ୍ରୀ ଆମୋସ ସଟନ ଏହାର ଅନୁବାଦକରି ୧୯୨୭ ଖ୍ରୀ:ରେ ଲଣ୍ଡନ ବାପଟିଷ୍ଟ ମିଶନକୁ ପଠାଇଥିଲେ, ଯାହାର ଅନେକାଂଶ ଏବେ ମଧ୍ୟ ଲଣ୍ଡନସ୍ଥିତ ଇଣ୍ଡିଆ ହାଉସ ଲାଇବ୍ରେରୀରେ ସଂରକ୍ଷିତ ରହିଥିବା ଗୌରବର ବିଷୟ। ଇଂରେଜମାନଙ୍କ ଆଗମନ ଓ ପାଶ୍ଚାତ୍ୟ ଶିକ୍ଷା ଏବଂ ଚିନ୍ତାଧାରା ପ୍ରବର୍ତ୍ତନର ଯଥେଷ୍ଟ ପୂର୍ବରୁ ସାଧୁ ସୁନ୍ଦର ଦାସଙ୍କର ଏପରି ଏକ ବୈପ୍ଳବିକ ଚିନ୍ତାଧାରା ଓଡ଼ିଶାକୁ ମହିମାମଣ୍ଡିତ କରିଛି।



### ସମ୍ବାଦପତ୍ରର ଭୂମିକା

ଓଡ଼ିଆ ଭାଷାରେ ଗଦ୍ୟ ରଚନାକୁ ବଳିଷ୍ଠ କରିବାରେ ସମ୍ବାଦପତ୍ରର ଭୂମିକା ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ବିଭିନ୍ନ ପତ୍ରିକା ପ୍ରକାଶନ ଏହି ଧାରାକୁ ଅଧିକ ତ୍ୱରାନ୍ୱିତ କଲା। ପତ୍ରିକାର ଦୀର୍ଘତର ରଚନାଗୁଡ଼ିକ ଗଭୀର ଚିନ୍ତନ ଓ ମାନସ ମନ୍ଥନ ପାଇଁ ସୁଯୋଗ ସୃଷ୍ଟି କଲେ। ଲେଖକମାନେ ସେମାନଙ୍କ ଚିନ୍ତାକୁ ଲିଖିତରୂପ ପ୍ରଦାନ କରିବାକୁ ଯଥାର୍ଥ ଅବସର ପାଇଲେ। ଅଳ୍ପ ଅବଧିର ବ୍ୟବଧାନରେ ପତ୍ରିକା ପ୍ରକାଶ ପାଉଥିବାରୁ ବିଷୟକୈନ୍ଦ୍ରିକ ବିତର୍କ ପାଇଁ ଏଗୁଡ଼ିକ ସହାୟକ ହେଲେ ଏବଂ ଚିନ୍ତାଧାରାର ବିକାଶ ଓ ପ୍ରସାର ପାଇଁ ପଥ ଉନ୍ମୁକ୍ତ ହୋଇଗଲା। ପତ୍ରିକାର କଳେବର କ୍ଷୁଦ୍ରତର ଓ ହାଲୁକା ହେତୁ ସାଧାରଣ ଲୋକଙ୍କ ପାଇଁ ଏହା ସୁଲଭ ସୁଗମ ହେଲା। ସମାଜରେ ଜ୍ଞାନର ବିସ୍ଫୋରଣ ସମ୍ଭବପର ହେଲା। ପାଠକୀୟ ପ୍ରତିକ୍ରିୟାକୁ ଆଧାରକରି ଲେଖକମାନେ ବିଷୟବସ୍ତୁ ନିର୍ଣ୍ଣୟ କଲେ। ୧୮୩୭ ଖ୍ରୀ:ରେ ଓଡ଼ିଶାରେ ମୁଦ୍ରଣ ଯନ୍ତ୍ର ପ୍ରତିଷ୍ଠାର ପ୍ରୟାସ ପତ୍ରିକା ପ୍ରକାଶନ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କଲା। ୧୮୪୯ ଖ୍ରୀ:ରେ ମିଶନାରୀମାନେ ପ୍ରକାଶ କଲେ 'ଜ୍ଞାନାରୁଣ'; ୧୮୫୬-୫୮ ଖ୍ରୀ: ମଧ୍ୟରେ ପ୍ରକାଶିତ ହେଲା 'ପ୍ରବୋଧ ଚନ୍ଦ୍ରିକା'। ସଂସ୍କୃତ, ବଙ୍ଗଳା ଓ ଇଂରାଜୀ ପୁସ୍ତକରୁ ଉପାଦାନ ଓ ତଥ୍ୟ ସଂଗୃହୀତ ହୋଇ, ତାହାର ଓଡ଼ିଆ ଅନୁବାଦ ଏଥିରେ ସ୍ଥାନିତ ହେଉଥିଲା। ଏତଦ୍‌ଭିନ୍ନ ପରବର୍ତ୍ତୀ କାଳରେ ମିଶନାରୀ-୩ ତାରକା(ତ୍ରୟୀ) ତାରକା ଓ ଶୁଭବାର୍ତ୍ତା, ପ୍ରଭାତୀ ତାରା ପ୍ରଭୃତି ପତ୍ରିକା ଖ୍ରୀଷ୍ଟିଆନ ମଣ୍ଡଳୀ ଆନୁକୂଲ୍ୟରେ ପ୍ରକାଶିତ ହେଉଥିଲା। ଭାଷାକୁ କେନ୍ଦ୍ରକରି ଜାତି ଜାତି ଭିତରେ ବିଭେଦ ସୃଷ୍ଟି କରିବା, ଖ୍ରୀଷ୍ଟଧର୍ମକୁ ଶ୍ରେଷ୍ଠତ୍ୱ ପ୍ରଦାନ କରିବା ଏବଂ ବ୍ରିଟିଶ ଶାସନର ଅପ୍ରତିଦ୍ୱନ୍ଦ୍ୱୀ ଶାସନକୁ ଜନସମୁଦାୟଙ୍କ ନିକଟରେ ଉପସ୍ଥାପନ କରିବା ଏଗୁଡ଼ିକର ମୁଖ୍ୟ ଉଦ୍ଦେଶ୍ୟ

ଥିଲା ।

୧୮୬୪ ଖ୍ରୀ:ରେ ଗୌରୀଶଙ୍କର ରାୟଙ୍କ କଟକ ପ୍ରିଣ୍ଟିଂ କମ୍ପାନୀ ଓ ୧୮୬୮ ଖ୍ରୀ:ରେ ଫକୀରମୋହନ ସେନାପତିଙ୍କ ବାଲେଶ୍ୱରଠାରେ ଉତ୍କଳ ପ୍ରିଣ୍ଟିଂ କମ୍ପାନୀ ପ୍ରତିଷ୍ଠା ଥିଲା ଓଡ଼ିଆ ଭାଷା ସାହିତ୍ୟ ଇତିହାସରେ ଗୋଟିଏ ଗୋଟିଏ ଯୁଗାନ୍ତକାରୀ ଘଟଣା । ୧୮୬୬ ମସିହାର କରାଳ ନ'ଅଙ୍କ ଦୁର୍ଭିକ୍ଷର ହାହାକାର ଭିତରୁ ଓଡ଼ିଶାର ପ୍ରଥମ ମୁଦ୍ରିତ ସମ୍ବାଦପତ୍ର 'ଉତ୍କଳ ଦୀପିକା' ଜନ୍ମ ନେଲା, ଯାହା ଓଡ଼ିଶାର ପରିଚୟ ଓ ଜାତିର ଅସ୍ତିତ୍ୱରେ ନୂତନ ପ୍ରାଣ ସଞ୍ଚାର କଲା । ତା ୪.୮.୧୮୬୬ରେ କର୍ମବୀର ଗୌରୀଶଙ୍କରଙ୍କ ସମ୍ପାଦନାରେ ପ୍ରକାଶିତ ଏହି ପତ୍ରିକା କେବଳ ମାତ୍ର ସମ୍ବାଦପତ୍ର ନ ଥିଲା ବରଂ ୬୬ବର୍ଷ କାଳ ଉତ୍କଳର ଏକ ଜୀବନ୍ତ ଦଲିଲ ଥିଲା । ସରକାରୀ ପଦରେ ଥାଇ ମଧ୍ୟ ନିର୍ଭୟ ଭାବରେ ଅଦମ୍ୟ ସ୍ପର୍ଦ୍ଧାର ସହିତ ଓଡ଼ିଶାର ପ୍ରଭୂତ ପ୍ରଗତି ପାଇଁ ଇଂରେଜ ଉପନିବେଶବାଦୀ ଶାସନ ବିରୁଦ୍ଧରେ ସେ ଯେପରି ଉଗ୍ରସ୍ୱର ଉତ୍ତୋଳନ କରିଥିଲେ ତାହାର ମୂକସାକ୍ଷୀ 'ଉତ୍କଳ ଦୀପିକା' । ୧୮୬୮ ଖ୍ରୀ:ରେ ବାଲେଶ୍ୱରରୁ ପ୍ରକାଶିତ 'ବୋଧଦାୟିନୀ' ଓ 'ବାଲେଶ୍ୱର ସମ୍ବାଦବାହିକା'ର ପ୍ରଧାନ ଆଭିମୁଖ୍ୟ ଥିଲା ଓଡ଼ିଆ ସାହିତ୍ୟର ବିକାଶ ସହିତ ସରକାରଙ୍କ ଅନ୍ୟାୟ, ଅବହେଳା ବିରୁଦ୍ଧରେ ଦୃଢ଼ ପ୍ରତିବାଦ କରିବା । ତିନିବର୍ଷ ପ୍ରକାଶନ ପରେ ଏହା ମାସିକରୁ ପାକ୍ଷିକ ହେଲା ଏବଂ କେବଳ 'ସମ୍ବାଦ ବାହିକା' ନାମରେ ପ୍ରକାଶିତ ହେଲା । ପ୍ରଥମେ ଫକୀରମୋହନ ଏହାର ସମ୍ପାଦକ ଥିବା ବେଳେ ପରବର୍ତ୍ତୀ ସମୟରେ ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକ, ଜଗନମୋହନ ପଟ୍ଟନାୟକ ପ୍ରମୁଖ ଏହାର ସମ୍ପାଦନା ଦାୟିତ୍ୱ ନିର୍ବାହ କରିଥିଲେ । ଏଥିରେ ଜ୍ଞାନ, ବିଜ୍ଞାନର ବିଭିନ୍ନ ଚିନ୍ତାତ୍ମକ ପ୍ରବନ୍ଧ ସହିତ ଗ୍ରନ୍ଥ ସମୀକ୍ଷା ଏବଂ ଭାଷା ଓ ପାଠ୍ୟପୁସ୍ତକ ଆଲୋଚନା ସ୍ଥାନ ପାଉଥିଲା । ଏଥି ସହିତ ୧୮୬୯ରେ ଉତ୍କଳ ହିତୈଷିଣୀ, ୧୮୯୧ରେ ଉତ୍କଳ ପୁତ୍ର, ୧୮୮୯ରେ ସମ୍ବଲପୁର ହିତୈଷିଣୀ, ୧୮୯୯ରେ ଗଞ୍ଜାମ ହିତବାଦିନୀ ପ୍ରଭୃତି ପତ୍ରପତ୍ରିକା ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ପ୍ରକାଶିତ ହୋଇ ଶିକ୍ଷା, ସାହିତ୍ୟ, ସଂସ୍କୃତି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବା ସଙ୍ଗେ ସଙ୍ଗେ ଊନବିଂଶ ଶତାବ୍ଦୀ ଓଡ଼ିଶାର ବାସ୍ତବ ଚିତ୍ର ବହନ କରିଥିଲେ । ବାସ୍ତବରେ ଏଗୁଡ଼ିକ ଥିଲେ ଓଡ଼ିଆ ନବଜାଗରଣର ଅଗ୍ରଦୂତ । ଊନବିଂଶ ଶତାବ୍ଦୀରେ ଓଡ଼ିଆ ପତ୍ରିକା ଜଗତରେ ବହୁବର୍ଣ୍ଣିଳ ତେଷଠିଟି ପତ୍ରପତ୍ରିକା ଅବତୀର୍ଣ୍ଣ ହୋଇ ସାଧାରଣ ଜନତାଙ୍କ ସମସ୍ୟା ଉପସ୍ଥାପନ ସହିତ ବ୍ରିଟିଶ ଅପଶାସନର ସମାଲୋଚନା କରିଥିଲେ । ଉତ୍କଳର ପଲ୍ଲୀଚିତ୍ର, ସମବାୟ, ଚିକିତ୍ସା ପଦ୍ଧତି, କୃଷି, ଶିକ୍ଷା, ବାଣିଜ୍ୟ, ପରିବହନ, ନିଶାନିବାରଣ, କୁସଂସ୍କାର ଦୂରୀକରଣ ଆଦି ପ୍ରସଙ୍ଗ ଉତ୍‌ଥାପନ କରିବା ଥିଲା ସେଗୁଡ଼ିକର ପ୍ରଧାନ ଲକ୍ଷ୍ୟ । ଉନ୍ନତ ପ୍ରଯୁକ୍ତିବିଦ୍ୟା ଓ ଯୋଗାଯୋଗର ମାଧ୍ୟମ ଉପଲବ୍ଧ ନ ଥିବା କାଳରେ ଏହିସବୁ ପତ୍ରପତ୍ରିକାରେ ଲିପିବଦ୍ଧ ପ୍ରଜ୍ଞାଦୀପ୍ତ ବିଷୟବସ୍ତୁ ଦେଖିଲେ ଚମତ୍କୃତ ହେବାକୁ ପଡ଼େ ।

ସମ୍ବାଦପତ୍ର ହିଁ ଜାତିର ଆତ୍ମସଚେତନତାର ପରିଚାୟକ । 'କଟକ ଅର୍ଗସ', 'କଟକ ଷ୍ଟାର', 'କଟକ ଷ୍ଟାଣ୍ଡାର୍ଡ଼' ପ୍ରଭୃତି କେତେକ ସମ୍ବାଦପତ୍ର ଊନବିଂଶ ଶତାବ୍ଦୀରେ ଜନ୍ମଗ୍ରହଣ କରି ଅକସ୍ମାତ୍ ମୃତ୍ୟୁବରଣ କରିଥିଲେ । ଡ. ନଟବର ସାମନ୍ତରାୟଙ୍କ ମତରେ, ଏହା ଥିଲା "ଯୁବ ଚିତ୍ତର କ୍ଷଣିକ ଉନ୍ମାଦନା ଓ ଚଞ୍ଚଳତା" ।

> **ଊନବିଂଶ ଶତାବ୍ଦୀରେ ଓଡ଼ିଆ ପତ୍ରିକା ଜଗତରେ ୬୩ଟି ପତ୍ରପତ୍ରିକା ଅବତୀର୍ଣ୍ଣ ହୋଇ ଲୋକଙ୍କର ସମସ୍ୟା ଉପସ୍ଥାପନ ସହିତ ବ୍ରିଟିଶ ଅପଶାସନର ସମାଲୋଚନା କରିଥିଲେ ।**

### ଇତିହାସର ଦୃଶ୍ୟପଟ

ଇତିହାସର ଦୃଶ୍ୟପଟରେ ଉପନିବେଶବାଦ ମାଧ୍ୟମରେ ଓଡ଼ିଆ ସାହିତ୍ୟ ସଂରଚନାର ଧାରା ପରିବର୍ତ୍ତିତ ହୋଇଛି । ପାଶ୍ଚାତ୍ୟ ଜଗତର ରେନେସାଁର ଦୁର୍ନିବାର ପ୍ରଭାବ ବିମ୍ବିତ ହୋଇଛି ଓଡ଼ିଆ ପତ୍ରିକା ମାଧ୍ୟମରେ । ଲୋକଜୀବନ ସମ୍ପୃକ୍ତିର ଯଥାର୍ଥ ନିଦର୍ଶନ ସାହିତ୍ୟରେ ପ୍ରଦର୍ଶିତ ହେବା ସଙ୍ଗେ ସଙ୍ଗେ ଆଧୁନିକ ଓଡ଼ିଆ ସାହିତ୍ୟର ମୂଳଭିତ୍ତି ନିର୍ମିତ ହୋଇଛି । ଏହି ଐତିହାସିକ କ୍ଷଣରେ 'ବୋଧଦାୟିନୀ', 'ଉତ୍କଳ ଦର୍ପଣ', 'ଉତ୍କଳ ମଧୁପ', 'ପ୍ରଦୀପ', 'ନବ ସମ୍ବାଦ', 'ଉତ୍କଳପ୍ରଭା', 'ସମ୍ବଲପୁର ହିତୈଷିଣୀ', 'ଉତ୍କଳ ସାହିତ୍ୟ' ପ୍ରଭୃତି ସାରସ୍ୱତ ପତ୍ରିକାରେ ଉତ୍କଳୀୟ ନବଜାଗରଣର ମହାରଥୀମାନଙ୍କ ଦୃପ୍ତସ୍ୱର ନିନାଦିତ ହୋଇଛି । ରାଧାନାଥଙ୍କ ପାଶ୍ଚାତ୍ୟ କାବ୍ୟାନୁସରଣରେ ଓଡ଼ିଆ ସାହିତ୍ୟ ରଚନା, ମହାଭାରତୀୟ

ଜୀବନାଦର୍ଶରେ ଅନୁପ୍ରାଣିତ ମଧୁସୂଦନ ରାଓଙ୍କ କାବ୍ୟ ଜିଜ୍ଞାସା, ଫକୀରମୋହନଙ୍କ ସାମାଜିକ ବାସ୍ତବତା ଆଧାରିତ ସର୍ଜନାତ୍ମକ ସମ୍ଭାରରେ ସମସାମୟିକ ଓଡ଼ିଆ ସାହିତ୍ୟ ପତ୍ରିକା ନିଜକୁ ଉନ୍ମୁଖ କରିଛି ଜ୍ଞାନଚର୍ଚ୍ଚା ପାଇଁ। ପ୍ରାଚ୍ୟ ଓ ପାଶ୍ଚାତ୍ୟ ସାହିତ୍ୟ ମଧ୍ୟରେ ଦ୍ୱନ୍ଦ୍ୱ ଓ ସଂଘର୍ଷର ପରିସ୍ଫୁଟନ ଊନବିଂଶ ଶତାବ୍ଦୀ ସାହିତ୍ୟ ପତ୍ରିକାର ଅନ୍ୟତମ ବୈଶିଷ୍ଟ୍ୟ। ଏହି ସାହିତ୍ୟିକ ସ୍ପନ୍ଦନକୁ ଅଧିକ ଘନୀଭୂତ କରିଛନ୍ତି 'ଇନ୍ଦ୍ରଧନୁ' ବନାମ 'ବିଜୁଳି' ପତ୍ରିକା ଅବତୀର୍ଣ୍ଣ ହୋଇ। ବିଶୁଦ୍ଧ ସାହିତ୍ୟ ପତ୍ରିକା 'ଉତ୍କଳ ସାହିତ୍ୟ' ଥିଲା ଲେଖକମାନଙ୍କ ପାଇଁ ଆଧୁନିକ ସାହିତ୍ୟ ସର୍ଜନାର ମହାମନ୍ତ୍ର। ଏଥିସହିତ ଉତ୍କଳପୁତ୍ର, ବିଦେଶୀ, ଶିକ୍ଷାବନ୍ଧୁ, ଓଡ଼ିଆ ନବସମ୍ବାଦ, ଆଶା, ଉତ୍କଳବନ୍ଧୁ ପ୍ରଭୃତି ପତ୍ରିକା ପ୍ରକାଶନ ଓଡ଼ିଆ ବାଣୀଭଣ୍ଡାରକୁ ସମୃଦ୍ଧ କରିଛି।




'ଉତ୍କଳ ଦର୍ପଣ' ପତ୍ରିକା ପ୍ରକାଶନ ପାଇଁ ୧୮୭୨ ମସିହା ନଭେମ୍ବର ନଅ ତାରିଖରେ ସମ୍ପାଦକ ବୈକୁଣ୍ଠ ନାଥ ଦେ ଏକ ବିଜ୍ଞାପନରେ ଉଲ୍ଲେଖ କରିଥିଲେ, "ଉତ୍କଳ ସାହିତ୍ୟର ଉନ୍ନତି ବିଧାନ, ଉତ୍କଳୀୟ ସାମାଜିକ ରୀତି ସଂଶୋଧନ ଏହି ପତ୍ରିକାର ମୁଖ୍ୟ ଉଦ୍ଦେଶ୍ୟ ଅଟେ। ଏଣୁକରି ଏଥିରେ ଶିକ୍ଷା, ସାହିତ୍ୟ, ବିଜ୍ଞାନ, ସଂଗୀତ, ରାଜକୀୟ, ସାମାଜିକ ଓ ନୀତି ସମ୍ବନ୍ଧୀୟ ପ୍ରସ୍ତାବମାନ ପ୍ରକାଶିତ ହେବ।" ଏଥିରେ ପ୍ରକାଶ ପାଇଥିଲା ରାଧାନାଥଙ୍କ ରଚିତ ଓଡ଼ିଆ ସାହିତ୍ୟର ପ୍ରଥମ ପ୍ରବନ୍ଧ 'ବିବେକୀ', 'ଆମ୍ଭମାନଙ୍କ ଗୃହ', 'ମେଘଦୂତ' ଓ 'ରଘୁବଂଶ'ର ଅନୁବାଦ, 'ପବନ' (କବିତା) 'ଇଟାଲୀୟ ଯୁବା' (ଗଳ୍ପ) ଅଜ୍ଞାତ ଲେଖକଙ୍କ 'ଧନଞ୍ଜୟ ସିଂହ' (ଉପନ୍ୟାସ), ମଧୁସୂଦନ ରାଓଙ୍କ 'ଚନ୍ଦ୍ର ଓ ତାରା', 'ଚନ୍ଦ୍ରଗ୍ରହଣ', 'ଗ୍ରହମାନେ ପ୍ରାଣୀଙ୍କ ଆବାସ ଭୂମି କି ନା', 'ଅର୍ଥ ଏବଂ ମୁଦ୍ରା', 'ଶାସନ ପ୍ରଣାଳୀ' ପ୍ରଭୃତି ନବଚିନ୍ତନ ଆଧାରିତ ପ୍ରବନ୍ଧ ସମେତ ଅନେକ ଅମ୍ଳାନ ସୃଷ୍ଟି। ମୃତ୍ୟୁଞ୍ଜୟ ରଥଙ୍କ ଭାଷାରେ "ଉତ୍କଳ ଦର୍ପଣ ହିଁ ଆଧୁନିକ ଉତ୍କଳ ସାହିତ୍ୟର ଆଦ୍ୟ ଲେଖକମଣ୍ଡଳୀ ପ୍ରସ୍ତୁତ କରିଛି।" ୧୮୭୩ ମସିହାରେ ପ୍ରକାଶିତ 'ଉତ୍କଳପୁତ୍ର' କ୍ଷଣସ୍ଥାୟୀ ହେଲେ ମଧ୍ୟ ପ୍ୟାରୀମୋହନ ଆଚାର୍ଯ୍ୟଙ୍କ ଓଡ଼ିଆ ଭାଷା ଓ ସାହିତ୍ୟର ନିଚ୍ଛକ ସ୍ୱରୂପ ସମ୍ପର୍କିତ ବଳିଷ୍ଠ ଯୁକ୍ତି ସମ୍ବଳିତ ଆଲେଖ୍ୟ ଉପସ୍ଥାପନ କରି ଏହି ପତ୍ରିକା ସମସାମୟିକ ସାହିତ୍ୟ ପ୍ରତି ଆହ୍ୱାନ ସୃଷ୍ଟି କରିଥିଲା ଏବଂ ଏହାର ପରିଣତି ସ୍ୱରୂପ ୧୮୭୮ ମସିହାରେ 'ଉତ୍କଳ ମଧୁପ' ଆତ୍ମପ୍ରକାଶ କଲା। 'ଉତ୍କଳ ମଧୁପ'ରେ ରାମଶଙ୍କରଙ୍କ ଉପନ୍ୟାସ 'ସୌଦାମିନୀ'ର ତିରିଶଗୋଟି ପରିଚ୍ଛେଦ ଧାରାବାହିକ ଭାବରେ ପ୍ରକାଶିତ ହୋଇଥିଲା। ଓଡ଼ିଆ ସାହିତ୍ୟ ଧାରାରେ ପ୍ରଥମଥର ପାଇଁ ଉପେନ୍ଦ୍ର ଭଞ୍ଜଙ୍କ 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ' କାବ୍ୟ ସମେତ ଅନେକ ଗ୍ରନ୍ଥର ସମାଲୋଚନା, ମଧୁସୂଦନଙ୍କ 'ଜୀବନ ଚିନ୍ତା' ଏବଂ ପ୍ୟାରୀମୋହନ ଆଚାର୍ଯ୍ୟଙ୍କ 'ଓଡ଼ିଶା ଇତିହାସ' ଏଥିରେ ଉପସ୍ଥାପିତ ହୋଇ ପତ୍ରିକାର ମୂଲ୍ୟ ବହୁଗୁଣିତ କରିଥିଲେ। ୧୮୮୫ ମସିହାରେ ଶରତ ଚନ୍ଦ୍ର ମୁଖୋପାଧ୍ୟାୟ ଓ ବୈକୁଣ୍ଠନାଥ ଦତ୍ତଙ୍କ ସମ୍ପାଦନାରେ ସମାଲୋଚନାମୂଳକ ମାସିକ ସାହିତ୍ୟ ପତ୍ରିକା 'ପ୍ରଦୀପ' ପ୍ରକାଶ ପାଇଲା। ଏଥିରେ ମଧୁସୂଦନ ରାଓ, ଗୌରଚନ୍ଦ୍ର ସେନ, ଗୋବିନ୍ଦ ରଥ, ଅକ୍ଷୟ କୁମାର ଘୋଷ ପ୍ରମୁଖ ପ୍ରାୟ ତେଇଶି ଜଣ ସାରସ୍ୱତ ସ୍ରଷ୍ଟା ଲେଖନୀ ଚାଳନା କରି ପତ୍ରିକାକୁ ମଧୁମୟ କରିଥିଲେ। ୧୮୮୭ ଖ୍ରୀ:ରେ 'ନବ ସମ୍ବାଦ' ପତ୍ରିକା ଜନ୍ମଗ୍ରହଣ କଲା ଭୂପତି ନାଥ ବସୁ ଓ ସାଧୁଚରଣ ରାୟଙ୍କ ସମ୍ପାଦନାରେ। ଏଥିରେ ପ୍ରକାଶିତ 'ଉତ୍କଳ କବିତା ଓ କବି' ଶୀର୍ଷକ ଦୀର୍ଘ ଆଲୋଚନା, ଓଡ଼ିଆ ସାହିତ୍ୟ ଇତିହାସ ଲିଖନର ଆଦ୍ୟ ସ୍ୱାକ୍ଷର ବହନ କରେ।

### ନବଜାଗରଣର ଉନ୍ମେଷ

ଉତ୍କଳୀୟ ଚିନ୍ତା ଚେତନାରେ ନବଜାଗରଣର ଉନ୍ମେଷ ଆଧୁନିକ ଓଡ଼ିଆ ସାହିତ୍ୟରେ ଉନ୍ମାଦନା ଏବଂ ଉତ୍କଳ ସ୍ୱତନ୍ତ୍ର ପ୍ରଦେଶ ଗଠନ ପାଇଁ ଜାଗରଣ ସୃଷ୍ଟି କଲା। ଏହି ପ୍ରେକ୍ଷାପଟରେ ସମ୍ବଲପୁରରୁ ହିନ୍ଦୀ ଭାଷା ବିଲୋପ ଆନ୍ଦୋଳନର ମୁଖପତ୍ର "ସମ୍ବଲପୁର ହିତୈଷିଣୀ" ଆବିର୍ଭୂତ ହେଲା। ୧୮୮୯ ମସିହାରେ ବିଭିନ୍ନ ସମୟରେ ନୀଳମଣି ବିଦ୍ୟାରତ୍ନ, ଦାମୋଦର ମିଶ୍ର, ବ୍ରଜବନ୍ଧୁ ମିଶ୍ର, ରତ୍ନାକର ଶର୍ମା ଓ ଦୀନବନ୍ଧୁ ଗଡ଼ନାୟକଙ୍କ ଦ୍ୱାରା ସମ୍ପାଦିତ ଏହି ସାପ୍ତାହିକ ପତ୍ରିକା ୧୯୨୩ ମସିହା

ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବରେ ପ୍ରକାଶିତ ହୋଇ ଓଡ଼ିଶାର ସାହିତ୍ୟ, ସଂସ୍କୃତି, ଶିକ୍ଷା, ଅର୍ଥନୀତି, ରାଜନୀତି, ଭାଷା ସମସ୍ୟା ସମ୍ପର୍କିତ ବହୁ ରୁଚିପୂର୍ଣ୍ଣ ତତ୍ତ୍ୱ ଓ ତଥ୍ୟର ସମାହାରରେ ଓଡ଼ିଆ ପତ୍ରିକା ଜଗତରେ ଏକ ନୂତନ ଦିଗନ୍ତ ଉନ୍ମୋଚନ କରିଥିଲା। ସମୁନ୍ନତ କାବ୍ୟ, କବିତା, ଗଳ୍ପ, ଆଲୋଚନା, ସମୀକ୍ଷା, ପାଠକୀୟ ମନ୍ତବ୍ୟ ଏବଂ ପ୍ରାଚୀନ ଓ ଆଧୁନିକ ସାହିତ୍ୟର ସାରସ୍ୱତ ଦ୍ୱନ୍ଦ୍ୱ ପରିପ୍ରକାଶ କରି ତତ୍କାଳୀନ ସାରସ୍ୱତ ଆକାଶକୁ ଏହା ଉଦ୍ଭାସିତ କରିଥିଲା। ବାମଣ୍ଡା ରାଜା ବାସୁଦେବ ସୁଢଳ ଦେବଙ୍କ ପୃଷ୍ଠପୋଷକତାରେ ଦେବଗଡ଼ରୁ ପ୍ରକାଶିତ ଏହି ପତ୍ରିକା ସମୃଦ୍ଧ ହୋଇଥିଲା ମଧୁସୂଦନ, ରାଧାନାଥ, ଗଙ୍ଗାଧର ମେହେର, ସଚ୍ଚିଦାନନ୍ଦ, ତ୍ରିଭୁବନ ଦେବ, ବଳଭଦ୍ର ଦେବ, ଜଳନ୍ଧର ଦେବ ପ୍ରମୁଖ ଯଶସ୍ୱୀ ଲେଖକଙ୍କ କାଳଜୟୀ ସୃଷ୍ଟି ସମ୍ଭାରରେ। ୧୮୯୧ ମସିହାରେ ମୟୂରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେବଙ୍କ ପୃଷ୍ଠପୋଷକତାରେ ମାସିକ ପତ୍ରିକା 'ଉତ୍କଳପ୍ରଭା' ପ୍ରକାଶିତ ହେଲା ଚୈତନ୍ୟ ପ୍ରସାଦ ରାୟ, ଗୋବିନ୍ଦ ଚନ୍ଦ୍ର ମହାପାତ୍ର ଓ ରାଜେଶ୍ୱର ମହାପାତ୍ରଙ୍କ ସମ୍ପାଦନାରେ।

ଉତ୍କୃଷ୍ଟ କାବ୍ୟ ରଚନା ଓ ସାହିତ୍ୟ ସମାଲୋଚନା କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ପାଇଁ ଓଡ଼ିଆ ସାହିତ୍ୟ ଇତିହାସରେ ସର୍ବପ୍ରଥମ ପତ୍ରିକା ଭାବରେ ଲେଖକମାନଙ୍କୁ ପାରିତୋଷିକ ପ୍ରଦାନର ବ୍ୟବସ୍ଥା ଥିଲା। ପ୍ରଜ୍ଞାଦୀପ୍ତ ପ୍ରବନ୍ଧ ପ୍ରକାଶ କରି ଏହି ପତ୍ରିକା ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲା। ୧୮୯୭ ମସିହାରେ କଟକ ଆଲୋଚନା ସଭାର ମୁଖପତ୍ର ଭାବରେ ସୁଦୀର୍ଘ ଆଠଦଶନ୍ଧିକାଳ ବିଶ୍ୱନାଥ କରଙ୍କ ବଳିଷ୍ଠ ସମ୍ପାଦନାରେ ପ୍ରକାଶିତ ହେଉଥିଲା 'ଉତ୍କଳ ସାହିତ୍ୟ'। ବିଂଶ ଶତାବ୍ଦୀର ଅଶି ଦଶକ ପର୍ଯ୍ୟନ୍ତ ବ୍ୟାପ୍ତ ଅବଧିରେ ଏହି ପତ୍ରିକା ଓଡ଼ିଆ ସାହିତ୍ୟ ଭଣ୍ଡାରକୁ ଅକଳ୍ପନୀୟ ଅବଦାନରେ ଋଦ୍ଧିମନ୍ତ କରିଥିଲା। ରାଧାନାଥ, ମଧୁସୂଦନ, ଫକୀରମୋହନ, ଗୋପୀନାଥ ନନ୍ଦ, ଶଶୀଭୂଷଣ ରାୟ, ମୋହିନୀ ମୋହନ ସେନାପତି ପ୍ରମୁଖ କୃତବିଦ୍ୟ ସାହିତ୍ୟ ସ୍ରଷ୍ଟାମାନଙ୍କ ସାରସ୍ୱତ କୃତିରେ ଏହି ପତ୍ରିକା ଅସୀମ ସାର୍ଥକତା ଲାଭ କରିଥିଲା। ଫକୀରମୋହନଙ୍କ ପ୍ରାଣସ୍ପର୍ଶୀ ଗଳ୍ପ ରେବତୀ, ଉପନ୍ୟାସ ଛ'ମାଣ ଆଠଗୁଣ୍ଠ, ସବୁଜ ଯୁଗର ସମ୍ମିଳିତ ଉପନ୍ୟାସ 'ବାସନ୍ତୀ' ପ୍ରକାଶିତ ହୋଇ ଉପନ୍ୟାସ ସାହିତ୍ୟ ପ୍ରତି ପାଠକମାନଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସମର୍ଥ ହୋଇଥିଲା।

**ପରୀକ୍ଷା ନିରୀକ୍ଷା**

ଊନବିଂଶ ଶତାବ୍ଦୀର ଦ୍ୱିତୀୟ ଭାଗରେ ଓଡ଼ିଆ ପତ୍ରପତ୍ରିକା ପ୍ରକାଶନ ଦିଗରେ ଅନେକ ପରୀକ୍ଷା ନିରୀକ୍ଷା ଚାଲିଥିଲା। ଏହି ସମୟରେ ପ୍ରକାଶିତ ଅନେକ ପତ୍ରିକା ସ୍ୱଳ୍ପଜୀବୀ ଥିଲେ ମଧ୍ୟ ପରପିଢ଼ିର ପ୍ରକାଶନ ପାଇଁ ଦିଗଦର୍ଶକର ଭୂମିକା ନିର୍ବାହ କରିଥିଲେ। ସର୍ବପ୍ରଥମ ପତ୍ରିକା 'ଉତ୍କଳ ଦୀପିକା'ର ଦୀର୍ଘ ସ୍ଥାୟିତ୍ୱ ଓ ଶକ୍ତିଶାଳୀ ପ୍ରଭାବ ତାକୁ ଅନନ୍ୟ ପ୍ରମାଣିତ କରିଥିଲା। ୧୮୯୭ରେ ଜନ୍ମ ନେଇଥିବା 'ଉତ୍କଳ ସାହିତ୍ୟ' ସେହିପରି ଏକ ମର୍ଯ୍ୟାଦାପୂର୍ଣ୍ଣ ସ୍ଥାନ ଅଧିକାର କରେ। ଏହି ଦୁଇ ପତ୍ରିକାର ସାଫଲ୍ୟ ନୂଆ ନୂଆ ପତ୍ରିକା ପ୍ରକାଶନ ନିମନ୍ତେ ଉତ୍ସାହ ସୃଷ୍ଟି କଲା। ବିଂଶ ଶତାବ୍ଦୀର ପ୍ରାରମ୍ଭରୁ ୧୯୫୦ ମସିହା ମଧ୍ୟରେ ଆବିର୍ଭାବ ହୋଇଥିବା ପତ୍ରିକାଗୁଡ଼ିକ ମଧ୍ୟରୁ ପ୍ରମୁଖ ଥିଲେ ୧୯୦୫ ଖ୍ରୀ.ରେ ବ୍ରଜସୁନ୍ଦର ଦାସଙ୍କ ସମ୍ପାଦନାରେ ପ୍ରକାଶିତ 'ମୁକୁର', ୧୯୧୫ ରେ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ସମ୍ପାଦିତ 'ସତ୍ୟବାଦୀ', ୧୯୧୯ରେ ବାଳକୃଷ୍ଣ କରଙ୍କ ସମ୍ପାଦିତ 'ସହକାର', ୧୯୨୨ରେ ଲକ୍ଷ୍ମୀନାରାୟଣ ସାହୁଙ୍କ ସମ୍ପାଦିତ 'ଷ୍ଟାର ଅଫ ଉତ୍କଳ', ୧୯୩୪ରେ ନୀଳକଣ୍ଠ ଦାସଙ୍କ 'ନବ ଭାରତ', ୧୯୩୬ରେ ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ 'ଡଗର', ୧୯୪୫ରେ ମାୟାଧର ମାନସିଂହଙ୍କ 'ଶଙ୍ଖ', ୧୯୪୬ରେ ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ 'ଚତୁରଙ୍ଗ', ୧୯୪୭ରେ ପ୍ରକାଶିତ ମଧୁସୂଦନ ଦେବଙ୍କ ସମ୍ପାଦିତ 'ବୀଣା'। ବିଂଶ ଶତାବ୍ଦୀର ପ୍ରଥମ ଭାଗରେ ଜନ୍ମ ହୋଇଥିବା ପତ୍ରିକା ମଧ୍ୟରୁ ୧୯୩୦ ମସିହା ବେଳକୁ କେବଳ 'ମୁକୁର', 'ସହକାର' ଏବଂ ଊନବିଂଶ ଶତାବ୍ଦୀର 'ଉତ୍କଳ ସାହିତ୍ୟ' ବଞ୍ଚି ରହିଥିଲେ। ଓଡ଼ିଆ ପତ୍ରିକାର ବିଳୟଧାରା ମଧ୍ୟ ୧୯୪୦ ଦଶକରେ ଅବ୍ୟାହତ ରହିଥିଲା। ଏହି ସମୟରେ ସଂଘଟିତ ଦ୍ୱିତୀୟ ବିଶ୍ୱଯୁଦ୍ଧ ଓ ଅନ୍ୟ କାରଣ ଯୋଗୁ ପତ୍ରିକାଗୁଡ଼ିକ ଅନିୟମିତ ହୋଇପଡ଼ିଲେ ଏବଂ ପ୍ରାଚୀନ ପତ୍ରିକାଗୁଡ଼ିକ ନିଜର ହୃତ

**ସେ ସମୟରେ ପ୍ରକାଶିତ ଅନେକ ପତ୍ରିକା ସ୍ୱଳ୍ପଜୀବୀ ଥିଲେ ମଧ୍ୟ ପରପିଢ଼ିର ପ୍ରକାଶନ ପାଇଁ ଦିଗଦର୍ଶକର ଭୂମିକା ନିର୍ବାହ କରିଥିଲେ।**

ଗୌରବ ଆଉ ଫେରି ପାଇଲେ ନାହିଁ। 'ସହକାର' ଓ 'ଡଗର' ବ୍ୟତୀତ ସମସ୍ତ ପୁରୁଣା ପତ୍ରିକା ଓ ୧୯୩୦ ଦଶକରେ ଜନ୍ମଲାଭ କରିଥିବା 'ନବ ଭାରତ' ଭଳି ନୂଆ ପତ୍ରିକା ଓଡ଼ିଆ ସାହିତ୍ୟ ଜଗତରୁ ବିଦାୟ ନେଲେ। ଏପରିକି 'ଉତ୍କଳ ସାହିତ୍ୟ', 'ମୁକୁର' ଭଳି ପ୍ରଭାବଶାଳୀ ପତ୍ରିକା ମଧ୍ୟ ତିଷ୍ଠି ରହିପାରିଲେ ନାହିଁ। ୧୯୩୮ରେ ଅବଶ୍ୟ ଗୋଦାବରୀଶ ମହାପାତ୍ରଙ୍କ ଭିନ୍ନସ୍ୱାଦର ପତ୍ରିକା 'ନିଆଁଖୁଣ୍ଟା', ୧୯୫୦ରେ 'ଆସନ୍ତାକାଲି' ଓ 'ଦିଗନ୍ତ', ୧୯୫୧ରେ ରାମକୃଷ୍ଣ ନନ୍ଦଙ୍କ 'ସଂସାର', ୧୯୫୮ରେ 'କୋଣାର୍କ', ୧୯୬୦ରେ 'ପ୍ରଜ୍ଞା', ୧୯୬୨ରେ 'ନବପତ୍ର', ୧୯୬୩ରେ 'ସାମ୍ମୁଖ୍ୟ', ୧୯୬୬ରେ 'ଜୀବନ ରଙ୍ଗ', ୧୯୬୭ରେ 'ବିଜ୍ଞାନ ମଧୁପ', ୧୯୭୦ରେ 'ଦୁର୍ମୁଖ, ୧୯୬୯ରେ 'ପୌରୁଷ', ୧୯୭୦ରେ 'ଗଳ୍ପ' ଓ 'ନବରବି', ୧୯୭୩ ରେ 'ପାରିଜାତ', ୧୯୭୫ ରେ 'ଇସ୍ତାହାର', ୧୯୭୬ରେ 'ବାଇଶି ପାହାଚ', ୧୯୭୭ରେ 'ଗଳ୍ପଝର', ୧୯୮୦ରେ 'ଅମୃତାୟନ', ୧୯୮୧ରେ 'ପାଞ୍ଚଜନ୍ୟ', ୧୯୮୧ରେ 'ବସୁନ୍ଧରା' ଓ ୧୯୮୨ରେ 'ଗୋକର୍ଣ୍ଣିକା' ପ୍ରଭୃତି ପତ୍ରପତ୍ରିକାର ଆବିର୍ଭାବ ଓଡ଼ିଆ ପତ୍ରିକା ସାହିତ୍ୟ କ୍ଷେତ୍ରରେ ଆଶା ସଞ୍ଚାର କରିଥିଲା।




## ପରିବର୍ତ୍ତିତ ପରିବେଶ

ସମାଜର ପରିବର୍ତ୍ତିତ ପରିବେଶରେ ଓଡ଼ିଆ ସାହିତ୍ୟ ପତ୍ରିକାର ଆଭିମୁଖ୍ୟ ଓ ଚିନ୍ତାଧାରାରେ ଚୂମୂଳ ପରିବର୍ତ୍ତନ ସଂଘଟିତ ହୋଇଛି। କେତେବେଳେ ଓଡ଼ିଆ ଭାଷାକୁ ବଞ୍ଚାଇବା ପାଇଁ ତ ଆଉ କେତେବେଳେ ଅନ୍ଧବିଶ୍ୱାସ ବିରୁଦ୍ଧରେ ଅଥବା ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତିକୁ ଦୃଢ଼ ପ୍ରତିବାଦର ସ୍ୱର ପତ୍ରିକାର ପୃଷ୍ଠାରେ ଧ୍ୱନିତ ହୋଇଛି। ପ୍ରାକ୍ ସ୍ୱାଧୀନତା କାଳରେ ପତ୍ରପତ୍ରିକାମାନଙ୍କର ପ୍ରଧାନ ଆଭିମୁଖ୍ୟ ଥିଲା ଜାତୀୟତାବାଦ ଓ ଜାତୀୟ ଅସ୍ମିତାର ବାର୍ତ୍ତା ପ୍ରସାରଣ କରିବା। ଏହା ମଧ୍ୟରେ ସମ୍ୟକ୍ ସାହିତ୍ୟ ଓ ସାମାଜିକ ପରିବର୍ତ୍ତନର ବାର୍ତ୍ତା ମଧ୍ୟ ପ୍ରତିଧ୍ୱନିତ ହେଉଥିଲା। ଡ. ହରେକୃଷ୍ଣ ମହତାବଙ୍କ ଉଦ୍ୟମରେ 'ଝଙ୍କାର' ଓ 'ମୀନାବଜାର' ପରି ସାହିତ୍ୟ ଓ ଶିଶୁପତ୍ରିକା ମଧ୍ୟ ଆରମ୍ଭ ହେଲା, ଯାହା ଓଡ଼ିଆ ସାହିତ୍ୟରେ ଗୋଟିଏ ଗୋଟିଏ କୀର୍ତ୍ତିସ୍ତମ୍ଭ। ଏହା ମାଧ୍ୟମରେ ଅନେକ ନବୀନ ସାହିତ୍ୟିକ ପ୍ରବୀଣ ହେବାର ସୁଯୋଗ ପାଇଛନ୍ତି। 'ଝଙ୍କାର' ପୃଷ୍ଠାରେ ଅର୍ଦ୍ଧଶତାବ୍ଦୀର ଓଡ଼ିଆ ସାହିତ୍ୟର ଗତି ଓ ପ୍ରବୃତ୍ତି, ଉତ୍କର୍ଷ ଓ ନିଷ୍କର୍ଷ ସ୍ପନ୍ଦିତ ହୋଇ ଓଡ଼ିଶାରେ ଅସୀମ ପାଠକୀୟ ଶ୍ରଦ୍ଧା ଓ ଆଦୃତିଲାଭ କରିଛି। ୧୯୪୭ ମସିହାରେ ପ୍ରଜାତନ୍ତ୍ରର ପୁନଃ ପ୍ରସାରଣ ପରେ ଡ. ମହତାବ ପ୍ରଚଳିତ ପରମ୍ପରାର ବ୍ୟତିକ୍ରମ କରି ୧୯୪୮ ମସିହାରେ ସମ୍ବାଦପତ୍ର ପୃଷ୍ଠାରେ ନିୟମିତ ବିଧିବଦ୍ଧ ଭାବରେ ସାହିତ୍ୟର ଶୁଭ ଉଦ୍‌ଘାଟନ କରିଥିଲେ। ଦୈନିକ 'ସମାଜ'ର କ୍ରୋଡ଼ପତ୍ରରେ ସାହିତ୍ୟ ପୃଷ୍ଠା ଭାବରେ ନୀଳକଣ୍ଠଙ୍କ ନବଭାରତର ନୂତନ ପ୍ରସ୍ଥ ପ୍ରକାଶିତ ହେଉଥିବା ବେଳେ ପ୍ରଜାତନ୍ତ୍ର କ୍ରୋଡ଼ପତ୍ରରେ ଶିଶୁଙ୍କ ପାଇଁ ମୀନାବଜାର ଓ ମହିଳାଙ୍କ ପାଇଁ ନାରୀ ସହିତ ସାହିତ୍ୟାନୁରାଗୀମାନଙ୍କ ପାଇଁ ସାହିତ୍ୟ ରଚନା ପ୍ରକାଶ ପାଉଛି। ସମ୍ପ୍ରତି ପ୍ରାୟ ସମସ୍ତ ସମ୍ବାଦପତ୍ରରେ ବିଶେଷତଃ ରବିବାର ପୃଷ୍ଠାରେ ସାହିତ୍ୟ ବିଷୟକ କବିତା, ଗଳ୍ପ, ପ୍ରବନ୍ଧାଦି ସ୍ଥାନ ପାଉଛି।

୧୯୫୧ ମସିହାରେ ଚଳଚ୍ଚିତ୍ର ପତ୍ରିକା 'ସିନେ ଓଡ଼ିଆ' ପ୍ରକାଶନ ବେଳକୁ ଅଧିକ ସଂଖ୍ୟକ ସାହିତ୍ୟ ପତ୍ରିକା ପ୍ରକାଶିତ ହେଉଥିଲା। ସେହି ବର୍ଷ ଜୁଲାଇ ଅଗଷ୍ଟ ସଂଖ୍ୟାରୁ ଏହି ପତ୍ରିକାରେ ସାହିତ୍ୟ ପ୍ରକାଶନ ଆରମ୍ଭ ହେଲା। କସ୍ତୁରୀ ଚରଣ ଦାସ, ନାରାୟଣ ପଣ୍ଡା, ଯୋଗୀନ୍ଦ୍ର ପଟ୍ଟନାୟକ, ରାମନାଥ ପଣ୍ଡା, ଗୌରୀ କୁମାର ବ୍ରହ୍ମା, ଯୁଗଳ କିଶୋର ଦତ୍ତ, ଶିବବ୍ରତ ଦାସ, ବିଭୂତି ପଟ୍ଟନାୟକ, ଚିନ୍ତାମଣି ମିଶ୍ର, ମହାପାତ୍ର ନୀଳମଣି ସାହୁ, କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ, ଶ୍ରୀରାମ ଦାଶଙ୍କ ପରି ଯଶସ୍ୱୀ ଲେଖକଗଣ ତାଙ୍କ ଲେଖନୀ ନିସୃତ କବିତା, ଗଳ୍ପ ପ୍ରବନ୍ଧରେ ଏହାର ଶୋଭା ବର୍ଦ୍ଧନ କଲେ। ୧୯୦୯ ମସିହାରେ ରେବା ରାୟଙ୍କ ସମ୍ପାଦନାରେ ପ୍ରଥମ ଓଡ଼ିଆ ଶିଶୁ ପତ୍ରିକା 'ପ୍ରଭାତ' ୧୯୨୦ରେ ଚିନ୍ତାମଣି ଆଚାର୍ଯ୍ୟ ଓ ଅଗଣି ଦାସଙ୍କ ସମ୍ପାଦନାରେ 'ପଞ୍ଚାମୃତ', ୧୯୩୬ରେ ବାଳକୃଷ୍ଣ ଦାସଙ୍କ 'ଜହ୍ନ ମାମୁଁ' ଶିଶୁ ପତ୍ରିକା ବେଶ୍ ଲୋକପ୍ରିୟ ଥିଲା।

ଏହା ବ୍ୟତୀତ 'ଜହ୍ନୁରୀ ଭାଇ', 'ସଂସାର', 'ଟୁଆଁଟୁଇଁ', 'ବାଜ ବିଜ୍ଞାନ', 'ମନପବନ', 'ନନ୍ଦନକାନନ', 'ଶିଶୁଲେଖା' ପ୍ରଭୃତି ଶିଶୁପତ୍ରିକା ଶିଶୁ ସାହିତ୍ୟକୁ ସମୃଦ୍ଧ କରିଛନ୍ତି। ୧୮୮୦ରେ ପ୍ରକାଶନ ଆରମ୍ଭ ହୋଇଥିଲା ଓଡ଼ିଆ ଭାଷାର ପ୍ରଥମ ବିଜ୍ଞାନ ପତ୍ରିକା 'ବିଜ୍ଞାନ ଦର୍ପଣ'। ୧୮୮୫ରେ ମଧୁସୂଦନ ରାଓ ବିଦ୍ୟାଳୟ ଶିକ୍ଷକମାନଙ୍କୁ ଅଧ୍ୟାପନାରେ ସହାୟତା ପାଇଁ 'ଶିକ୍ଷାବନ୍ଧୁ' ପତ୍ରିକାର ପ୍ରକାଶନ ଆରମ୍ଭ କରିଥିଲା। ୧୮୮୮ରେ ଓଡ଼ିଶାର ପ୍ରଥମ ମହିଳା ପତ୍ରିକା 'ଆଶା' ରେବା ରାୟଙ୍କ ଦ୍ୱାରା ପ୍ରକାଶିତ ହୋଇଥିଲା। ଏହା ସେତେବେଳେ ମହିଳା ପାଠକମାନଙ୍କ ଦ୍ୱାରା ଯଥେଷ୍ଟ ଆଦୃତ ହୋଇଥିଲା।




**ଏକବିଂଶ ଶତାବ୍ଦୀ**

ଏକବିଂଶ ଶତାବ୍ଦୀ ଜ୍ଞାନ ବିସ୍ଫୋରଣର ଯୁଗ। ଏହି ଶତାବ୍ଦୀ ମଧ୍ୟ ଅସୀମ ସମ୍ଭାବନାର ସ୍ୱର୍ଣ୍ଣିମ ଅଧ୍ୟାୟ। ସମ୍ପ୍ରତି ବିଜ୍ଞାନ ପ୍ରଯୁକ୍ତି ବିଦ୍ୟା ଯୋଗୁ ସାହିତ୍ୟ ପତ୍ରିକା କ୍ଷେତ୍ରରେ ମଧ୍ୟ ବିଶ୍ୱାୟନର ପ୍ରଭାବ ପରିଲକ୍ଷିତ। ଇଣ୍ଟରନେଟ, ଡିଜିଟାଲ ବିଶ୍ୱ ପ୍ରକାଶନ ଶୈଳୀକୁ ଅଧିକ ସୁଗମ ଓ ସୁଲଭ କରିଛି। ମାତ୍ର ଓଡ଼ିଆ ପତ୍ରପତ୍ରିକା ସଂଖ୍ୟା ଅହେତୁକ ଭାବରେ ବୃଦ୍ଧି ପାଇଥିଲେ ମଧ୍ୟ ଅଧିକାଂଶ ପତ୍ରପତ୍ରିକା ଜାତିର ସାରସ୍ୱତ ବିଚାରଧାରା ବୌଦ୍ଧିକ ଅନୁଚିନ୍ତା ଓ ସାଂସ୍କୃତିକ ମୂଲ୍ୟବୋଧଠାରୁ ଦୂରେଇ ଯାଉଛନ୍ତି। ଏକପକ୍ଷରେ ଆକର୍ଷଣୀୟ ରୂପସଜ୍ଜା, ଅଳଙ୍କରଣ, ଅନ୍ୟପକ୍ଷରେ ଉଦ୍ଭଟ ଚିନ୍ତା ଚେତନା, ସ୍ୱାର୍ଥାନ୍ୱେଷୀ ବିଚାର ଉପରେ ଆଧାରିତ ପତ୍ରିକା ପାଇଁ ନିକୃଷ୍ଟ ରଚନାର ମନୋନୟନ ପ୍ରଭୃତି କାରଣ ଯୋଗୁ ପତ୍ରପତ୍ରିକାଗୁଡ଼ିକ ଯେପରି ଆବିର୍ଭୂତ ହେଉଛନ୍ତି, ସେହିପରି ମଧ୍ୟ ଅନ୍ତର୍ହିତ ହୋଇଯାଉଛନ୍ତି। କ୍ୱଚିତ୍ ପତ୍ରିକା ବ୍ୟବସାୟିକ ସଫଳତା ଓ ପାଠକୀୟ ଆଦୃତି ପାଇବାରେ ସକ୍ଷମ ହେଉଛନ୍ତି। ସମ୍ପ୍ରତି ଦେଖାଯାଏ, ଅନେକ ସାହିତ୍ୟ ପତ୍ରିକା ବାର୍ଷିକ ଥରେ ମାତ୍ର ଦୁର୍ଗାପୂଜା ଅବସରରେ ପ୍ରକାଶିତ ହୋଇ ଅନ୍ତର୍ଦ୍ଧାନ ହୋଇଯାଉଛନ୍ତି ତ ଅନ୍ୟ କେତେକ ପତ୍ରିକା ତାଙ୍କର କଳେବରରେ ରାଶିଫଳ, ରୋଷେଇ, କ୍ରୀଡ଼ା, ସମାଚାରାଦି ଅନ୍ତର୍ଭୁକ୍ତ କରି ମୌଳିକ ସାହିତ୍ୟର ପ୍ରାଧାନ୍ୟକୁ କ୍ଷୁଣ୍ଣ କରୁଛନ୍ତି।

ଏହା ସତ୍ତ୍ୱେ ଓଡ଼ିଆ ସାହିତ୍ୟ ଜଗତରେ ଗୋପବନ୍ଧୁଙ୍କ ସତ୍ୟବାଦୀ, କଥା, ଝଙ୍କାର, ସାହିତ୍ୟ ଚର୍ଚ୍ଚା, କାଦମ୍ବିନୀ, ବ୍ୟଙ୍ଗ ଦରବାର, ଜୀବନରଙ୍ଗ, ତୀରତରଙ୍ଗ, ଝୁମୁକା, କାହାଣୀ, କାବ୍ୟଲୋକ, ଆଇନା, ଇସ୍ତାହାର, ଉର୍ବୀ, ଉତ୍କଳ ପ୍ରସଙ୍ଗ, ଅନୁରାଗ, ଅପୂର୍ବା, ଅମୃତାୟନ, ଅକ୍ଷାଂଶ, ପକ୍ଷୀଘର, ପଶ୍ଚିମା, ପରାଗ, କୁନିକଥା, କୁସୁମିତା, ଗୁଞ୍ଜନ, ପୁରାଣ ପତ୍ରିକା, ପୌରୁଷ, ପ୍ରେମ ପୃଥିବୀ, ନବଲିପି, ନବରବି, ସମାରୋହ, ନବତରଙ୍ଗ, ଗୌରବ, ଚଳଚ୍ଚିତ୍ର ଜଗତ, ସାବିତ୍ରୀ, ସଚିତ୍ର ବିଜୟା, ରେବତୀ, ଯୁଗଶ୍ରୀ ଯୁଗନାରୀ ପ୍ରଭୃତି ପ୍ରବନ୍ଧ, ଗଳ୍ପ, ଶିଶୁ ସାହିତ୍ୟ, ନାରୀ ସାହିତ୍ୟ, ଚଳଚ୍ଚିତ୍ର, ବ୍ୟଙ୍ଗ ବିଶେଷ ପ୍ରାଧାନ୍ୟର ସହିତ ପ୍ରକାଶିତ ହେଉଛି। ସମ୍ପ୍ରତି 'କଥା'ର ମର୍ମସ୍ପର୍ଶୀ କାହାଣୀ, ଗୋପବନ୍ଧୁଙ୍କ 'ସତ୍ୟବାଦୀ'ର ପ୍ରବନ୍ଧ, 'ଝଙ୍କାର'ର କବିତା, 'କୋଣାର୍କ'ର ପ୍ରବନ୍ଧ, 'ସାହିତ୍ୟ ଚର୍ଚ୍ଚା'ର ସମ୍ପାଦକୀୟ, 'କାଦମ୍ବିନୀ'ର ପରିବାର ସମ୍ବନ୍ଧୀୟ ରଚନାବଳୀ, 'ଉତ୍କଳ ପ୍ରସଙ୍ଗ'ର ତଥ୍ୟଭିତ୍ତିକ ଆଲେଖ୍ୟ, 'ପୁରାଣ ପତ୍ରିକା'ର ଆଧ୍ୟାତ୍ମିକ ରଚନାବଳୀ, 'କୁନିକଥା'ର ଶିଶୁଗଳ୍ପ ଓ କବିତା ପ୍ରଭୃତି ପାଠକମାନଙ୍କ ପାଇଁ ଅସୀମ ଆକର୍ଷଣ ସୃଷ୍ଟି କରେ।

ଚଳିତ ଶତାବ୍ଦୀରେ ଶିକ୍ଷିତ ବର୍ଗଙ୍କର ସାହିତ୍ୟାନୁରାଗ ଅହେତୁକ ଭାବରେ ହ୍ରାସ ପାଉଥିବା ଚିନ୍ତାଜନକ। ସାହିତ୍ୟ ସୃଜନ ସମୟୋପଯୋଗୀ ତଥା ଆକର୍ଷଣୀୟ ହୋଇପାରିଲେ ହୁଏତ ପତ୍ରିକା ସାହିତ୍ୟର ପତନୋନ୍ମୁଖୀ ଧାରାକୁ ରୋକାଯାଇ ପାରିବ।

□□

ଲେଖକଙ୍କ ଇ-ମେଲ ଠିକଣା:
rknprincipalbbm@gmail.com

**କବିତା**

# ଚୁପ୍ ଚାପ୍



**ସ୍ୱୟଂଶ୍ରୀ ପଣ୍ଡା**

ଚୁପ୍ ଚାପ୍ ହସିଦେଲା ସୁମନ
ଅନିଳର ତାଳେ ତାଳେ
ମନ ଭରି ଦୋଳି ଖେଳେ
ତା' ସୁରଭି ବାହି ନେଲା ପବନ ।।

ଚୁପ୍ ଚାପ୍ ଉଡ଼ିଗଲା ଚଢ଼େଇ
ଆଖି ମିଟିକାରେ କୁହେ
ଖଣ୍ଡି ଉଡ଼ା ମନ ମୋହେ
ଉଡ଼ି ଯାଏ ବାଧା ସବୁ ଆଡ଼େଇ ।।

ଚୁପ୍ ଚାପ୍ ବହିଯାଏ ସମୀର
ଧୀର ଧୀର ଗତି ତା'ର
ସୁବାସିତ ଉପହାର
ଲହରୀରେ ପଲ୍ଲବଟି ବିଭୋର ।।


ଚୁପ୍ ଚାପ୍ ଗୀତ ଗାଏ ଭ୍ରମର
ଗୁଣୁ ଗୁଣୁ ଶବଦରେ
ଚିତ୍ତ ଚୋରି କରିପାରେ
ଏ ଫୁଲରୁ ସେ ଫୁଲକୁ ବିହାର ।।

ଚୁପ୍ ଚାପ୍ ବଢୁଥାଏ ବନାନୀ
ସବୁଜିମା ବାଣ୍ଟି ଯାଏ
ଜୀବ ଦେହେ ପ୍ରାଣ ଦିଏ
ପ୍ରକୃତିର ଅପରୂପ କାହାଣୀ ।।

ଚୁପ୍ ଚାପ୍ ବହିଯାଏ ନଈଟି
କୁଳୁ କୁଳୁ ଗାନ କରି
ଥିରି ଥିରି ଝରି ଝରି
ମିଶିବାକୁ ସାଗରରେ ଧାଏଁଟି ।।

ଚୁପ୍ ଚାପ୍ ଚାନ୍ଦ ଦେଖ ଉଇଁଲା
ରୁପା ଝରା କିରଣରେ
ଶୀତଳତା ଢାଳି ଧୀରେ
ଅମୃତର ଆଭା ଦେଇ ଛୁଇଁଲା ।।

ଚୁପ୍ ଚାପ୍ ମୁଣ୍ଡ ତଳେ ନଇଁଲା
ଠାକୁରଙ୍କ ଭକତିରେ
ଭାବରସେ ଝୁମି ବାରେ
ହୃଦୟ କନ୍ଦରେ ଜଗା ରହିଲା ।।



□□

କବୟିତ୍ରୀଙ୍କ ଇ-ମେଲ ଠିକଣା:
Swayamsrip@gmail.com

ଗଳ୍ପ



# ଅପହଞ୍ଚ ସ୍ୱପ୍ନ

ରବି ପଣ୍ଡା

ମାଗୁ ପୁହାଣକୁ ଉଦ୍ୟୋକ୍ତାମାନେ ପ୍ରଚୁର ଲୋଭାସକ୍ତ କରିଦେଇଥିଲେ। ସେମାନଙ୍କ କଥାରେ ବାଟୁଳି ବାଜୁ ନ ଥିଲା ଏବଂ କଥାରେ କଥାରେ ସେମାନେ ଏପରି ପ୍ରତ୍ୟୟ ସୃଷ୍ଟି କରିପାରୁଥିଲେ ଯେ ଖାଲି ମାଗୁ ପୁହାଣ କାହିଁକି, ଗାଁର ଅନେକ ମଧ୍ୟ ରାଜି ହେଇଯାଉଥିଲେ କଟକ ଯିବା ପାଇଁ।

ମାଗୁ ପୁହାଣ ସେମାନଙ୍କୁ ପଚାରିଲା, 'କଟକ ଯିବାକୁ ଖର୍ଚ୍ଚା ତ ପୁଣି ଲାଗିବ?'

ଉଦ୍ୟୋକ୍ତା କୁଜିନେତାଏ ବେପରୁଆ ହସ ହସି କହିଲେ, 'ଆରେ ଖର୍ଚ୍ଚା କ'ଣ? ଆଁଏ? ଗାଡ଼ି ତ ଆମେ ଠିକ୍ କରିଛୁ, ଆରାମରେ ବସିବ, ଯିବ ଆଉ ଆସିବ। ସଭାସ୍ଥଳରେ ମଧ୍ୟ ନେତାଙ୍କ ତରଫରୁ ଖାନାପିନାର ବନ୍ଦୋବସ୍ତ ହେଇଚି।'



ମାଗୁ ପୁହାଣ ସନ୍ତୁଷ୍ଟ ହେଇ କହିଲା, 'ଆଜ୍ଞା ତା' ଠିକ୍ ଯେ.... ହେଲେ ଆମେ ସବୁ ହେଲୁ ଦିନମଜୁରିଆ ଲୋକ। ଦିନଟିଏ ମଜୁରି ନ ଗଲେ କୁଟୁମ୍ବ ଖାଡ଼ା ଓପାସ୍....'।

କୁଜି ନେତାଙ୍କ ଓସ୍ତାଦ୍ କହିଲେ, 'ଓହୋ... ଏଇକଥା। ସେଥିପାଇଁ ବି ବ୍ୟବସ୍ଥା ହେଇଚି। ତମେ ଗାଡ଼ିରେ ବସିଲେ ତୁମକୁ କିଛି ଟଙ୍କା ଧରେଇ ଦିଆଯିବ।'

- 'ଆଗତୁରା କିଛି ଦେଲେ ହୁଅନ୍ତାନି?' ବଡ଼ ସଙ୍କୁଚିତ ହେଇ କହି ପକେଇଲା ମାଗୁ ପୁହାଣ।

ହଉ ହଉ କହି ନେତା ଟଙ୍କା ବଣ୍ଡଲଟିଏ ପକେଟ୍‌ରୁ କାଢ଼ି ଶହେଟଙ୍କାର ନୋଟ୍ ଦି'ଖଣ୍ଡ ମାଗୁ ପୁହାଣ ହାତରେ ଗୁଞ୍ଜିଦେଇ କହିଲେ, 'ହେଇ ରଖ, ଆଉ କାହାକୁ କହିବନି।'

କୃତକୃତ ମାଗୁ ପୁହାଣ ଝଅଟ କରି ନୋଟ୍ ଦି'ଖଣ୍ଡ ନେଇ ଅଣ୍ଟିରେ ଗୁଞ୍ଜିଦେଲା। ସେ ଏଇଥିପାଇଁ ଏତେ ଖୁସି ହେଉଥିଲା ଯେ ତା' ଜୀବନରେ ପ୍ରଥମ କରି ଦୁଇଶ ଟଙ୍କା ମାଗଣା ପାଉଥିଲା।

ଘରେ ପହଞ୍ଚି ସ୍ତ୍ରୀ ହାତରେ ନୋଟ୍ ଦି'ଖଣ୍ଡ ଧରେଇ ଦେଇ କହିଲା, 'ଯାକୁ ରଖି, ଗୋଟିଏ ଦିନ ଚଳିଯିବୁ। ମୁଁ କାଲି ଭୋ'ରୁ କଟକ ଯିବି। ଫେରିଲେ ଯାହା'....

ପାର୍ବତୀ ଏକଥା ଶୁଣି ତାଟକା... 'କଟକ! ତମେ କଟକ ଯିବ!'

ମାଗୁ ପୁହାଣ ପାଇଁ ପାର୍ବତୀ କଣ୍ଠର ଏ ଅବିଶ୍ୱାସ ମୋଟେ ପ୍ରାସଙ୍ଗିକ ନୁହେଁ। ସେ ବୁଝେଇ ଦେଇ କହିଲା, 'କାଲି ଜଣେ ବଡ଼ନେତା ଆସୁଚନ୍ତି ଉପରୁ। କଟକରେ ସଭା କରିବେ। ସେଠାକୁ ଆମେ ସବୁ ଯିବୁ। ହଜାର ହଜାର ସଂଖ୍ୟାରେ ଯୋଗଦେବାକୁ ମାଇକି ପ୍ରଚାର କରିଚି, ଶୁଣିନୁ?'

ପାର୍ବତୀ କହିଲା, 'କଟକରେ କ'ଣ ହଜାରେ ଲୋକ ନାହାନ୍ତି, ଯେ ତମେ ସବୁ ଏତେ ଦୂରରୁ ଯିବ?'

- 'ଧୁତ୍ ପାଗଳି, ଇଲୋ ଆମେ ସବୁ କ'ଣ ମାହାଳିଆ ଯାଉଚୁ? ଆମ ପାଇଁ ପା' ଗାଡ଼ି ଠିକ୍ ହେଇଚି। କିଛି ଟଙ୍କା ବି ଦେବେ। ଏଇ ଦୁଇଶ ଟଙ୍କା ଆଜି ତ ଦେଇଚନ୍ତି।' ମାଗୁ ପୁହାଣ ବୁଝେଇ ଦେଲା।

ପାର୍ବତୀ କିଛି ବୁଝିପାରୁ ନ ଥିଲା। ନେତା ତ ଆସିବେ, ସଭା କରିବେ। ଲୋକଙ୍କୁ ଖର୍ଚ୍ଚା ଦେଇ ବୁହାଯାଉଚି କାହିଁକି? ଆଁ.....

ମାଗୁ ପୁହାଣ ପୁଣି ବହେ ବୁଝେଇ କହିଲା, 'ଆଲୋ ନାଚରେ ଅଧିକ ଲୋକ ନ ହେଲେ ନାଚ କ'ଣ ଜମେ। ସେଇମିତି ବଡ଼ନେତା ଉପରୁ ଆସୁଚନ୍ତି, ତାଙ୍କ ସଭାରେ ତ ପୁଣି ବହୁତ ଲୋକ ହବା ଦରକାର, ନ ହେଲେ ତାଙ୍କ ପ୍ରତି

ଏତେ ଲୋକ ସମର୍ଥନ ଅଛି ବୋଲି ଜଣାପଡ଼ିବ କିମିତି? ଆଁ.... ?'

ପାର୍ବତୀ ମୋଟେ ବୁଝୁ ନ ଥିଲା। କହିଲା, 'ନାଇଁ ନାଇଁ, ଆମର ସେ ନେତା ଫେଡାରୁ କ'ଣ ମିଳିବ? କାହିଁ କଟକ କେତେ ଦୂର... ତମେ ଯାଅନି.....'

ମାଗୁ ପୁହାଣ ଟିକେ ତାଉ ଖାଇ କହିଲା, 'ନାଇଁ.... ନାଇଁ.... ଯିବି ନାଇଁ.... ଖାଲି ଦିନ ରାତି ମୂଲ ଲାଗି ତୋତେ ପୋଷୁଥିବି.... ହ୍ୟାପ.... ଟିକେ ଭଲମନ୍ଦ ନାଇଁ? ଲୋକ କିଏ କେତେ କୁଆଡ଼େ ଯାଉଚନ୍ତି। ମୁଁ ଟିକେ କଟକ ଦେଖି ପାରିଲି ନାଇଁ? ଆଲୋ ସିଏତ ଗାଡ଼ିରେ ନେବେ ପୁଣି ଗାଡ଼ିରେ ଆଣି ଛାଡ଼ିବେ। ପଇସା ଖର୍ଚ୍ଚ କରି ମୋ ଜିନ୍ଦେଗୀରେ କଟକ ଯାଇ ପାରିବି? ତୁ ବୁଝୁନୁ - କଟକ ଦେଖା ହେବ.... ଗାଡ଼ି ଚଢ଼ାହେବ.... ନେତା ଦେଖାହେବ.... ପୁଣି ଖାନାପିନା.... ପଇସା ବି ତ ମିଳୁଛି। ଆଲୋ ଏକା ଟେକାକେ ଦି' ଦି'ଟା କ'ଣ ଛ' ଛ'ଟା ଶିକାର.... ବୁଝିଲୁ... ହେଁ ହେଁ....'

**ସେ ତ ଚାପି ହେଇଯାଉଚି। ଅଣନିଃଶ୍ୱାସୀ ହେଇଯାଉଛି। ତା'ରି ଭିତରେ ମଣିଷଗୁଡ଼ା ସ୍ଲୋଗାନ୍ ଛାଡ଼ି ଭୁକିଲା ଭଳି ହେଉଛନ୍ତି।**

ପାର୍ବତୀ ଦବିଗଲା। କହିଲା, 'ହଉ ଯାଉଚ ତ ଯା' ଦେଖିବାଇଁ ଯିବ'....

ତହିଁ ଆରଦିନ ସକାଳୁ ସକାଳୁ ନିର୍ଦ୍ଦିଷ୍ଟ ସ୍ଥାନରେ ମାଗୁ ପୁହାଣ ହାଜର।

ସେଠାରେ ଲୋକ ଆଟପଟାଳି ଭାଙ୍ଗୁଥିଲେ। ଗାଡ଼ି ଆସି ନାହିଁ। ଆସିବ.... ଆସିବ ନିଶ୍ଚୟ ଆସିବ - ଉଦ୍ୟୋକ୍ତାମାନଙ୍କ ଦୃଢ଼ ଆଶ୍ୱାସନା ବାଣୀ। ମିଟିଂ ସୁଦ୍ଧା ଆମ୍ଭେମାନେ କଟକରେ ନିଶ୍ଚେ ପହଞ୍ଚିଯିବା। ଜମା ବ୍ୟସ୍ତ ହୁଅନାଇଁ।

କିଛି ସମୟ ପରେ ଅବଶ୍ୟ ଗାଡ଼ି ଆସି ପହଞ୍ଚିଲା ଧୂଳି ଉଡ଼େଇ। ଲୋକ ହାଉଳି ଖାଇ ଉଠିଲେ। ହେଇ ଆସୁଚି.... ଆସୁଚି ଗାଡ଼ି। କୁଜିନେତାମାନେ କହିଲେ, 'ବନ୍ଧୁଗଣ... ଗାଡ଼ି ଆସିଗଲା। ମନେରଖ - ଗାଡ଼ି ଚଢ଼ିବା ଠୁଁ ଓହ୍ଲେଇବା ପର୍ଯ୍ୟନ୍ତ ସ୍ଲୋଗାନ୍ ବନ୍ଦ ହେବନି। ମାଇକିରେ ଟେପ୍ ଫିଟ୍ ହେଇଚି। ଜମେଇକି ଆମ ନେତାଙ୍କ ଜୟଗାନ କରିବା।'

ଅବଶ୍ୟ ଥରେ.... ଦି'ଥର ରିହର୍ସାଲ ହେଇଗଲା ସେଇଠି। ଗାଡ଼ି ପହଞ୍ଚିଗଲା। ଦି'ଟା ଟ୍ରକ୍।

ଆଁ ଏ.... ଆମେ କ'ଣ ମାଲ୍ ହେଇଚୁ? କିଏ ଜଣେ ଭିଡ଼ ଭିତରୁ କହିଲା। ଆଉ ଜଣେ ଖେଁ ଖେଁ ହେଇ ଉତ୍ତର ଦେଲା, 'ନୁହେଁ ଆଉ କ'ଣ? ଆରେ ମାଲ୍ କ'ଣ? ସୁଧୁ ରଦି ମାଲ୍।'

ଗାଡ଼ି ରହୁ ରହୁ ହିଁ ଚଢ଼ିଗଲେ ଲୋକମାନେ ହୁଡସ୍ କରି। ମାଗୁ ପୁହାଣ ସେମାନଙ୍କ ମଧ୍ୟରେ ଛନ୍ଦି ହେଇ ପଡ଼ିଲା। କଛା ଫିଟି ଘୋଷାରି ହେଲା ତଳେ। ଫଡ୍ କରି ଚିରିଗଲା ବି କିଛି ଅଂଶ। ତାକୁ ଉପରକୁ ଘୋଷାରି ନିଆଗଲା। ଉପରେ ସୋରିଷ ପକେଇବାକୁ ରାହା ନାଇଁ। ସେ ତ ଚାପି ହେଇଯାଉଚି। ଅଣନିଃଶ୍ୱାସୀ ହେଇଯାଉଛି। ତା'ରି ଭିତରେ ମଣିଷଗୁଡ଼ା ସ୍ଲୋଗାନ୍ ଛାଡ଼ି ଭୁକିଲା ଭଳି ହେଉଛନ୍ତି। ମାଗୁ ପୁହାଣ ଖାଲି ଗାଁ ଗାଁ ହେଉଛି ତା' ଭିତରେ....।

ଅନନ୍ତର ସେମାନେ ବୁହାହେଇ ଆସିଲେ କଟକ।

ମାଗୁ ପୁହାଣ ଓହ୍ଲାଇ ପଡ଼ିଲା। ଦେଖିଲା ସଭାସ୍ଥଳ ହୁଲସ୍ଥୁଲ୍। କେଯାଏଁ କେତେ ମାଇକ୍ ଫିଟ୍ ହେଇଚି। କାଠ ବାଉଁଶର ବାଡ଼ ଦିଆଯାଇଚି। ଲୋକ ହାଉଯାଉ। ସିନେମା ଗୀତ ବାଜୁଚି। ବେଳେ ବେଳେ ବନ୍ଦ ହେଇ ଘୋଷଣା କରାଯାଉଚି। 'ବନ୍ଧୁଗଣ.... ଆମର ନେତା ଆସି ପହଞ୍ଚିଯିବା ଉପରେ। ହେଲିକପ୍ଟର ଆଉ ଅଳ୍ପ ସମୟ ପରେ ଓହ୍ଲେଇବ। ଆପଣମାନେ ପ୍ରସ୍ତୁତ ହେଇ ରୁହନ୍ତୁ। ମାଇକିରେ ସ୍ଲୋଗାନ୍ ଦିଆଯିବ। ସମସ୍ତେ ପାଳି ଧରିବା।'


ମାଗୁ ପୁହାଣ ଆକାଶକୁ ଅନେଇଲା। ଖାଁ ଖାଁ ଆକାଶ। ନୀଳ ନୀଳ। କୋଉଁଠୁ ଉଡ଼ି ଆସିବ ହେଲିକପ୍ଟର? ଯାହା ହେଉ ଆଜି ଅତି ପାଖରୁ ଦେଖିବ ତାକୁ। କେତେଥର ବିଲରେ କାମ କଲାବେଳେ ଆକାଶରୁ ଘୁଁ ଘୁଁ ଶବ୍ଦ ଶୁଣି ଅନେଇଚି। ମେଘ ଭିତରେ ଚଢ଼େଇଟେ ଉଡ଼ିଗଲା ପରି ଦିଶେ। ଯାହା ହଉ ଆଜି ତାକୁ ସେ ଠିକ୍ ଠିକ୍ ଦେଖିଯିବ।

ହେଇ ଘୁଁ ଘୁଁ ଶୁଭିଲାଣି। ଲୋକ ସବୁ ତରକି ଚାହିଁଲେଣି ଆକାଶକୁ। କେତେ ବି' ଧାଇଁଲେଣି ହେଲିପ୍ୟାଡ୍ ଆଡ଼େ। ହଇଚଇ ଖେଳି ଗଲାଣି ସଭାସାରା। ମାଗୁ ପୁହାଣ ଦୌଡ଼ିଲା ସିଆଡ଼େ। ହାୟ.... ଲୋକଗୁଡ଼ା ଘେରି ଗଲେଣି ଚାରିପଟରେ। ତା' ଭଳି ଖର୍ବକାୟ ଲୋକଟି କିଛି ଦେଖିପାରୁ ନାଇଁ ଆଗକୁ।

ହେଇ ତ ଉଡ଼ି ଆସୁଚି ହେଲିକପ୍ଟର। ଜୟଜୟକାରରେ ଫାଟି ପଡୁଚି ସଭାସ୍ଥଳ। ଭିଡ଼ ବାରେଇ ଭିତରକୁ ପଶିଯାଉଥିଲା ମାଗୁ ପୁହାଣ ତ ଧକ୍କାଟିଏ ଖାଇଲା ପଛରୁ। ପଡ଼ି ଯାଉ ଯାଉ ଯାହାକୁ ଆଶ୍ରା କରି ରହିଲା ସେ ବୁଲିପଡ଼ି ପୁନଶ୍ଚ ଏପରି ନିର୍ଘାତ୍ ଧକ୍କାଟିଏ ଦେଲା ଯେ ମାଗୁ ପୁହାଣ ଛିଟିକି ଆସିଲା ବାହାରକୁ।

ସେ ଦେଖିପାରିଲାନି ହେଲିକପ୍ଟର। ଯାହା ଓହ୍ଲେଇଲା ବେଳେ ଟିକେ ଦେଖିଥିଲା। ଠେଲାପେଲା ପୁଣି ଆରମ୍ଭ ହେଇଗଲାଣି। ନେତା ଓହ୍ଲାଉଚନ୍ତି ବୋଧହୁଏ। ଦୌଡ଼ି ପଳାଇ ଆସିଲା ଗୋଟିଏ ପାଖକୁ ସେ।

ଏଠି ବି' ଧାଡ଼ି ଧାଡ଼ି ଲୋକ ଭିଡ଼। ବିକା ଚାଲିଛି ଦହିବରା, ଆଳୁଦମ୍, ଗୁପ୍‌ଚୁପ୍, ଚାଟ୍। ମାଗୁ ପୁହାଣ ଅନୁଭବ କଲା ତାକୁ ପ୍ରଚୁର ଭୋକ ହଉଚି। ଏଠି ବି ମୁହଁ ଗଳେଇବାକୁ ରାହା ନାଇଁ। ସମସ୍ତେ ଖାଁ ଖାଁ....। ଖାଦ୍ୟ ପାଖରେ ଖାଦକର ଚେହେରା ବି ବୀଭତ୍ସ! କି ସ୍ୱାର୍ଥପର.... ସ୍ୱାର୍ଥପର!



ତଥାପି ମାଗୁ ପୁହାଣ ହାତ ଲମ୍ବେଇ ଦେଲା। ମତେ ଦିଅ....

ଦୋକାନୀ ଧରେଇ ଦେଲା ପୁଚୁପୁଚୁ ଦହିବରା ଓ ଲାଲ୍ ଟକ୍‌ଟକ୍ ଆଳୁଦମ୍‌ର ଠୁଙ୍ଗାଟିଏ। ମାଗୁ ପୁହାଣ ତ ଖାଉ ନ ଥିଲା, ଗିଳି ପକାଉଥିଲା ଖପ୍‌ଖାପ୍। କାହିଁ କିଛି ତ ହେଲାନି! ପୁଣି ମାଗିଲା। ଦୋକାନୀଟିଏ ମୁର୍କି ହସି ଆଉ ଗୋଟିଏ ଠୁଙ୍ଗା ବଢ଼େଇ ଦେଲା ତା' ହାତକୁ। ଏଥର ମାଗୁ ପୁହାଣ ଚାପି ଚାପି ଖାଇଲା। ବାରିଲା ତା'ର ସୁଆଦ। କେତେ ଲୋକଙ୍କଠୁ ଶୁଣିଥିଲା କଟକର ଦହିବରା ଆଳୁଦମ୍ କୁଆଡ଼େ ଭାରି ବିଖ୍ୟାତ। ଆଃ.... ଚମତ୍କାର। ସ୍ୱାଦୁ ବାରୁଥିଲା ଆଉ ଆମୋଦିତ ହେଉଥିଲା ସେ। ଖାଇସାରି ପାଣି ଦି' ଗିଲାସେ ପିଇଦେଇ ଲମ୍ବା ହାକୁଟିଟାଏ ଛାଡ଼ିଲା।

ପଚାରିଲା 'କେତେ ପଇସା?'

- ଚାଳିଶ ଟଙ୍କା।

ଆଇଁ... ଚାଳିଶ ଟଙ୍କା! ମାଗୁ ପୁହାଣ ଆକାଶରୁ ପଡ଼ିଲା। ଅଣ୍ଟି ଅଣ୍ଡାଳିଲା। କାଢ଼ି ପକେଇଲା ବେଳକୁ ତା' ହାଲକ ଶୁଖିଗଲା। ଦଶଟଙ୍କିଆଟିଏ ଅଛି। ଆଉ ସବୁ କେଉଁଠି ଗଳି ପଡ଼ିଛି। ଯାଡ଼େ ସ୍ୟାଡ଼େ ଅନିଶା କଲା। ତାକୁ ଆଣିଥିବା ନେତାମାନେ କେଉଁଠି ଦେଖାଯାଉ ନାହାନ୍ତି। କେହି ବି ତା' ହାବୁଡ଼ରେ ପଡୁ ନାହାନ୍ତି ଚିହ୍ନା ଲୋକ। କାହାରି ମୁହଁ ଦେଖାଯାଉନି, ଦେଖାଯାଉଚି ପଛ। ମୁଣ୍ଡ ଟେକି ସମସ୍ତେ ଚାହିଁଛନ୍ତି ସଭାମଞ୍ଚ ଆଡ଼କୁ।

କ'ଣ କରିବ ଏବେ ମାଗୁ ପୁହାଣ।

'ଦିଅ ଦିଅ ପଇସା ଦିଅ ଜଲ୍‌ଦି।' ଦୋକାନି ଖିଙ୍କାରି ଉଠିଲା।

ମାଗୁ ପୁହାଣ କହିଲା, 'ପଇସା କୋଉଠି ଗଳି ପଡ଼ିଚି। ଦଶଟଙ୍କିଆଟିଏ ଅଛି ଖୋସଣିରେ। ଆମ ଗାଁ ଲୋକଙ୍କୁ ଖୋଜୁଛି। ପାଇଲେ ଦେଇଦେବି....'

ଦୋକାନି ଗର୍ଜି ଉଠିଲା।, 'ସେ ପଟିମରା କଥା କହନା। ପଇସା ପକା ଜଲ୍‌ଦି। ଆରେ... ଚାଲାକି ମାରୁଚି ମୋ ସାଙ୍ଗରେ...।'

ମାଗୁ ପୁହାଣ କାକୁସ୍ଥ ହେଇଗଲା। କ'ଣ କରିବ ଏବେ? ଅନ୍ୟ ଲୋକମାନେ ଖାଉ ଖାଉ ତାକୁ ଅନେଇ ଖେଁ ଖେଁ ହଉଚନ୍ତି।

ମାଗୁ ପୁହାଣର ମୁହଁରେ ଏବେ ବୈକଲ୍ୟ ଛାଇହେଇ ଯାଇଚି। ସେ ନେହୁରା ହେଲାଭଳି କହିଲା... 'ଏତକ ରଖ ବାବୁ... ମୁଁ ଜାଣି ନ ଥିଲି ଏତେ ପଇସା ବୋଲି....'

ଦୋକାନୀ ତା' ପାଟିରୁ କଥା ଛଡ଼େଇ ନେଇ ଦୋ'ଅକ୍ଷରି ଆରମ୍ଭ କରିଦେଲା। ଶଳା, ଏଠି ମୋଫତ୍ ପଡ଼ିଥିଲା ଗେଫି ଯାଉଥିଲୁ। ପକା ପଇସା ପକା, ନ ହେଲେ ତତେ ନଙ୍ଗଳା କରି ଛାଡ଼ିବି।

ମାଗୁ ପୁହାଣ କାନ୍ଦୁଣୁ ମାନ୍ଦୁଣୁ ହେଲା। ଯାଡ଼େ ସ୍ୟାଡ଼େ ଅନେଇଲା ବକବକ କରି। ପାଖରେ ଗୁପ୍‌ଚୁପ୍ ବିକୁଥିବା ଚେଙ୍ଗେଡ଼ା ଟୋକାଟା କହିଲା, 'ବୁଢ଼ା ପେଖେନା କାଢୁଛିବେ। ତା' ପାଖରେ ଠିକ୍ ଅଛି। ଶଃ.... ମାଗଣା କିଏ କଟକ ଆସେ?'

ମାଗୁ ପୁହାଣ ଚଟ୍‌କରି କହିଲା, 'ହଁ ହଁ ଆଜ୍ଞା... ମୁଁ ମାଗଣା ଆସିଚି। ମତେ ଏଠି ସଭାକୁ ନେଇ ଆସିଚନ୍ତି ମାଗଣା। ଦେଖୁନା... ଦେଖ ମୋ ପାଖରେ ଗୋଟିଏ ବି ପଇସା ନାଇଁ...'

ଦୋକାନି ଆହୁରି ରାଗିଯାଇ କହିଲା, 'ଆରେ ଶଳା,

ମାଗଣା ଆସୁଥିଲୁ ଯଦି ଖାଉଥିଲୁ କାହିଁକି ? ଯୋଉ ଶଳା ତତେ ଆଣିଚି, ଡାକ୍ ତାକୁ ପଇସା ଦେଇଯିବ।'

ମାଗୁ ପୁହାଣ ଡାକିବାକୁ ଝପଟି ଯାଉଥିଲା, ଦୋକାନୀ ତା' କଛାଟାକୁ ଘୋଷାରି ଧରି କହିଲା, 'ଆରେ ଶଳା.... ଯାଉଚୁ କୁଆଡ଼େ ?'

ମାଗୁ ପୁହାଣ କାକୁତି ହେଇ କହିଲା, 'ତାଙ୍କୁ ଡାକିବାକୁ।'

– 'ଆରେ ଶଳା ଏ'ଟା ବଡ଼ ପୀର ଅଛିରେ... ଯାଉଚି ଡାକିକି ଆଣି ପଇସା ଦେବ। ଥାଉ ଥାଉ ତୋ ଚାଲାକି... ଏଇଠି ଡାକ୍।' ଚେଙ୍ଗେଡ଼ା ଗୁପ୍‌ଚୁପ୍ ବିକାଳି ଚୋକାଟା ତା' ହାତଟାକୁ ମୋଡ଼ି ଧରିଲା।

ମାଗୁ ପୁହାଣ କାହାକୁ ଡାକିବ ? ସେ ନେତାଙ୍କ ନାଁ କ'ଣ ଜାଣିଛି ? ସେ ଖାଲି ଯନ୍ତ୍ରଣାରେ ଚିତ୍କାରଟିଏ କରି ଉଠିଲା, ହେ ଭଗବାନ....

'ଭଗବାନ ତୋ ନେତା ? ଆରେ ଶଳା'.... ଦୋକାନୀଟି ତା' ବେକଶଣ୍ଢା ମୂଳକୁ ଦେଲା ପ୍ରଚଣ୍ଡ ଧକ୍‌କାଟିଏ। ହାମୁଡ଼େଇ ପଡ଼ିଲା ମାଗୁ ପୁହାଣ। କାଢ଼୍ ପଇସା କାଢ଼୍ କହି ଦୋକାନୀ ଦି'ଟା ତାକୁ ଲଙ୍ଗଳା ମୁକୁଳା କରି ପକେଇଲେ। ମାଗୁ ପୁହାଣ ଖାଲି ହେ ଭଗବାନ ହେ ଭଗବାନ କହି ଭେଲୁ ଭଳିଆ ଗଡୁଥାଏ ମାଟି ଉପରେ। ଭଗବାନ୍ ତ ଶୁଣୁ ନ ଥିଲେ।

**ମାଗୁ ପୁହାଣ ଖାଲି 'ହେ ଭଗବାନ ହେ ଭଗବାନ' କହି ଭେଲୁ ଭଳିଆ ଗଡୁଥାଏ ମାଟି ଉପରେ। ଭଗବାନ୍ ତ ଶୁଣୁ ନ ଥିଲେ।**

ସେଠାରେ ଜମା ହେଇଥିବା ଅସଂଖ୍ୟ ଲୋକ ବି ତାକୁ ଦେଖି ମୁହଁ ବୁଲେଇ ନେଉଥିଲେ ସଭାମଞ୍ଚ ଆଡ଼େ।

ସଭା ଚାଲିଥାଏ, ନେତା ଭାଷଣ ଦେଉଥାନ୍ତି ଅନର୍ଗଳ।

ଶଳା ଫକଡ଼ କହି ଦୋକାନୀଟିଏ ତା' ପେଟକୁ ଲଗେଇ ଦେଲା ଯେ ନିର୍ଘାତ୍ ମୁଖିଟିଏ, ମାଗୁ ପୁହାଣ ଭକ୍‌ଭକ୍ ବାନ୍ତି କରି ପକେଇଲା ଦହିବରା ଆଳୁଦମ୍‌ର ଖଣ୍ଡିତାଂଶ।

ସଭା ମଞ୍ଚରୁ ନେତାଙ୍କ ଭାଷଣ ଶୁଭୁଥିଲା, ଦେଶରୁ ଗରିବୀ ହଟିବ। ସମସ୍ତଙ୍କୁ ଯୋଗାଇ ଦିଆଯିବ ରୋଟି, କପଡ଼ା, ମକାନ୍। ସମାଜବାଦ୍ ପ୍ରତିଷ୍ଠା ହବ ଦେଶରେ। ସମସ୍ତଙ୍କୁ ସାମାଜିକ ଅଧିକାର ପ୍ରଦାନ କରାଯିବ। ଏ ଦେଶରେ କେହି ଅଭୁକ୍ତ ରହିବେ ନାହିଁ, ରହିବ ନାହିଁ ଶୋଷଣ, ରହିବ ନାହିଁ ଅତ୍ୟାଚାର....

ହୋ... ହୋ... ଘୋଘୋ.... ଘନଘନ କରତାଳି ଜୟଜୟକାର ଜିନ୍ଦାବାଦ୍ ଧ୍ୱନିରେ ମଇଦାନ ଥରି ଉଠୁଥିଲା ଆଉ ସେଇ ଥରଥର ମାଟି ଉପରେ ହାମୁଡ଼େଇ ପଡ଼ିଥିଲା ମାଗୁ ପୁହାଣ। ଲୁହଭର୍ତ୍ତି ଆଖିରେ କିନ୍ତୁ ଜମାଟ ବାନ୍ଧି ଆସୁଥିଲା ମେଞ୍ଚା ମେଞ୍ଚା ଅନ୍ଧାର....

□□

ଲେଖକଙ୍କ ଇ-ମେଲ ଠିକଣା:
rabipanda97@gmail.com

ଏକ ନୂଆ ପ୍ରୟାସ...

AMESABU

ଓଡ଼ିଶାର
ସଂସ୍କୃତି-ଐତିହ୍ୟ-ପରମ୍ପରା
କେବଳ **ଆମେସବୁ** ପ୍ଲାଟଫର୍ମରେ

WE ALL. FOR ALL.

**ଆମେସବୁ**

ANDROID APP ON Google Play

@amesabu



ରମ୍ୟରଚନା


# କାହାକୁ ଦେବି ଭୋଟ

ଡ. ପୀତବାସ ରାଉତରାୟ

ଭାରତ ବର୍ଷରେ ନିର୍ବାଚନ କେବଳ ଗୋଟିଏ ଶବ୍ଦରେ ସୀମିତ ହୋଇ ରହିନାହିଁ; ତାହା ନିର୍ବାଚନ ଋତୁ, ନିର୍ବାଚନ ଜ୍ୱର, ନିର୍ବାଚନ ମହାସମର, ନିର୍ବାଚନ ଅଲିମ୍ପିକ, ଏପରିକି ନିର୍ବାଚନ ମହାକୁମ୍ଭ ନାମରେ ଖ୍ୟାତି ଲାଭ କରିଚାଲିଛି। ଖବରକାଗଜମାନେ ଏହାକୁ ଗଣତନ୍ତ୍ରର ନୃତ୍ୟ ନାମରେ ଶୀର୍ଷକ ଦେଇ ରୋଚକ ସମ୍ବାଦ ଛାପିବାରେ ଲାଗିଛନ୍ତି।

ସ୍ୱଭାବ କବି ଗଙ୍ଗାଧର ମେହେର ଯାହାଙ୍କର ଆମେ ମୃତ୍ୟୁ ଶତବାର୍ଷିକୀ ପାଳନ କରୁଛେ ତାଙ୍କର କୀଚକ-ବଧ କାବ୍ୟରେ ବସନ୍ତ ଋତୁର ଏଭଳି ବର୍ଣ୍ଣନା କରିଛନ୍ତି।

ବସନ୍ତ-ବିଜୟ-ବାରତା ପ୍ରଚରିଲା ଭୁବନେ,
ପାଦପ-ଆନୀତ ପତର ପରଭୃତ ପଠନେ।




କବିଙ୍କ ଭାଷାରେ ବସନ୍ତ ଋତୁର ଆଗମନକୁ ଆମ୍ବ ଗଛର ନବପଲ୍ଲବିତ ପତ୍ରରେ ଥିବା ବାର୍ତ୍ତାକୁ କୋଇଲି ଯେମିତି ମଧୁର କଣ୍ଠରେ ପଠନ କରୁଛି। ମାତ୍ର ଏବେ ନିର୍ବାଚନର ଆଗମନର ଘୋଷଣା ଆଉ କୋଇଲିର ମଧୁର ସ୍ୱର ନୁହେଁ, ବରଂ କାନଫଟା ମାଇକ୍ ଶବ୍ଦରେ ଜନଗଣ ଅତିଷ୍ଠ ହୋଇ ଯାଉଛନ୍ତି।

**ଦଳମାନଙ୍କର ସଜବାଜ**

ନିର୍ବାଚନ ଆସିବାର ବହୁପୂର୍ବରୁ ଆରମ୍ଭ ହୋଇଯାଏ ଦଳମାନଙ୍କର ସଜବାଜ। କ୍ଷମତାରେ ଥିବା ଦଳ ପାଞ୍ଚବର୍ଷ ଭିତରେ ଯାହା କରି ନ ଥିବେ, ସେମାନେ ଶେଷ ବର୍ଷରେ ଅଜାଡ଼ି ଦେଇଯିବେ ନୂଆ ନୂଆ ଯୋଜନାର ବିଜ୍ଞାପନ। ଖବରକାଗଜରେ ସେ ସବୁର ଘୋଷଣା ପୃଷ୍ଠାକୁ ମୋଟା କରି ଜନତାଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଚେଷ୍ଟା ଆରମ୍ଭ ହୋଇଯାଏ। ମୂଳ ଲକ୍ଷ୍ୟ ଥାଏ ଗରିବଙ୍କ ସେବା, କୃଷକର ଉନ୍ନତି, ନାରୀଶକ୍ତିର ଉତ୍‌ଥାନ, ମଧ୍ୟବିତ୍ତଙ୍କ ପ୍ରତି ଧ୍ୟାନ, ଶ୍ରମିକଙ୍କ ରୋଜଗାର ମାଧ୍ୟମ, ଯୁବଶକ୍ତିଙ୍କୁ ଶକ୍ତିଶାଳୀ କରିବାର ଉଦ୍ୟମ, ବରିଷ୍ଠ ନାଗରିକଙ୍କ ଯତ୍ନ, ଭିତ୍ତିଭୂମି ସୁଦୃଢ଼, ଐତିହ୍ୟର ବିକାଶ, ସୁଶାସନ ଦ୍ୱାରା ଦେଶରେ ଆଇନ ଶୃଙ୍ଖଳାର ପ୍ରଚଳନ ସମ୍ପର୍କରେ ବିଜ୍ଞାପନ। ଏଥିରେ ସନ୍ତୁଷ୍ଟ ନ ହୋଇ ଆଉ କେତେ ପାଦ ଆଗେଇଯାଇ ଚାଷୀଙ୍କ ପାଇଁ ଋଣଛାଡ଼, ମାଗଣା ସ୍ୱାସ୍ଥ୍ୟସେବା, ବୟସ୍କଙ୍କୁ ପେନ୍‌ସନ୍, ଗର୍ଭବତୀ ମହିଳାଙ୍କ ପାଇଁ ମାଗଣା ପ୍ରସବ ଯୋଜନା, ଶିଶୁ ଜନ୍ମ ନେବା ପରେ ଶିଶୁ ସୁରକ୍ଷା ଯୋଜନା, ମାଗଣା ଶିକ୍ଷା ଯୋଜନା, ଶିକ୍ଷା ସମୟରେ ମାଗଣା ମଧ୍ୟାହ୍ନଭୋଜନ ଯୋଜନା ପ୍ରଚଳନ କରିଥିବା ବିଜ୍ଞାପନ ଦେଇ ସେସବୁକୁ କାଏମ୍ ରଖି ଆଉ ନୂଆ ନୂଆ ଯୋଜନାର ବିଜ୍ଞାପନରେ ପୃଷ୍ଠା ଭରିଚାଲନ୍ତି। ଶାରୀରିକ ରୂପେ ପ୍ରକଳ୍ପ ଉଦ୍‌ଘାଟନ କରିବାକୁ ଅସମର୍ଥ ହେଲେ ଶୀତତାପ ନିୟନ୍ତ୍ରିତ କୋଠରିରେ ବଟନ୍ ଚିପି ଉଦ୍‌ଘାଟନ କରିପକାନ୍ତି। ସାରା ଦେଶରେ ସବୁ କିସମର ଲୋକଙ୍କ ପାଇଁ କିଛି ନା କିଛି ସୁବିଧା ଦେବା ପାଇଁ ପ୍ରତିଶ୍ରୁତିରେ ପୋତି ପକାନ୍ତି। ଏହି ସୁଯୋଗରେ ବହୁ ଦିନରୁ ଅସମାଧିତ କାର୍ଯ୍ୟ ଯେମିତି ଅସ୍ଥାୟୀ କର୍ମଚାରୀମାନଙ୍କୁ ସ୍ଥାୟୀ କରିବା, ଦରମା ବଢ଼ାଇବା, ଶ୍ରେଣୀଭୁକ୍ତ ହୋଇ ନ ଥିବା ବିଭିନ୍ନ କାରିଗର ଓ ସଂସ୍ଥାକୁ ମାନ୍ୟତା ଦେବା ପାଇଁ ଆନ୍ଦୋଳନକାରୀଙ୍କ ଦାବିକୁ ପୂରଣ କରିଦିଆଯାଏ।

ଶାସକ ଦଳଙ୍କ ଏଭଳି କାର୍ଯ୍ୟ ଦେଖି ଅନ୍ୟ ଦଳ ମଧ୍ୟ

ନିର୍ବାଚନ ଇସ୍ତାହାରରେ ଦେଶକୁ ଘିଅ ମହୁରେ ଭସାଇ ଦେବାପାଇଁ ପ୍ରତିଶ୍ରୁତି ଦେଇଚାଲନ୍ତି। ନେତାମାନେ ନିର୍ବାଚନ ତାରିଖ ଘୋଷଣା ହେବା ପୂର୍ବରୁ କସରତ୍ କରି ଗୋଟିଏ ସୁନ୍ଦର ରାଜ୍ୟର ସ୍ୱପ୍ନ ଦେଖାଇ ଚାଲନ୍ତି।

ଏମିତି ଚାହୁଁ ଚାହୁଁ ଘୋଷଣା ହୋଇଯାଏ ନିର୍ବାଚନ ତାରିଖ ଓ ଲାଗୁ ହୋଇଯାଏ ଆଚରଣ ବିଧି। ଆଉ ନୂଆ ନୂଆ ପ୍ରକଳ୍ପ ଉଦ୍‌ଘାଟନ କରିବା ଉପରେ ଆସେ ପ୍ରତିବନ୍ଧକ। ଆରମ୍ଭ ହୋଇଯାଏ ନିର୍ବାଚନ ପାଇଁ ପ୍ରାର୍ଥୀ ଚୟନ ଓ ଘୋଷଣା। ଅସଲ ନିର୍ବାଚନ ହେବା ଆଗରୁ ଏହା ହୋଇଯାଏ ଗୋଟିଏ ଦେଖିଲା ଭଳି ନାଟକ।

## ସ୍ୱାର୍ଥର ନଗ୍ନ ପ୍ରଦର୍ଶନ

ଦିନ ଥିଲା ପ୍ରାର୍ଥୀଙ୍କର ଗୋଟିଏ ନୈତିକ ମୂଲ୍ୟବୋଧ ଥିଲା ମାତ୍ର ଆଜି କାଲି ଖୋଲାଖୋଲି ଭାବେ ନିଜ ସ୍ୱାର୍ଥର ନଗ୍ନ ପ୍ରଦର୍ଶନ ରୂପ ନେଲାଣି। ଆଗକାଳେ ପତି ପତ୍ନୀଙ୍କର ଯେଉଁ ସାତ ଜନ୍ମର ବନ୍ଧନ ପାଇଁ ପ୍ରତିଜ୍ଞା ବିବାହ ବେଦୀରେ କରାଯାଉଥିଲା ଯାହା ଧୀରେ ଧୀରେ କୋର୍ଟ ବିବାହରେ ପରିଣତ ହେବାରେ ଲାଗିଲା ଓ ବିବାହ ବେଦୀର ବନ୍ଧନ ହୁଗୁଳା ହୋଇ ଛାଡ଼ପତ୍ର ଆଡ଼କୁ ଗତି କଲା। ସେମିତି ବର୍ତ୍ତମାନର ଦଳ ଓ ଦଳର ସଭ୍ୟମାନଙ୍କର ଗତି ଓ ନିୟତି। ଯେଉଁ ଦଳର ଆଭିମୁଖ୍ୟ ପ୍ରତି ଆକର୍ଷିତ ହୋଇ ଜଣେ ଦଳୀୟ କର୍ମୀ କାର୍ଯ୍ୟ କରିଚାଲେ ନିର୍ବାଚନ ଆସିଲେ ତାକୁ ଯଦି ଟିକେଟ ଦେବାରୁ ବଞ୍ଚିତ କରାଯାଏ ସେ କୌଣସି ବାଛବିଚାର ନ କରି ଅନ୍ୟ ଦଳକୁ ଡିଆଁ ମାରିଯାଏ। ବର୍ଷ ବର୍ଷ ଧରି ଯେଉଁ ବିପକ୍ଷ ଦଳ ଓ ନେତାକୁ କଟୁ ସମାଲୋଚନା କରି ଚାଲିଥାଏ, ରାତାରାତି ସେ ଦଳର ଆଭିମୁଖ୍ୟ ତାକୁ ଖୁବ୍ ଭଲ ଲାଗେ ଓ ନେତା ତା'ର ଆଦର୍ଶ ହୋଇଯାଆନ୍ତି। ଯେଉଁ ଦଳ ଏଭଳି ଅନ୍ୟଦଳର କର୍ମୀ ଓ ନେତାଙ୍କୁ ସ୍ୱାଗତ କରି ନିଅନ୍ତି ସେମାନଙ୍କୁ ମଧ୍ୟ ଲଜ୍ଜା ଲାଗେ ନାହିଁ। ସେମାନେ ଅଙ୍ଗବସ୍ତ୍ର ଓ ଫୁଲତୋଡ଼ା ଦେଇ ସ୍ୱାଗତ କରନ୍ତି। କେବଳ ସେତିକି ନୁହେଁ, ତୁରନ୍ତ ତାଙ୍କୁ ମଧ୍ୟ ଟିକେଟ ଦେଇ ଦିଅନ୍ତି ନିର୍ବାଚନ ଲଢ଼ିବା ପାଇଁ। ସେଥିରେ ଦଳବଦଳ ପ୍ରାର୍ଥୀର ଲଜ୍ଜା ସଂକୋଚ ନ ଥାଏ କିମ୍ବା ତାଙ୍କୁ ସ୍ୱାଗତ କରିବା ଦଳର ସୁପ୍ରିମୋଙ୍କର ମଧ୍ୟ ଲୋକଲଜ୍ଜା ନ ଥାଏ। ଏ ହେଉଛି ବର୍ତ୍ତମାନର ଦଳ ଡିଆଁର ନଗ୍ନ ଚିତ୍ର।

ଏ ଦଳଡିଆଁ ଆଜିକାଲି ନୁହେଁ ବହୁ ପୂର୍ବରୁ ଚାଲିଆସିଛି। ବହୁ ବର୍ଷ ପୂର୍ବେ ଜଣେ ବିଶିଷ୍ଟ ନେତା ଦଳ ବଦଳ କରି ଯେତେବେଳେ ଜନତାଙ୍କ ପାଖରେ ଭୋଟ ପାଇଁ ପହଞ୍ଚିଲେ ସେତେବେଳେ ଜନତା ତାଙ୍କୁ ପ୍ରଶ୍ନ କଲେ ଆପଣ ତ 'କ' ଦଳରେ ଥିଲେ ତା' ପରେ 'ଖ' ଦଳକୁ ଗଲେ ଏବେ 'ଗ' ଦଳରେ ଆସି ନିର୍ବାଚନ ପ୍ରଚାରକୁ ଆସିଛନ୍ତି ଆମେ ଆପଣଙ୍କୁ କେମିତି ବିଶ୍ୱାସ କରିବୁ ?

ନେତା ଜଣଙ୍କ ଉତ୍ତର ଦେଲେ ଯଦି ମୁଁ ଗୋଟିଏ ଗାଡ଼ିରେ ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ଯାଉଥିବି ଓ ବାଟରେ ଗାଡ଼ି ଖରାପ ହୋଇଯିବ ତା' ହେଲେ ମୁଁ ସେଇଠି ପଡ଼ି ରହିବି ନା ଗନ୍ତବ୍ୟ ସ୍ଥଳକୁ ଯିବି ? ଜନତା ଉତ୍ତର ଦେଲେ ଆପଣ ଯିବା ଆବଶ୍ୟକ ନିଜ ଲକ୍ଷ୍ୟସ୍ଥଳକୁ। ନେତା ସଙ୍ଗେ ସଙ୍ଗେ ଉତ୍ତର ଦେଲେ ଠିକ୍ ସେମିତି ଆପଣମାନଙ୍କ ସେବା ପାଇଁ ମୁଁ ଗୋଟିଏ ଦଳରେ କାର୍ଯ୍ୟ କରୁଥିଲି ମାତ୍ର ଦେଖିଲି ଯେ ସେ ଦଳ ଦ୍ୱାରା ମୋର ଓ ଆପଣମାନଙ୍କ ସେବା କାର୍ଯ୍ୟରେ ବ୍ୟାହତ ସୃଷ୍ଟି ହେଉଛି ତେଣୁ ମୁଁ ଆଉ ଗୋଟିଏ ଦଳ ମାଧ୍ୟମରେ ଆଗେଇ ଆସିଛି। ମୋର ତ ଲକ୍ଷ୍ୟ ଆପଣଙ୍କ ସେବା।

**ଏହି ଦଳ ଡିଆଁ ଏଭଳି ଭାବେ ପ୍ରତ୍ୟେକ ଦିନ ଘଟିଚାଲିଛି ଯେ ଜାଣିବା କଷ୍ଟକର ହୋଇପଡୁଛି କେଉଁ ନେତା କେଉଁ ଦଳର ?**

## ଭୋଟରଙ୍କୁ ଭୁଆଁ


ଏ ହେଉଛି ଆମର ତଥାକଥିତ ନେତାଙ୍କ ଚିନ୍ତାଧାରା। ଏମିତି କଥା କହି ଭୋଟରଙ୍କୁ ଭୁଆଁ ବୁଲାଇବା କଥା ଏବେ ଦେହସୁହା ହୋଇଗଲାଣି।

ଏହି ଦଳ ଡିଆଁ ଏଭଳି ଭାବେ ପ୍ରତ୍ୟେକ ଦିନ ଘଟିଚାଲିଛି ଯେ ଜାଣିବା କଷ୍ଟକର ହୋଇପଡୁଛି କେଉଁ ନେତା କେଉଁ ଦଳର ?

ଗୋଟିଏ ବ୍ୟଙ୍ଗ ଚିତ୍ରରେ ବାହାରିଥିଲା ଏଣ୍ଡୁଅ ଓ ମାଙ୍କଡ଼ ଯାଇ ବ୍ରହ୍ମାଙ୍କ ପାଖେ ଶରଣ ପଶି କହିଲେ ଆମେ ଆଉ ଆମ କାର୍ଯ୍ୟରେ ସଫଳ ହୋଇପାରୁନାହୁଁ। ଆମକୁ ଆଉ କିଛି କାମ ଦିଆଯାଉ। ବ୍ରହ୍ମା ତାଙ୍କୁ ପ୍ରଶ୍ନ କରନ୍ତେ– ଏଣ୍ଡୁଅ କହିଲା ମୋର ବହୁରୂପୀ ରଙ୍ଗ ବଦଳାଇବା କାର୍ଯ୍ୟ ଭାରତ ବର୍ଷର ନେତାମାନେ ଏଭଳି ଢଙ୍ଗରେ କରୁଛନ୍ତି ଯେ ମୋତେ ତାକୁ ଦେଖି ଲାଜ

ଲାଗୁଛି। ସେଇଭଳି ମାଙ୍କଡ଼ କହିଲା ମୋର ଡେଇଁବା କାର୍ଯ୍ୟ ଗଛକୁ ଗଛ ଡାଳକୁ ଡାଳ ହୋଇଥାଏ। ମାତ୍ର ଏ ଯୁଗର ନେତାମାନେ ଏଭଳି ଭାବେ ଏ ଦଳରୁ ସେ ଦଳକୁ ଡେଉଁଛନ୍ତି ଯେ ମୁଁ ନିଜକୁ ଅପାରଗ ବୋଲି ଭାବୁଛି। ଏ ହେଲା ନେତାମାନଙ୍କୁ ଅନ୍ୟ ଜୀବମାନଙ୍କ ଆକ୍ଷେପ!

ନିର୍ବାଚନ ପ୍ରଚାର ଆରମ୍ଭ ହୋଇଗଲେ ବର୍ତ୍ତମାନ ଭୋଟରମାନେ ମଧ୍ୟ ସଚେତନ ହୋଇଗଲେଣି। ତେଣେ ନେତାମାନେ ମଧ୍ୟ ସନ୍ଦିହାନ ହୋଇଗଲେଣି। ଚିନ୍ତାଗ୍ରସ୍ତ ନେତାଙ୍କ ପାଇଁ ନିର୍ବାଚନ ବୈତରଣୀ ହେଲେ ଆଶାୟୀ ଭୋଟରଙ୍କ ପାଇଁ ନିର୍ବାଚନ ମନ୍ଦାକିନୀ! ଭୋଟରଟିଏ ଭାବୁଛି ପାଞ୍ଚ ବର୍ଷ ଧରି ମୋତେ ଠକିବା ପାଇଁ ମୋଠାରୁ ଭୋଟଟିଏ ନେବା ପାଇଁ ଆସୁଥିବା ନେତାଟି କେତୋଟି ମୁହୂର୍ତ୍ତ ପାଇଁ ଭିକାରି ପାଲଟି ଯାଉଛି ତା'ପରେ ଭୋଟ ପାଇଲା ପରେ ଆଉ ଦେଖା ମିଳିବାର ସମ୍ଭାବନା ନାହିଁ। ତେଣୁ ଏହି ହେଉଛି ଅସଲ ସମୟ, ଯାହା କିଛି ହସ୍ତଗତ କରିନେବି। ତେଣେ ନେତା ଭାବନ୍ତି ଯାହା ହେଉ କଳେବଳେ କଉଶଳେ ଭୋଟଟି ହାତେଇ ନେବା ଦରକାର। ସେଥିପାଇଁ ଆରମ୍ଭ ହୋଇଯାଏ ଟଙ୍କା ପଇସା ମଦ ମାଂସର ଖେଳ। ପ୍ରତି ଗାଁ ଗଣ୍ଡାରେ ଭୋଟରମାନେ ଅପେକ୍ଷା କରି ରହିଥିବେ ମୂଳଚାଲ ହେବ। ଗଣତନ୍ତ୍ରର ଏହି ନଗ୍ନ ରୂପ ପ୍ରତି ନିର୍ବାଚନ ସମୟରେ ଗାଁ ଗାଁରେ ଦେଖିବାକୁ ମିଳେ। କିଛି ନେତା ମଧ୍ୟ ଲୋକଦେଖାଣିଆ ଭାବେ ଗରିବମାନଙ୍କ ଘରେ ଖାଇବାର ଅଭିନୟ କରିଥାଆନ୍ତି। ଏସବୁ ହେଉଛି ନିର୍ବାଚନ ପ୍ରହସନର ନମୁନା।



**ପର୍ଯ୍ୟଟନର ମାନ୍ୟତା**

ନିର୍ବାଚନକୁ ଏକ ପର୍ଯ୍ୟଟନ ମାନ୍ୟତା ଦେଇପାରିଲେ କୁମ୍ଭମେଳା ଦର୍ଶନ କରିବା ଭଳି ବିଦେଶୀ ଯାତ୍ରୀମାନେ ମଧ୍ୟ ନିର୍ବାଚନରୁ ବହୁ କିଛି ଜାଣିବାକୁ ପାଇପାରନ୍ତେ। ଆମ ଦେଶରେ ନିର୍ବାଚନ ଗୋଟିଏ ଗଣପର୍ବ ଭାବେ ପାଳିତ ହେବା ଆରମ୍ଭ ହେଲାଣି। ସରକାରଙ୍କ ତରଫରୁ କୋଟି କୋଟି ଟଙ୍କା ଖର୍ଚ୍ଚ ସହ ଦଳମାନଙ୍କର ହଜାର ହଜାର କୋଟି ଦୃଶ୍ୟ ଓ ଅଦୃଶ୍ୟ ଖର୍ଚ୍ଚ ଜଣେ ନିର୍ବାଚନ ପର୍ଯ୍ୟଟକ ପାଇଁ ଅତି ଆକର୍ଷଣୀୟ ବିଷୟବସ୍ତୁ। ପ୍ରାର୍ଥିପତ୍ର ଦାଖଲ ପାଇଁ ହେଉଥିବା ବିଶାଳ ରାଲି, ନେତାମାନଙ୍କର ତୋଫାନୀ ନିର୍ବାଚନ ପ୍ରଚାର, ରୋଡ ଶୋ, ରାସ୍ତାପାଖରେ ପୋଷ୍ଟର, ବିଭିନ୍ନ ଧରଣର ବିଜ୍ଞାପନ ଦେଖି ସେମାନେ ଆଶ୍ଚର୍ଯ୍ୟ ହୋଇଯାଆନ୍ତେ। ନେତାମାନଙ୍କର ଗାଁ ଗାଁ ବୁଲି ଅନ୍ଧାରୀବିଜେରେ ଟଙ୍କା, ମଦ ଓ ମାଂସର ଖେଳକୁ ମଧ୍ୟ ଦେଖି ଦେଖି ବେଶ ମଜା ନେଇ ପାରନ୍ତେ। ସେମାନେ ମଧ୍ୟ ଏଭଳି ପରିବାର ଦେଖନ୍ତେ ସେଇଁଠି ପରିବାରର ବାପା ଗୋଟିଏ ଦଳର ତ ମା' ଆଉ ଗୋଟିଏ ଦଳର ଆଉ ସନ୍ତାନମାନେ ଅନ୍ୟ ଦଳର। ଘର ଭିତରେ ସେମାନେ ଏକାଠି ରହୁଛନ୍ତି ମାତ୍ର ବାରଣ୍ଡା ଡେଇଁଗଲେ ଅଲଗା ଅଲଗା ଦଳର ପ୍ରଚାର କରୁଛନ୍ତି। ସେମାନେ ମଧ୍ୟ ଦେଖନ୍ତେ ନେତାମାନଙ୍କର ପରସ୍ପର ପ୍ରତି କଟୁ ଆରୋପ ଓ ଆଜିକାଲିର ବୈଷୟିକ ଜ୍ଞାନର ସାହାଯ୍ୟ ନେଇ ନିଜ ଦଳର ନିର୍ବାଚନ ପ୍ରଚାର ତଥା ବିପକ୍ଷ ନେତାଙ୍କ ଚରିତ୍ର ସଂହାର। ଭୋଟ ଦିନ କିଭଳି ଭୋଟର ଭାଇଭଉଣୀଙ୍କୁ ପ୍ରଭାବିତ କରିବା ପାଇଁ ଗାଡ଼ି ପଠାଇ ଭୋଟ କେନ୍ଦ୍ର ପର୍ଯ୍ୟନ୍ତ ଆଣିବାର ପ୍ରୟାସ ମଧ୍ୟ ଦେଖିପାରନ୍ତେ। ପର୍ଯ୍ୟଟକମାନେ ମଧ୍ୟ ନିର୍ବାଚନ ଅଲମ୍ପିକର କିଛି ନମୁନା ଦେଖିପାରିବେ। ପ୍ରାର୍ଥୀଙ୍କର ନିର୍ବାଚନ ଡିଆଁ ତ ଅଲିମ୍ପିକ ଡିଆଁଠାରୁ ଆହୁରି ପ୍ରଭାବଶାଳୀ, ଅଲିମ୍ପିକର ବର୍ଛା ଫିଙ୍ଗିବା ଭଳି ବିପକ୍ଷ ଦଳକୁ ସମାଲୋଚନାର ବର୍ଛା ଫିଙ୍ଗିବା ନିର୍ବାଚନ ସମୟରେ ପର୍ଯ୍ୟଟକ ଦେଖିପାରିବେ।

ନିର୍ବାଚନ ସମୟରେ ନୂଆ ନୂଆ ପଦ୍ଧତିରେ ଭୋଟରମାନଙ୍କୁ ପ୍ରଭାବିତ କରିବା ପାଇଁ ଦଳମାନଙ୍କର ପ୍ରଚେଷ୍ଟା ବହୁ ବର୍ଷ ଆଗରୁ ଚାଲି ଆସିଛି। ଭାରତ ବର୍ଷର

ବିଶିଷ୍ଟ ବ୍ୟଙ୍ଗଲେଖକ ଶ୍ରୀ ହରିଶଙ୍କର ପରସାଇ ଯାହାଙ୍କର ଜନ୍ମ ଶତବାର୍ଷିକୀ ପାଳନ ହେଉଅଛି ତାଙ୍କର ଅଙ୍ଗେଲିଭା ଲେଖା। ୧୯୭୭ ମସିହା ନିର୍ବାଚନ ସମୟରେ ତାଙ୍କର ଗୋଟିଏ ଗୋଡ଼ ଭାଙ୍ଗିଗଲା ଓ ସେଥିରେ ପ୍ଲାଷ୍ଟର ଲଗାହେଲା। ଜରୁରୀକାଳୀନ ପରିସ୍ଥିତି ପରେ ସେତେବେଳେ ଥିଲା କଂଗ୍ରେସ ଓ ଜନତାଦଳ ମଧ୍ୟରେ ଲଢ଼େଇ। ପରସାଇଙ୍କର ଭଙ୍ଗାଗୋଡ଼ ଓ ପ୍ଲାଷ୍ଟର ଦେଖି ପ୍ରଥମେ ଜନତା ଦଳର କିଛି କର୍ମୀ ଆସି ତାଙ୍କୁ ଦେଖା କଲେ ଓ ଭଙ୍ଗାଗୋଡ଼ ବିଷୟରେ ପଚରାଉଚରା କଲେ। ତା'ପରେ ସେମାନେ ତାଙ୍କୁ ଟିକିଏ ଚାଲିବାକୁ କହିଲେ। ସେ ଛୋଟେଇ ଛୋଟେଇ ଚାଲିବା ପରେ ପରସ୍ପର ଭିତରେ ଆଲୋଚନା କରି ତାଙ୍କୁ ଅନୁରୋଧ କରି କହିଲେ ଆପଣଙ୍କର ଭଙ୍ଗାଗୋଡ଼ ନେଇ ଆମେ ସହଯୋଗ ଚାହୁଁଛୁ। ପରସାଇ ପୁଣି ପ୍ରଶ୍ନ କରିବାରୁ କହିଲେ ଆପଣ ତ ଜାଣିଛନ୍ତି ଏହି ନିର୍ବାଚନ ଐତିହାସିକ ନିର୍ବାଚନ। ଏକଛତ୍ରବାଦ ଓ ଲୋକ ସରକାର ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା। କଂଗ୍ରେସ ସରକାର ନାଗରିକ ଅଧିକାର ଛଡ଼ାଇ ନେଇଛି। ହଜାର ହଜାର ଲୋକଙ୍କୁ ବିନା ଦୋଷରେ ଜେଲ୍‌ରେ ରଖିଛି। ଜନତା ପାର୍ଟି ଏହି ଏକଛତ୍ରବାଦୀଙ୍କୁ ଲୋପ କରି ଲୋକ ସରକାରର ପୁନଃ ସ୍ଥାପନ କରିବା ପାଇଁ ନିର୍ବାଚନ ଲଢୁଛି। ସେଥିପାଇଁ ଆପଣଙ୍କ ଭଙ୍ଗାଗୋଡ଼ର ସାହାଯ୍ୟ ଦରକାର।

**ରାତିରେ ଅଜା ଓ ଆଈ ଏକାଠି ହେଲା ପରେ ଅଜାଙ୍କ ପ୍ରଶ୍ନରେ ଆଈ ଉତ୍ତର ଦେଲା, ତମେ ମୋତେ ଦିଅ ଭୋଟ, ମୁଁ ତୁମକୁ ଦେବି ଭୋଟ।**

**ଅସଲ ଉଦ୍ଦେଶ୍ୟ**

ପରସାଇ ମହାଶୟ ଅସଲ ଉଦ୍ଦେଶ୍ୟ କ'ଣ ବୋଲି ପଚାରିବାରେ ସେମାନେ କହିଲେ ଯେ ଆପଣ ଅନୁମତି ଦିଅନ୍ତୁ ଯେ ଆମେ ପ୍ରଚାର କରିବୁ ଯେ କଂଗ୍ରେସିଆମାନେ ଆପଣଙ୍କର ଗୋଡ଼ ଭାଙ୍ଗି ଦେଇଛନ୍ତି। ଏହା ଦ୍ୱାରା ସାରା ଦେଶରେ କଂଗ୍ରେସ ବିରୁଦ୍ଧ ବାତାବରଣ ଖେଳିଯିବ।

ପରସାଇ ଏଭଳି ପ୍ରସ୍ତାବରେ ରାଜି ହେଲେ ନାହିଁ। ସେଦିନ ସନ୍ଧ୍ୟାରେ କଂଗ୍ରେସ କର୍ମୀମାନେ ଆସି ପରସାଇଙ୍କ ଗୋଡ଼ ଦେଖିଲେ ଓ ସେହିଭଳି ଅନୁରୋଧ କରି କହିଲେ ଆଜ୍ଞା ଜନତା ଦଳ ଯଦି ଜିତିଯାଏ ଦେଶ ଖଣ୍ଡ ଖଣ୍ଡ ହୋଇଯିବ, ବିକାଶ କାମ ଅଟକିଯିବ। ଦେଶର ଭବିଷ୍ୟତ ଏବେ ଆପଣଙ୍କ ହାତରେ। ଆପଣ ଖାଲି ଅନୁମତି ଦିଅନ୍ତୁ ଯେ ଆମେ ପ୍ରଚାର କରିବୁ ଆପଣଙ୍କ ଗୋଡ଼ ଜନତା ପାର୍ଟି ଲୋକ ଭାଙ୍ଗି ଦେଇଛନ୍ତି।

ପରସାଇ ସେମାନଙ୍କୁ ମଧ୍ୟ ନିଜ ଗୋଡ଼ ସମ୍ପର୍କରେ ମିଛ ପ୍ରଚାର ପାଇଁ ମନା କରିଦେଲେ।

ତା'ପର ଦିନ ପୁଣି ଦୁଇ ଦଳର କର୍ମୀମାନେ ପରସାଇଙ୍କୁ ପ୍ରବର୍ତ୍ତାଇବା ପାଇଁ ଚେଷ୍ଟା ଆରମ୍ଭ କଲେ ଓ ସେମାନଙ୍କ ମଧ୍ୟରେ ପରସାଇଙ୍କ ଭଙ୍ଗା ଗୋଡ଼କୁ ନେଇ ଯୁକ୍ତିତର୍କ ହୋଇ କଥା କଟାକଟି ହୋଇ ଶେଷରେ ହାତାହାତି ହୋଇ ମାଡ଼ ମରାମରି ହେଲେ। ପରସାଇ ଦୁଇ ଦଳର କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇ କହିଲେ ଆପଣମାନଙ୍କୁ ମୋ ଭଙ୍ଗାଗୋଡ଼ର ଆବଶ୍ୟକତା ନାହିଁ। ଆପଣ ଦୁଇ ଦଳର ଲୋକଙ୍କର ମୁଣ୍ଡ ଫାଟିଛି ଓ ନାକରୁ ରକ୍ତ ବାହାରିଛି। ତା'ର ଫଟୋ ଉଠାନ୍ତୁ ଜନତନ୍ତ୍ର ପାଇଁ ପ୍ରଚାର କରନ୍ତୁ। ସେଥିପାଇଁ ମୁଁ ସାକ୍ଷୀ ହେବା ପାଇଁ ପ୍ରସ୍ତୁତ।

ଏସବୁ କଥା ତର୍ଜମା କଲାବେଳେ ମନେ ପଡ଼େ ଚିରସବୁଜ କଣ୍ଠଶିଳ୍ପୀ ଅକ୍ଷୟ ମହାନ୍ତିଙ୍କର ଗୀତଟିଏ। ନିର୍ବାଚନ ସମୟରେ ପିଲାମାନେ ସକାଳେ ଆସି କବାଟ୍ ଖଟ୍ ଖଟ୍ କରି ଅଜାଙ୍କୁ ପଚାରିଲେ, ତମେ କାହାକୁ ଦେବ ଭୋଟ? ଅଜା ପିଲାଙ୍କୁ ଭଗାଇ ଦେଇ କହିଲେ ଆରେ ହଟ୍ ଆରେ ହଟ୍। ସେମିତି ପିଲାମାନେ ଆଈ ଗୋବର ଘଷି ପାରିବା ଜାଗାରେ ପଚାରିଲେ ଆଈ ତମେ କାହାକୁ ଦେବ ଭୋଟ- ଆଈ ମଧ୍ୟ ପିଲାଙ୍କୁ ଗାଳି ଦେଇ କହିଲା ଆରେ ହଟ୍ ଆରେ ହଟ୍। ରାତିରେ ଅଜା ଓ ଆଈ ଏକାଠି ହେଲା ପରେ ଅଜାଙ୍କ ପ୍ରଶ୍ନରେ ଆଈ ଉତ୍ତର ଦେଲା ତମେ ମୋତେ ଦିଅ ଭୋଟ, ମୁଁ ତୁମକୁ ଦେବି ଭୋଟ।

ଅକ୍ଷୟ ମହାନ୍ତିଙ୍କ କବିତା ଶୁଣିଲା ପରେ ମନରେ ଆସୁଛି କିଏ ଅଛି ଯୋଗ୍ୟ ବ୍ୟକ୍ତି କାହାକୁ ଦେବି ଭୋଟ?

□□

ଲେଖକଙ୍କ ଇ-ମେଲ ଠିକଣା:
rpitabas@yahoo.co.in



ପ୍ରବନ୍ଧ

# ଓଡ଼ିଆ କବିତାରେ ନାନ୍ଦନିକ ବିଗଳନର ଅଭିବ୍ୟକ୍ତି

ପ୍ରଫେସର ଆଦିକନ୍ଦ ସାହୁ

ନାନ୍ଦନିକତା ଅସଲରେ କଳା ଓ କବିତାର ସବୁଠାରୁ ବଡ଼ଗୁଣ। ଜନ ମଙ୍ଗଳକର ଭାବନାଜନିତ ଶିବ-ସଙ୍କଳ୍ପ ତଥା ସମୁନ୍ନତ ସୌନ୍ଦର୍ଯ୍ୟାନୁଭୂତି ଆମ ହୃଦୟକୁ ବିଗଳିତ କରିଦିଏ।

ଆମ ଚେତନାର ସବୁଠାରୁ ଉଚ୍ଚ ପାବଚ୍ଛ ବା ସ୍ତର ହେଉଛି ସୌନ୍ଦର୍ଯ୍ୟାନୁଭୂତି (ଏସ୍‌ଥେଟିକସ୍)। ଭାରତୀୟ ବାଙ୍ମୟରେ ଏହାକୁ ଆନନ୍ଦଦାନକାରୀ ନନ୍ଦନତତ୍ତ୍ୱ ବୋଲି କୁହାଯାଇଛି।

ଆମ ଓଡ଼ିଆ କବିତାର ସୁଦୀର୍ଘ ଧାରାରେ ନାନ୍ଦନିକ ବିଗଳନର ବିପୁଳ ଅଭିବ୍ୟକ୍ତି ରହିଛି; ଯାହା ଆମ କବିକୁଳର ବର୍ଣ୍ଣାଢ୍ୟ ଆତ୍ମାକୁ ପ୍ରକଟିତ କରିଛି। ନବାକ୍ଷରୀରେ ରଚିତ ଜଗନ୍ନାଥ ଦାସଙ୍କ ଭାଗବତ ଭାବୋଦୟ ଦୃଷ୍ଟିରୁ ଏକ ସାରସ୍ୱତ ବିସ୍ମୟ; ଯାହାର ଅଧିକାଂଶ ପଦପଙ୍କ୍ତି ସେହି ବିରଳ ବିଲୋଳ ଅନୁଭବ ଦ୍ୱାରା ଏତେ ମାର୍ମିକ ଯେ କୌଣସି ଭାଗବତ ପାଠକ କବି ପ୍ରାଣର ଅନନ୍ୟ ବିଗଳନକୁ ଗଭୀର ଚିତ୍ତ ପ୍ରଶାନ୍ତି ଭିତରେ ଉପଲବ୍ଧି କରେ।



ଅନନ୍ତ ବାରିରାଶିର ବିସ୍ତାର ସପକ୍ଷରେ ଧ୍ୟାନସ୍ଥ ହୋଇ ମହାକବି ଜଗନ୍ନାଥ ଦାସ ଗାଇଛନ୍ତି ଗହଳ ଚହଳ ବିବର୍ଜିତ ନୀରବିତ ଜୀବନର ମହାନୁଭବକୁ। ସାତଲହଡ଼ି ମଠର ନିର୍ବେଦ ମୌନତା ଚତୁର୍ଦ୍ଦିଗରେ ବିଛାଡ଼ି ହୋଇ ପଡ଼ିଥାଏ।

ଏକାକିତ୍ୱର ବାସନା ନାନ୍ଦନିକ ବିଗଳନର ଗୋଟେ ବଡ଼ ଅନୁଭବ। ସାଧକ ଶିରୋମଣି ଜଗନ୍ନାଥ ଦାସ ଗାଇଛନ୍ତି :

'ସବୁରି ସଙ୍ଗେ ସଙ୍ଗ ହେବ  
ଅନ୍ତରେ ନିରୋଳେ ରହିବ।  
ତୋଡ଼ି ଯେସନେ ପଙ୍କେ ଥାଇ,  
ତା' ଦେହେ ପଙ୍କ ନ ଲଗାଇ।'

ଜୀବନାନୁଭୂତି ଯେଉଁଠି ଯେତେ ଗଭୀର ହେବ ବିଗଳନର ଭାବ ସେଇଠି ସେତେ ଝରି ହୋଇ ପଡ଼ିବ।

ରବୀନ୍ଦ୍ର ନାଥ କେଉଁ ଅଭିମାନରେ ଏ ଧାଡ଼ି କେତୋଟି ଉଚ୍ଚାରଣ କରିଛନ୍ତି ଯାହା ଅନେକଙ୍କୁ ସ୍ତବ୍ଧ କରିଦିଏ।

'ଯଦି ତୋର ଡାକ ଶୁନେ କେଉ ନା ଆସେ  
ତବେ ଏକଲା ଚଲୋରେ  
ଏକଲା ଚଲୋ ଏକଲା ଚଲୋ  
ଏକଲା ଚଲୋରେ।'

ଏହା କବି-ଅନ୍ତରର ଏକାନ୍ତ ହାର୍ଦ୍ଦିକ ବାଣୀ। ରବୀନ୍ଦ୍ରଙ୍କ ଏ ଧାଡ଼ି କେତୋଟି ଶୁଖିଲା ଆଭିଧାନିକ ଶବ୍ଦର ସମାହାର କେବଳ ନୁହେଁ। କବିର ବିଭୋରପଣିଆ ଆଉ ତା' ବିଗଳିତ ଚିତ୍ତବୃତ୍ତିର ନାନ୍ଦନିକ ତଲ୍ଲୀନତା ପାଠକ ଅନ୍ତରକୁ ସଞ୍ଚରି ଆସେ।

'ଅନେକ ଜନ୍ମ ଚିତା ଫଳେ, ମାନବ ଜନ୍ମ ମହୀତଳେ।' ପଙ୍କ୍ତି କେବେ ଶବ୍ଦ ଯୋଡ଼ାଣର ସଂରଚନାଗତ ବିଷୟ ନୁହେଁ; ତାହା ବରଂ ସିଦ୍ଧପୁରୁଷ ଅଭିମନ୍ତ୍ରିତ ଉଚ୍ଚାରଣ। ମହର୍ଷି ବ୍ୟାସଙ୍କର ଏ ବାଣୀ ତାଙ୍କ ଋଷି କଣ୍ଠର – 'ନହି ମନୁଷ୍ୟାତ୍ ଶ୍ରେଷ୍ଠତରଂ ହି କିଞ୍ଚିତ।' ବିଗଳିତ କବି ପ୍ରାଣର ଏ ରସାର୍ଦ୍ର ଭାଷା ପାଠକକୁ ମନ୍ତ୍ରବାକ୍ୟ ଭଳି ବିଭୋର କରିଦିଏ।

## ଆତ୍ମ ଅଭିଷେକ

ଜୀବନଟା ତମାମ୍ ଏକ ରସୋତ୍ତୀର୍ଣ୍ଣ ବିଷୟ; ଅଥଚ ମାଟି ଗୋଡ଼ିର ଏ କ୍ଳେଦାକ୍ତ ପୃଥିବୀରେ ଆମ ଘର। ଆମେ ଏକାକିତ୍ୱକୁ ବରଣ କରି ଭାବ ରାଜ୍ୟରେ ଆମେ ନିଜକୁ ଅଭିଷିକ୍ତ କରୁ। ଏମିତି ଅଭିଷେକ ପରେ ଟଙ୍କା ସୁନାର ଆମର ଏ ପାର୍ଥିବ ଜୀବନ ଆମକୁ ତୁଚ୍ଛ ଲାଗେ। କବିଙ୍କ ଏ ବିଗଳିତ ଭାବ ଓ ଭାଷାର କବିତା ଆମକୁ ଏପରି ପ୍ରବୋଧିତ କରିଦିଏ ଯେ ଆମେ ଏସ୍‌ଥେଟିକସର କୋମଳ କୋଳକୁ ଟାଣି ହୋଇ

ଯାଉ ।

ସେଇ ଏକାନ୍ତ ସୌନ୍ଦର୍ଯ୍ୟତାତ୍ତ୍ୱିକ ନିର୍ଜନତାର ଅନୁଭବରୁ ଦୁର୍ଲଭ ସର୍ଜନଶୀଳତା ମିଳେ; ହୁଏତ ଯେଉଁ ଉପାର୍ଜନକୁ ଆମେ କୌଣସି ତରାଜୁରେ ମାପି ପାରୁନା ।

ଏସଥେଟିକସ୍‌ର କୋମଳ କୋଳରେ ବସି ଆମେ ଅନୁଭବ କରୁ ଯେ ମନୁଷ୍ୟ ହୃଦୟ ମହାମୁକ୍ତିର ପ୍ରସ୍ରବଣ, ଆଉ ଆମକୁ ଲାଗେ ଯେ ଆମ ଏ ଜୀବନ ଆକାଶମୁଖୀ ପକ୍ଷୀର ଗୋଟେ ଉଚ୍ଛ୍ୱସିତ ଉଡ଼ାଣ ।

ସୁନ୍ଦର ବସ୍ତୁ କେବଳ ପ୍ରବୋଧିତ କରି ଦିଏନା, ଉତ୍ସର୍ଗୀକୃତ ଭାବ ଭାବନା, ଉଚ୍ଚତର ମାନବପ୍ରୀତି ଓ ସମ୍ବେଦନଶୀଳତା ବି ଆମକୁ ବିଗଳିତ କରିଦିଏ । ପ୍ରେମ କରୁଣାରେ ଆମ ଜୀବନ ଉଲ୍ଲସିତ ହୋଇ ଉଠେ ।

ଭୀମଭୋଇଙ୍କ ପରି ମହାନ ସନ୍ଥକବି ଯେତେବେଳେ ଗାଇଛନ୍ତି 'ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ, ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ ।' ସେ ପ୍ରେମ ଓ କରୁଣାର ଧାଡ଼ି ଆମକୁ ବିଗଳିତ କରିଦିଏ । ତାହା ସତରେ ଆମକୁ ସ୍ୱର୍ଗୀୟ ଲାଗେ, ଆମକୁ ଆବିଷ୍ଟ କରିପକାଏ ।

**ଏସ୍‌ଥେଟିକସ୍‌ର ସଂଯୋଗ ଆମ ଜୀବନକୁ ମିଠାଗୀତ ପଦେ କରିଦିଏ । ସୁଖର ଲାଳସା ସେଠି ଆମ ଉପରେ ସବାର ହୁଏନି ।**

ଆମକୁ ସେତେବେଳେ କବି ଜଣେ ଋଷି ଭଳି ଲାଗନ୍ତି । ତାହା ଆମକୁ ସର୍ବୋତ୍ତମ ପ୍ରାର୍ଥନା କାବ୍ୟ ଭଳି ଲାଗେ ।

**ଜୀବନ ଓ ଜଗତର ଜୟଗାନ**

ତା'ପରେ ଏ ଜୀବନ ଓ ଜଗତର ଜୟଗାନ ଆମ ଅନ୍ତରକୁ ପ୍ଲାବିତ କରିଦିଏ । ଗୋପବନ୍ଧୁ ଦାସଙ୍କ 'ମିଶୁ ମୋର ଦେହ ଏ ଦେଶ ମାଟିରେ, ଦେଶବାସୀ ଚାଲି ଯାଆନ୍ତୁ ପିଠିରେ' ଧାଡ଼ି ସବୁ ଆମ ଅନ୍ତରକୁ ବିଗଳିତ କରିଦିଏ । ଆମକୁ କବିଙ୍କର ଅକୃତ୍ରିମ ଦେଶପ୍ରୀତି ମୁଗ୍ଧ କରେ ।

ଯେ ପୁଣି ଆପଣା ଜୀବନକୁ ନେଇ ସନ୍ତୁଷ୍ଟ ନୁହେଁ, ସେ ଈଶ୍ୱରଦ୍ରୋହୀ ଭଳି ଲାଗନ୍ତି । ଅମାପ ଦୁଃଖରେ ଥାଇ ବି ଯେ ତା' ଜୀବନକୁ ଆନନ୍ଦ ବିଭୋର ମନେ କରେ ସେ ଈଶ୍ୱରଙ୍କ ଶ୍ରେଷ୍ଠ ପୂଜାରୀ ବନି ଯାଆନ୍ତି । ସବୁଜ କବି ବୈକୁଣ୍ଠ ନାଥଙ୍କ ଏହି ବିଗଳିତ ପ୍ରାଣର ଉଚ୍ଚାରଣ ପାଠକଙ୍କ ପାଇଁ କେତେ ସ୍ମରଣୀୟ ହୋଇ ରହେ ।

ବୈକୁଣ୍ଠନାଥଙ୍କ ଏ ପଦପଙ୍‌କ୍ତି - 'ଜୀବନପାତ୍ର ମୋ ଭରିଛ କେତେ ମତେ ନ ଦେଲ ବୋଲି କିଛି କହିବି କିଏ ଆଉ ।' ଏହି ବିଗଳିତ ପ୍ରାଣର ଅଭିଲିପି ଆମକୁ ଏତେ ପ୍ରଭାବିତ କରେ ଯେ ଯନ୍ତ୍ରଣାରେ ଛଟପଟ ହେଉଥିବା ନିପୀଡ଼ିତ ଜଣେ ସେଇ ଧାଡ଼ିକୁ ସ୍ୱତଃ ଗାଇଦିଏ - ଜୀବନପାତ୍ର ମୋ ଭରିଛ କେତେ ମତେ ।

କବିଙ୍କ ସବୁ କବିତା ଆକୁ ବିଗଳିତ କରିପାରେନା । ଶବ୍ଦ ଯୋଡ଼ି ଦେଇ ଜଣେ କବି ଏମିତି ବିଗଳନର କବିତା ଲେଖିପାରେନା ।

ହୃଦୟ ଢାଳି ନ ଦେଲେ ଜଣେ ସେ ବିଗଳନର ମୂର୍ଚ୍ଛନା ସୃଷ୍ଟି କରିପାରିବନି । ଏସ୍‌ଥେଟିକସର ଚରମ ଲକ୍ଷ୍ୟ ହେଉଛି ତାହା ।

ଏସ୍‌ଥେଟିକସ୍‌ର ସଂଯୋଗ ଆମ ଜୀବନକୁ ମିଠାଗୀତ ପଦେ କରିଦିଏ । ସୁଖର ଲାଳସା ସେଠି ଆମ ଉପରେ ସବାର ହୁଏନି ।

କବିଟିଏ ଭାବ ଜଗତର ବିଧାଣି ବନିଯାଏ ।

ଭକ୍ତକବି ଦୀନକୃଷ୍ଣ, ସାଲବେଗ, ଭକ୍ତ ଚରଣ ଦାସ, ଗୋପାଳ କୃଷ୍ଣ, ବନମାଳୀଙ୍କ ଏମିତି ସବୁ ଧାଡ଼ି ଅଛି ଯାହା ମନକୁ ଉଲ୍ଲସିତ କରିଦିଏ । ଦୀନକୃଷ୍ଣଙ୍କ 'ଆର୍ତ୍ତତ୍ରାଣ ଚଉତିଶା' ସେହିପରି ବିଗଳିତ ଭାବ ଚେତନାର ରଚନା ଯାହା କୋଟି ଭକ୍ତ ପ୍ରାଣକୁ ଦୋହଲାଇଦିଏ । ମହୋଦଧି କୂଳ ବଡ଼ଦାଣ୍ଡରେ ଘୋଷଯାତ୍ରା ଦିନ ଯେତେବେଳେ ଉଦାର କଣ୍ଠରେ ଗୀତ ହେଇଥାଏ- 'କୃପାସିନ୍ଧୁ ବଦନ କରି ଅବଲୋକନ' ସେତେବେଳେ ଦାଣ୍ଡ ଭକ୍ତିରସରେ ଉଦ୍‌ବେଳିତ ହୋଇ ଯାଉଥାଏ ।


ସୁଦୀର୍ଘ ଓଡ଼ିଆ କବିତା ଧାରାରୁ ଶତ ସହସ୍ର ପଦପଙ୍‌କ୍ତି ଏମିତି ଉଦ୍ଧାର କରାଯାଇପାରେ ଯାହା କୋଟି ଅନ୍ତରକୁ ବିଗଳିତ କରିଦିଏ । ସେମିତି ପଦପଙ୍‌କ୍ତି ଭିତରେ ବିଶ୍ୱର ଅଗଣିତ ମଣିଷଙ୍କ ବିଭୋର ଆତ୍ମା ମୁଖରିତ ହେଉଥାଏ ।

ସେଇ ସବୁ ବିଗଳନର କବିତା ପଢ଼ିଲେ ଜଣେ ତା' ଜୀବନର ପ୍ରାଣରସକୁ ବାରବାର ଚାଖେ । ଏ ସୁନ୍ଦର ପୃଥିବୀକୁ ଦେଖିବା ପାଇଁ ସେ ପ୍ରଣୋଦିତ ହୁଏ ।

## ବୈରାଗ୍ୟର ଅନୁଭବ

କବି ରାଧାନାଥ ଓ ଗଙ୍ଗାଧରଙ୍କ ପ୍ରକୃତି ପ୍ରେମର ଶ୍ରଦ୍ଧାନ୍ୱିତ ଧାଡ଼ି ସବୁ ଚିରକାଳ ଆମକୁ ବିଗଳିତ କରୁଥାଏ। ରାଧାନାଥଙ୍କ 'ସଂସାରେ ଥାଇ ମୁଁ ସଦା ଉଦାସୀନ ଉଦାସୀନ ପ୍ରାୟ କଟାଇଲି ଦିନ' ପଦପଙ୍କ୍ତି ଆମକୁ ବୈରାଗ୍ୟର ଅନୁଭବ ଆଣିଦିଏ; ଅସୀମ ପଥର ଯାତ୍ରୀ ହେବା ପାଇଁ ଯାହା ଦର୍କାର। ଜୀବନର ବୈରାଗ୍ୟକୁ ନ ବୁଝି ଜୀବନକୁ ଭଲ ପାଇ ହେବନି।

ସେମିତି ସେଇ ଭାବର ଗୋଟେ ଧାଡ଼ି ହେଉଛି - 'ବିଜନତା କାହିଁ ତୋ ବେଶ ମୋହନ,' ଅବାଧ ଅବିମିଶ୍ର ନିର୍ଜନତା କବିଙ୍କୁ ଅନୁପ୍ରେରିତ କରେ ଆତ୍ମାର ଏହି ନିଷ୍କରୁଣ ଉଦାସୀନତାକୁ ଲେଖିବା ପାଇଁ। ବିଶ୍ୱବିଖ୍ୟାତ ସଙ୍ଗୀତଜ୍ଞ ବିଥୋଭେନଙ୍କ ସିମ୍ଫୋନିର ଲାଳିତ୍ୟ ପରି ଲାଗେ 'ସବୁଥିରୁ ବଞ୍ଚିତ କରି କେଉଁ ଯଶବାନା ଉଡ଼ାଇବ ହେ।'



ମଣିଷ ମନର ସ୍ମୃତି ତରଳିବା ପାଇଁ ଏହି ନିକାଞ୍ଚନ ହିଁ ଲୋଡ଼ା।

ରବୀନ୍ଦ୍ରନାଥ ଗଭୀର ମାର୍ମିକତାର ଏଇ ଧାଡ଼ିଟିଏ - 'ଆମାୟେ ତୁମି ଅଶେଷ କରେଛ ଦାନ' ପରି ଅନେକ ଅସ୍ପର୍ଥକ ଧାଡ଼ି ମାନ ରହିଛି ଆମ ପ୍ରାଚୀନ ମଧ୍ୟଯୁଗୀୟ ଓଡ଼ିଆ କବିତା ଧାରାରେ।

ଭଲ ପାଇବାର ପରିସୀମା ଆମ ଜୀବନଠାରୁ ବି ବୃହତ୍ତର ଆଉ ଆକାଶଠାରୁ ଅସୀମ। ଅଭିମନ୍ୟୁ, କବିସୂର୍ଯ୍ୟ, ଉପେନ୍ଦ୍ର ଭଞ୍ଜଙ୍କ ପରି ମାୟାଧର ମାନସିଂହ ପ୍ରେମପୂର୍ଣ୍ଣ ବିଗଳିତ ହୃଦୟର ଉପଲବ୍ଧିକୁ ସୃଜନ ରସିକତା ଭିତରେ ସ୍ଥାପନା କରିଛନ୍ତି। ମାନସିଂହଙ୍କ ପ୍ରେମ କବିତା ସବୁ ବିଗଳନର ମହାଭାଷ୍ୟ ଭଳି ଲାଗେ।

ପ୍ରେମ ବିଗଳିତ ପ୍ରାଣର ଭାଷା ହେଉଛି ତାଙ୍କ କବିତା। ଏଇ ଦି'ଧାଡ଼ି ଦୃଷ୍ଟାନ୍ତ ସ୍ୱରୂପ ତାଙ୍କ ଏକାନ୍ତ ଆତ୍ମନିଷ୍ଠ ଭାବ ପ୍ରବଣତାର ସ୍ୱାକ୍ଷର।

'ଧୂପସମ ଦଗ୍‌ଧ ହୋଇ ବାଷ୍ପ ଯିବି ହୋଇ
ପ୍ରଣୟର ଅଗ୍ନିଶେଯେ ପ୍ରଣୟ ଉଠୁଯିବି ଥୋଇ।'

ମାନସିଂହଙ୍କ 'ଧୂପ'ର ସବୁ କବିତା ପ୍ରାୟ ତାଙ୍କ ବିଗଳିତ କି ପ୍ରାଣର ଏକ ଏକ ଆଲେଖ୍ୟ। ଏହା ସତ୍ୟ ଯେ, ଯେଉଁ କବିତା ଯେତେ ବେଶି ଆତ୍ମନିଷ୍ଠ, ସେଇ କବିତା ସେତେ ବେଶି ବିଗଳିତ ଚିତ୍ତର। ପଲ୍ଲୀକବି ନନ୍ଦକିଶୋର ବଳଙ୍କ ଏ କବିତା–

'ଭାବର ଆଦେଶେ ଦୂର ପରବାସେ
ମନେପଡ଼େ ପ୍ରିୟା ଯାହା
ତାହାରି ସଙ୍ଗତେ ଦରଶନ ଦିଏ
ଅତୀତ ଜୀବନ ଛାୟା।'

ପାରସିକ ପ୍ରେମିଳତାର ପ୍ରେମ ବିଳାସୀ କବି ବିନୋଦ ଚନ୍ଦ୍ର ନାଏକଙ୍କ ରକ୍ଷାବୃତ୍ତ ଆଉ ନୀଳ ଚନ୍ଦ୍ରର ଉପତ୍ୟକାରେ ଭରି ହୋଇ ରହିଛି ବିଗଳିତ ଚିତ୍ତର ଭାବନା।

'ଆହୁରି ଅଛି ତ ଆନ ନୀଳାକାଶ ଶସ୍ୟଭୂମି
ଆନ ସୃଷ୍ଟି ସେ ଦେବତାର
ଦିନସରେ ତହିଁ ଅଳସ ବିଳାସେ ରାତି ଆସେ
ଶୟନ ସୋହାଗେ
ବନିତାର।' (ଇଳାବୃତ୍ତ)

ସୌଭାଗ୍ୟ ମିଶ୍ରଙ୍କ ଅନ୍ଧ ମହୁମାଛି, ବିଭୁଦତ୍ତ ମିଶ୍ରଙ୍କ ଉର୍ବଶୀର ଚିଠି, ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ବୈରାଗୀ ଭ୍ରମର ସମେତ ତାଙ୍କ ଅନ୍ୟ କବିତା ଗ୍ରନ୍ଥର ଅଧିକାଂଶ କବିତା ପ୍ରେମ ପ୍ରଣୋଦିତ ଆତ୍ମ ବିଗଳନର ବିଦଗ୍ଧ ଭାଷା ରୂପ।

ଭାନୁଜୀ ରାଓ, ବେଣୁଧର ରାଉତ, କୃଷ୍ଣଚନ୍ଦ୍ର ତ୍ରିପାଠୀ, ରମାକାନ୍ତ ରଥଙ୍କ କବିତାର ଅନେକ ଧାଡ଼ି ଏଇ ପ୍ରେମ ବୈଦଗ୍ଧ ବିଗଳନର ସ୍ୱାକ୍ଷର ବହନ କରିଛି।

ଏ ସମୟ ଖଣ୍ଡର ଆଉ ଜଣେ ବଡ଼ କବି ଦୀପକ ମିଶ୍ର ଯେ ତାଙ୍କ ପରିଚିତ ଚିତ୍ରୋତ୍ପଳା ନଈକୁ ନେଇ ଭାରି ଭାବପ୍ରବଣ ହୋଇ ଉଠିଛନ୍ତି। ତାଙ୍କର ସେ ଭାବପ୍ରବଣତାରୁ ତାଙ୍କ କାବ୍ୟିକ ବିଗଳନକୁ ଲକ୍ଷ୍ୟ କରାଯାଇପାରେ।

ଆଉ ଜଣେ ବିଗଳିତ ପ୍ରାଣର ବର୍ଷୀୟାନ କବି ହେଉଛନ୍ତି ସଚ୍ଚି ରାଉତରାୟ, ଯେ ଲେଖିଛନ୍ତି 'ମୁଁ ସଚ୍ଚି ରାଉତରା (ନୁହେଁ ଟାଗୋର ବା ଶେଲୀ) ମୁଁ ଏଇ ମାଟିର ଧରା, ଆଉ ଆକାଶର କବି, କାମ ନୁହେଁ ମୋ ଖାଲି ଆଙ୍କିବା କାଗଜରେ ଛବି।

ପେସାଦାର ଗାୟକ ମୁଁ ନୁହଁ, ତୁମେ ମୋର ଛପା ବହି ଯେତେବେଳେ ଛୁଅଁ, ଛୁଅଁ ନୂଆ ମଣିଷର ଛାତି।'

ଯେଉଁ କବିର ପ୍ରାଣ ଅଧିକରୁ ଅଧିକ ଭୂମି ସଂଲଗ୍ନ ଆଉ ଯେ ପୂରା ମାତ୍ରାରେ କନଫେସ କରେ ଆମେ ସେଇଠି ଗୋଟେ ବିଗଳନର ଝଲସ ପାଉ। ନିମଜ୍ଜିତ କବିଚିତ୍ତ କେବଳ ତା' ଉଲ୍ଲାସ, ତ' ବିଗଳନର ଭାଷା କହିବାରେ ମୁଖର ହୁଏ।

ଗଦ୍ୟଛନ୍ଦରେ ଲେଖିଥିଲେ ବି ଏଇ ସମୟ ଖଣ୍ଡର ସମର୍ଥ କେତେକ ଆଧୁନିକ କବି ବିଗଳିତ ଚିତ୍ତର ଅନୁଭବକୁ ନାନା ମତେ ଲେଖିଛନ୍ତି ପ୍ରତୀକ ଓ ମେଟାଫରର ସହାୟତାରେ। ଏହି ପ୍ରସଙ୍ଗରେ ସେଇ ସବୁ କବିଙ୍କୁ ଉଲ୍ଲେଖ କରାଯାଇପାରେ।

ମମତାମୟୀ କବି ସୂର୍ଯ୍ୟ ମିଶ୍ର, ବିପିନ ନାୟକ, ଅକ୍ଷୟ ବେହେରା, ଗୋପାଳକୃଷ୍ଣ ରଥ, ଅଶ୍ୱିନୀ କୁମାର ମିଶ୍ର, ପ୍ରଦ୍ୟୁମ୍ନ କେଶରୀ ସେନାପତି, ରୁନୁ ମହାନ୍ତି, କେଦାର ମିଶ୍ର, ସରୋଜ ବଳଙ୍କ କେତେକ କବିତାରେ ଆତ୍ମବିଭୋର ପଣିଆ ଜନିତ ବିଗଳନକୁ ଲକ୍ଷ୍ୟ କରାଯାଇପାରେ।

**ଆମ ଓଡ଼ିଆ କବିତାରେ ଏହି ନାନ୍ଦନିକ ବିଗଳନର ଗଭୀର ଛାପ ଆମ କବିତାର ପ୍ରେମ ପୁଲକ ଓ ବିଭୋରପଣିଆକୁ ଅତୁଳନୀୟ କରିଛି।**

**ଛାୟା ପୁରୁଷ**

ଜଣେ କବିତା ଲେଖକ ନିଜ ଜୀବନକୁ ରଚନାରେ ମିଶାଇଥିବା କାରଣରୁ ଆଉ ଜଣେ କେହି ତୃତୀୟ ପୁରୁଷ ନୁହନ୍ତି ସ୍ୱୟଂ ଲେଖକ ହିଁ ତାଙ୍କ ଲେଖାର ଛାୟା ପୁରୁଷ ହୋଇଥାଆନ୍ତି। ଏଯାବତ୍ ଓଡ଼ିଆ କବିତାକୁ ଏଇ ସ୍ଥିତିବାଦୀ ଆତ୍ମନିଷ୍ଠତାର ଗୁଣ ଅଧିକ ପ୍ରଭାବିତ କରିପାରି ନାହିଁ।

ସୁନ୍ଦର ଜୀବନ ବଞ୍ଚିବାର ସ୍ୱପ୍ନ ବିଭୋର କରୁଥିବା କବିଙ୍କ କବିତାରେ ଏହି ନାନ୍ଦନିକ ବିଗଳନର ମାତ୍ରା ଅଧିକ। କାନ୍ତକବିଙ୍କ 'ଦେ ମୋତେ ଲଙ୍ଗଳା କରି ଆରେ ମୋର ବାଇଆ ରଜା, ନାଚିବି ମୁଁ ଲଙ୍ଗଳା ହୋଇ ତାଳିମାରି ଦେଖିବୁ ମଜା' ପଦରେ ବିଗଳନର ଚରମ ଅଭିବ୍ୟକ୍ତି ସଂଘଟିତ ହୋଇଛି। ସେମିତି କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ 'କେଉଁ ନାମ ଧରି ଡାକିବି ତୁମକୁ ତୁମେ ଯେ ସର୍ବନାମ' ଧାଡ଼ି ସବୁ ତାଙ୍କ ବିଭୋର ଭାକ୍ତିକତାର ଚରମ ପ୍ରକାଶ; ପାଠକକୁ ଭାରି ବିଗଳିତ କରି ଦେଇପାରେ ଯେ ଧାଡ଼ିସବୁ।

ପ୍ରୟୋଜନର ଉର୍ଦ୍ଧ୍ୱରେ ସୌନ୍ଦର୍ଯ୍ୟାନୁଭୂତି ଏକ ଭାବଗତ ବିଷୟ ଯାହା ସେହି ଭାବରେ ନାନ୍ଦନିକ। ଆମ ଓଡ଼ିଆ କବିତାରେ ଏହି ନାନ୍ଦନିକ ବିଗଳନର ଗଭୀର ଛାପ ଆମ କବିତାର ପ୍ରେମ ପୁଲକ ଓ ବିଭୋରପଣିଆକୁ ଅତୁଳନୀୟ କରିଛି।

ନାନ୍ଦନିକ ରସନିବିଡ଼ତା ଆମ ସୁଦୀର୍ଘ କବିତା ଧାରାର ସବୁଠାରୁ ବଡ଼ଗୁଣ। ଆମ ସୌନ୍ଦର୍ଯ୍ୟ ତତ୍ତ୍ୱର ପ୍ରାଥମିକ ଲକ୍ଷଣ ହେଉଛି ଅତ୍ୟୁଚ୍ଚ ନାନ୍ଦନିକତା। ବସ୍ତୁନିଷ୍ଠ ଜ୍ଞାନର ପ୍ରାବଲ୍ୟ ଆଜି ଆଧୁନିକ କବିତାରୁ ନାନ୍ଦନିକତାକୁ ଊଣା କରି ଦେଇନି। ବହୁଭାବରେ ଆଙ୍ଗିକ ବଦଳୁଥିଲେ ବି କବିକର୍ମରେ ମଗ୍ନ ତରୁଣମାନେ ଆଜି ପ୍ରେମ ଓ ସୌନ୍ଦର୍ଯ୍ୟକୁ ବର୍ଣ୍ଣନା କରିବାରେ ଅଧିକ ମୁଖର। ଆତ୍ମକଥନ ପ୍ରବଣତା ସାଂପ୍ରତିକ କବିତାରେ ଅଧିକ ବାରି ହୋଇ ପଡୁଛି।

ବିଗଳିତ ହେବାର ଆତ୍ମନିଷ୍ଠତା ଆମ କବିତାକୁ ତଥାପି ରସସିକ୍ତ କରିଛି। ତରୁଣ ପ୍ରବୀଣ ଯେଉଁ ଯଶପ୍ରାର୍ଥୀ ମନ୍ଦ କବିମାନେ ବ୍ୟଞ୍ଜନାର ଗୁଣଗୌରବ ନ ଥିବା ଅଭିଧାନିକ ଶବ୍ଦରେ କବିତା ରଚନା କରୁଛନ୍ତି କାଳ ସେମାନଙ୍କୁ ଖତଗଦାକୁ ଫିଙ୍ଗି ଦେବ।

ବିଗଳିତ ଚେତନାର ଅସଲ କବି ଜଣେ କାବ୍ୟିକତାର ବଳୟ ଡେଇଁ ଗୋଟେ ଉଚ୍ଚତର ଆଧ୍ୟାତ୍ମିକ ରହସ୍ୟମୟ ଜଗତ ଆଡ଼େ ମୁହେଁଇଥାଆନ୍ତି। ରାଧାନାଥଙ୍କ ଚିଲିକା ତମାମ ସେପରି ଆତ୍ମ ବିଗଳନର ଗୋଟେ ନାନ୍ଦନିକ ଅଭିବ୍ୟକ୍ତି ଯେଉଁଠି ଲବଣାକ୍ତ ହୃଦୟଟି କବିଙ୍କ ସଖୀ ହୋଇ ଯାଇଛି। ରାଧାନାଥଙ୍କ ଚିଲିକା କାବ୍ୟର ଆତ୍ମ ବିସ୍ମୃତି, ଏଇ ଧାଡିଗୁଡ଼ିକ : 'ସଖୀପ୍ରାୟେ ତୋତେ ସ୍ୱରୁ ଥିଲି ନିତି। ମାଗୁଛି ମେଲାଣି ଚିଲିକା ତୋ ଠାରେ।'

ଗୋପବନ୍ଧୁଙ୍କ 'ଭାର୍ଗବୀ' ପ୍ରତି ପଦ୍ମଚରଣ ପଟ୍ଟନାୟକଙ୍କ 'ଧଉଳି ପାହାଡ଼' ମାୟାଧର ମାନସିଂହଙ୍କ 'ମହାନଦୀରେ ଜ୍ୟୋତ୍ସ୍ନା ବିହାର' ସେହି ବିଗଳିତ ଚେତନାର ଏକ ଏକ କାବ୍ୟକୃତି, ଯାହା ଆମକୁ ଚିରକାଳ ହୁଏତ ପ୍ରବୋଧିତ କରିବ।

□□


ଲେଖକଙ୍କ ଇ-ମେଲ ଠିକଣା:
adikandas64@gmaill.com

**ସାକ୍ଷାତକାର**

# ପ୍ରବୀଣ ପ୍ରାବନ୍ଧିକ ବୈଷ୍ଣବ ଚରଣ ମହାନ୍ତିଙ୍କ ସହ ଅନ୍ତରଙ୍ଗ ଆଳାପ

*ଲବ୍ଧପ୍ରତିଷ୍ଠ ସାହିତ୍ୟିକ ବୈଷ୍ଣବ ଚରଣ ମହାନ୍ତି ଓଡ଼ିଆ ପ୍ରବନ୍ଧ-ସାହିତ୍ୟର ଜଣେ ଅଗ୍ରଣୀ ସ୍ରଷ୍ଟା ଭାବରେ ସୁପରିଚିତ। ୧୯୫୪ ମସିହାରେ ଜନ୍ମିତ ଶ୍ରୀ ମହାନ୍ତି ଓଡ଼ିଶା ଗଣଶିକ୍ଷା ନିର୍ଦ୍ଦେଶାଳୟର ପ୍ରାକ୍ତନ ସହ ନିର୍ଦ୍ଦେଶକ ଥିଲେ। ନିଜର ପ୍ରବନ୍ଧ ସଂକଳନ ପାଇଁ ସେ ୨୦୦୪ ମସିହାରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରରେ ସମ୍ମାନିତ ହୋଇଥିଲେ। ତା'ଙ୍କ ସହିତ ବାର୍ତ୍ତାଳାପ କରିଥିଲେ 'ସାହିତ୍ୟ ଚର୍ଚ୍ଚା'ର ସମ୍ପାଦକ ନିହାର ଶତପଥୀ।*

**ସାହିତ୍ୟ ଚର୍ଚ୍ଚା:** ଆପଣ ଓଡ଼ିଶା ସାହିତ୍ୟ ଏକାଡେମୀ ସମେତ ବିଭିନ୍ନ ଅନୁଷ୍ଠାନ ତରଫରୁ ଯେଉଁ ପୁରସ୍କାରମାନ ପାଇଛନ୍ତି ସେ ସବୁ ପ୍ରବନ୍ଧ ବା ରମ୍ୟ ରଚନା ପାଇଁ। ଏ ଦୃଷ୍ଟିରୁ ଆପଣଙ୍କୁ ଓଡ଼ିଆ ସାହିତ୍ୟର ପ୍ରବନ୍ଧ ପୁରୁଷ ବୋଲି କହିଲେ କିଛି ଭୁଲ ହେବ କି?



**ବୈଷ୍ଣବ ମହାନ୍ତି** (ହସି): ମୁଁ ସେମିତି କିଛି ନାମ ସହିତ ନିଜକୁ ଯୋଡ଼ିବାକୁ ଚାହୁଁନି। ପ୍ରବନ୍ଧ ଲେଖୁଛି ଚାଳିଶ ବର୍ଷ ଧରି। କିନ୍ତୁ ମୁଁ ପ୍ରଥମେ ଲେଖା ଆରମ୍ଭ କରିଥିଲି କବିତାରୁ। ତା'ପରେ ୧୯୭୦-୭୧ରେ ନାଟକ ଲେଖିଲି ରେଡିଓ ପାଇଁ। ତା'ପରେ ଗଳ୍ପ ବି ଲେଖିଲି।

**ସାହିତ୍ୟ ଚର୍ଚ୍ଚା:** ତେବେ ପୁଣି ପ୍ରବନ୍ଧକୁ କେମିତି ଆସିଲେ ?

**ବୈଷ୍ଣବ ମହାନ୍ତି** : ମୁଁ ଦେଖିଲି ଯେ ପ୍ରବନ୍ଧ କେହି ଲେଖୁନାହାନ୍ତି। ମାଟ୍ରିକ୍ ପର୍ଯ୍ୟନ୍ତ ଆମ ସମସ୍ତଙ୍କୁ ପ୍ରବନ୍ଧ ଓ ପତ୍ରଲିଖନ ପଢ଼ାଯାଏ, କବିତା ଲିଖନ କି ଗଳ୍ପ ନାଟକ ଲିଖନ ପଢ଼ାଯାଏ ନାହିଁ। କିନ୍ତୁ ମାଟ୍ରିକ ପରେ କେହି ପ୍ରବନ୍ଧ ଲେଖନ୍ତି ନାହିଁ, କି ପଢ଼ନ୍ତି ନାହିଁ; କାରଣ ତାହାକୁ କେହି ପଢ଼ନ୍ତି ନାହିଁ, ସେଥିରେ ପୁରସ୍କାର ନାହିଁ, କି ପ୍ରଶଂସା ନାହିଁ। ପ୍ରବନ୍ଧକୁ ଏହି ଦୁର୍ଦ୍ଦଶାରୁ ଉଦ୍ଧାର କରିବା ମାନସରେ ଲେଖିଲି।

**ସାହିତ୍ୟ ଚର୍ଚ୍ଚା:** ଆମ ମତରେ, ଆପଣ ପ୍ରବନ୍ଧ ସାହିତ୍ୟକୁ ଏକ ନୂଆ ପରିଚୟ ଦେଇଛନ୍ତି; ସେହିଭଳି ପ୍ରବନ୍ଧ ସାହିତ୍ୟ ମଧ୍ୟ ଆପଣଙ୍କୁ ଏକ ପରିଚୟ ଦେଇଛି।

**ବୈଷ୍ଣବ ମହାନ୍ତି** : ସେ ମୋତେ ପରିଚୟ ଦେଇଛି ସତ; କିନ୍ତୁ ମୁଁ ତା'କୁ ପରିଚୟ ଦେଇଛି ବୋଲି କୁହାଯାଇପାରିବ ନାହିଁ।

**ସାହିତ୍ୟ ଚର୍ଚ୍ଚା:** ସାହିତ୍ୟଧର୍ମୀ ପ୍ରବନ୍ଧ କହିଲେ ଯାହା ବୁଝାଏ, ତାହା ଆମେ ଆପଣଙ୍କ ରଚନାରେ ଦେଖିବାକୁ ପାଉ। ଅର୍ଥାତ୍ ସେହି 'ଜନ୍‌ର'ଟିକୁ ଆପଣ ଆଗକୁ ବଢ଼ାଇଛନ୍ତି।

**ବୈଷ୍ଣବ ମହାନ୍ତି** : ମୋ ମତରେ, ସାହିତ୍ୟର ଧର୍ମ ହେଉଛି ସମାଜକୁ ସଜାଡ଼ିବା। ପ୍ରବନ୍ଧସାହିତ୍ୟର ଏଡ଼େ ପ୍ରଚଣ୍ଡ ଶକ୍ତି ଅଛି ଯେ ସେ ଏହା ଯଥାର୍ଥ ଭାବରେ କରିପାରିବ; ଏବଂ ପ୍ରବନ୍ଧ ପାଖରେ ସମସ୍ତେ ମୁଣ୍ଡ ନୁଆଁନ୍ତି, ସେ ଗପ ହେଉ, ନାଟକ ହେଉ, କି କବିତା ହେଉ। ସାହିତ୍ୟର ସମସ୍ତ

ବିଭାଗମାନଙ୍କ ମଧ୍ୟରେ ବୁଢ଼ା ମଣିଷଟା ହେଉଛି ପ୍ରବନ୍ଧ।

**ସାହିତ୍ୟ ଚର୍ଚ୍ଚା**: ଓଡ଼ିଆରେ ପ୍ରବନ୍ଧ ସାହିତ୍ୟକୁ ଯେଉଁ ଅବହେଳା କରାଯାଉଛି, ଆମେ ଆପଣଙ୍କୁ ତାହା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାର ମଧ୍ୟ ଦେଖିଛୁ। ଏହାର ଭିତ୍ତି କ'ଣ ?

**ବୈଷ୍ଣବ ମହାନ୍ତି** : ଅସଲ କଥା ହେଉଛି, ପ୍ରବନ୍ଧ କେହି ଲେଖୁନାହାନ୍ତି କି ପଢୁନାହାନ୍ତି। ମୁଁ ପରା କହିଲି ଯେ ସମସ୍ତେ ମାଟ୍ରିକ ପର୍ଯ୍ୟନ୍ତ ପ୍ରବନ୍ଧ ଲେଖି ଲେଖି ଆସିଲେ; କିନ୍ତୁ ତା'ପରେ କେହି ଲେଖିଲେନି। ବିଶେଷ କରି, ଏହା କହିଲେ ମୋତେ କେହି ଖରାପ ଭାବିପାରନ୍ତି, ଅଧ୍ୟାପକ ବନ୍ଧୁମାନେ ଯେଉଁ ପ୍ରବନ୍ଧ ଲେଖୁଛନ୍ତି ସେଥିରେ ଥାଏ, 'ଗଙ୍ଗାଧରଙ୍କ ସାହିତ୍ୟରେ ଗାଈ', 'ଫକୀରମୋହନ ସାହିତ୍ୟରେ ଷଣ୍ଢ'। ଏହା କ'ଣ ପ୍ରବନ୍ଧ ?

**ସାହିତ୍ୟ ଚର୍ଚ୍ଚା**: ଆପଣଙ୍କର ପ୍ରବନ୍ଧଗୁଡ଼ିକ ଅଧ୍ୟାପକୀୟ ପ୍ରବନ୍ଧଠାରୁ ଭିନ୍ନ।

**ବୈଷ୍ଣବ ମହାନ୍ତି** : ଥରେ ମହାପାତ୍ର ନୀଳମଣି ସାହୁଙ୍କ ପାଖରେ ମୁଁ ବସିଥିଲି; ଆଉ ଦୁଇ ଚାରି ଜଣ ବି ସେଠି ଥିଲେ। ସେମାନଙ୍କ ମଧ୍ୟରୁ ଜଣେ କହିଲେ ଯେ, ବୈଷ୍ଣବ ବାବୁ ଯଦି ଜଣେ ଅଧ୍ୟାପକ ହୋଇଥାଆନ୍ତେ ତେବେ ଆହୁରି ଭଲ ଲେଖି ଥାଆନ୍ତେ। ମହାପାତ୍ର ନୀଳମଣି ସାହୁ କହିଲେ, 'ତୁମେ ତା'କୁ ମାରିଦେବା ପାଇଁ ବସିଛ ନା କ'ଣ ? ସେ ଯଦି ଅଧ୍ୟାପକ ହୋଇଥାଆନ୍ତା, କେବଳ ଅଧ୍ୟାପକୀୟ ପ୍ରବନ୍ଧ ଲେଖିଥାଆନ୍ତା। ଏ ପ୍ରବନ୍ଧ ତୁମେ ତା'ଠାରୁ ପାଇ ନ ଥାନ୍ତ।'

**"ତୁମେ ତା'କୁ ମାରିଦେବା ପାଇଁ ବସିଛ ନା କ'ଣ ? ସେ ଯଦି ଅଧ୍ୟାପକ ହୋଇଥାଆନ୍ତା, କେବଳ ଅଧ୍ୟାପକୀୟ ପ୍ରବନ୍ଧ ଲେଖିଥାଆନ୍ତା। ଏ ପ୍ରବନ୍ଧ ତୁମେ ତା'ଠାରୁ ପାଇ ନ ଥାନ୍ତ।"**

**ସାହିତ୍ୟ ଚର୍ଚ୍ଚା**: ଗତ ବର୍ଷ ସାରଳା ପୁରସ୍କାରର ଚୟନ ପ୍ରକ୍ରିୟା ଚାଲିଥିବା ବେଳେ ଏଥିପାଇଁ ପ୍ରବନ୍ଧ ସାହିତ୍ୟକୁ ବିଚାରକୁ ନିଆଯାଏ ନାହିଁ ବୋଲି ତଥ୍ୟଟି ଯେତେବେଳେ ସାମ୍ନାକୁ ଆସିଲା, ସେତେବେଳେ ଆପଣ ଏହା ବିରୋଧରେ ପ୍ରକାଶ୍ୟରେ ପ୍ରତିବାଦ କରିଥିଲେ।

**ବୈଷ୍ଣବ ମହାନ୍ତି** : ନିଶ୍ଚୟ।

**ସାହିତ୍ୟ ଚର୍ଚ୍ଚା**: କିନ୍ତୁ ଏହାର ଫଳ କ'ଣ ହେଲା ? ପରବର୍ତ୍ତୀ ବର୍ଷ ମଧ୍ୟ ସେମାନେ ସେହି ପ୍ରବନ୍ଧବିରୋଧୀ ନୀତି ଅନୁସରଣ କରିଥିଲେ।

**ବୈଷ୍ଣବ ମହାନ୍ତି** : ଗୋଟିଏ ଅପ୍ରିୟ ସତ୍ୟ ହେଲା ଯେ ଆଜିକାଲି ବିଭିନ୍ନ ପୁରସ୍କାରର ଚୟନ ପ୍ରକ୍ରିୟାରେ ଯେଉଁମାନେ ସଂପୃକ୍ତ ରହୁଛନ୍ତି ସେମାନଙ୍କ ମଧ୍ୟରେ କବିଙ୍କର ସଂଖ୍ୟା ଅଧିକ।

**ସାହିତ୍ୟ ଚର୍ଚ୍ଚା**: ଓଡ଼ିଆ ଲିପିର ସଂସ୍କାର ପାଇଁ ଚାଲିଥିବା ଉଦ୍ୟମ ପ୍ରସଙ୍ଗରେ ଆପଣଙ୍କର ଗୋଟିଏ ନିର୍ଦ୍ଦିଷ୍ଟ ନୀତି ଅଛି, ଯାହାର ଝଲକ ଆମେ ଆପଣଙ୍କର ବିଭିନ୍ନ ପ୍ରବନ୍ଧରେ ପାଉ। ଆପଣ କ'ଣ ଭାବନ୍ତି ଯେ ଓଡ଼ିଆ ଲିପିରେ ସଂସ୍କାରର ଆବଶ୍ୟକତା ନାହିଁ ?

**ବୈଷ୍ଣବ ମହାନ୍ତି** : ନା। ଶୁଣନ୍ତୁ, ମୁଁ ଗୋଟିଏ ପ୍ରବନ୍ଧରେ ମଧ୍ୟ ଏ କଥା କହିଛି। ଆପଣ ଗାଈ ଦୁହିଁ ପାଇଲେ ଖାଣ୍ଟି କ୍ଷୀର; ତାକୁ ବସେଇ ଲହୁଣି ବାହାର କଲେ; ଲହୁଣି ମାରିକରି ଘିଅ ବାହାର କଲେ। ଘିଅ ପରେ ଆଉ କ'ଣ ଅଛି ? ବହୁକାଳ ଧରି ଆମର ଭାଷା ପରିଶୁଦ୍ଧ ହୋଇଆସିଛି; ଆଉ କ'ଣ ବଦଳିବାର ଅଛି ?

**ସାହିତ୍ୟ ଚର୍ଚ୍ଚା**: ନୂଆ ପିଢ଼ିର ପିଲାମାନଙ୍କୁ ଆମର ଭାଷା କିମ୍ବା ଲିପି ଆୟତ୍ତ କରିବା ପାଇଁ ଯେପରି ଅସୁବିଧା ନ ହୁଏ, ତାହା ଦେଖିବା ବୋଧହୁଏ ସଂସ୍କାରବାଦୀମାନଙ୍କର ଉଦ୍ଦେଶ୍ୟ।

**ବୈଷ୍ଣବ ମହାନ୍ତି** : ମୋ'ର ମତ ହେଲା ଯେ ଯେଉଁ ପିଲା ବର୍ଣ୍ଣବୋଧ ପଢ଼ିଛି, ସେ ଡିଟିପି ଭଲ କରିପାରିବ, ମୋବାଇଲ୍‌ରେ ମଧ୍ୟ ଭଲ ଓଡ଼ିଆ ଲେଖିପାରିବ। ବର୍ଣ୍ଣବୋଧକୁ ଲେଖିଥିବା ଭକ୍ତକବି ମଧୁସୂଦନ ରାଓ ଜଣେ ଶିକ୍ଷକ ଥିଲେ; ଜଣେ ଅଧ୍ୟାତ୍ମବାଦୀ ପୁରୁଷ ଥିଲେ; ଚିନ୍ତାଶୀଳ ବ୍ୟକ୍ତି ମଧ୍ୟ ଥିଲେ। ତାଙ୍କର ଭାଷା ପ୍ରୀତି ଥିଲା। ବହୁ ଚିନ୍ତା କରି ସେ ଏହାକୁ ଲେଖିଥିଲେ।

**ସାହିତ୍ୟ ଚର୍ଚ୍ଚା**: ଆପଣ ଓଡ଼ିଶା ସରକାରଙ୍କ ଗଣଶିକ୍ଷା ବିଭାଗରେ ଥାଇ ପିଲାମାନଙ୍କ ଅକ୍ଷର ଶିକ୍ଷା ପୁସ୍ତକ ପ୍ରଣୟନର ଅଭିଜ୍ଞତା ଅର୍ଜନ କରିଛନ୍ତି। ଅକ୍ଷର ଶିଖାଇବା ପାଇଁ ଯେଉଁ ତିନୋଟି ପଦ୍ଧତି ଅଛି, ସେଥି ମଧ୍ୟରୁ 'ସିନ୍ଥେଟିକ' ପଦ୍ଧତିର ଆପଣ ଜଣେ ପକ୍ଷଧର ବୋଲି ଠାଏଁ ଲେଖିଥିଲେ।

**ବୈଷ୍ଣବ ମହାନ୍ତି** : ସେହି ତିନୋଟି ପଦ୍ଧତି ହେଲା, 'ସିନ୍ଥେଟିକ୍', 'ଆନାଲିଟିକ୍' ଓ 'ଏକ୍‌ଲେକ୍‌ଟିକ୍'। ଏ ତିନୋଟି ମଧ୍ୟରୁ ମୁଁ ପାରମ୍ପରିକ ଅର୍ଥାତ୍ ସିନ୍ଥେଟିକ ପଦ୍ଧତିଟିକୁ


ଅଧିକ ଉପଯୁକ୍ତ ବୋଲି ବିଚାର କରେ। ଏହାର ଅର୍ଥ ହେଲା ଅ, ଆ ରୁ ଆରମ୍ଭ କରି ସେହି କ୍ରମରେ ହିଁ ପିଲାମାନଙ୍କୁ ଅକ୍ଷର ଶିକ୍ଷା ଦିଆଯିବା ଉଚିତ।

**ସାହିତ୍ୟ ଚର୍ଚ୍ଚା**: 'ଲେଖି ନ ଜାଣି ଅକ୍ଷର ଦୋଷ' ଆପଣଙ୍କର ଗୋଟିଏ ବହୁଚର୍ଚ୍ଚିତ ପୁସ୍ତକ। ଆପଣ ଓଡ଼ିଆ ଭାଷା ପ୍ରସଙ୍ଗରେ ନିଜର ବକ୍ତବ୍ୟକୁ ଏମିତି ରୋକ୍‌ଠୋକ୍ ଭାବରେ ପ୍ରକାଶ କରିବାକୁ କେମିତି ସକ୍ଷମ ହେଲେ ?

**ବୈଷ୍ଣବ ମହାନ୍ତି** : ସତ କଥାଟା ଜଣେ କହିବନି କାହିଁକି ? ସତ ହେଉଛି ମାତ୍ର ଗୋଟିଏ, ତାହାର ବିକଳ୍ପ ନାହିଁ। ତେଣୁ ସତ କଥାଟିଏ କହିଲେ ତା'କୁ ବିରୋଧ କରିବାକୁ କେହି ସାହସ କରନ୍ତି ନାହିଁ।

**ସାହିତ୍ୟ ଚର୍ଚ୍ଚା**: ଏମିତି ବହି ସବୁ ଲେଖିବାକୁ ଆବଶ୍ୟକ ଜ୍ଞାନ ଓ ତଥ୍ୟ ଆହରଣ ପାଇଁ ଆପଣଙ୍କର ମୂଳ ସ୍ରୋତ କ'ଣ ?

**ବୈଷ୍ଣବ ମହାନ୍ତି** : ମୁଁ ଜଣେ ଲେଖକ ବୋଲି କେବେ ନିଜର ପରିଚୟ ଦେଇନି। ମୁଁ ହେଲି ଜଣେ ପାଠକ, ଏବଂ ପ୍ରବଳ ପଢ଼େ। ଦ୍ୱିତୀୟ କଥା ହେଲା, ମୁଁ ଯାହା ବି ସଂଗ୍ରହ କରିଛି ତାହା ଗାଆଁରୁ। ମୁଁ ଖାଣ୍ଟି ଗାଉଁଲି ଲୋକଟା। ଗାଆଁର ସଂସ୍କୃତି ଓ ଚଳଣିରୁ ମଧ୍ୟ ମୁଁ ଜ୍ଞାନ ଆହରଣ କରିଛି। ଏ ବହିଟି ହେଉଛି ମୋ'ର ସେବର କଥା, ଯେବେ କରୋନା ଆସିଲା। ମୁଁ ଚାରିଥର କରୋନାରେ ପଡ଼ିଲି। ସେହି ସମୟରେ ଘରେ ରହି ମୋ ପାଖରେ ଥିବା ବହିସବୁ ପଢ଼ିଲି ଏବଂ ଅନୁଭବ କଲି ଯେ ଭାଷା ପ୍ରସଙ୍ଗକୁ ନେଇ ଏକ ପ୍ରବନ୍ଧ ପୁସ୍ତକ ଲେଖାଯିବାର ଆବଶ୍ୟକତା ଅଛି। ଆଉ ଗୋଟିଏ କଥା, ଆପଣ କେବେ ଭାବିବେନି ଯେ ମୁଁ ଡକ୍ଟରେଟ୍ କରିଛି।




**ସାହିତ୍ୟ ଚର୍ଚ୍ଚା**: ସେକଥା କିଛି ମାନେ ରଖେ ନାହିଁ। ପିଏଚ୍.ଡି ନ କରିଥିଲେ ବି ଜ୍ଞାନ ଓ ଗରିମାରେ ଆପଣ କେଉଁ ଡକ୍ଟର ଉପାଧିଧାରୀଙ୍କଠାରୁ ଊଣା କି ! ସେଦିନ ଶାନ୍ତନୁ ରଥଙ୍କର ଆତ୍ମଜୀବନୀର ଉନ୍ମୋଚନ ସଭାରେ ଆମେ ଦେଖିଲୁ ଯେ ମଞ୍ଚ ଉପରେ ସମସ୍ତେ ଆପଣଙ୍କୁ ଡକ୍ଟର ବୈଷ୍ଣବ ମହାନ୍ତି ବୋଲି ସମ୍ବୋଧନ କରୁଥିଲେ।

**ବୈଷ୍ଣବ ମହାନ୍ତି** : ମଞ୍ଚ ଉପରେ ବସି ଏହା ଶୁଣିଲା ବେଳକୁ ମୋତେ ବଡ଼ ଅଡୁଆ ଲାଗୁଥାଏ, କଷ୍ଟ ମଧ୍ୟ। କୁହନ୍ତୁ, ମୋତେ ଯଦି ଜଣେ ଚୋର ବୋଲି କୁହାଯିବ, ତେବେ କଷ୍ଟ ଲାଗିବ ନା ନାହିଁ!

**ସାହିତ୍ୟ ଚର୍ଚ୍ଚା**: ଡକ୍ଟରେଟ୍ ସହିତ ଚୌର୍ଯ୍ୟବୃତ୍ତିର ବା ସମ୍ପର୍କ କ'ଣ ?

**ବୈଷ୍ଣବ ମହାନ୍ତି** : (ହସି ଉଠିଲେ) ମୋତେ ଯେଉଁଟା କେହି କେବେ ଦେଇନି ତାହାକୁ ଆଣି ମୁଁ ନିଜର ନାଁରେ ବ୍ୟବହାର କରିବି କେମିତି!

**ସାହିତ୍ୟ ଚର୍ଚ୍ଚା**: 'ପାନ ଓ ପ୍ରିୟତମା' ଆପଣଙ୍କର ଏକ ଲୋକାଦୃତ ପୁସ୍ତକ, ଯାହା ପାଇଁ ଆପଣ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରରେ ମଧ୍ୟ ସମ୍ମାନିତ ହୋଇଛନ୍ତି। ପାନ ଭଳି ସାମାନ୍ୟ ବିଷୟକୁ ନେଇ ଏଭଳି ଗୁରୁତ୍ୱପୂର୍ଣ୍ଣ ଗ୍ରନ୍ଥଟିଏ ଲେଖିବାର ପ୍ରେରଣା ଆପଣ କେଉଁଠାରୁ ପାଇଲେ ?

**ବୈଷ୍ଣବ ମହାନ୍ତି** : ମୁଁ ଏ କଥା ମୁଖବନ୍ଧରେ ଲେଖିଛି। ବାପା ମରିଯିବା ପରେ ମୋ ବୋଉ ପାନ ଖାଇବା ଛାଡ଼ିଦେଲା। ପୂର୍ବରୁ ସେ ପ୍ରଚୁର ପାନ ଖାଉଥିଲା। ବୋଉ ସବୁବେଳେ କହୁଥିଲା ଯେ 'ମୋ ପୁଅ ଚାକିରି କଲେ ମୁଁ ପାନ ଖାଇବି।' ମୁଁ ଚାକିରି କରିବା ତ ଦୂରର କଥା, ମୋ'ର ମାଟ୍ରିକ ପରେ ପି.ୟୁ. ପରୀକ୍ଷା ଦେବାକୁ ତିନିଦିନ ଅଛି, ବୋଉ ଚାଲିଗଲା। ଦେହାନ୍ତ ପରେ ତା'ର ପାନଡାଲା, ଗୁଆକାତି, ଏସବୁ ନେଇ ମୁଁ ଯେ ଶ୍ମଶାନରେ ଥୋଇ ଆସିଲି; ସେଇଟା ମୋ ଜୀବନର ସବୁଠାରୁ ବଡ଼ ଦୁଃଖ। ମୋ'ର ଅଚେତନ ମନରେ ଥିଲା ଯେ, ମୁଁ ତ ଆଉ ବୋଉକୁ ପାନ ଖୋଇପାରିଲିନି। ଅନ୍ତତଃ ଏ ବିଷୟରେ ବହିଟିଏ ଲେଖି ବୋଉକୁ ଉତ୍ସର୍ଗ କରିବି। ଏହା ହିଁ 'ପାନ ଓ ପ୍ରିୟତମା' ବହିଟି ପଛରେ ଥିବା ପ୍ରେରଣା ଓ ପ୍ରଚୋଦନା ବୋଲି କହିଲେ ଠିକ୍ ହେବ।

**ସାହିତ୍ୟ ଚର୍ଚ୍ଚା**: ଆମେ ଶୁଣିଲୁ ଯେ ଏହାର ପରବର୍ତ୍ତୀ

ସଂସ୍କରଣ ପାଇଁ ଆପଣ ଏବେ ପ୍ରସ୍ତୁତ ହେଉଛନ୍ତି । ଏହା କେବେ ବଜାରକୁ ଆସିବ ?

**ବୈଷ୍ଣବ ମହାନ୍ତି** : ବହିଟିର ନୂଆ ସଂସ୍କରଣ ପାଇଁ ପ୍ରସ୍ତୁତି ପ୍ରାୟ ସରିଯାଇଛି ଏବଂ ଏହା ପାଠକଙ୍କ ନିକଟରେ ଶୀଘ୍ର ପହଞ୍ଚିବ ।

**ସାହିତ୍ୟ ଚର୍ଚ୍ଚା:** ଏହି ସଂସ୍କରଣରେ ଆମେ ଅଧିକା କ'ଣ ପାଇବା ?

**ବୈଷ୍ଣବ ମହାନ୍ତି**: ଏହି କୋଡ଼ିଏ ବର୍ଷ ଭିତରେ ବହୁତ ପରିବର୍ତ୍ତନ ହୋଇଯାଇଛି ପାନର । ସେତେବେଳେ ଫଟୋଚିତ୍ର ବିଶେଷ ଦେଇ ହେଉ ନ ଥିଲା । ଏବେ ଅନେକ ନୂଆ ନୂଆ ଫଟୋଚିତ୍ର ଅନ୍ତର୍ଭୁକ୍ତ ହେବ । ପାନର ଅନେକ ନୂଆ ନୂଆ କିସମ ମଧ୍ୟ ବାହାରିଲାଣି, ପାନ ଚାଷର ପଦ୍ଧତିରେ ମଧ୍ୟ ବହୁତ ଉନ୍ନତି ହେଲାଣି, ଏଗୁଡ଼ିକ ପ୍ରତିଫଳିତ ହେବ ନୂଆ ସଂସ୍କରଣରେ ।

**ସେ ସେତେବେଳେ ମୋତେ ଫୋନ୍ କରିଥିଲେ । ତା'ଙ୍କ କଥା ଶୁଣି ମୋ ଆଖିରୁ ଲୁହ ଗଡ଼ିଆସିଲା ।**

**ସାହିତ୍ୟ ଚର୍ଚ୍ଚା**: ବହିଟି ପାନ ବିଷୟରେ ଯେତିକି ନୁହଁ, ଏକ ଚମତ୍କାରୀ ପ୍ରବନ୍ଧ ସାହିତ୍ୟର ଦୃଷ୍ଟାନ୍ତ ଭାବରେ ବରଂ ଅଧିକ ଆଦୃତ ।

**ବୈଷ୍ଣବ ମହାନ୍ତି** : ମୁଁ ପ୍ରବନ୍ଧଟାକୁ ଟିକିଏ ମିଠା କରିବାକୁ ଚାହେଁ । ଆଜିର ପାଠକ ପ୍ରବନ୍ଧରୁ ମୁହଁ ଫେରାଇ ନେଉଛି । କିନ୍ତୁ ପ୍ରବନ୍ଧରୁ ପଢ଼ି ପାଠକ ଯଦି ହସିଲା ଟିକିଏ, ଖୁସି ହେଲା ଟିକିଏ, ସେ କେବେହେଲେ ତାହାକୁ ଛାଡ଼ିବନି ।

**ସାହିତ୍ୟ ଚର୍ଚ୍ଚା**: ଏ ଦୃଷ୍ଟିରୁ ଆମେ ଭାବୁ ଯେ ଆମର ପ୍ରବନ୍ଧ ସାହିତ୍ୟକୁ ଯେଉଁମାନେ ସମୃଦ୍ଧ କରିଛନ୍ତି, ଯଥା ଗୋବିନ୍ଦ ରଥ, ଚିତ୍ତରଞ୍ଜନ ଦାସ, ଶରତ ମହାନ୍ତି – ସେହି ଧାରାରେ ଆଗକୁ ଏକ ପ୍ରମୁଖ ଭୂମିକା ତୁଲାଇଛନ୍ତି ଆପଣ ବି ।

**ବୈଷ୍ଣବ ମହାନ୍ତି** : ମୁଁ ନିମିତ୍ତ ମାତ୍ର ସାଧକଟିଏ ଆଜ୍ଞା, ସେଇ ମହାନ୍ ସ୍ରଷ୍ଟାମାନଙ୍କ ସହିତ ତୁଳନୀୟ ନୁହେଁ ।

**ସାହିତ୍ୟ ଚର୍ଚ୍ଚା**: ଆପଣଙ୍କର ଆଉ ଗୋଟିଏ କ୍ଲାସିକ୍ ବହି ହେଉଛି 'ବୋଉ ବିଶ୍ୱବିଦ୍ୟାଳୟ' । ଥରେ ବର୍ଷୀୟାନ ଲେଖକ ଅଚ୍ୟୁତାନନ୍ଦ ପତି ଆମକୁ କହିଲେ ଯେ ସେ ଗଭୀର ଅବସାଦଗ୍ରସ୍ତ ଅବସ୍ଥାରେ ଥିବାବେଳେ ଏହି ବହିଟି ପଢ଼ି ମାନସିକ ଉପଶମ ପାଇଥିଲେ; ଏବଂ ଏହା ତାଙ୍କ ପାଇଁ ଏକ ଔଷଧ ଭଳି କାର୍ଯ୍ୟ କରିଥିଲା ।

**ବୈଷ୍ଣବ ମହାନ୍ତି**: ସେ ସେତେବେଳେ ମୋତେ ଫୋନ୍ କରିଥିଲେ । ତା'ଙ୍କ କଥା ଶୁଣି ମୋ ଆଖିରୁ ଲୁହ ଗଡ଼ିଆସିଲା । ସେ କହିଲେ, ମୋତେ ଆସି ଏତେ ବୟସ ହେଲାଣି; ତମର ବହି ପଢ଼ି ଯେଉଁ ପ୍ରକାର ଶିହରଣ ଆସିଲା, ମୋ ଶ୍ରୀମତୀ ଆମ୍ବୁଲାନ୍ସ୍‌ରେ ହସ୍ପିଟାଲ ଚାଲିଯିବା ପରେ ରାତିଯାକ ସେଇଟି ଧରି ବସିଛି । ଏ ବହିଟି ପଢ଼ି ମୁଁ ମୋ ଦୁଃଖ ଭୁଲିଯାଉଛି ।

**ସାହିତ୍ୟ ଚର୍ଚ୍ଚା**: ଆପଣ ଓଡ଼ିଆ ଭାଷାର ସର୍ବାଧିକ ଆତ୍ମଜୀବନୀ ପୁସ୍ତକ ସଂଗ୍ରହ କରି ସେଗୁଡ଼ିକ ଅଧ୍ୟୟନ କରିଥିବାର ଶ୍ରେୟ ରଖନ୍ତି । ଆପଣଙ୍କ ବ୍ୟକ୍ତିଗତ ଲାଇବ୍ରେରୀରେ ଏ ପର୍ଯ୍ୟନ୍ତ ୪୫୬ଟି ଆତ୍ମଜୀବନୀ ସଂଗୃହୀତ ହୋଇସାରିଲାଣି । ଏମିତି ଏକ ଝୁଙ୍କ ଆପଣଙ୍କୁ କାହିଁକି ଛୁଇଁଲା ?

**ବୈଷ୍ଣବ ମହାନ୍ତି** : ମୁଁ ଏଗୁଡ଼ିକ ସଂଗ୍ରହ କଲି ଏଇଥିପାଇଁ ଯେ ଆତ୍ମଜୀବନୀ ସାହିତ୍ୟ ହେଉଛି ଏକ ସାମାଜିକ ଇତିହାସ । ଆମର ଚଳଣି, ପରମ୍ପରା, ସଂସ୍କୃତି, ଲୋକ ସାହିତ୍ୟ ଆଦି ସବୁ ଆମେ ପାଇଥାଉ ସେଥିରୁ ।

**ସାହିତ୍ୟ ଚର୍ଚ୍ଚା**: ଆପଣ କେବଳ ଜଣେ ଲବ୍ଧପ୍ରତିଷ୍ଠ ଲେଖକ ହିଁ ନୁହନ୍ତି, ଜଣେ ନିଷ୍ଠାପର ସାହିତ୍ୟ ସଂଗଠକ ମଧ୍ୟ । ଆପଣଙ୍କର ମାନସ ସନ୍ତାନ 'ବନ୍ଧୁଘର ସାହିତ୍ୟ ପିଣ୍ଡା' ବର୍ତ୍ତମାନ ସାହିତ୍ୟିକ ବିଚାର ବିମର୍ଶର ଏକ ପ୍ରମୁଖ ମଞ୍ଚ । ଭଗ୍ନ ସ୍ୱାସ୍ଥ୍ୟ ଓ ବୟସାଧିକ୍ୟ ସତ୍ତ୍ୱେ ଆପଣଙ୍କ ଦ୍ୱାରା ଏହି ଅନୁଷ୍ଠାନର ମାସିକ ଅଧିବେଶନଗୁଡ଼ିକ ନିୟମିତ ଭାବରେ ଆୟୋଜନ କରିବା ସମ୍ଭବ ହେଉଛି କିପରି ?

**ବୈଷ୍ଣବ ମହାନ୍ତି** : ମୁଁ ଭାବେ ଯେ ଜୀବନଟା ସାରା ମୋ'ର ରୋଗଗ୍ରସ୍ତ ହୋଇ ବିତିଛି; କେତେକ ଦୁର୍ଘଟଣାର ମଧ୍ୟ ସାମ୍ନା କରିଛି । କିନ୍ତୁ ରୋଗ କି ବ୍ୟାଧିରେ ପଡ଼ିଲେ ମୁଁ ଉଠିକରି ବସେ । ମୁଁ ରୋଗ ସହିତ ଏକ ପ୍ରକାରର ପ୍ରତିଯୋଗିତା କରି ଚାଲିଥାଏ । ତାକୁ ପରାହତ କରି, ଯେତେ ଅସୁବିଧା ପଡୁ ପଛେ, ମୁଁ ସାହିତ୍ୟ ପିଣ୍ଡାରେ ଠିଆ ହୋଇପଡ଼େ । ଏଥିରେ ମୁଁ ସୁସ୍ଥ ମଧ୍ୟ ହୋଇଯାଏ ।

**ସାହିତ୍ୟ ଚର୍ଚ୍ଚା**: ଆଜିର ଏହି ଅନ୍ତରଙ୍ଗ ବାର୍ତ୍ତାଳାପଟି ପାଇଁ ଆପଣଙ୍କୁ ଅଶେଷ ଧନ୍ୟବାଦ ।

□□


ଗଳ୍ପ



# ମହାର୍ଘ ପିତୃତ୍ୱ

ଜୟନ୍ତୀ ସାହୁ

ଅଫିସ୍‌ରୁ ଫେରି ଘରେ ଗୋଡ଼ ଦେଉ ନ ଦେଉଣୁ ସ୍ତ୍ରୀ ସୁନୀତା ଆସି ଘରର ଅଭିଯୋଗ ଫର୍ଦ୍ଦ ସୁନିଲ୍‌ଙ୍କ ପାଖେ ଗୋଟାକ ପରେ ଗୋଟାକ ବାଢ଼ି ବସିଲା। ପ୍ରଥମାଷ୍ଟମୀ ପାଇଁ ଆସନ୍ତାକାଲି ବାପା ସାନଭଉଣୀ ମୀରା, ନୀଲୁ ଓ ଶୀଲାର ଶାଶୁଘରକୁ ତାଙ୍କ ପିଲାମାନଙ୍କ ପାଇଁ ଡ୍ରେସ, ମିଠା ଆଦି ନେଇକରି ଯିବେ। ସେଥିପାଇଁ ଆଜି ରାତିରେ ହିଁ ଡ୍ରେସ୍ କିଣିବା ପାଇଁ ସୁନୀଲ୍ ପାଖରୁ ପଇସା ଚାହୁଁଛନ୍ତି। ତା'ପରେ ଇଞ୍ଜିନିୟରିଂ ପଢୁଥିବା ସାନଭାଇ ଅନୀଲ କୁଆଡ଼େ ଆଜି ତା' ଭାଉଜ ଓରଫ୍ ସୁନୀତାକୁ ଫୋନ୍ କରି କହିଛି ଯେ ଆସନ୍ତା ମାସରେ ତା'ର ସେମିଷ୍ଟର ପରୀକ୍ଷା ପାଇଁ ରେଜିଷ୍ଟ୍ରେସନ୍ ଫି' ଏବଂ ମାସକର ହଷ୍ଟେଲ ଖର୍ଚ୍ଚ କଲେଜରେ ଦେବାକୁ ପଡ଼ିବ। ସେଥିପାଇଁ ଭାଇଙ୍କୁ କହିବ ଶୀଘ୍ର ମୋ ଆକାଉଣ୍ଟରେ ଟଙ୍କା ଡିପୋଜିଟ୍ କରିଦେବେ। ବୋଉଙ୍କ ଶ୍ରାଦ୍ଧ ଆଉ କମ୍ ଦିନ ରହିଲା। ତା' ପାଇଁ ସକଳ ସରଞ୍ଜାମ କିଣି ପ୍ରସ୍ତୁତ ହେବାକୁ ପଡ଼ିବ। ତା'ପରେ ପୁଣି ସାନ ପିଉସୀଙ୍କ ଝିଅ ବାହାଘର ଆଉ ପନ୍ଦର ଦିନରେ ହେବ । ଆଜି ଆସି ପିଉସୀ ପିଉସା ଗୁଆ ଦେଇ ବନ୍ଧୁ ସଂଖୋଳି ଯାଇଛନ୍ତି। ବାପା କହୁଛନ୍ତି ଅତି କମ୍‌ରେ ବାହା ବେଦୀ ବନ୍ଦାଣରେ ଝିଅକୁ କାନଫୁଲ, ଜ୍ୱାଇଁକୁ ସୁନାମୁଦିଟିଏ ନ ଦେଲେ କଥା ଅସୁନ୍ଦର ହେବ। ବନ୍ଧୁବାନ୍ଧବ ଛିଗୁଲେଇ କହିବେ। ତା'ପରେ ପୁଣି ଝିଅର ଆଟାଚି, ଶାଢ଼ି, ମନୋହର ସରଞ୍ଜାମ ଓ ଭାର ବେଭାର ସବୁ ପିଉସୀଙ୍କ ଘରକୁ ବାହାଘର ଦିନ ଯିବ। ଏମିତି ଗୋଟିକ ଉପରେ ଗୋଟିଏ ଘଟଣାକୁ ବୟାନ କରୁଥିଲେ ସୁନୀତା ତାଙ୍କ ଭାରି ଭାରି କଣ୍ଠ ସ୍ୱରରେ । ଆଉ ଅଧିକ ସମୟ ସୁନୀତାଙ୍କ କଥାକୁ ଦୀର୍ଘ ହେବାକୁ ନ ଦେଇ ଏକରକମ କ୍ରୋଧରେ ଗର୍ଜି ଉଠିଲେ ସଦ୍ୟ ଅଫିସ୍ ଫେରନ୍ତା ସୁନୀଲ। ମୁଁ ଦେଖୁଛି ତମ କଥା ଶେଷ ହେବ ନାହିଁ କି ପରିବାରର ସମସ୍ୟା ମଧ୍ୟ କେବେ ଶେଷ ହେବ ନାହିଁ।



ଏଥର ସବୁତକ ରାଗକୁ ବାପାଙ୍କ ଉଦ୍ଦେଶ୍ୟରେ ହିଁ ଆକ୍ଷେପ ରୂପକ ବାକ୍ୟବାଣରେ ପ୍ରୟୋଗ କଲେ। ବାପାଙ୍କୁ ଲକ୍ଷ୍ୟ କରି ସହଧର୍ମିଣୀ ସୁନୀତାଙ୍କୁ ଶୁଣେଇ ଦେଲେ- "କ'ଣ କରିଛନ୍ତି କି ସିଏ, ଖାଲି ପାଞ୍ଚଟା ପିଲାଙ୍କୁ ଜନ୍ମ ଦେଇଛନ୍ତି ସିନା, ହେଲେ ତାଙ୍କ ଦାୟିତ୍ୱ ସମ୍ଭାଳିଲା କିଏ ? ମୁଁ ତ ବଡ଼ପୁଅ ଭାବେ ଜନ୍ମ ହୋଇଥିଲି ଖାଲି ତାଙ୍କରି ଦାୟିତ୍ୱ ସବୁ ନିଭାଇବାକୁ। ସେଥିରେ ସବୁବେଳେ କହିବେ ତତେ ମୁଁ ଏତେ କଷ୍ଟକରି ପାଠ ପଢ଼ାଇଲି, ଆଜି ଏତେ ବଡ଼ ଅଫିସର ସଜାଇ ଦୁନିଆରେ ସସମ୍ମାନେ ଠିଆ କରେଇଲି, ଆଉ ତୁ ତୋ ଭାଇ ଭଉଣୀଙ୍କ ଦାୟିତ୍ୱ ତୁଲାଇବୁ ନାହିଁ ତ କିଏ ତୁଲାଇବ ? ବାପାର ବଡ଼ପୁଅ ପୁଣି ରୋଜଗାରିଆ ପୁଅ ଭାବେ ତୋ'ର ପରା ଏସବୁ ପରମ କର୍ତ୍ତବ୍ୟ। ମୁଁ ଜଣେ ଉ.ପ୍ରା. ସ୍କୁଲ ମାଷ୍ଟର ହୋଇ ସେତେବେଳେ ଏ ବହୁକୁଟୁମ୍ବୀ ପରିବାରର ବୋଝ କେତେ କଷ୍ଟରେ ବୋହି ତତେ ମଣିଷ କରିଛି। ସବୁବେଳେ ସବୁ ସମୟରେ ମୁଁ ସେତେବେଳେ ଖାଲି ମରି ମରି ଯାହା ବଞ୍ଚିଛି ଏବଂ ତତେ ମୋର ସକଳ ସାମର୍ଥ୍ୟ ଦେଇ ଆଜି ଏତେ ବଡ଼ ଅଫିସର କରିପାରିଛି।

ହୁଁ, ରଖ ମ ତମ ବଡ଼ପୁଅର କର୍ତ୍ତବ୍ୟପଣିଆ, କେତେ

ଆଉ ମୁଁ ତମ ଘର ପାଇଁ କରୁଥିବି ? ମୋ ଭବିଷ୍ୟତ ପାଇଁ ତମେ କ'ଣ ସାଇତି ରଖିଛ ଯେ, ମୋ ସାଙ୍ଗମାନଙ୍କ ବାପାମାନେ ତାଙ୍କପାଇଁ ଘର, ଜାଗା ଓ ବ୍ୟାଙ୍କ ବାଲାନ୍ସ କେତେ ନାହିଁ କେତେ ରଖି ପକାଇଛନ୍ତି। ପୁଅମାନେ ଏବେ ଅଚିନ୍ତାରେ ତାଙ୍କର ଜୀବନଟାକୁ ଆନନ୍ଦରେ ଯାହା ଉପଭୋଗ କରୁଛନ୍ତି। ଆଉ ମୁଁ ସବୁବେଳେ ଖାଲି ପରିବାର ଚିନ୍ତାରେ ଘାଣ୍ଟି ହେଉଥିବି। ତମେ ସେମିତି କିଛି ନ କରି ଦାଣ୍ଡଟାରେ ଖାଲି ମୁହଁ ଗୁଞ୍ଜି ବସିରହିଥିବ ।

ସତକୁ ସତ ସେପଟ ଦାଣ୍ଡ ପିଣ୍ଡାରେ ଦୁଇ ଆଣ୍ଠୁସନ୍ଧିରେ ମୁହଁ ଗୁଞ୍ଜି ବସିଥିବା ବିପତ୍ନୀକ ବାପାଙ୍କ ଛାତିରେ ପୁଅର ଏ କଟୁ ମନ୍ତବ୍ୟଗୁଡ଼ା ତୀକ୍ଷ୍ଣ ଶର ଭଳି ଗୋଟାକ ପରେ ଗୋଟାଏ ଗଳିଯାଉଥିଲା। ପୁଅର କଥା ଅତି ଅସହ୍ୟ ହେବାରୁ ସେପଟ ପିଣ୍ଡାରୁ ଉଠି ଆସି ପୁଅ ସୁନୀଲ୍‌ର ସାମ୍ନାରେ ଠିଆ ହେଲେ ବାପା ଏବଂ କହିଲେ ଆରେ ବାବୁ, ସହିଷ୍ଣୁତା ହେଉଛି ପ୍ରଥମ ଓ ପ୍ରଧାନ ଗୁଣ, ଯାହା ମନୁଷ୍ୟକୁ ବିକଶିତ କରିବାକୁ ହେବ। ସହିଷ୍ଣୁତା ମନୁଷ୍ୟର ରକ୍ଷାକବଚ ସଦୃଶ। ଯିଏ ଏହି ରକ୍ଷାକବଚ ଧାରଣ କରେ ସିଏ ସବୁ ପ୍ରକାର ଦୁଃଖ, କଷ୍ଟ ଓ ଦୁର୍ଦ୍ଦଶାର ସମ୍ମୁଖୀନ ହେବାକୁ ସକ୍ଷମ ହୁଏ ଏବଂ ସେଗୁଡ଼ିକ ଦ୍ୱାରା ଅଧଃ ପତିତ ନ ହୋଇ ଆଗକୁ ପ୍ରଗତି କରିଚାଲେ। ସହିଷ୍ଣୁତାର ଶକ୍ତିଠାରୁ ବଳି ବଡ଼ ଶକ୍ତି ଆଉ କିଛି ନାହିଁ। ଏହା ମନୁଷ୍ୟ ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ ଗୁଣ। ଦୁଃଖ, କଷ୍ଟ ମନୁଷ୍ୟର ମାନବିକତାକୁ ପ୍ରକଟ କରାଏ। କଷ୍ଟଗୁଡ଼ିକ ବସ୍ତୁତଃ ଭବିଷ୍ୟତର ସୁଖ ପାଇଁ ପାହାଚପଥର ସଦୃଶ। ତ୍ୟାଗ ହିଁ ଜୀବନ, ତ୍ୟାଗ ହିଁ ଭଗବାନ। ଯେଉଁ ଆନନ୍ଦ ତ୍ୟାଗରେ ଥାଏ, ତାହା ଭୋଗରେ ପ୍ରାପ୍ତି ହୁଏନା। ଏତେ ବଡ଼ ଅଭାବୀ ପରିବାରକୁ ବହୁ କଷ୍ଟରେ ଦୁଃଖକୁ ସୁଖ ମନେକରି ନିଜର ସକଳ ସୁଖ ସୁବିଧାକୁ ତ୍ୟାଗ କରି ଜୀବନ ନିର୍ବାହ କରିଥିଲି ବୋଲି ପ୍ରଭୁ ମୋତେ ତୋ ଭଳିଆ ରୋଜଗାରିଆ ବଡ଼ ପୁଅଟେ ଖଞ୍ଜିଦେଲେ। ଭଗବାନ ତୋତେ ବୁଦ୍ଧି, ବିବେକ, ପ୍ରଜ୍ଞା, ସୁନ୍ଦର, ବଳିଷ୍ଠ ଚେହେରା, ଉଚ୍ଚପଦବୀ ଯୁକ୍ତ ଚାକିରି ସବୁ ଦେଇଛନ୍ତି। ତୁ କ'ଣ ଭବିଷ୍ୟତରେ ସୁନ୍ଦର ଘର ଖଣ୍ଡେ ସହରରେ କରିପାରିବୁନି ? ମନୁଷ୍ୟ ନିଜେ ହିଁ ନିଜ ଭାଗ୍ୟନିୟନ୍ତା। ମଣିଷର ନିଃସ୍ୱାର୍ଥପର ଉତ୍ତମ କର୍ମ ହିଁ ତା'ର ଭବିଷ୍ୟତର ଉନ୍ନତ ଭାଗ୍ୟ ହୋଇଥାଏ।

ମୋ କଥା ଟିକିଏ ଚିନ୍ତା କଲୁ, ଏତେ ଛୋଟ ଚାକିରି, ଏତେ କମ୍ ଦରମାରେ ଏତେ ବଡ଼ ପରିବାର, ବନ୍ଧୁବାନ୍ଧବଙ୍କୁ କେମିତି ସମ୍ଭାଳୁଥିଲି। ମତେ କ'ଣ କଷ୍ଟ ହେଉ ନ ଥିଲା। କିନ୍ତୁ ମୁଁ ଧୈର୍ଯ୍ୟ ସହକାରେ ସବୁ ଦାୟିତ୍ୱ ସମ୍ଭାଳୁଥିଲି। କୌଣସି ପରିସ୍ଥିତିରେ ମଧ୍ୟ ବ୍ୟସ୍ତ ହେଉ ନ ଥିଲି କିମ୍ବା ଧୈର୍ଯ୍ୟ ହରାଉ ନ ଥିଲି। ସବୁବେଳେ ବାସ୍ତବତାକୁ ସ୍ୱୀକାର କରି ନେଉଥିଲି। ହଁ ତୋ ପାଇଁ, ତୋ ସାଙ୍ଗଙ୍କ ବାପାମାନଙ୍କ ପରି କୋଠାବାଡ଼ି, ବ୍ୟାଙ୍କ ବାଲାନ୍ସ ରଖିପାରି ନାହିଁ ସିନା, ହେଲେ ତୁ ମଣିଷଟେ ହୋଇ ସମାଜରେ ପ୍ରତିଷ୍ଠିତ ହେବା ପାଇଁ ରାତିଦିନ ଈଶ୍ୱରଙ୍କୁ ଆର୍ତ୍ତସ୍ୱରରେ ବିନତି କରିଛି। ତୁ ଭଲ ମଣିଷ ହୋଇ ସୁଖରେ ରହିଲେ, ତୋ ସାନ ଭାଇଭଉଣୀମାନେ ତୋ' ଠାରୁ ତ୍ୟାଗ, ଆଦର୍ଶ ଶିଖିବେ। ସେମାନେ ବି ତୋ ଭଳି ଜଣେ ଜଣେ ଭଲ ମଣିଷ ହୋଇ ଦୁନିଆରେ ନାଁ ରଖିବେ। ତୁ ମୋ ଉପରେ ଏ ଭୌତିକ ସମ୍ପଦ ପାଇଁ ରାଗୁଛୁ, ହେଲେ ମୁଁ ତୋ କଥାରେ କ୍ଷତାକ୍ତ ହେଲେ, ଅସନ୍ତୁଷ୍ଟ ହେଲେ ତୁ କ'ଣ କେବେ ଶାନ୍ତିରେ ରହିପାରିବୁ ? ଉନ୍ନତି କରିପାରିବୁ ? ତେଣୁ ମୁଁ ମୋ ବାତ୍ସଲ୍ୟର ଦାୟରେ, ବାପାର ବିଶାଳ ହୃଦୟରେ ତତେ ଖାଲି କ୍ଷମା ଓ ଆଶୀର୍ବାଦ ଦେଇ ଚାଲିଛି। କାରଣ ତୁ ଦୁଃଖ ପାଇଲେ ମୋ ହୃଦୟ ଶତଧା ବିଖଣ୍ଡିତ ହୋଇଯିବ। ତୋ ଆଖିରୁ ବୁନ୍ଦାଏ ଲୁହ ଝରିଲେ ମୋ ହୃଦୟରୁ ଅବାରିତ ଧାରାରେ ରକ୍ତକ୍ଷରଣ ହେବ। ତେଣୁ ତୁ ସବୁବେଳେ ଖୁସିରେ ରହ, ସୁଖରେ ରହ, ଏଇଆ ହିଁ ତୋ ପାଇଁ ମୋ ଅନ୍ତରରୁ ମନ୍ତ୍ରଜଳ ଭଳି ଆଶୀର୍ବାଦର ମଙ୍ଗଳଝର ଅନବରତ ଝରୁଛି। କାରଣ ପାରିବାରିକ ପରମ୍ପରାରେ ମନେରଖିବୁ, ବାପା ହେଉଛନ୍ତି ଭଉଁଙ୍ଗ ପାହାଡ଼ର ଶିଖର ସଦୃଶ। ସବୁ ଝଡ଼ଝଞ୍ଜାକୁ ମୁଣ୍ଡରେ ମୁଣ୍ଡେଇ ସେ ସନ୍ତାନର ସୁଖ ସାଉଁଟନ୍ତି। ଅନ୍ୟ କାହା ଉପରେ ନିର୍ଭର ନ କରି ନିଜ ଗୋଡ଼ରେ ସଶକ୍ତ ଭାବେ ସନ୍ତାନଟିଏ ଠିଆ ହେବାର ଦେଖି ସେ ଭରପୂର ଖୁସିରେ ବିଭୋର ହୋଇଉଠନ୍ତି। ଅସରା ଅସରା ଆଶିଷ ବର୍ଷାର ଅନ୍ୟ ନାଁ ପରା ବାପା। ତାଙ୍କ

**ପାରିବାରିକ ପରମ୍ପରାରେ ମନେରଖିବୁ, ବାପା ହେଉଛନ୍ତି ଭଉଁଙ୍ଗ ପାହାଡ଼ର ଶିଖର ସଦୃଶ। ସବୁ ଝଡ଼ଝଞ୍ଜାକୁ ମୁଣ୍ଡରେ ମୁଣ୍ଡେଇ ସେ ସନ୍ତାନର ସୁଖ ସାଉଁଟନ୍ତି।**

ଅନାବିଳ ବାତ୍ସଲ୍ୟର ଅମୃତଧାରାରେ ଶୁଷ୍କ ଭୂଇଁ ହୁଏ ସଜଳ, ମୂର୍ଖ ପାଲଟି ଯାଏ ପଣ୍ଡିତ, ଦୁର୍ବଳ ହୋଇଉଠେ ସବଳ, ନିର୍ଧନ ପାଲଟେ ଧନବାନ। ପିଲାଙ୍କ ପାଇଁ ସେ ସଂସାରର ପ୍ରଚଣ୍ଡ ରୌଦ୍ରତାପକୁ ନିର୍ବିକଳ୍ପ ଭାବେ ସହି ସହି ନିଜେ ପାଲଟି ଯାଇଥାନ୍ତି ଗୋଟେ ଖରାଖିଆ ମହାଦେବ। ଅଭାବ, ଅନଟନ, ଦୁଃଖ, ଯନ୍ତ୍ରଣାର ଆକଣ୍ଠ ଗରଳ ପାନକରି ପିଲାଙ୍କୁ ସୁଖର ଅମୃତ ଚଖାଇବାକୁ ସେ ସଦା ବଦ୍ଧପରିକର। ବାପା ଏମିତି ଏକ ବରଗଛ, ଯିଏ ପ୍ରଳୟ ସମୟରେ ବି ନିଜ ପିଲାକୁ ମୁଣ୍ଡଟେକି ଆଶ୍ରା ଦେଇଥାନ୍ତି। ପିତୃତ୍ୱର ଅମୂଲ୍ୟ ସ୍ପର୍ଶ ଲାଭ କଲାପରେ ତୁ ଏ ମହାର୍ଘ ଅନୁଭବକୁ ନିଜେ ଅନୁଭବି ପାରିବୁ। ହୁଏତ ସେତେବେଳକୁ ମୁଁ ଆଉ ତୋ ପାଖରେ ଏ ପୃଥିବୀରେ ନ ଥିବି।

**ବାପା ଏମିତି ଏକ ବରଗଛ, ଯିଏ ପ୍ରଳୟ ସମୟରେ ବି ନିଜ ପିଲାକୁ ମୁଣ୍ଡଟେକି ଆଶ୍ରା ଦେଇଥାନ୍ତି।**

ଠିକ୍ ଏତିକିବେଳେ ସୁନୀଲ ବାବୁଙ୍କ ସେଲଫୋନ୍‌ଟି ଜୋରଶବ୍ଦ କରି ବାଜି ଉଠିଲା। ସୁନୀଲ ହ୍ୟାଲୋ କହନ୍ତି, ସେପଟୁ ତାଙ୍କ ସିନିୟର ଅଫିସର୍ କହୁଥିଲେ କଙ୍ଗ୍ରାଚୁଲେସନ୍ ସୁନୀଲ ବାବୁ, ଆମ ଡିପାର୍ଟମେଣ୍ଟାଲ ଏକ୍‌ଜାମରେ ତମେ କେବଳ ପ୍ରମୋଶନ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛ। ଅନ୍ୟ ଯେତେ ଜଣ ଏକ୍‌ଜାମ ଦେଇଥିଲେ, କେହି କ୍ୱାଲିଫାଏ କରିପାରିନାହାନ୍ତି। ସୁନୀଲ ବାବୁ ଏଥର ଖୁସିରେ ଆତ୍ମହରା ହୋଇ ଥ୍ୟାଙ୍କ୍ ୟୁ ସାର୍ କହି ଅଗତ୍ୟା ଫୋନ କାଟିଦେଇ ସାମନାରେ ଠିଆ ହୋଇଥିବା ଶିବଶଙ୍କର ସଦୃଶ ବାପାଙ୍କ ପାଦ ତଳେ ଲୋଟିଗଲେ। ଆଉ କହୁଥିଲେ, ମୁଁ ମୂଢ଼ ତମକୁ କଟୁ କଥାରେ କ୍ଷତାକ୍ତ କରିଛି ବାପା। ତମ ଉଦାରପଣରେ ମୋତେ କ୍ଷମା ଦିଅ। ବାପାଙ୍କ ଚକ୍ଷୁରୁ ଆନନ୍ଦାଶ୍ରୁ ଅବାରିତ ଧାରାରେ ଝରି ସୁନୀଲର ମଥାକୁ ସିକ୍ତ କରୁଥିଲା।

□□

ଲେଖିକାଙ୍କ ଇ-ମେଲ ଠିକଣା:
jayantisahoo10@gmail.com

---




*ପ୍ରକାଶ ପାଇଲା*

# ଅନ୍ତରଙ୍ଗ ଆଳାପ

## ପରିବର୍ଦ୍ଧିତ ସଂସ୍କରଣ

**ସାହିତ୍ୟ ଚର୍ଚ୍ଚାର ବିଭିନ୍ନ ସଂଖ୍ୟାରେ ପ୍ରକାଶିତ**
**୩୨ ଜଣ ପ୍ରବୀଣ ସାହିତ୍ୟିକଙ୍କ ସହ ସାକ୍ଷାତକାର**

*ପ୍ରକାଶକ :*
ସାହିତ୍ୟ ଚର୍ଚ୍ଚା, ୧୯, ଆର୍ଯ୍ୟ ଭିଲେଜ୍, ଡୁମୁଡୁମା
ଫେଜ୍-୪, ଭୁବନେଶ୍ୱର-୭୫୧୦୧୯
ମୋବାଇଲ : ୯୩୬୮୭୭୨୫୦୬

**ମୂଲ୍ୟ : ଟ.୨୫୦/-**

**ବିଭିନ୍ନ ବହି ଦୋକାନ ତଥା amazonରେ ଉପଲବ୍ଧ।**


**ପ୍ରବନ୍ଧ**

# ଅନାମ କାବ୍ୟ ଆନ୍ଦୋଳନରେ ପ୍ରତିବାଦର ସ୍ୱର



**ଡ. ରମେଶଚନ୍ଦ୍ର ମଲ୍ଲିକ**

ଅନାମ ଏକ କାବ୍ୟ ଆନ୍ଦୋଳନ। ବିଂଶ ଶତକର ସପ୍ତମ ଦଶକର ଶେଷ ଓ ଅଷ୍ଟମ ଦଶକର ଆରମ୍ଭରେ ଭାରତର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଯୁବଗୋଷ୍ଠୀମାନେ ପ୍ରଚଳିତ ପରମ୍ପରା ବିରୋଧରେ ପ୍ରତିବାଦର ସ୍ୱର ଉତ୍ତୋଳନ କରିଥିଲେ ଏବଂ ସେଇ ପନ୍ଥା ଅନୁସରଣ କରି ଓଡ଼ିଶାର ପୁରୀ ସହରରେ ଶ୍ରୀଜଗନ୍ନାଥ ପରମ୍ପରାରେ ବିଶ୍ୱାସ କରୁଥିବା ସ୍ତାବକ-ପଣିଆର ବିରୋଧରେ ନିଜ ନାମକୁ ଗୋପନରେ ରଖି କବିମାନେ ପ୍ରତିବାଦମୂଳକ କବିତା ରଚନା କରିଥିଲେ। ଅନାମ ଗୋଷ୍ଠୀର ସ୍ୱରଚିତ କାବ୍ୟକବିତାରେ "ନିଃସଙ୍ଗତା, ବିଚ୍ଛିନ୍ନତାବୋଧ, ବ୍ୟକ୍ତିକୈନ୍ଦ୍ରିକ ଅହଂରୁ ଉଦ୍ଭୁତ ଏକ ସ୍ୱୟଂସୃଷ୍ଟ ମାନସିକ ବ୍ୟାଧି" ପ୍ରତିଫଳିତ କରିଛନ୍ତି। ଏଇ କବିମାନେ ନୂତନ ଧରଣର ବ୍ୟଙ୍ଗ କବିତା ରଚନା କରି ଅନାଚାର ଓ ଭ୍ରଷ୍ଟାଚାରର ପ୍ରତିବାଦ କରିଚନ୍ତି। ଅନାମ କବିମାନଙ୍କର କାବ୍ୟକୌଶଳ ସମ୍ପର୍କରେ ଆଲୋଚନା କରିବା ହେଉଚି ଏଇ ପ୍ରବନ୍ଧର ମୁଖ୍ୟ ଉଦ୍ଦେଶ୍ୟ।



## ଯାହାର ନାମ ନାହିଁ

ଅନାମ କହିଲେ ଆମେ ଏକଥା ବୁଝୁ ଯେ ଯାହାର ନାମ ନାହିଁ, ଏବଂ ଅପରପକ୍ଷରେ ଯେ 'ନାମ'କୁ ଲୁଚେଇ ରଖେ ସେ ମଧ୍ୟ ଅନାମ। ଏଠି ଆମେ ଅନାମ ସାହିତ୍ୟିକମାନଙ୍କ ବିଷୟରେ ଆଲୋଚନା କରିବା ସମୁଚିତ। ଏଇ ସାହିତ୍ୟିକମାନେ ରଚନା କରିଥିବା କବିତା ବିଷୟରେ ଆଲୋଚନା କରିବା. ଯେଉଁମାନେ କି ନିଜ ନିଜର ନାମକୁ ଗୋପନରେ ରଖି ସାମାଜିକ ପ୍ରତିବାଦର ସ୍ୱର ଉତ୍ତୋଳନ କରିଥିଲେ। ଅନାମ କାବ୍ୟ ଆନ୍ଦୋଳନର ତପସ୍ୟାସ୍ଥଳ ଥିଲା 'ପୁରୀ'।

ଏହି ଦଳର ସକ୍ରିୟ କବି ଥିଲେ କୁମାର ମହାନ୍ତି ଓରଫ କୃଷ୍ଣଚନ୍ଦ୍ର ମହାନ୍ତି। ସେ ଲକ୍ଷ୍ନୌରେ ଇଂରାଜୀ ଅନର୍ସ ପଢ଼ିଲାବେଳେ, ଗୁରୁ ଫିରାକ ଗୋରଖପୁରୀଙ୍କ କ୍ରାନ୍ତି ଦର୍ଶନରେ ପ୍ରଭାବିତ ହୋଇ ନୂଆ କବିତା ଲେଖିବା ପାଇଁ ଉତ୍ସାହିତ ହୋଇଥିଲେ। ସେ ସେନାରୁ ଅବସର ନେଇ ପୁରୀ କେନ୍ଦ୍ରୀୟ ବିଦ୍ୟାଳୟରେ ଶିକ୍ଷକ ଥିଲାବେଳେ ପାଞ୍ଚଜଣ ସହଧର୍ମୀଙ୍କ ସହ ୧୯୬୯ ମସିହା ଶ୍ରୀପଞ୍ଚମୀ ଦିନ, ସ୍ୱର୍ଗଦ୍ୱାରରେ ଘୋଷଣା କରନ୍ତି ଅନାମ ଆନ୍ଦୋଳନର ବାର୍ତ୍ତା। ଅନାମ କବି ଗୋଷ୍ଠୀଙ୍କ କାବ୍ୟ ଆନ୍ଦୋଳନର ଆଭିମୁଖ୍ୟ ସମ୍ପର୍କରେ ଲକ୍ଷ୍ମୀଧର ଦାସ କହିଛନ୍ତି "ପ୍ରଥମ ଅନାମ ପତ୍ରିକା ମାଧ୍ୟମରେ ପୁରୀର ଅପସଂସ୍କୃତି ଉପରେ ତୀବ୍ର ଆକ୍ରମଣ, ଅପସଂସ୍କୃତି ପ୍ରସାର କରୁଥିବା ବ୍ୟକ୍ତି ଓ ଅନୁଷ୍ଠାନ ବିରୋଧରେ ଏଇ ଗୋଷ୍ଠୀର ସଦସ୍ୟଗଣ ପ୍ରବଳ ପ୍ରତିବାଦ ସଭା ମାଧ୍ୟମରେ କରିଥିଲେ। ପ୍ରତିବାଦ ସଭାର ଅତିଥି ମଧୁ ମହାନ୍ତି। ଅନାମ ବିଚାରରେ ସେ ଦାର୍ଶନିକ ଓ ଦିଗଦ୍ରଷ୍ଟା ଏବଂ ଗୋକୁଳି ମହାନ୍ତି ଥିଲେ ପ୍ରଶିକ୍ଷକ ଏବଂ ସର୍ବୋପରି କୁମାର ମହାନ୍ତି ବାହିନୀର ସେନାପତି ରୂପେ ଆନ୍ଦୋଳନକୁ ଆଗେଇ ନେଇଛନ୍ତି।" (୨୦୧୭:୮୬)। ଏଇ ଅନାମ ଗୋଷ୍ଠୀର ଆଉ ଜଣେ ପରିଚିତ କବି ହେଉଛନ୍ତି ମନୁ ଦାଶ। ଏଇ ଆଲୋଚନାଟି ବିଶେଷତଃ କବି କୁମାର ମହାନ୍ତିଙ୍କ 'ଅନାମ ବାୟାର ଗୀତ' (୨୦୨୦), 'ଅନାମ ଛନ୍ଦ' (୨୦୨୦) ଏବଂ ମନୁ ଦାଶଙ୍କ

ଦ୍ୱାରା ରଚିତ 'ଅନାମ ଅଣଚାଶ' (୨୦୨୦) କବିତା ସଂକଳନଗୁଡିକୁ ଆଧାରକରି ରଚିତ। ଅନାମ କବିମାନେ ବିଦ୍ରୋହୀ ଥିଲେ। କୁସଂସ୍କାର, ଭ୍ରଷ୍ଟାଚାର, ସାମାଜିକ ଅସମାନତା ଓ ପ୍ରତିଭା ପୂଜା ବିରୋଧରେ ପ୍ରଚାରପ୍ରସାର କରିବା ଯଦିଓ ଏଇ କବିମାନଙ୍କର କବିତା ଲେଖିବାର ମୁଖ୍ୟ ଲକ୍ଷ୍ୟ ଥିଲା, ସେମାନେ ସଂଗୀତର ମୂର୍ଚ୍ଛନାରେ ଶବ୍ଦ ସଜାଡ଼ି ନିଜ ନିଜର ଅଭିବ୍ୟକ୍ତିକୁ ଶାଣିତ କରିପାରିଛନ୍ତି। ସମାଲୋଚକ ଶ୍ରୀ ଚିତ୍ତରଞ୍ଜନ ଦାସ ଅନାମ କବିଙ୍କ କାବ୍ୟବିଭା ସମ୍ପର୍କରେ ମନ୍ତବ୍ୟଟି ପ୍ରୟୋଜନ। କବି ଦୃଷ୍ଟିରେ ଅନାମ ବାୟାର ଗୀତ ନାମକ ଏଇ ସଂକଳନରେ ସାମ୍ପ୍ରତିକ ସଂସାରର ବିରାଟ ବିଡମ୍ବନାଗୁଡ଼ିକର ଆଭାସ ନେଇ ସିଏ ଆହୁରି କେତେ କିମ୍ବା ନିତାନ୍ତ ସିଧା ସିଧା ବି କହି ପକାଇଚନ୍ତି :

ଯେ ହୋଇଲା ଝୁଣ୍ଟିଆଳ ଗୋଡ଼ାଣିଆ/
ସେ ହେଲା ସୁଜନ/
ସେ ଚାଲିଲା ସୁଅ ପରି/
ଅଝଟିଆ ଅମାନିଆ/
ସେ ହେଲା ଏ ନାମର ସମାଜେ
ଅନାମ ଦୁର୍ଜନ।

ଅନାମମାନେ ଭାଙ୍ଗିବେ, ଅର୍ଥାତ୍ ପ୍ରତିବାଦ କରିବେ। ପ୍ରତିମାଗୁଡ଼ାଙ୍କୁ ଭାଙ୍ଗିବାପାଇଁ କୁମାର ମହାନ୍ତି କେତେ ନିଷ୍ଠାପର ଭାବରେ ଉଦ୍‌ବୋଧନ ଦେଇଚନ୍ତି। ଯୁଗେଯୁଗେ ଭାଙ୍ଗିଥିବା ଏବଂ ପ୍ରତିବାଦ କରିଥିବା କୃଷ୍ଣ, ବୁଦ୍ଧ ଏବଂ ଯିଶୁଙ୍କର ଧାଡ଼ିରେ ଆପଣାକୁ ମଧ୍ୟ ପରିଜନ ଭଳି ସାମିଲ କରି ସିଏ ଆପଣାର କବିତା ଧାଡ଼ିଗୁଡ଼ିକରେ ପଶ୍ଚାତରେ ରହିଥିବା ସତ୍ୟଗୁଡ଼ିକୁ ହିଁ ବଖାଣି ଆଣିଛନ୍ତି। ସେହି ସତ୍ୟଟିକୁ ଆଧାର ତଥା ପ୍ରେରଣାରେ ପରିଣତ କରି ଗୋଟିଏ ଅନ୍ୟ ସମ୍ପର୍କର ସମ୍ଭାବନା ଯେ ଏହି ପୃଥିବୀରେ ସର୍ବବିଧ ଅସଲ ପ୍ରତିବାଦକୁ ବ୍ୟକ୍ତ କରି ଆସିଛି, କବି ତାହାରି କଥା କହିଛନ୍ତି।" (ଦାସ ୨୦୨୦ : ୬୯-୭୦)। କବି କୁମାର ମହାନ୍ତି 'ଅନାମ କାବ୍ୟ ଆନ୍ଦୋଳନ'ର ପୁରୋଧା। ତାଙ୍କ ସହକର୍ମୀ ମନୁ ଦାଶ କହନ୍ତି, "୧୯୭୪ ମସିହାର ଶେଷ ଭାଗରୁ କୁମାର ଭାଇଙ୍କ ବିୟୋଗ (୧୯୯୬) ପର୍ଯ୍ୟନ୍ତ ମୁଁ ପ୍ରତ୍ୟକ୍ଷ ଓ ପରୋକ୍ଷରେ ତାଙ୍କ ସହିତ ଥିଲି।" 'ଅନାମ କାବ୍ୟ ଆନ୍ଦୋଳନ'ର ସେ କେବଳ ପ୍ରତିଷ୍ଠାତା ନ ଥିଲେ, ବରଂ ଥିଲେ ସବୁଠୁ ମୁଖର ଓ ଶିଖର ବ୍ୟକ୍ତିତ୍ୱ।' (କିଛି କହିବାର ଅଛି ୨୦୨୦)। କବି ମହାନ୍ତିଙ୍କ 'ଅନାମ ବାୟାର ଗୀତ' ଏକ କବିତା ସଂକଳନ। ଏଇ ସଂକଳନ 'ଅନାମ ଅଣାକାର', 'କଲ୍‌କୀ', 'ଅନାମର କାବ୍ୟ' ଏବଂ 'ଅନାମ ଓ ଅନ୍ୟାନ୍ୟ କବିତା' ଉପବିଭାଗଗୁଡ଼ିକୁ ନେଇ ପ୍ରକାଶିତ।

**ସମାଜ ସଂସ୍କାରକ**

କବି ସମାଜ ସଂସ୍କାରକ। ସମାଜରେ ପ୍ରଚଳିତ ଅଣଆଦର୍ଶ ପରମ୍ପରାକୁ ପ୍ରତିହତ କରିବା ପାଇଁ ସେ ଇନ୍ଧନ ଯୋଗାଇଥାନ୍ତି, ବାଟ ଦେଖାଇଥାନ୍ତି ଅଥବା ବିଦ୍ରୋହ କରି କୁସଂସ୍କାର ଦମନ କରିବାର ଅଭିଳାଷ ପରିପୂର୍ଣ୍ଣ କରିବା ପାଇଁ ଜାହିର ଜୁଲମ କରିପାରନ୍ତି। ଏଇ ପୃଷ୍ଠଭୂମିରେ କବି କୁମାର ମହାନ୍ତି କବିଙ୍କ 'କଲ୍‌କୀ' ଉଦ୍‌ଘୋଷଣା କରେ :

ଜନ୍ମ ଯଦି ବଞ୍ଚିବାର ପାଇଁ
ବଞ୍ଚିବାର ଅର୍ଥ କି ଖାଲି
ନଇଁ ନଇଁ ସଲାମ କରିବା
ଦୁଇ ମୁଠା ଅନ୍ନ ପାଇଁ
ଦୁଇ ହାତ ବସ୍ତ୍ର ପାଇଁ
ଜୀବନଟା ଗୋଲାମୀ
ମଣିଷର ଆତ୍ମାକୁ ବି ଗୋଲାମ୍ କରିବା ?

(କଲ୍‌କୀ: ପ୍ରଥମ ଅଧ୍ୟାୟ ୨୦୨୦ : ୨୫)

**କବି କୁମାର ମହାନ୍ତିଙ୍କ କବିତାର ବିଷୟଗୁଡ଼ିକ ସାମାଜିକ ସମସ୍ୟା ପ୍ରତିଫଳନର ମୂଳମନ୍ତ୍ର। ସବୁ କବିତାର ସ୍ୱରରେ ରହିଛି ପ୍ରତିବାଦର ସ୍ୱାକ୍ଷର।**


କବି କୁମାର ମହାନ୍ତିଙ୍କ କବିତାର ବିଷୟଗୁଡ଼ିକ ଅତ୍ୟନ୍ତ ସ୍ୱତନ୍ତ୍ର ଓ ସାମାଜିକ ସମସ୍ୟା ପ୍ରତିଫଳନର ମୂଳମନ୍ତ୍ର। ସବୁ କବିତାର ସ୍ୱରରେ ରହିଛି ପ୍ରତିବାଦର ସ୍ୱାକ୍ଷର। ସାଙ୍ଗୀତିକତା ଅନାମ କବିମାନଙ୍କର ଆଉ ଏକ କୌଶଳ। ଏଇ କୌଶଳ ଅବଲମ୍ବନ କରି କବିମାନେ ମୁକ୍ତ କଣ୍ଠରେ କବିତା ଆବୃତ୍ତି କରୁଥିଲେ। କବି କୁମାର ମହାନ୍ତିଙ୍କର 'ଅନାମ ଛନ୍ଦ' ଓ ମନୁ ଦାଶଙ୍କର 'ଅନାମ ଅଣଚାଷ' ଏଇ ଧରଣର କବିତା ସଂକଳନ। ବାକ୍ ରୀତି ସହିତ କାବ୍ୟ ରୀତି ସମନ୍ୱୟ କରି କବି କୁମାର ମହାନ୍ତି ଲେଖିଛନ୍ତି :

କାଳିଆ ଭଅଁର କାଳିଆ କାଉ
କାଉ ଖୋଜିଲାନି ଫୁଲର ମହୁ

ମହୁ ଖୋଜିଲାନି ମହୁମାଛି କି
ଯାହା ସଞ୍ଚରୁ ତା' ମାଟି ଘଟି କି
ମାଟିରେ ଜୀବନ କାଇଁ
ବାବୁଧନ
ପାଣି ମାରିଗଲା ଝାଇଁ।

(ଅନାମ ଛନ୍ଦ-୩)

ଏଇ ଧରଣର କବିତାଗୁଡିକରେ ସମାନ ଧ୍ୱନି ଉଚ୍ଚାରଣ ପରସ୍ପର ପାଖାପାଖି ଖଞ୍ଜି ଯତିପାତ ପକାଇ ବିଦ୍ରୋହ ସ୍ୱରରେ କବିତା ଗାନ କରିବା ଥିଲା ଅନାମ କବିମାନଙ୍କର କବିତା ଲିଖନ କୌଶଳ। କାଳିଆ, କାଉ, ମହୁ, ଝାଇଁ ଝାଇଁ ଓ ଖୋଜିଲାନି ଇତ୍ୟାଦି ଶବ୍ଦଗୁଡ଼ିକର ବ୍ୟବହାର କବିତାକୁ ସଙ୍ଗୀତଧର୍ମୀ କରାଇଛି।




**ଅନାମ ଅଣଚାଷ**

ଏଇ ପ୍ରସଙ୍ଗରେ ମନୁ ଦାଶଙ୍କ 'ଅନାମ ଅଣଚାଷ'ରେ ସଂକଳନ କରାଯାଇଥିବା କବିତାଗଡ଼ିକ ବ୍ୟବସ୍ଥା ପ୍ରତି ସାମାଜିକ ପ୍ରତିବାଦ, ଜଗନ୍ନାଥ ଚେତନା ପ୍ରତି ପୁନଃ ଆସ୍ଥା ଓ ସମର୍ପଣ, ନିଜ ମାଟିର ଚେର ଅନ୍ୱେଷଣ, ଗାଉଁଲି, ଲୋକ ସହ କବିତାର ସମ୍ପର୍କ ପ୍ରତିଷ୍ଠା, ପାଶ୍ଚାତ୍ୟ ସଭ୍ୟତାର ଅନୁକରଣ ପ୍ରତି ଅନାସ୍ଥା, ତଥାକଥିତ ଆଧୁନିକ କବିମାନଙ୍କ ଭିତରେ ଆତ୍ମଚିନ୍ତନ ଓ ମାନସମନ୍ଥନ, କବିତାରେ ସାଙ୍ଗୀତିକତା ଓ ମୁକ୍ତାଛନ୍ଦ ପ୍ରତି ବିଶ୍ୱାସରେ ପୁନଃ ପ୍ରତିଷ୍ଠା ଆଦି 'ଅନାମ କାବ୍ୟ ଆନ୍ଦୋଳନ'କୁ କରିଥିଲା ମୁଖର।' 'ଅନାମ ଅଣଚାଷ' କବିତା ସଂକଳନଟି ପରିମାଣ ଓ ଆକାର ଦୃଷ୍ଟିରୁ ପତଳା ମନେ ହେଇପାରେ, ମାତ୍ର ଏଇ କବିତାରେ ମାଟି ଓ ସଂସ୍କୃତି ପ୍ରତି ଥିବା ସମୟବୋଧର ରକ୍ତକଣିକା ଧମନୀରେ ପ୍ରବାହିତ ହେଉଥିବା ବିଷୟ ପାଠକମାନେ ଠଉରେଇ ପାରିବେ। କବି କୁମାର ମହାନ୍ତି ପ୍ରତିବାଦର ସ୍ୱର ଉତ୍ତୋଳନ କଲାବେଳେ କବି ମନୁ ଦାଶ ତାଙ୍କ ପରିହାସ ଛଳରେ ସାମାଜିକ ପ୍ରତିବାଦ ଓ ପରିବର୍ତ୍ତନ ସ୍ୱାକ୍ଷରକୁ ପ୍ରସ୍ତାବିତ କରିବାପାଇଁ ଚେଷ୍ଟା କରିଛନ୍ତି। କବି ମନୁ ଦାଶ ଖାଣ୍ଟି 'ପୁରୀଆ' (ପୁରୀର ଅଧିବାସୀ)। ପୁରୀ 'ବୋଲି' କବିତାରେ ସୁଶୋଭିତ। ଦ୍ୱୈତ ଶବ୍ଦ ବ୍ୟବହାର ଏଇସବୁ କବିତାର ବିଶେଷତ୍ୱ : ଯେମିତିକି ହାଉଯାଉ, ପଶୁପଶୁ, ଉବୁଟୁବୁ, କୋଳାକୋଳି, କଲବଲ, ଧନ୍ୟଧନ୍ୟ, ଚୁପଚାପ୍, ବୁଲିବୁଲି ଓ ଧାଇଁଧାଇଁ ଇତ୍ୟାଦି। ପୁରୀ 'ବୋଲି' ହିସାବରେ 'ଘାଇଲା', ହରଣଚାଲ, ସବାଖିଆ, ଟାଙ୍ଗରା, ଖଟୁଲି, ପଙ୍ଗତ, ଦଣ୍ଡବତ, ଭକୁଆ, କଦର୍ଥଳିଆ, ଭଡ଼ଙ୍ଗିଆ, କାବେଡ଼ା, ଅଣଠର, ବାଇନ, କୋକୁଆ, ମଲମ ଓ ପେଞ୍ଚ ଇତ୍ୟାଦି ଶବ୍ଦ ବେଶ୍ ତାଙ୍କ କବିତାରେ ବ୍ୟବହୃତ ହୋଇଛି। ଯାହା ଫଳରେ ଗୋଟିଏ ନିର୍ଦ୍ଦିଷ୍ଟ ଅଞ୍ଚଳରୁ ସମଗ୍ର ଦେଶରେ ଘଟୁଥିବା ସାମାଜିକ ଚେତନାର ଅବକ୍ଷୟ ପ୍ରତିଫଳିତ ହୋଇପାରିଛି।

ଅନାମ କବିତା ଓ କବି ସାମ୍ପ୍ରତିକ ପରିପ୍ରେକ୍ଷୀରେ ସ୍ୱତନ୍ତ୍ର ସ୍ୱାକ୍ଷର ଏବଂ କବିତାରେ ପ୍ରତିଫଳିତ ବିଦ୍ରୋହର ବାର୍ତ୍ତା ନିକାଶରେ ଯୁଗ ଯନ୍ତ୍ରଣାର ପ୍ରତିଧ୍ୱନି। ଏଇ କବିମାନଙ୍କ କବିତାରେ ସାମାଜିକ ଆନ୍ଦୋଳନର ବାର୍ତ୍ତା ବହନ କରିଥିବାରୁ 'ଅନାମ' କେବଳ ମାତ୍ର ଏକ ନିରୋଳା କାବ୍ୟ ଆନ୍ଦୋଳନ।

**ସହାୟକ ଗ୍ରନ୍ଥସୂଚୀ**

(୧) ଦାସ, ଲକ୍ଷ୍ମୀଧର। ୨୦୧୮। ଅନାମ ଗୋଷ୍ଠୀ ଓ ସାହିତ୍ୟ। (ସଂ) ସାହିତ୍ୟ ଶେଷ। ଭୁବନେଶ୍ୱର : ଆମ ଓଡ଼ିଶା।

(୨) ଦାଶ, ମନୁ। ୨୦୨୦। ଅନାମ ଅତି ଚାଷ। ଭୁବନେଶ୍ୱର : ଧଉଳି ବୁକ୍ସ।

(୩) ମହାନ୍ତି, କୁମାର। ୨୦୨୦। ଅନାମ ବାୟାର ଗୀତ। ଭୁବନେଶ୍ୱର: ଧଉଳି ବୁକ୍ସ।

□□

ଲେଖକଙ୍କ ଇ-ମେଲ ଠିକଣା:
ramesmalik@gmail.com



**ଧାରାବାହିକ ବ୍ୟଙ୍ଗ**

# ଅଣମଣିଷା

**ଡ. ଅଜୟ କୁମାର ମିଶ୍ର**

ପିଲାକାଳରୁ ପାଠରେ ଖଇଚା ହେଇ କେବଳ ମାଡ଼ ଖାଇ ଖାଇ ଗଣ୍ଡିଟା ନିଦା, ଛେଚାବାଡ଼ିଆ ହେଇ ଯାଇଥିଲା। ଟିକେ ହେତୁ ପାଇବା ବେଳକୁ ଘଣ୍ଟୁ ଉପରେ ଅଦିନଆଁ କାଳବୈଶାଖୀ ବର୍ଷା ଭଳିଆ ଅଜାଡ଼ି ହୋଇ ପଡୁଥିଲା ଅଚଂଛା ଗାଳି । ନିଜର ସହିବାପଣ ଏଇଠୁ ବଢ଼ିଥିଲା ମାଆ କହିଲା ଅଲାଜୁକ ଥୋବରା, ବାପା କହିଲେ ଚୋର, ଖଣ୍ଟ, ଦିନ ଡକେଇତ। ଜେଜେ କିନ୍ତୁ ଏସବୁ ବେଳେ ଘଣ୍ଟୁ ମୁଣ୍ଡରେ ସ୍ନେହର ଆଉଁଶା ଦେଇ ତାକୁ ବୋଧ କରି ଦେଉଥିଲେ। ଗାଳି ଆଉ ଅପମାନକୁ ଦେହର ମଳି ଭାବି ଘଣ୍ଟୁ ଏସବୁକୁ ଫୁ କରି ଉଡ଼େଇ ଦେଇ ଆଗକୁ ବଢ଼ିଲା । ଚାହାଳି ପାଠ, ଇସ୍କୁଲ୍ ପାଠ ପରେ କଲେଜ୍ ବାରଣ୍ଡା ମାଡୁ ନ ମାଡୁଣୁ ନାନାଦି କାଣ୍ଡ କାରଖାନାମାନ ଭିଆଇଲା। ମାଡ଼ ଗାଳିକି ବେଖାତିର କରିବା ଅଭ୍ୟାସରୁ, ସେ ଯେ କୌଣସି ଅକାମ କରେ। ଗାଳି ତା ଦିହର ଚନ୍ଦନ, ମାଡ଼ ତା ପାଇଁ କିଛି ଦିହବଥାର କାରଣ ବି ନୋହେ।




ବୋଉ ଯେଉଁଦିନ ଗାଳି ଦେଇ ତାକୁ ପଖାଳକଂସା ପାଖରୁ ଉଠେଇ ଦେଲା, ସେଇ ଦିନୁଁ ଘଣ୍ଟୁ ସାରା ପରିବାରକୁ ଚିନ୍ତାରେ ପକାଇ ପୂରା ଉଭାନ, କେଉଁଆଡେ ମିଳେଇଗଲା, କେହି ବି ତା'ଟେର୍ ପାଇବା ଦୂର କଥା, ଗନ୍ଧ ବି ବାରି ପାରିଲେନି। ଏକାମୁହାଁ ହେଇ ଘଣ୍ଟୁ, ତା' ପ୍ରିୟଯାନ ସାଇକେଲ୍‌ଟା ଧରି, ସହରଆଡେ ମୁହାଁଇଲା। ଆଗେ ସାଇକେଲ୍‌ଟାକୁ ଗୋଟାଏ ଝୁମ୍ପୁରି ହୋଟେଲର ଝାଇଁଆ ମାଲିକଙ୍କୁ ବନ୍ଧା ଦେଇ, ପେଟେ ଖାଇଲା। ଅଶୋକ ବଣରେ ହନୁ ଠାବ କଲା ଭଳିଆ, ସେଇ ଚାଞ୍ଚ ଛପର ହୋଟେଲର ଆଖପାଖ ଠଉର କଲା। ପାଖ ଚା ଓ ପାନ ଦୋକାନ ଆଡ଼େ ନଜର ପକାଇଲା। ସଂଜ ବେଳକୁ ସେଇଠି ଖାଇପିଇ, ହୋଟେଲ ସାମ୍ନାରେ ଥିବା ବତାଭିଡ଼ା ବେଞ୍ଚରେ କିଛି କାଳ ଥଣ୍ଟିଆ କୁମ୍ଭୀର ଭଳିଆ ଥୋମଣା ଟେକି ଟାକି ରହିଲା।

ରାତି ହେଲା, ହୋଟେଲରେ ଗରାଖ ଜମିଲେ। ରାତି ଏଗାରଟା ସରିକି ଝାଇଁଆ ନନାଙ୍କୁ କୁହାପୋଛା କରି ଖାଇପିଇ, ବାହାରେ ପଡିଥିବା ବତା ବେଞ୍ଚରେ ଦାରୁଭୂତ ମୁରାରି ହେଇଗଲା। ପାହାନ୍ତା ବେଳକୁ ଝାଇଁଆ ନନା ତାକୁ ଖୋଜିବା ବେଳକୁ ନା ଥିଲା ଘଣ୍ଟୁ, ନାଁ ଥିଲା ତା' ସାଇକେଲ। ମୁଣ୍ଡରେ ହାତଦେଲା ଝାଇଁଆ ନନା।

**ମିଳିଲା କାଇଦା**

କାଇଦା ପାଇଗଲା ଘଣ୍ଟୁ। ସେଇ ସାଇକେଲଟା ଧରି ଖଣ୍ଡେ ବାଟ ଧପାଲି ଯାଇ ଆଉଗୋଟେ ଚାଞ୍ଚଡା ଝୁଲା ଜଳଖିଆ ଦୋକାନରେ ପହଞ୍ଚିଲା। ଦେଖିଲା ସେଇଠି ଦୋକାନୀଟା ଏକଲା। ଯାଡ଼େ ଚୁଲା ପାଖରେ ବସି ବରା, ପକୁଡି ଛାଣୁଚି, କେଟଲିରେ ଚା' ବସେଇଚି, ଲୋକଙ୍କୁ ଖାଇବା ବାଢୁଚି, ପଇସା ବି ହିସାବ କରି ରଖୁଚି। ବାଲତିରୁ ପାଣି ସରିଗଲା, ବିଚରା, କଣ କରିବ ସେ। ଏଇ ସୁଯୋଗରେ ରାସ୍ତା କଡ଼ ପାଇପ୍ ନଳରୁ ପାଣି ବାଲତିଏ ଆଣି ଘଣ୍ଟୁ ଥୋଇଦେଲା। ଘଣ୍ଟେ ବି ଘଣ୍ଟା ଦୋକାନୀକୁ ନିଜ ଆଡୁ ସାହାଯ୍ୟ କଲା। ପେଟ ଭରି ଜଳଖିଆ ଖାଇ, ସାଇକେଲ୍ ସହ ଫେରାର୍ ହେଇଗଲା ସେ। ଦିନରେ ବି ଗହଳିଆ ହୋଟେଲ୍ ଦେଖି ଖାଇ ପିଇ ଓର ଉଣ୍ଡି ଫେରାର୍।

ସଞ୍ଜରେ ଦେଖିଲା ଗୋଟାଏ ବାହାଘରର ମଣ୍ଡପର ସାଜସଜ୍ଜା। ସିଧା ଭିତରକୁ ପଶିଗଲା। ସାଜସଜା କରୁଥିବା ଟେଣ୍ଟହାଉସ୍ ପିଲାଙ୍କ ଉପରେ ଟିକେ ଲଘୁ ମାମଲତି କଲା। ସାଆରଙ୍କୁ ଖୁସି ପାଇଁ ଭଲ ଭାବରେ କାମ କର। ଟହଲ ମାରୁ ମାରୁ ଖାଦ୍ୟଶାଳ ଆଡ଼େ ମାଡ଼ିଗଲା। ଦେଖିଲା ରେକ୍ଷେୟାମାନେ ରୋଷେଇରେ

ବ୍ୟସ୍ତ ଅଛନ୍ତି। କେତେବେଳେ ସରିବ; ଭଲରେ ଭଲରେ ସବୁ ସାରିଦିଅ– କହି ତାଙ୍କ ଉପରେ ବି ଉପରେ ପଡ଼ି କଖାରୁ ବଡ଼ି କଲା।

ଖନ୍ଦାରୁ, ଡାଇନିଂ ସ୍ପେଶ୍, ଡାଇନିଂରୁ ଖନ୍ଦାଶାଳ, ବିନା କାରଣରେ ଏପାଖ ସେପାଖ ହେଲା। ରୋଷେୟାମାନେ ଭାବିଲେ, ଏ ବୋଧେ ବାବୁଙ୍କର ନିଜ ଲୋକ। କହିଲେ ବାବୁ! ତମେ ଟିକେ ଚାଖଣା କରନ୍ତନି ଲୁଣିଆ-ଅଲଣା ଜାଣି ହୁଅନ୍ତା। ଏ ସୁଯୋଗରେ ଘଣ୍ଟୁ ଗୋଟାଏ ପତ୍ରରେ ମଟନ୍ ଓ ପୁରି, ଖାଇ ଆନନ୍ଦରେ ହେକୁଟି ମାରି କହିଲା ଠିକ୍ ଅଛି। ମାଛଭଜା ଖଣ୍ଡେ ଖାଇଦେଇ କହିଲା, ଲୁଣ ଠିକ୍ ଅଛି। ତେବେ ଆଉ ସବୁ ଠିକ୍ ଠାକ୍ କର।

ଡାଇନିଂରେ କେଉଁ ଜାଗାରେ କ'ଣ ରହିବ, ଠାକଠୁକା କରି ରଖେଇଲା। ଯା ଭିତରେ କନ୍ୟାକର୍ତ୍ତାଙ୍କ କୃପା ଦୃଷ୍ଟି ପଇଲା ତା ଉପରେ। ଏମନ୍ତ ଭଲେଣ୍ଟିଅର୍‌କୁ ଦେଖି ମନେ ମନେ ପ୍ରଶଂସା କଲେ। ସେ ଭାବିଲେ ଏ ବୋଧେ ରୋଷେୟା ଠିକାଦାର। ପାଖକୁ ଡାକି ସବୁ ଠିକ୍‌ଠାକ୍ କରିବାକୁ ନିର୍ଦ୍ଦେଶ ଦେଲେ। ରୋଷେୟାଏ ଭାବିଲେ, ଏ ନିଶ୍ଚେ ବାବୁଙ୍କ ପାଖ ଲୋକ, ଟେଣ୍ଟ୍ ପିଲାଏ ବି ଏକଥା ଦେଖି ବୁଝିଗଲେ। ଅଳ୍ପ ସମୟ ଭିତରେ ଘଣ୍ଟୁର କାଟତି ବଢ଼ିଲା, ଖାତିରଟା ବି।

**ଏଥର ଘଣ୍ଟୁର ଆନନ୍ଦ ଦେଖେ କିଏ। ମଲ୍ଲୀଫୁଲିଆ ହସଟେ ଚହଟେଇ କର୍ମୀସାଉଁଟା ଠିକାଦାରଙ୍କ ପାଖରେ ହାଜର।**

**ବଢ଼ିଲା କାଟ୍‌ତି**

ବାହାରକୁ ଆସି ଗାଡ଼ିଘୋଡା ପାର୍କିଂ ଜାଗାରେ ଥିବା ସିକ୍ୟୁରିଟି ଗାର୍ଡ଼ଙ୍କ ଉପରେ ବି ମାମଲତି କଲା। ସେମାନେ ଜାଣିଲେ ଏ ବି ବାବୁଙ୍କ ନିଜ ଲୋକ। ସଞ୍ଜ ବଢ଼ିଲା, ବଢ଼ିଲା ଘଣ୍ଟୁର କାଟ୍‌ତି। ଘଣ୍ଟୁ କଳି ନେଲା, ଏ ସହରଜାଗା, ଏଠି ଚାକଚକ୍ୟର ହାବେଳି, କେହି ବି କାହାର ନୁହନ୍ତି। ଯା ହେଉ ଅଧାଖାଇବା ହେଇଗଲା, ଆଉ ଥରେ ଚାଖୁଣିଆ ଦାୟରେ ବି ପେଟ ପୂରିଯିବ। ଆଜି ବି ଏଇଠି ରାତିଟା କଟେଇ ହେବ।

ଖାଇବା ଆରମ୍ଭ ବେଳକୁ ଅନେକ ବନ୍ଧୁବାନ୍ଧବ, ଗେଷ୍ଟଗେଷ୍ଟାଣୀ ଆଇଲେ। ସମସ୍ତଙ୍କ ହାତରେ କିଛି ନା କିଛି ଉପହାର। ରଙ୍ଗୀନ୍ ଖାମ୍‌ମାନ ଆଣି, ଠାକୁରଙ୍କ ହୁଣ୍ଡିରେ ଦାନ-ଦକ୍ଷିଣା ପକେଇବା ଭଳିଆ, କିଛି ଲୋକ ଆଣି, ବେଶ ହେଇ ବସିଥିବା କନ୍ୟା ପାଖରେ ରହିଥିବା ପାଉଡର୍ ପ୍ରଲେପିନୀ ଉଜ୍ଜ୍ୱଳମୁଖୀ ଆଦାୟକାରିଣୀକୁ ଦେଇଦେଲେ। ଆଉ କିଛି ବି ଇତସ୍ତତଃ ହେଉଥିଲେ, ସେମାନଙ୍କ ହାତରୁ ମୁଦାଖାମ୍‌ମାନ କୌଣସି ପ୍ରକାରେ ହାତେଇ ନେଲେ ଘଣ୍ଟୁ। ଘଣ୍ଟୁ ଜାଣିଚି, ଅତିରୁ ଇତି-କେଇଟା ଖାମ୍ ସବୁରି ଅଲକ୍ଷ୍ୟରେ ପକେଟ୍‌ରେ ପୂରାଇ ତତ୍‌କ୍ଷଣାତ୍ ସେଇମାନଙ୍କୁ ଖାଇବା ଠାଆକୁ ପାଛୋଟି ନେଲା। ସେମାନେ ବି କୃତ୍ୟ କୃତ୍ୟ।

ପରଦିନ ସାଇକେଲ ଧରି ପଇଁତରା ମାରୁ ମାରୁ ଦେଖିଲା, ରାସ୍ତାର ବଡ଼ ଶୋଭାଯାତ୍ରା ବାହାରିଚି। ତା' ଏକ୍ସଟ୍ରାଇନ୍ଦ୍ରିୟରୁ ଜାଣିଲା, ଏଇଟା କେଉଁ ଗୋଟାଏ ବାଜନୀତିଆ ଦଳର କାଣ୍ଡ। ସାଉଁଟା ହେଇ ପ୍ଲାକାର୍ଡ ଧରି ହୋ ହା କରୁଥିବା ଲୋକଙ୍କଠାରୁ ବୁଝିଲା, ଏଇ ଧାଡ଼ିରେ ଜିନ୍ଦାବାଦ ପକେଇଲେ ହଜାର ଟଙ୍କା ଦକ୍ଷିଣା, ଖିଆ ପିଆ ବି ମାଗଣା। ବାଃ ଏଥର ଘଣ୍ଟୁର ଆନନ୍ଦ ଦେଖେ କିଏ। ମଲ୍ଲୀଫୁଲିଆ ହସଟେ ଚହଟେଇ କର୍ମୀସାଉଁଟା ଠିକାଦାରଙ୍କ ପାଖରେ ହାଜର। ନିଜ ନାଁ ଦରଜ କରି ଦି'ଖଣ୍ଡ ଗାନ୍ଧିମୁଣ୍ଡିଆ ପକେଟସ୍ଥ କରି, ଜୋରରେ ଜିନ୍ଦାବାଦ ପକେଇଲା। ତା' ହାଉହାଉ ହଲ୍ଲା, ମାଇକ୍ ସାଉଣ୍ଡକୁ ଟପିଗଲା। ମାଲିକେ କହିଲେ, ତୁ ଆଗରେ ଚାଲ। ତା' ସାଇକେଲରେ ପତାକା ବାନ୍ଧି, ମୁଣ୍ଡରେ ଦଳମାର୍କା ପଟି ବାନ୍ଧି ଆଗେଇଲା। ତା'ର ବେପରବାୟ ହୁରୁମାପଣ ସମସ୍ତଙ୍କୁ ଚକିତ କମଲା। ସାଉଁଟାଙ୍କ ଭିତରେ ସେ ହାରାହାରି ମୁଖ୍ୟ ବନିଗଲା। ମୁଖିଆଙ୍କଠାରୁ ଜାଣିଲା, ଆଉ ତିନିଦିନ ଏ ହରତାଳ ଚାଲିବ; ଗାଆଁ ଠାକୁରାଣୀଙ୍କ ପାଖରେ ଚବିଶପହରିଆ ନାମ ଯଜ୍ଞ ଭଳି।

ଘଣ୍ଟୁ ଏଥର ପୂରା ଓର ଉଣ୍ଡିଗଲା। ଲୋକଙ୍କୁ ସାଉଁଟା ପାଇଁ ନିଜେ ଅଣ୍ଟା ଭିଡ଼ିଲା। ମନ୍ତ୍ରୀ-ଯନ୍ତ୍ରୀଙ୍କ ଘରଣୀମାନେ ନଈବଢ଼ି ହେବା ପାଇଁ ଠାକୁରଙ୍କ ପାଖରେ ନଡ଼ିଆ ପିଟିବା ଭଳିଆ, ଘଣ୍ଟୁ ଏଥର ପିଲାକାଳରୁ ଜାଣିଥିବା ଖୁଚୁରା, ଲୋକାଲ୍ ଓ ଡିଷ୍ଟ୍ରିକ୍ଟ ତଥା ଷ୍ଟେଟ୍ ସ୍ତରୀୟ ଦିଅଁ ଦିଆଁଣୀଙ୍କୁ ଗୁହାରି କଲା। ବିରାଡି କପାଳକୁ ଶିକା ଛିଡ଼ିଲା ଭଳିଆ ଏଥର ରାଜଧାନୀରେ ଅଭିନୀତ ହେଉଥିବା ବିରୋଧିଙ୍କ ହାଇଡ୍ରାମାରେ ଯାଇ ପହଞ୍ଚିଲା।

ବଡ଼ଦିଅଁଙ୍କ ରଥଯାତ୍ରାକୁ ଛାର ମଣେଇ ରାଜଧାନୀରେ

ଆସେ ମାର୍ଚ୍ଚମାସର ଅଦିନିଆଁ ତତଲା ଝାମୁଯାତରା। ରାଜ୍ୟର ସବୁ ବରଗର ଅଶାନ୍ତିଆ ମାନେ କ୍ୟାଣ୍ଟିନ୍‌ନାସ୍ତି ମାଷ୍ଟକାଣ୍ଟିନ୍ ଛକରେ ଦୂରଦୂରାନ୍ତିଆ ଭକତଙ୍କ ଭଳିଆ ଆସି ଡେରା ପକାନ୍ତି। ଏଇଠି ଲୋକ ଯୋଗାଡ଼ିଆ ଭାବରେ ପହଞ୍ଚିଗଲା ଘଣ୍ଟୁ। ଆହାଃ ହାଃ ! କି ଆମୋଦ, ଭାବଭୋଳା କାମ। ରାଜ୍ୟରୁ କେତେ ଆଡ଼ୁ କେତେ କର୍ମଚାରୀ ବିଭିନ୍ନ ଦାବୀ ନେଇ ଏକାଠି ହାଉଯାଉ। ଫଅଟ୍‌ବାଲାଏ ଓ ଖବରକାଗେଜିଆମାନେ ଆସିବା ବେଳକୁ ଏମାନଙ୍କ ସଂଖ୍ୟା ଯେତେ ଥାଏ, ଯିବା ପରେ କେବଳ ପାଲ ଜଗିବା ଭଳି ଜଣେ ଅଧେ କିଏ ବସିଥାନ୍ତି। ସଂଞ୍ଜବେଳେ ଗାଁ ଦେଉଳରେ ନାରୀମାନଙ୍କ ଆଗମନ ବେଳେ କୀର୍ତ୍ତନ ଜମିବା ଭଳିଆ, ଫଅଟ୍ ଉଠାଣ ବେଳେ ବୁଲାଭଉଁରିଆମାନେ ବି ସେଠି ହାଜରା। ଗଣ ସମାବେଶର ଗଣିତ ବଢେ।



**ଜମିଲା ବେଉସା**

ଘଣ୍ଟୁ ଏଥର ଜାଣିଲା, ଏ ସମାବେଶିଆମାନଙ୍କ ପାଇଁ ପ୍ଲାକାର୍ଡ ଆଉ ବ୍ୟାନରଧାରୀମାନଙ୍କୁ ଯୋଗାଡ଼ କରି ପାରିଲେ, ନିଜର ନକ୍ସା ପୂରା ବଦଳିଯିବ। ବସ୍ତି ବାସ୍ତୁରାଙ୍କ ସଂଖ୍ୟା ବେଶି, ସେଇମାନଙ୍କୁ ଠାବ କଲା, ଠା' ଠିକଣା ଟିପା କରେଇଲା। ଓଷେଇତୀମାନେ ଓଷା ପାଳିବା ପୂର୍ବରୁ ପାଞ୍ଜିରୁ ତିଥିବାର ଦରାଣ୍ଡିବା ଭଳିଆ, ଘଣ୍ଟୁ ଏଥର ଖବର କାଗଜରେ ଆଖି ଥାପିଲା। ଆଉ ଆଗକୁ କେଉଁଠି ହରତାଳ ଓ ବନ୍ଦବାନ୍ଦ ହେବ; ସେଇ ଖବରମାନ ପଢ଼ି ଦଳପତିଙ୍କ ଠିକଣା ଦରାଣ୍ଡି, ଆପଣାଛାଏଁ ସେଠି ହାଜର। ଶୋଷ ପାଣିପାଖକୁ ନ ଯାଇ ପାଣି ଏଥର ଶୋଷ ପାଖକୁ ଧାଇଁଲା। ଦଳପତିଙ୍କ ଶମନ ଭଳିଆମାନେ କଟାଳ କଲେ; ଘଣ୍ଟୁ ବି ବୃଷଭଙ୍କୁ ସନ୍ତୁଷ୍ଟ କଲା ଭଳିଆ ବେଲପତର ଦିଆ କରେଇ କାମ ହାତେଇଲା। ଏଣିକି ପୁରୁଣା ଯୋଗାଡ଼ିଆଙ୍କୁ ପଛରେ ପକାଇ ଘଣ୍ଟୁ ରେସ୍‌ରେ ଜିତିଲା।

ଏମନ୍ତ ପ୍ରକାର ଉଫାନ ମୁନାଫା ପାଇ, ଗୋବର ପାଇଲେ ବଣ ସାରୁଗଛ ପିଲେଇଲା ଭଳିଆ, ଘଣ୍ଟୁର ଚଉହଦି ବଢ଼ିଲା। ସାଇକେଲ ବିକି ଦେଇ ଲୁନା କିଣିଲା, ମଟର ଷ୍ଟାଣ୍ଡ ପଛ ପାଖରେ ପାଚିରିକୁ ଡେରି ଚାଳିଆଟେ କରି ରହିଗଲା। କିଛି ଦିନପରେ ଖଣ୍ଡେ ଫ୍ଲେକ୍ସ ଓହଳାଇ ନିଜ କାନଫୁଙ୍କା ନମ୍ବର ସହ କେତେଟା ଛୋଟ ବ୍ୟାନର୍ ଟଙ୍ଗେଇ ଦେଲା।

ପାର୍ଟି ଦଳିଆ ରେଟ୍ ବି ଥୟ କରିଦେଲା, ଧର୍ମଘଟ କେତେ ସମୟ ହେବ, ଏଠି କେତେ ଜଣ ପ୍ଲାକାର୍ଡ ଧରିବେ, ଅଣପ୍ଲାକାର୍ଡିଆ କେତେଜଣ ଯିବେ, ପୁରୁଣା ଟାୟାର୍ ପୋଡା ହେବ କି ନାହିଁ, କୁଶପୁତ୍ତଳିକା ନାଆଁରେ ଯୀଶୁମାର୍କା ଛନ୍ଦା ଦୋକାଠିଆରେ ନଡ଼ାବନ୍ଧା ପାଳଭୂତ ରହିବ କି ନାହିଁ, ଖାଇବା ପିଇବା କେତେବେଳେ ହେବ, କେତେଥର ହୁଙ୍କାରାହୁଙ୍କୁରି, ରେରେକାର, ଗର୍ଜନତର୍ଜନ ଓ ତାଳିମାଡ଼ ହେବ- ଇତ୍ୟାଦି ବିଷୟ ନିମ୍ୱଠୁଁ ନଳିତାଯାଏଁ ବୁଝି ରେଟ୍ ଛିଣ୍ଡାଏ। ଅନ୍ୟ ଯୋଗାଡ଼ିଆଙ୍କ ତୁଳନାରେ କିଛି ରେଟ୍ ଛାଣ୍ଟକାଣ୍ଟ କରି ପଇସା ଛିଣ୍ଡାଏ।

ଏବେ ଘଣ୍ଟୁ ନାହିଁ ତ ଧର୍ମଘଟରେ ଦମ୍ ନାହିଁ। ତା' ଲୋକେ ଏଥର ପୂରା ତାଲିମ୍ ପାଇଗଲେଣି। ଅଣତାଲିମିଆଙ୍କୁ କେବଳ ଖାଇବାଟା ଦିଏ, କେତେକଙ୍କୁ ଡେଲିମଜୁରି ଦିଏ। ଏଇ କ୍ରମରେ ଲକ୍ଷ୍ମୀ ଆସ୍ତେ ଆସ୍ତେ ତା' ଆଡ଼କୁ ଢ଼ଳିଲେ। ଗୋଟାଏ ବୋଉସିନା 'ଅମଣିଷ', 'ଛତରା' ବୋଲି କହି ଖାଇବା ପାଖରୁ ଉଠେଇ ଦେଇଥିଲା, ଏବେ ସେ ଅନେକ ବୋଉଙ୍କ ପାଇଁ ଆହାର ଯୋଗେଇ ଦେଉଚି। ମଗୁଶୁର ମାସରେ ସିନା ଲକ୍ଷ୍ମୀ ଖଳାରେ ବିରାଜନ୍ତି, ପ୍ରତି ମାର୍ଚ୍ଚରେ କିନ୍ତୁ ଘଣ୍ଟୁର ପକେଟ୍ ଖଳା ଅମଳକୁ ଟପୁଚି।

ସେନେହମୟୀ ଜନନୀଙ୍କ ନିର୍ଭେଜାଲ୍ ଗାଳି ହଜମ କରି ନ ପାରି ଘଣ୍ଟୁ ଦୁର୍ବାସାଙ୍କ ଜେଜେ ହେଇ ରାଗରେ ଘର ଛାଡ଼ିଥିଲା । ଏଥର କିନ୍ତୁ ସବୁ ଧର୍ମଘଟ, ଘଣ୍ଟୁ ବିନା ଅସମ୍ଭବ । ଏବେ ସେ କେଉଁଥିରେ ଗଣା, ମଣିଷ ନା ଅଣମଣିଷା ?

□□

ଲେଖକଙ୍କ ଇ-ମେଲ ଠିକଣା:
mishrasala.ctc@gmail.com



ଅନୁବାଦ

# ଚିଠି




ମୂଳ ଲେଖା : ସରସ୍ୱତୀ ରମେଶ

ଅନୁବାଦ : ପଦ୍ମନାଭ ମିଶ୍ର

ଦୁଆରେ କେହି ଘଣ୍ଟି ବଜାଇଲେ, ନିର୍ମଳ ନିଜେ ଯାଇ କବାଟ ଖୋଲିଲେ। ସାମ୍‌ନାରେ ପୋଷ୍ଟମ୍ୟାନ ଠିଆ ହୋଇଥିଲେ। ପୋଷ୍ଟମ୍ୟାନ ଗୋଟିଏ ଚିଠି ଧରେଇଦେଇ ପଚାରିଲେ 'ଆପଣଙ୍କ ନାମ ନିର୍ମଳ ?' 'ହଁ ମହାଶୟ, ମୁଁ ହିଁ ନିର୍ମଳ।' ଚିଠିଟି ଧରେଇ ପୋଷ୍ଟମ୍ୟାନ୍ ଚାଲିଗଲା।

ନିର୍ମଳ ଓଲଟାଇ ଦେଖିଲେ, କେହି ଏକ ରାଜେଶ କୁମାର ଏ ଚିଠିଟି ପଠାଇଛି। ନିର୍ମଳ ନିଜ ମସ୍ତିଷ୍କ ଉପରେ ଜୋର୍‌ଦେଇ ଚିନ୍ତା କରିବାକୁ ଲାଗିଲା, ଏଇ ନାମରେ ତା'ର କେହି ପରିଚିତ ଅଛନ୍ତି କି ? ମାତ୍ର ଏ ଚିଠିଟି କାହାର, ତାହା ତା'ର ବୁଝିବା ବାହାରେ ଥିଲା। ସିଏ ଚିଠିଟି ଖୋଲି ପଢ଼ିବାକୁ ଲାଗିଲେ।



ପ୍ରିୟ ନିର୍ମଳ, ଆଶା କରୁଚି ତୁମେ ଓ ପିଲାମାନେ ସବୁ ଠିକ୍ ଥିବ। ମୁଁ ମଧ ଏଠାରେ କୁଶଳରେ ଅଛି। ହୋଲିକୁ ଯାଇପାରିବି ନାହିଁ, କାରଖାନାରୁ ଛୁଟି ମିଳୁନାହିଁ। ତିନିମାସ ହେଲା ଦରମା ମଧ ମିଳିନି। ମିଳିବା ସଙ୍ଗେ ସଙ୍ଗେ ପଠାଇବି। ରାଜୁ ଏବଂ ଗୁଡ଼ି ରଙ୍ଗ, ପିଚ୍‌କାରୀ ଏବଂ ନୂଆ ଲୁଗା ପାଇଁ ଜିଦି କରିବେ। ଆଶା କରୁଚି ତୁମେ ସେମାନଙ୍କୁ ବୁଝେଇ ଦେଇ ପାରିବ। ମୁଁ ଯଦି ଆସିବି ସେମାନଙ୍କ ପାଇଁ ନୂଆଲୁଗା ଏବଂ ତୁମ ପାଇଁ ଶାଢ଼ି ଆଣି ଆସିବି। ମାଆର ନୂଆ ଚଷମା ମଧ ତିଆରିବାର ଅଛି।

ଚିଠିଟି ପଢ଼ିବା ପରେ ନିର୍ମଳର ହୃଦ୍‌ବୋଧ ହେଲା ଯେ ଏ ଚିଠିଟି ତାକୁ କେହି ଲେଖିନି। କେହି ରାଜୁ ଓ ଗୁଡ୍ଡିର ମାଆକୁ ଲେଖିଚି। ନାମ ଏକାଧିକ ହୋଇଥିବା ହେତୁ ଏ ପ୍ରକାର ଅବ୍ୟବସ୍ଥା ହୋଇଛି। ମାତ୍ର ଠିକଣା ତ ଏହି ସ୍ଥାନର ଲେଖା ହୋଇଛି। ଏହାର ଅର୍ଥ ରାଜୁର ମାଆ ଏଇ ପାଖଆଖରେ କେଉଁଠି ରହୁଛନ୍ତି। ମୋତେ ଏଇ ଚିଠିଟି ତାଙ୍କ ପାଖରେ ପହଞ୍ଚାଇବାକୁ ହେବ। ଏହି କଥା ଭାବି ରାଜୁ ଓ ଗୁଡ୍ଡିର ଖୋଜଖବର ନେବାକୁ ଲାଗିଲା। ତା'ର ପୁତୁରା କହିଲେ ଯେ ରାଜୁ ନାମକ ବାଳକଟିଏ ରାଧାକୃଷ୍ଣ ମନ୍ଦିର ପାଖରେ ରହୁଛି, ସେଇଠି ସେଇ ଯେଉଁ ପୁରୁଣାକାଳିଆ ଘରଟି ଅଛି। ରାଜୁର ମାଆ ପ୍ରତିଦିନ ମନ୍ଦିର ଓ ପ୍ରାଙ୍ଗଣ ସଫେଇ କରୁଛି। ପ୍ରକୃତ ନିର୍ମଳର ଠିକଣା ମିଳିଯିବାରୁ ଚିଠିଟି ଧରି ମନ୍ଦିର ଦିଗରେ ବାହାରି ପଡ଼ିଲା। ହଠାତ୍ ତା'ର ପାଦ ଅଟକିଗଲା ଚିଠିରେ ଲେଖାଥିବା ବିଷୟବସ୍ତୁ ତା'ର ଅନ୍ତରାତ୍ମାକୁ ହଲାଇ ପକାଇଲା। ପିଲାମାନଙ୍କର ଉଦାସ ଚେହେରା, ମାଆର ଲୁହ ଛଳଛଳ ଆଖି, ପତ୍ନୀର ପୁରୁଣା ଚିରା ଶାଢ଼ି ତା' ଆଖି ଆଗରେ ନାଚିଉଠିଲା। ସେ (ନିର୍ମଳ) ଚିନ୍ତାମଗ୍ନ ହୋଇଗଲା। କିଏ ଜାଣେ କେବେ ସେ ଲୋକର ବନ୍ଦ ଥିବା ଦରମା ମିଳିବ, କିଏ ଜାଣେ କେବେ ସିଏ ତା' ପରିବାରକୁ ଟଙ୍କା ପଠାଇ ପାରିବ। ହୋଲି ମାତ୍ର ସାମାନ୍ୟ କେତେଦିନ ବାକି। ତାହେଲେ କ'ଣ ଛୋଟ ଛୁଆଗୁଡ଼ିକୁ ରଙ୍ଗ ପିଚ୍‌କାରୀ ମିଳିପାରିବନି ? ସେ (ନିର୍ମଳ) ଫେରି ଆସିଲା। ଆଲମାରି ଖୋଲି କିଛି ଟଙ୍କା ବାହାର କରି ପକେଟ୍‌ରେ ରଖି ପୁଣି ମନ୍ଦିର ଦିଗରେ ଚାଲିବାକୁ ଲାଗିଲା।

ନିର୍ମଳ ସେ ସ୍ଥାନରେ ପହଞ୍ଚି କବାଟ ଖଟଖଟ କଲା। ଚିରା, ମଇଳା ଶାଢ଼ିଖଣ୍ଡିଏ ପିନ୍ଧିଥିବା ଜଣେ ଶୀର୍ଣ୍ଣକାୟ ମହିଳା କବାଟ ଖୋଲି ବାହାରକୁ ଆସିଲେ।

"ଭଉଣୀ ! ଏଇ କିଛିଦିନ ତଳେ ତୁମର ଚିଠିଟି ଭୁଲବଶତଃ ଆମ ଘରକୁ ଚାଲିଯାଇଥିଲା। ତୁମମାନଙ୍କ ସମ୍ବନ୍ଧରେ ଖବର ସଂଗ୍ରହ କଲାପରେ ଚିଠିଟି ଆପଣଙ୍କ ପାଖକୁ ପହଞ୍ଚାଇବା ଚିନ୍ତା

କରୁଥିବା ବେଳେ ପୁଣି ଭୁଲ୍‌କ୍ରମେ ମନିଅର୍ଡର ମଧ୍ୟ ଆମ ଘରେ ଯାଇ ପହଞ୍ଚିଗଲା। ନିର୍ମଳ ଚିଠି ଓ କିଛି ଟଙ୍କା ଉକ୍ତ ସ୍ତ୍ରୀ ଲୋକଙ୍କ ଆଜକୁ ବଢ଼ାଇ ଏତକ କହିଲା। ଉକ୍ତ ସ୍ତ୍ରୀ ଲୋକଜଣକ ଶଂକିତ ହୋଇ କେବଳ ନିର୍ମଳଙ୍କୁ ଚାହିଁ ରହିଲା।"

ମୋ'ର ନାମ ନିର୍ମଳ, ବୋଧହୁଏ ଆପଣଙ୍କ ଘରେ କାହାର ନାମ ନିର୍ମଳ ହୋଇଥିବ। ଏ କଥା ଶୁଣି ସ୍ତ୍ରୀଲୋକ ଜଣକ କିଛିଟା ଆଶ୍ୱସ୍ତ ହେବା ଦେଖାଗଲା।

ହଁ, ମୋ ନାଁ ମଧ୍ୟ ନିର୍ମଳ, ଏହା କହି ସେହି ସ୍ତ୍ରୀ ଲୋକଜଣକ ଚିଠି ଓ ଟଙ୍କା ତାଙ୍କ ହାତରୁ ଧରିନେଲେ। ଟଙ୍କା ଦେଖି ତାଙ୍କର ଅବସାଦଗ୍ରସ୍ତ ମୁହଁ କିଛିଟା ଉଜ୍ଜ୍ୱଳ ହୋଇ ଉଠିଲା। କାହିଁ କେତେଦିନ ହେଲା ଏଇ ପଇସା ପାଇଁ ତାଙ୍କର ଦୀର୍ଘ ପ୍ରତୀକ୍ଷା ଥିଲା। ପଣ୍ଡିତ ମହାଶୟଙ୍କ ଦୟାରୁ ମନ୍ଦିରରୁ କିଛି ପ୍ରସାଦରେ ତାଙ୍କର ଗୁଜୁରାଣ ମେଣ୍ଟି ଯାଉଥିଲା। ମାତ୍ର ପୂଜାପାର୍ବଣରେ ତ ପିଲାଏ ଭଲଭଲ ପିଠାପଣା ଆଦି ଖାଦ୍ୟ ଏବଂ ନୂଆ ବସ୍ତ୍ର ଖୋଜିବେ ନା। ଜାଣେନା ଏ ଦେବଦୂତ କିଏ ଆଜି ଆମକୁ ପଇସା ଦେବାକୁ ଘରଯାଏ ଆସିଛନ୍ତି। ଆଜିକା ଯୁଗରେ କାହା ହାତରେ ଭୁଲରେ ପଡ଼ିଥିବା ଟଙ୍କା କେହି କେବେ କେଉଁଠି ଫେରେଇବାକୁ ଆସେ କି? ରାଜୁର ବାପା ଟଙ୍କା ପଠାଇଛନ୍ତି ବୋଲି ତାଙ୍କୁ ଜଣା ବି ପଡ଼ି ନ ଥାନ୍ତା।

ନିର୍ମଳ ଉକ୍ତ ମହିଳାଙ୍କ ମୁହଁରେ ଭାବ ପରିବର୍ତ୍ତନର ଚେହେରା ଦେଖିବାରେ ଲାଗିଥାଏ। ଉକ୍ତ ସ୍ତ୍ରୀ ଲୋକଙ୍କ ଚେହେରାରେ ଏବେ ଏବେ ଯେଉଁ ପରିବର୍ତ୍ତନ ଦେଖାଗଲା ସେଥିରୁ ସେ ଯେ ବହୁଦିନରୁ ଏ ପଇସା ପାଇବା ପାଇ ଚାତକ ପରି ଚାହିଁ ବସିଥିଲେ ଓ ସେ ଆଶା ପୂରଣ ହୋଇଥିବା ହେତୁ ଆନନ୍ଦରେ ଉଲ୍ଲସି ଉଠୁଥିଲେ ଲକ୍ଷ୍ୟ କରି ନିର୍ମଳ ଆନନ୍ଦିତ ହେଲେ।

କିଛିକ୍ଷଣର ମୌନତା ପରେ ସେ କହିଲେ, "ଆଚ୍ଛା ଏବେ ମୁଁ ଯାଉଛି" ଏକଥା ଶୁଣି ସ୍ତ୍ରୀ ଲୋକ ଜଣକ ନିଜ ଚିନ୍ତା ରାଜ୍ୟରୁ ଫେରି କୃତଜ୍ଞତାପୂର୍ଣ୍ଣ ନୟନରେ ତାଙ୍କୁ ଚାହିଁ ରହିଲେ। ଶେଷରେ ଦୁଇ ହାତ ଯୋଡ଼ି ଦେଲେ।

**ସ୍ତ୍ରୀ ଲୋକ ଜଣକ ନିଜ ଚିନ୍ତା ରାଜ୍ୟରୁ ଫେରି କୃତଜ୍ଞତାପୂର୍ଣ୍ଣ ନୟନରେ ତାଙ୍କୁ ଚାହିଁ ରହିଲେ। ଶେଷରେ ଦୁଇ ହାତ ଯୋଡ଼ି ଦେଲେ।**

ନିର୍ମଳ ଫେରିବାକୁ ଲାଗିଲେ। ଉକ୍ତ ସ୍ତ୍ରୀ ଲୋକଜଣଙ୍କ ଦେବଦୂତ ସଦୃଶ ବ୍ୟକ୍ତିଙ୍କୁ ଚାହିଁ ରହିଥିଲେ।

□□

ଲେଖକଙ୍କ ଇ-ମେଲ ଠିକଣା:
pks88a1962@gmail.com

---

**ବର୍ତ୍ତମାନ 'ଗୁଗୁଲ୍ ପ୍ଲେ-ବୁକ୍ସ'ରେ ପଢ଼ନ୍ତୁ 'ସାହିତ୍ୟ ଚର୍ଚ୍ଚା' ପତ୍ରିକାର ଇ-ବୁକ୍ ସଂସ୍କରଣ, ସୁଲଭ ମୂଲ୍ୟରେ।**

***It's Easy !***

1. **Download 'Google Play Books' from Play Store.**
2. **Register by using your Gmail ID and password.**
3. **In the Search box please type 'Sahitya Charcha'. Select the issue you wish to read.**
4. **Pay Rs.23.60 by using Google pay, UPI or any other payment mode.**
5. **Download the 'Sahitya Charcha' Magazine into your device.**

ପ୍ରତି ସଂଖ୍ୟାର ମୂଲ୍ୟ-
**ଟ.୨୩.୬୦**
(ତେଇଶି ଟଙ୍କା ଏବଂ ଷାଠିଏ ପଇସା ମାତ୍ର)

Google Play Books

ଗଳ୍ପ

# ବଉଳ ଫୁଲର ବେଣୀ



ଡ. ସଚ୍ଚିଦାନନ୍ଦ କର

'ଫୁଲ ନିଅ, ସଜଫୁଲ। ସବୁ ଖରାଦିନିଆ ଆଣିଛି। ମଲ୍ଲୀ, ବଉଳ, କୃଷ୍ଣଚୂଡ଼ା। ବେଣୀରେ ବାନ୍ଧିବ ନିଅ। ଖୋଷାରେ ଖୋଷିବ ନିଅ। ଫୁଲ ନିଅ, ସଜଫୁଲ।'

ଗୋଟେ ଜନଗହଳିପୂର୍ଣ୍ଣ ବଜାର ଭିତରେ କହି କହି ଚାଲିଥିଲା ଝିଅଟେ। ଝିଅଟିର ବୟସ ଅଠର କି କୋଡ଼ିଏ ହେବ। ମୁଣ୍ଡରେ ସଜଫୁଲର ପସରା।

ସବୁଦିନେ ସକାଳ ପାହିଲେ ମୁଣ୍ଡରେ ସଜଫୁଲର ପସରା ଧରି ଚାଲିଆସୁଥିଲା ଝିଅଟି। ପସରାରେ ଋତୁ ଅନୁଯାୟୀ ଫୁଲ ଆଣି ଆସୁଥିଲା। ସକାଳୁ ସକାଳୁ ସାରା ବଜାରରେ ଖେଳିଯାଉଥିଲା ତା' ସଜଫୁଲର ବାସ୍ନା।




ମଳି କଟକଟ ଦେହ। ନୁଖୁରା, ଭୂତୁରା ବାଳ। ଚଟି ନ ଥିବା ପାଦ। ମାଗିଆଣିବା ଭଳି ଲାଗୁଥିବା ଡ୍ରେସ୍। ସେଥିରେ ପଡ଼ିଥିବା ଲୋଚାକୋଚା ଭାଙ୍ଗ। ଝିଅଟିର ଏସବୁ ଦେଖି କେହି କେହି ନାକଟେକି ତା'ଠାରୁ ଦୂରେଇ ଯାଉଥିଲେ ତ ଆଉ କେହି କେହି ତା' କଥାକୁ କାନ ଦେଉ ନ ଥିଲେ। ହେଲେ ସେଥିପ୍ରତି ତା'ର ଗୁରୁତ୍ୱ ନ ଥିଲା। ତାକୁ ଆସିବାକୁ ପଡୁଥିଲା। ନ ଆସିଲେ ନ ଚଳେ।

ଭିଡ଼ କାଟି ଡାକି ଡାକି ଆଗକୁ ଆଗକୁ ଯାଉଥିଲା ଝିଅଟି। ତା'ର ଡାକ ସୁରେଶର କାନରେ ପଡ଼ିଲା। ଗୋଟେ ପରିବା ବିକାଳିଠୁଁ ପରିବା ମୂଲଉ ମୂଲଉ ତାକୁ ମୁଣ୍ଡଟେକି ଚାହିଁଲା ସେ। ତା' ନାକରେ ବାଜିଲା ଝିଅଟିର ପସରାରେ ଥିବା ସଜଫୁଲର ବାସ୍ନା। ଫୁଲ ପରି ତା' ଆଖିରେ ଦିଶିଲା ଝିଅଟି। ପାଖକୁ ଗଲେ ଫୁଲଟେ ହାତକୁ ବଢ଼େଇବକି ଝିଅଟା! ଏମିତି ଭାବି ସେ ପରିବା ବିକାଳି ପାଖରୁ ଝିଅଟି ପାଖକୁ ଚାଲିଆସିଲା।

– 'ଏ ଝିଅ! କି ଫୁଲ ରଖିଛୁ? କେତେ ତା'ର ଦାମ୍?' ଝିଅଟିକୁ ପଚାରିଲା ସେ।

ମୁଣ୍ଡରୁ ଓହ୍ଲାଇ ତାକୁ ଆଗ ପସରା ଦେଖାଇଲା ଝିଅଟି। ପରେ କହିଲା – 'ନେବ କି କି ଫୁଲ ନେବ? ବଉଳ, ମଲ୍ଲୀ, କୃଷ୍ଣଚୂଡ଼ା ରଖିଛି। '

– 'ନେବି ଯେ, ହେଲେ ଦାମ୍ ତ ଆଗ କହ। ' ସେ କହିଲା।

– 'ଝିଅ! ତୁ ଫୁଲ ବିକିବୁ ଯା'। ସେଇଟା ବୁଦ୍ଧୁପାଗଳଟେ। ତୋର ଫୁଲ ନେବନି। ଖାଲି ମୂଲାମୂଲି କରିବ।' ଏତିକିବେଳେ ପରିବା ବିକାଳିଟି ବଡ଼ ପାଟିକରି ଝିଅଟି ଉଦ୍ଦେଶ୍ୟରେ ଏତିକି କହିଲା।

ପରିବା ବିକାଳିଟିର କଥା ଶୁଣି ଝିଅଟି ଆଶ୍ଚର୍ଯ୍ୟ ହେଲା। ପଚାରିଲା – 'ତୁମେ ଫୁଲ ନେବ? କାହା ପାଇଁ ନେବ?'

ସେ ହସିଦେଇ କହିଲା – 'ସ୍ୱାତୀ ପାଇଁ ନେବି।'

ବୋଧହୁଏ ଝିଅଟି ବୁଝିପାରିଥିଲା ଯେ ସୁରେଶ ଗୋଟେ ପାଗଳ ବୋଲି। ଦଶ ଟଙ୍କାର ଫୁଲମାଳକୁ ଶହେ ଟଙ୍କା କହିଲା। ମୁର୍କି ମୁର୍କି ହସିଲା।

– 'ହଁ, ଝିଅ। ଶହେ ଟଙ୍କା କହିଛୁ ଠିକ୍ କହିଛୁ।' ଝିଅଟି ଉଦ୍ଦେଶ୍ୟରେ ପରିବା ବିକାଳିଟି ପୁଣି କହିଲା।

– 'ଦଶ ଟଙ୍କା ନେ'। ଗୋଟେ ଦେ'। ମୋ ସ୍ୱାତୀ ଖୁସି ହୁଅନ୍ତା ଏ ଫୁଲ ଦେଖିଲେ। ' ସୁରେଶ କହିଲା।

– 'ମୂଲାମୂଲି ନାହିଁ। ' ଏତିକି କହି ଝିଅଟି ଆଗକୁ

ଆଗକୁ ବଢ଼ିଲା ।

ହେଲେ ଏଇ ସ୍ୱାତୀ କିଏ ? କାହିଁକି ସ୍ୱାତୀ ନାଆଁଟି ଇଏ ବାରମ୍ବାର ଉଚ୍ଚାରଣ କରୁଛି ? ଏଇ କଥା ଭାବି ଭାବି ସେ ଆଗକୁ ଯାଉଥିଲା ତ ପୁଣି ବୁଲିପଡ଼ି ପଛକୁ ଚାହୁଁଥିଲା ।

ଝିଅଟି ଆଦୌ ବୋକୀ ନ ଥିଲା । ଅନେକ କଥା ବୁଝିପାରିବାର ବୟସରେ ଏବେ ପହଞ୍ଚି ସାରିଥିଲା ସେ । ଅତୀତରେ ଜଣକର ପ୍ରେମ ନିବେଦନକୁ ପ୍ରତ୍ୟାଖ୍ୟାନ ମଧ୍ୟ କରିଥିଲା । ପ୍ରେମ ନୁହେଁ, ଏବେ ତା'ର ବେପାର ତା' ଆଖିରେ ବଡ଼ ଥିଲା । ତଥାପି ଏଇ ପ୍ରସଙ୍ଗକୁ ସେ କମ୍ ଗୁରୁତ୍ୱ ଦେଇ ପାରିଲା ନାହିଁ ।

ସ୍ୱାତୀ ବୋଧହୁଏ ପ୍ରେମରେ ଯାକୁ ଧୋକା ଦେଇ ଆଉ କାହା ସାଥିରେ ଚାଲିଯାଇଛି । ମନେମନେ ପୁଣି ଏମିତି ଭାବିଲା ଝିଅଟି । ଘଟଣାଟି ସମ୍ପର୍କରେ ଅବଗତ ହେବା ପାଇଁ ତା' ମନରେ ଆଗ୍ରହ ବୃଦ୍ଧି ପାଇଲା ।

ବଡ଼ି ସକାଳୁ ଘରୁ ଆସିଲାଣି ସେ । ଚାଲି ଚାଲି ଥକିପଡ଼ିଲାଣି । ତା'ର ଟିକେ ବସିପଡ଼ିବାକୁ ଇଚ୍ଛା ହେଲା । ଗୋଟେ ଗଛତଳକୁ ଆସିଗଲା ସେ । ସେଠାରେ ପଡ଼ିଥିବା ଗୋଟିଏ ସିମେଣ୍ଟ ବେଞ୍ଚ ଉପରେ ଲଥ୍ କରି ବସିପଡ଼ିଲା । ମୁଣ୍ଡରୁ ଫୁଲ ପସରା ଓହ୍ଲେଇ ବେଞ୍ଚ ଉପରେ ରଖିଲା । ଚାହିଁ ଦେଖିଲା ସୁରେଶ ତା' ଆଡ଼କୁ ଆସୁଛି । କିଛି ଗୋଟିଏ ବାହାନା କରିବ ଭାବି ଗୋଟେ ମଲ୍ଲୀମାଳ ତା' ଆଡ଼କୁ ବଢ଼ାଇ ଦେଖାଇଲା ।

**ଝିଅଟି ଆଦୌ ବୋକୀ ନ ଥିଲା । ଅନେକ କଥା ବୁଝିପାରିବାର ବୟସରେ ଏବେ ପହଞ୍ଚି ସାରିଥିଲା ସେ ।**

ଝିଅଟି ତା' ଆଡ଼କୁ ମଲ୍ଲୀମାଳ ବଢ଼ାଉଥିବା ଦେଖି ସୁରେଶ ଖୁସି ହେଲା । ଆସି ତା' ପାଖରେ ଠିଆ ହୋଇ କହିଲା – 'ମୋ ପାଖରେ ଶହେ ଟଙ୍କା ନାହିଁ । କେମିତି ନେବି, ଥିଲେ ସ୍ୱାତୀ ପାଇଁ ନେଇଥାନ୍ତି ନିଶ୍ଚୟ ।'

– 'ଶହେ ନୁହେଁ, ଏବେ ଦଶ ଟଙ୍କାରେ ଦେବି । ହେଲେ ଏଇ ସ୍ୱାତୀ କିଏ ? ' ଝିଅଟି କହିଲା ।

ସେ ଗୋଟେ ପାଗଳ ହସ ହସିଲା । ତା' ପାଖରେ ବସିପଡ଼ି କହିଲା – 'ସ୍ୱାତୀ ମୋର ସିଏ । ବୁଝିପାରୁଛୁ ?'

– 'ସିଏ ମାନେ ତୁମ ପ୍ରେମିକା ବୋଧହୁଏ !' ଝିଅଟି କହିଲା ।

– 'ହଁ, ତୁ ଠିକ୍ ବୁଝିଛୁ । ମୁଁ ତାକୁ ବହୁତ ଭଲପାଏ । ସେ ବେଣୀରେ ଫୁଲ ବାନ୍ଧେ । ଆମେ ଦୁହେଁ ସାଙ୍ଗ ହୋଇ ବୁଲାବୁଲି କରୁ । ଗପସପ ହେଉ ।' ସେ କହିଲା ଜଣେ ପାଗଳ ଯେମିତି କୁହେ ।

– 'ହେଲେ ଏବେ ସେ କୋଉଠି ?' ଝିଅଟି ପଚାରିଲା ।

– 'ସେ ଏବେ ତା' ଶାଶୁଘରେ ଅଛି । ସେ ପରା ଆଉ ଜଣକୁ ବାହାହୋଇ ଚାଲିଗଲା । ମୋତେ ପର କରିଦେଲା ।' ଗୋଟେ ପାଗଳ ପରି ସେ ପୁଣି କହିଲା ।

– 'ସେ' ତ ଏବେ ତାଙ୍କ ଶାଶୁଘରେ । ତୁମେ ମଲ୍ଲୀମାଳ ନେଇ କ'ଣ କରିବ ?' ଝିଅଟି କହିଲା ।

– 'ତା' ଶାଶୁଘରକୁ ଯିବି । ତା' ହାତରେ ମଲ୍ଲୀମାଳ ଦେବି । ତାକୁ ବେଣୀରେ ବାନ୍ଧିବାକୁ କହିବି ।' ସେ କହିଲା । ପାଗଳାମି ସ୍ପଷ୍ଟ ବାରିହେଉଥିଲା ତା' ସ୍ୱରରେ ।

ଆହା ! କେଡ଼େ ସରଳ ସତରେ ଇଏ ! ମନକୁ ମନ କହିଲା ଝିଅଟି । ହେଲେ କ'ଣ କହିବ, ସେ ବୁଦ୍ଧି ତାକୁ ଦିଶୁ ନ ଥିଲା । କେତେ ଭାବିଚିନ୍ତି କିଛି ସମୟ ପରେ ସେ କହିଲା – 'ଆଉ ଅବସୋସ ରଖନି ମନରେ । ଆଦୌ ସେପରି କରନି । ସେ ଯଦି ତୁମେ ନେଇଥିବା ମଲ୍ଲୀମାଳକୁ ପାଦରେ ଦଳିଦିଅନ୍ତି !'

ପାଗଳମାନେ ବି ବେଳେବେଳେ ବୁଝିଯାନ୍ତି ଅନେକ କଥା । ସେ ବୁଝିଗଲା କି କ'ଣ, ଅଳ୍ପ ହସିଦେଇ ପୁଣି କହିଲା – ' ଛାଡ଼୍ ସେ କଥା । ତୋ ନାଁ କ'ଣ ? '

– 'ମୋ ନାଁ ଗୀତା ।' ଝିଅଟି କହିଲା । ପ୍ରସଙ୍ଗ ବଦଳିଥିଲା । ତେଣୁ ମନେ ମନେ ଖୁସି ହେଲା ସେ ।

– 'ତୋ ବାପା କ'ଣ କରନ୍ତି ?'

– 'ମୋ ବାପା ନାହାନ୍ତି । କେବେଠୁ ମରିଯାଇଛନ୍ତି ।'

– 'ତୋ ମା' ? ସିଏ କ'ଣ କରନ୍ତି ?'

– 'ବାପା ଯେଉଁ ଫୁଲବଗିଚାରେ ମାଳି କାମ କରୁଥିଲେ ମା' ଏବେ ସେଇଠି କାମ କରୁଛି ।'

– 'ଭଲ କଥା ତେବେ । କେତେ ଦରମା ପାଆନ୍ତି ?'

– 'ଭଲ କଥା କିଛି ନୁହେଁ । ମୋ ମାଆକୁ ସେଇ ଫୁଲବଗିଚାର ମାଲିକ ରଖିଛି । ଦୁହେଁ ସ୍ୱାମୀ ସ୍ତ୍ରୀ ଭଳି ରହୁଛନ୍ତି ।'

- 'ତୋ ମା' କ'ଣ ଦେଖିବାକୁ ସୁନ୍ଦରୀ ?'

- 'ହଁ, ସେ ବହୁତ ସୁନ୍ଦରୀ। ମୋ ବାପାର ପଛ ସ୍ତ୍ରୀ ସିଏ। ମୋର ସାବତ ମା' ସେ ହେବ।'

- 'ତତେ କ'ଣ ସେ ଭଲପାଏନି ?'

- 'ନା, ମତେ ଭଲପାଏନି ସେ। ହେଲେ ସବୁଦିନ କିଛି କିଛି ଫୁଲ ମତେ ଦିଏ। କହେ, ନେଇଯା' ଏ ଫୁଲ ବିକିବୁ। ଯାହା ରୋଜଗାର କରିବୁ, ସେଇଥିରେ ଚଳିବୁ। '

- 'ଓହୋଃ ! ସେଇଥିପାଇଁ ତାହେଲେ ତୁ ବୁଲିବୁଲି ଫୁଲ ବିକୁଛୁ ?'

- 'ହଁ, ଆଉ କ'ଣ କରିବି ? ନ ହେଲେ ନ ଚଳେ।'

- 'ଏମିତିରେ ଦିନକୁ କେତେ ରୋଜଗାର କରୁଛୁ ତୁ ?'

- 'ଧରିନିଅ ଦୁଇ ଶହ। ଦିନେ ଦିନେ ଦଶ କୋଡ଼ିଏ ଅଧିକ ବି ହୁଏ। ଆଉ ଦିନେ ଦିନେ ଦୁଇ ଶହରୁ ବି କମିଯାଏ। ହେଲେ ମତେ ଖୁବ୍ ବୁଲିବାକୁ ପଡ଼େ।'



- 'ଏ ଫୁଲ ପସରା ଧରି ସବୁଦିନେ ଏଠି ଏକା ଏକା ବୁଲୁଛୁ ?'

- 'ହଁ, ମୋର ଆଉ କିଏ ଅଛି ଯେ !'

- 'ମତେ ସାଙ୍ଗରେ ନେବୁ ?'

ଏହା ପରେ କ'ଣ କହିବ ବୁଝିପାରିଲାନି ଗୀତା। ଭାବିଲା, ଭଲ କଥା ହେଉଛି ତ ଇଏ। ତେବେ ଯାକୁ ପାଗଳ କାହିଁକି କୁହାଯିବ ? ସ୍ୱାତୀ ଧୋକା ଦେବା ପରେ ବୋଧହୁଏ କୌଣସି ଝିଅ ସହିତ କଥାବାର୍ତ୍ତା ହେବାକୁ ସୁଯୋଗ ପାଇନି। ଏମିତି ଭାବି ସେ ପଚାରିଲା - 'ତୁମ ନାଁ କ'ଣ ?'

- 'ମୋ ନାଁ ସୁରେଶ। '

- 'ତୁମ ବାପା କ'ଣ କରନ୍ତି ?'

- 'ମୋ ବାପା ସ୍କୁଲ୍ ଟିଚର।'

- 'ଆଚ୍ଛା ତୁମେ କ'ଣ ସ୍ୱାତୀଙ୍କୁ ସତରେ ଭଲପାଉଥିଲ ?'

- 'ହଁ, ଦଶମରୁ ମୁଁ ତାକୁ ଭଲପାଉଥିଲି। ଆମେ ଦୁହେଁ ସାଙ୍ଗ ହୋଇ ଟିଉସନ୍ ଯାଉଥିଲୁ। ତା' ପରେ କଲେଜରେ ପଢ଼ିଲୁ। ସାଙ୍ଗ ହୋଇ ଯାଉ ଆଉ ଆସୁ। କେବେ କେବେ ସାଙ୍ଗ ହୋଇ ବୁଲୁ। ତାକୁ ଭଲପାଏ ବୋଲି କହିଥିଲି। ସିଏ ବି ମତେ ଭଲପାଏ ବୋଲି କହିଥିଲା।'

- 'ଏତେ ଭଲ ପାଇବା ଥିଲା, ତେବେ ସିଏ ତୁମକୁ ଧୋକା ଦେଲେ କାହିଁକି ?'

- 'ଫେସ୍‌ବୁକରେ ତା'ର ଆଉ ଗୋଟିଏ ପିଲା ସହିତ ଲଭ୍ ହୋଇଗଲା। ସେ ଧୀରେ ଧୀରେ ମୋ' ଠାରୁ ଦୂରେଇଗଲା। ତା' ପରେ ଦିନେ ସେ ତା' ଘରଲୋକଙ୍କ ଅଜାଣତରେ ଲୁଚି ଲୁଚି ସେଇ ପିଲାଟି ସାଙ୍ଗରେ କୁଆଡ଼େ ଚାଲିଗଲା। ତାକୁ ବାହାହୋଇ ଏବେ ତା' ସାଙ୍ଗରେ ରହୁଛି ସେ।'

- 'ସିଏ ଗଲା କଥା ଗଲାଣି। ଏବେ ସେଇ କଥାକୁ ଗୁରୁତ୍ୱ ଦେବା କ'ଣ ତୁମର ଠିକ୍ ହେଉଛି ? ଆଚ୍ଛା ଏମାନେ ସବୁ ତୁମକୁ ପାଗଳ ବୋଲି କହୁଛନ୍ତି କାହିଁକି ? '

- 'ବେଳେବେଳେ ଭଲ, କିନ୍ତୁ ବେଳେବେଳେ କ'ଣ କହୁଛି ମୁଁ ନିଜେ ବି ଜାଣିପାରୁନି। ଲୋକଙ୍କୁ ସେଇଟା ମୋର ପାଗଳାମି ମନେହେଉଥିବ। ତେଣୁ ପାଗଳ କହୁଛନ୍ତି।'

- 'ଆଚ୍ଛା ତୁମେ ମୋ ସାଙ୍ଗରେ କାହିଁକି ଯିବାକୁ କହୁଛ ? ମୁଁ ଗୋଟେ ଫୁଲ ବିକାଳି ଝିଅ।'

- 'ଫୁଲ ବିକାଳି ଝିଅ କ'ଣ ଖରାପ ? ସେ କ'ଣ ଝିଅଟିଏ ନୁହେଁ ? ସେ କାହିଁକି ଏକା ଏକା ବୁଲିବ ? ତା' ପାଇଁ କାହିଁକି କେହି ଆସିବେ ନାହିଁ ? ମୁଁ ଏବେ ତତେ ସାହାଯ୍ୟ କରିବାକୁ ଚାହେଁ।'

ସୁରେଶର ଶ୍ରଦ୍ଧା ଗୀତାକୁ ଖୁବ୍ ଭଲଲାଗିଲା। ପ୍ରଥମକରି ସେ କାହାଠାରୁ ଏପରି ଶ୍ରଦ୍ଧା ପାଇଥିଲା। ହସିଦେଇ ଏବେ ସେ କହିଲା - 'ତୁମେ ବଡ଼ଘର ପୁଅ। ମୋ ସାଙ୍ଗରେ ବୁଲୁଥିବାର ଯଦି ତୁମ ବାପା ଦେଖନ୍ତି ? ସେକଥା ତୁମେ ଭାବିଛ ତ ?'

ସୁରେଶ କହିଲା - 'ମୋ ବାପା, ମାଆ ମୋତେ ପାଗଳ ଭାବି ଛାଡ଼ିଦେଇଛନ୍ତି। ମୁଁ କୁଆଡ଼େ ଯାଏ, କ'ଣ ଖାଏ, କେଉଁଠି

ଶୁଏ, କ'ଣ କରେ ସେ କଥା ସେମାନଙ୍କ ମନରେ ନ ଥାଏ। ତେଣୁ କାହିଁକି ସେ କଥା ଭାବିବି ?'

– 'ଏମିତି କଥା ତା' ହେଲେ ! ମୁଁ କିନ୍ତୁ ତୁମକୁ ଆଦୌ ପାଗଳ ବୋଲି ଭାବିପାରୁନି। ଭାବୁଛି ତୁମେ ସବୁଦିନ ମୋ ସାଙ୍ଗରେ ରହିଲେ ମୋ ସୁଖର ସୀମା ଆହୁରି ବଢ଼ିଯାଇପାରେ।' ଗୀତା କହିଲା।

– 'ଗୋଟେ କଥା ପଚାରିବି ? ତୁ ଝିଅପିଲା। ତୋ ସାଙ୍ଗରେ ମତେ ଦେଖିଲେ ତୋ ମାଆ ଖରାପ ଭାବିବନି ତ ? ମତେ ଗୁଣ୍ଡା ଲଗେଇ ମାରଧର କରିବନି ତ ?' ସୁରେଶ କହିଲା।

ଗୀତା ହସିଲା ଏ କଥା ଶୁଣି। କହିଲା – 'ମୋ ମାଆକୁ ତା' ହେଲେ ତୁମର ଏତେ ଡର ? ହେଲେ ଶୁଣ, ମତେ ବାଘ ଟେକି ନେଇଗଲେ ବି ମୋ ମାଆ ମୁହଁ ଫିଟାଇବ ନାହିଁ। ମୋତେ ଆଦୌ ଭଲପାଏନି ସେ। ସବୁବେଳେ ମୋ ମରିଯିବା ଚାହେଁ।'

**'ମୋ ମାଆକୁ ତା' ହେଲେ ତୁମର ଏତେ ଡର ? ହେଲେ ଶୁଣ, ମତେ ବାଘ ଟେକି ନେଇଗଲେ ବି ମୋ ମାଆ ମୁହଁ ଫିଟାଇବ ନାହିଁ।**

– 'ଆଁ ! ଏମିତି କଥା ! ସାବତ ମା'ମାନେ ତେବେ କ'ଣ ଏମିତି ?' ସୁରେଶ କହିଲା।

– 'ବାପା ଗଲାଦିନୁ ମୋ ଭାଗ୍ୟ ଏମିତି। କ'ଣ କରିବି ? ମୋ ମାଆ ପାଇଁ ମୋତେ ସେଠାକୁ ଯିବାକୁ ପଡୁଛି।' ଗୀତା ଦୁଃଖ ପ୍ରକାଶ ଭଙ୍ଗୀରେ କହିଲା।

ସୁରେଶ କହିଲା – 'ସବୁଦିନ ସମାନ ନ ଥାଏ। ତୁ କ'ଣ ସବୁଦିନେ ଏମିତି ବୁଲିବୁଲି ଫୁଲ ବିକୁଥିବୁ ? ଦିନେ ତୋ ଭାଗ୍ୟ ନିଶ୍ଚେ ବଦଳିଯିବ। ସୁଖ ତୋ ଉପରେ ଅଜାଡ଼ି ହୋଇପଡ଼ିବ। ତୋତେ ଆଉ ବୁଲିବାକୁ ପଡ଼ିବନି।'

– 'ଭଗବାନ ଜାଣନ୍ତି।' ଏତିକି କହିଲା ଗୀତା। ତା' ପରେ ଗୋଟେ ଦୀର୍ଘଶ୍ୱାସ ପକାଇ ଉଠିଲା। ପୁଣି ଯୋଗକଲା – 'ଆଜି ବେଶି ଫୁଲ ବିକ୍ରି ହୋଇପାରିନି। ତୁମ ସାଙ୍ଗରେ କଥା ହୋଇ ଖୁସି ହେଲି। ଯାଏଁ, ଆହୁରି ବହୁତ ବୁଲିବାକୁ ଅଛି। ତୁମେ କ'ଣ ସତରେ ମୋ ସହିତ ଯିବ ?'

– 'ହଁ, ଯିବି। ' ଏତିକି କହି ସୁରେଶ ବି ତା' ପଛେ ପଛେ ଯିବାକୁ ଉଠିଲା।

– 'ଫୁଲ ନବ ଫୁଲ। ସଜଫୁଲ। ବଉଳ, ମଲ୍ଲୀ, କୃଷ୍ଣଚୂଡ଼ା।' ଡାକି ଡାକି ଆଗରେ ଚାଲିଲା ଗୀତା। ତା' ପଛରେ ଥିଲା ସୁରେଶ।

– 'ଲାଗୁଛି କେହି ଜଣେ ମୋତେ ଆଦର କରୁଛି। ମୋ ପ୍ରତି ଶ୍ରଦ୍ଧା ଦେଖାଉଛି। ଭଲଲାଗୁଛି।' କିଛି ବାଟ ଆଗକୁ ଆସିବା ପରେ ଠାଏ ଠିଆ ହୋଇ ସୁରେଶକୁ କହିଲା ଗୀତା।

ଗୀତା ପ୍ରଶଂସା କରୁଛି, ବୁଝିପାରିଲା ସୁରେଶ। ତା' ମୁହଁରେ ହସ ଝଲସି ଉଠିଲା। ସେ କହିଲା – 'ହେଲେ ଏହାକୁ ତୁ ମୋର ପାଗଳାମି ବୋଲି କେବେ ଭାବିବୁନି।'

ଏହା ପରେ ଟିକେ ବିଶ୍ରାମ ନେବା ଉଦ୍ଦେଶ୍ୟରେ ସେଇଠି ବସିପଡ଼ିଲା ଗୀତା। ତା' ପାଖକୁ ଲାଗି ବସିଲା ସୁରେଶ। ସେ ବସୁ ବସୁ ଗୀତା ତାକୁ କହିଲା – 'ହେଲେ ମୋ ମନରେ ସେମିତି କିଛି କଥା ନ ଥିଲା। ଫୁଲ ବିକାଳି ଝିଅ ମୁଁ। ଫୁଲ ବିକ୍ରି କରିବା ମୋ କାମ। ତୁମେ ଏମିତି କ'ଣ କଲ କି ମୁଁ ତାକୁ ତୁମର ପାଗଳାମି ବୋଲି ଭାବିବି !'

– 'ବଉଳ ମାଳ କେତେ ଦାମ୍ ? ସଜ ସଜ ତ ଲାଗୁଛି।' ଗୀତାର ପାଟିରୁ କଥା ସରିନି ଜଣେ ଭଦ୍ରମହିଳା ପାଖରେ ପହଞ୍ଚି କହିଲେ।

– 'ହଁ, ମେମ୍। ନିଅନ୍ତୁ। ସଜ ବଉଳ ମାଳ। ଗୋଟାକୁ ଦଶ ଟଙ୍କା।' ଗୀତା କହିଲା। ବେପାର ଆଡ଼କୁ ତା'ର ମନ ଚାଲିଗଲା।

– 'ତେବେ ଗୋଟେ ଦେ'। ଖରାଦିନେ ବେଣୀରେ ବଉଳ ବାନ୍ଧିବାକୁ ଭଲଲାଗେ।' ଭଦ୍ର ମହିଳା କହିଲେ।

ସଙ୍ଗେ ସଙ୍ଗେ ଭଦ୍ରମହିଳାଙ୍କ ହାତକୁ ଗୋଟେ ବଉଳ ମାଳ ବଢ଼ାଇଲା ଗୀତା। ସେ ଗ୍ରହଣ କଲେ। ନିଜ ବେଣୀରେ ନେଇ ବାନ୍ଧିଲେ। ତା' ପରେ ପର୍ସରୁ ଦଶ ଟଙ୍କା ବାହାର କରି ଗୀତା ହାତକୁ ବଢ଼ାଇଲେ। ପୁଣି କହିଲେ – 'ତୁମେ ଦି' ଜଣ କ'ଣ ଭାଇଭଉଣୀ ? ସାଙ୍ଗ ହୋଇ ଏ ସହରରେ ବୁଲି ବୁଲି ଫୁଲ ବେପାର କରୁଛ ?'

– 'ହଁ, ସିଏ ମୋ ଭାଇ।' ଭଦ୍ର ମହିଳାଙ୍କ ହାତରୁ ପଇସା ନେଉ ନେଉ ଗୀତା ହସି ହସି କହିଲା।

ଭଦ୍ର ମହିଳା ପୁଣି କହିଲେ – 'ଭାଇଭଉଣୀ ପରି ଦିଶୁଛ।

ତେଣୁ ପଚାରିଦେଲି।' ଏତିକି କହି ହସ ହସ ମୁହଁରେ ସେ ଫେରିଗଲେ।

- 'ତୁ ମୋତେ ତୋର ଭାଇ ବୋଲି କହିଲୁ ଯେ!' ଭଦ୍ର ମହିଳା ଗଲା ପରେ ସୁରେଶ ଗୀତାକୁ କହିଲା। ଆଶ୍ଚର୍ଯ୍ୟର ଚିହ୍ନ ଫୁଟିଉଠୁଥିଲା ତା' ମୁହଁରେ ସେତେବେଳେ।

- 'ଆଉ କ'ଣ କହିଥାନ୍ତି ? ଭାଇ ହିଁ ତ ଭଉଣୀକୁ ସାହାଯ୍ୟ କରିଥାଏ।' ଗୀତା କହିଲା।

- 'କାହିଁକି ? ମୁଁ ତୋର ଆଉ କିଛି ହୋଇପାରିବିନି କ'ଣ ? ମୋତେ ଗୋଲାପ ଫୁଲଟେ ଦେଉନୁ।' ସୁରେଶ ଗୋଟେ ପାଗଳ ହସ ହସି କହିଲା।

ସୁରେଶର ଏ ପାଗଳାମି ବୁଝିପାରିଲା ଗୀତା। ତାକୁ ହସ ମାଡ଼ିଲା। ସେ ହସି ହସି କହିଲା - 'ଗୋଲାପ ଫୁଲ ! ଏବେ ମୁଁ ଗୋଲାପ ଫୁଲ କୋଉଠୁ ପାଇବି ? ଏବେ ପରା ଗ୍ରୀଷ୍ମ। ଶୀତ ଋତୁ ଆସୁ ଦେବି।'

- 'ଭୁଲି ନ ଯାଉ ଯେମିତି। ମନେରଖିଥିବୁ। ଶୀତ ଆସିଲେ ନିଶ୍ଚେ ମୋତେ ଗୋଲାପ ଫୁଲଟେ ଦେବୁ।' ସୁରେଶ କହିଲା।



-'ନିଶ୍ଚୟ, ହେଲେ ସେତେବେଳକୁ ତୁମେ ମୋ ପାଖରେ ଥିଲେ ହେଲା। ଏଠି ପରା ଆଜି କଥା କାଲିକି ନ ଥାଏ। ହାତରୁ ଖସିଯାଉଥାଏ ସମୟ।' ଗୀତା ଗୋଟେ ଅନୁଭବୀ ମଣିଷ ପରି କହିଲା।

- 'ତୋ ସହିତ ମିଶିଲା ପରେ ମୋର ଆଉ ସ୍ୱାତୀ କଥା ମନେପଡୁନି। ତା' ପାଇଁ ଦିନେ ଆତ୍ମହତ୍ୟା କରିବାକୁ ବାହାରିଥିଲି। ପୁଣି ଭାବିଲି ଗୋଟେ ଝିଅ ପାଇଁ ଆତ୍ମହତ୍ୟା କରିବି ! ନା, ସେମିତି କରିବିନି। ମନକୁ ବୁଝାଇଦେଲି।' ସୁରେଶ କହିଲା। ତା'ର ଏଇ କଥାରେ ଗୀତା ପ୍ରତି ଖୁବ୍ ଭଲପାଇବା ଥିଲା।

ସେଇଠି ଦୁହେଁ ବସି କଥାବାର୍ତ୍ତା ହେଉଥିବାବେଳେ ଗୀତାର ସବୁ ଫୁଲ ବିକ୍ରି ହୋଇଗଲା। ସେ ଘରକୁ ଫେରିବାକୁ ବାହାରିଲା। ସୁରେଶ କହିଲା - 'ମୁଁ କାଲି ତୋତେ ଏଇ ବଜାରରେ ଅପେକ୍ଷା କରିଥିବି। ତୁ ଆସିଲେ ଆମେ ସାଙ୍ଗ ହୋଇ ବୁଲିବା। ଫୁଲ ବିକିବା।'

'ହଁ ' କହି ମୁର୍କି ହସିଦେଇ ଗୀତା ଚାଲିଗଲା। ସେଦିନ ତାକୁ ଏତେ ଖୁସି ଲାଗୁଥିଲା ଯେ ସବୁ ଖୁସି ରଖିବାକୁ ତା' ଛାତିରେ ଜାଗା ନ ଥିଲା। ବାଟସାରା ସେ ସେଇ କଥା ଭାବୁଥିଲା।

ଏବେ ସବୁଦିନ ଦୁହେଁ ସେଇ ବଜାରରେ ଏକାଠି ହେଉଥିଲେ। ଆଉ ଆଗ ପରି ଅସନା ହୋଇ ଆସୁ ନ ଥିଲା ଗୀତା। ମୁଣ୍ଡ କୁଣ୍ଡେଇ ବେଣୀ ପକାଉଥିଲା। ସଫା ପୋଷାକ ପିନ୍ଧି ଆସୁଥିଲା। ଦୁହେଁ ସାଙ୍ଗ ହୋଇ ବୁଲୁଥିଲେ। ଫୁଲ ବିକ୍ରି କରୁଥିଲେ।

ଦିନକର ଘଟଣା। ଦୁହେଁ ସାଙ୍ଗ ହୋଇ ବଜାରରେ ବୁଲୁଥାନ୍ତି। ଏତିକିବେଳେ ସୁରେଶର ବାପା ଦୁହିଁଙ୍କୁ ଦେଖିପାରିଲେ। ଖୁବ୍ ପାଖରୁ ସେମାନଙ୍କୁ ଦେଖି ଆଶ୍ଚର୍ଯ୍ୟ ହେଲେ ସେ। ଏ ଫୁଲବିକାଳି ଝିଅଟି ସହିତ ସୁରେଶର କି ସମ୍ପର୍କ ! ସେ ମନକୁ ମନ କହିଲେ। ଘରକୁ ଫେରି ସଙ୍ଗେ ସଙ୍ଗେ ସୁରେଶର ମାଆକୁ କହିଲେ - 'ସୁରେଶକୁ ଆଜି ଗୋଟେ ଫୁଲ ବିକାଳି ଝିଅ ସହ ବଜାରରେ ବୁଲୁଥିବାର ଦେଖିଲି। ସେ ଝିଅ ସହିତ ଯାର କି ସମ୍ପର୍କ ! ମୋତେ ଲାଗିଲା ଯେମିତି ଦୁହିଙ୍କର ସମ୍ପର୍କ ବହୁଦିନର।'

- 'ତୁମକୁ କହୁ ନ ଥିଲି ! ମୋତେ ଲାଗୁଛି ବୋଧହୁଏ ତାହା ହିଁ ସୁରେଶର ମାନସିକ ସୁସ୍ଥତାର କାରଣ। ଆମ ସୁରେଶ କେତେ ବଦଳିଯାଇଛି ଯା ଭିତରେ ! ଏବେ ତ ତା'ର ମାନସିକ ସୁସ୍ଥତା ଉପରେ ମୋର ଆଦୌ ସନ୍ଦେହ ନାହିଁ। ସେଇ ଝିଅଟି ପାଇଁ ଏସବୁ ସମ୍ଭବ ହୋଇଥିବା ମନେହୁଏ। ଆମକୁ କିଛି ଗୋଟିଏ ନିଷ୍ପତ୍ତି ନେବା ପାଇଁ ହେବ।' ସୁରେଶର ମାଆ କହିଲେ।

- 'କ'ଣ ଚାହୁଁଛ ତୁମେ ?' ସୁରେଶର ବାପା କହିଲେ।

- 'ମୋର କାହିଁକି ସେଇ ଝିଅଟିକୁ ଦେଖିବାକୁ ଟିକେ ଇଚ୍ଛା ହେଉଛି।' ସୁରେଶର ମାଆ କହିଲେ।

– 'ତେବେ ଶୀଘ୍ର ବାହାରିପଡ଼ । ଆମେ ଏଇ ସଙ୍ଗେ ସଙ୍ଗେ ଚାଲିଯିବା । ସେମାନେ ନିଶ୍ଚୟ ସେଇଠି ଥିବେ ।' ସୁରେଶର ବାପା କହିଲେ ।

ଏହାପରେ ଆଉ ଡେରି ନ କରି ଦୁହେଁ ଘରୁ ବାହାରିଗଲେ । ଯାଇ ବଜାରରେ ପହଞ୍ଚିଲେ । ସୁରେଶ ଓ ଗୀତାକୁ ଗୋଟିଏ ଜାଗାରେ ଏକାଠି ବସିଥିବାର ଦେଖିଲେ ।– 'ବାଃ ! ସୁନ୍ଦର ଝିଅଟିଏ ତ !' ସୁରେଶର ମାଆ କହିଲେ । ଯାଇ ତା' ପାଖରେ ପହଞ୍ଚି ତା' ଫୁଲ ପସରାରୁ ଗୋଟେ ବଉଳ ଫୁଲମାଳ ନେଇ ତା' ବେଣୀରେ ବାନ୍ଧି ଦେଇ ତାକୁ କହିଲେ – 'ଝିଅ ! ତୁ ମୋ ବୋହୂ ହେବୁ ?'

– 'ଗୀତା ! ଇଏ ମୋ ବାପା, ମାଆ ।' ସେତିକିବେଳେ କହିଲା ସୁରେଶ । ତା' ମୁହଁରେ ଲାଖିରହିଥିଲା ଗୋଟେ ମନଜିଣା ହସ ।

ଆଶ୍ଚର୍ଯ୍ୟ ହେଉ ହେଉ ମୁର୍କି ହସିଲା ଗୀତା । ସେଇ ହସ ଥିଲା ସୁରେଶର ମାଆକୁ ତା'ର ଶୁଦ୍ଧ, ସରଳ ଓ ନମ୍ର ସହମତି ।

**ଆଶ୍ଚର୍ଯ୍ୟ ହେଉ ହେଉ ମୁର୍କି ହସିଲା ଗୀତା । ସେଇ ହସ ଥିଲା ସୁରେଶର ମାଆକୁ ତା'ର ଶୁଦ୍ଧ, ସରଳ ଓ ନମ୍ର ସହମତି ।**

ଆନନ୍ଦରେ, ଲୁହ ଛଳଛଳ ଆଖିରେ, ଅତି ଶ୍ରଦ୍ଧାରେ ତାକୁ କୋଳେଇନେଲେ ସୁରେଶର ମାଆ । କହିଲେ – 'ମୋ ପୁଅକୁ ପାଗଳରୁ ଭଲମଣିଷ କରିଛୁ । ଆଜିଠାରୁ ତୁ ମୋର ବୋହୂ ହେଲୁ । ମୋ ସାଙ୍ଗରେ ଆ' । ଘରକୁ ଯିବା ।'

ବଉଳ ଫୁଲର ବେଣୀ ! ହେଲେ ନିଜ ପାଇଁ ଏମିତି ତ କେବେ ଦିନେ ଭାବି ନ ଥିଲା ସେ । ଏବେ ବେଣୀର ବଉଳ ଫୁଲକୁ ସେ ଧୀରେ ଧୀରେ ତା' ହାତରେ ଛୁଇଁଲା । ତା'ର ମନେହେଉଥିଲା ଯେମିତି ଆକାଶେ ସୁଖ କିଏ ତା' ଉପରେ ଅଜାଡ଼ି ଦେଇଛି ।

ତା'ର ଫୁଲ ପସରା ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଲା ସେଇଠି । ସୁରେଶର ମାଆଙ୍କ ସହିତ ସେଦିନ ତାଙ୍କ ଘରକୁ ଚାଲିଆସିଲା ସେ ।

□□

ଲେଖକଙ୍କ ଇ-ମେଲ ଠିକଣା:
sachidanandakar62@gmail.com

---


## 'ସାହିତ୍ୟ ଚର୍ଚ୍ଚା' ପତ୍ରିକାର ବାର୍ଷିକ ସଂଗ୍ରହ

**ଦୁଇ ବର୍ଷର ୧୨+୧୨ଟି ସଂଖ୍ୟା ଏକତ୍ର ବନ୍ଧାଇ ହୋଇ ଉପଲବ୍ଧ ଅଛି ।**




ଭୁବନେଶ୍ୱର ପୁରୁଣା ବସ୍‌ଷ୍ଟାଣ୍ଡରେ ଥିବା ନାରାୟଣୀ ବୁକ୍‌ଷ୍ଟଲ୍‌ରୁ ଆଗ୍ରହୀ ପାଠକମାନେ ଏହାକୁ ସଂଗ୍ରହ କରିପାରିବେ ।

ପ୍ରତ୍ୟେକଟିର ମୂଲ୍ୟ : ଟ.୩୬୦/- ମାତ୍ର



**ପ୍ରବନ୍ଧ**



# ଓଡ଼ିଆ ଶାସ୍ତ୍ରୀୟକରଣରେ ଦେଉଳିଆ ଭାଷାର ଭୂମିକା

ହେମନ୍ତ ବିଶ୍ୱାଳ

ଶ୍ରୀମନ୍ଦିରରେ ବ୍ୟବହୃତ ହେଉଥିବା ଭାଷାକୁ ଦେଉଳିଆ ଭାଷା ବୋଲି କୁହାଯାଏ। ଶ୍ରୀମନ୍ଦିରର ଐତିହ୍ୟ, ପରମ୍ପରା, ସଂସ୍କୃତି ଓ ଭାଷା ବହୁ ପ୍ରାଚୀନ। ଆମ ଜାତିର ବୁନିଆଦିକୁ ଶ୍ରୀମନ୍ଦିର ଧରି ରଖିଛି। ଶ୍ରୀମନ୍ଦିର ପ୍ରତିଷ୍ଠା ହେବା କାଳରୁ ତା'ର ନୀତିକାନ୍ତି ସମ୍ବନ୍ଧୀୟ ନାନା ଭାଷା ଆଜି ପର୍ଯ୍ୟନ୍ତ ବ୍ୟବହୃତ ହୋଇଆସୁଛି। ତେଣୁ ଶ୍ରୀମନ୍ଦିର ଭାଷା ବା ଦେଉଳିଆ ଭାଷା ତା'ର ପ୍ରାଚୀନ ରୂପକୁ ଧରି ଆଜି ଦେଉଳରେ ବ୍ୟବହୃତ ହେଉଛି। ଦେଉଳିଆ ଭାଷା ଉପରେ ପ୍ରବନ୍ଧଟି ଲେଖିବାର କାରଣ ହେଉଛି ଯେ ଶାସ୍ତ୍ରୀୟ ଓଡ଼ିଆ ଭାଷାର ପ୍ରାଚୀନ ରୂପ କେଉଁପରି ଥିଲା ଏବଂ ତାହା ଆଜି ମଧ୍ୟ କିପରି ଭାବରେ ଶ୍ରୀମନ୍ଦିରରେ ସୁରକ୍ଷିତ ରହି ବ୍ୟବହୃତ ହେଉଛି ତାହା ଆଜି ଓଡ଼ିଆ ଜାତିକୁ ସ୍ୱୀକାର କରିବାକୁ ପଡ଼ିବ ଏବଂ ପରବର୍ତ୍ତୀ ସମୟରେ ଶ୍ରୀମନ୍ଦିର ଭାଷା ଉପରେ ବିଧିବଦ୍ଧ ଭାବରେ ଗବେଷଣା କାର୍ଯ୍ୟ କରାଗଲେ ହିଁ ଶ୍ରୀମନ୍ଦିର ଓ ଓଡ଼ିଆଙ୍କର ପ୍ରାଚୀନତାକୁ ପରିପୁଷ୍ଟ କରିବା ସହ ଅନେକ ସତ୍ୟାସତ୍ୟ ତଥ୍ୟ ଲୋକଲୋଚନକୁ ଆସିପାରନ୍ତା।



'ଓଡ଼ିଆ' ଭାଷା ଶାସ୍ତ୍ରୀୟ ମାନ୍ୟତାପ୍ରାପ୍ତ ଭାଷା। ଓଡ଼ିଆ ଭାଷାର ପ୍ରାଚୀନତା ସହ ମୌଳିକତା ଏହାର ଶାସ୍ତ୍ରୀୟ ଯୋଗ୍ୟତାକୁ ପ୍ରତିଷ୍ଠିତ କରାଇବାରେ ସହାୟକ ତ ହୋଇଛି, ତା'ଛଡ଼ା ବହୁ ପ୍ରାଚୀନ କାଳରୁ ଚଳିଆସୁଥିବା ଜଗନ୍ନାଥ ସଂସ୍କୃତିର ବୈଚିତ୍ର୍ୟ ହିଁ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଁ ଏହାର ଯୋଗ୍ୟତାକୁ ବହୁଗୁଣିତ କରିପାରିଛି। ପ୍ରଥମେ ଓଡ଼ିଆ ଭାଷାର ପ୍ରାଚୀନତାକୁ ବିଚାର କରିବାକୁ ହେଲେ, ଓଡ଼ିଆ ଭାଷାର ଯଥାର୍ଥ ମୂଳପିଣ୍ଡ କେଉଁଠି ତାହା ବିଚାରକୁ ଆଣିବାକୁ ହେବ। ପଣ୍ଡିତ ନୀଳକଣ୍ଠ ଦାସ ଓ ବିଜୟ ପ୍ରସାଦ ମହାପାତ୍ରଙ୍କ ମତକୁ ଯଦି ବିଚାର କରାଯାଏ, ତେବେ ବୁଝିବାକୁ ହେବ ଯେ ଓଡ଼ିଆ ଭାଷାର ମୂଳପିଣ୍ଡ ଦ୍ରାବିଡ଼, ଅଷ୍ଟିକ/ଶବର ଓ ଆର୍ଯ୍ୟ ଏହି ତିନି ଭାଷାଗୋଷ୍ଠୀ ଭିତରେ ଅନ୍ତର୍ହିତ। ଏହି ତିନି ଭାଷାଗୋଷ୍ଠୀର ସଙ୍ଗମରେ ଯଥାର୍ଥ ଓଡ଼ିଆ ଭାଷାର ମୂଳପିଣ୍ଡ ଗଢ଼ି ଉଠିଛି।

**ଶ୍ରୀ ଜଗନ୍ନାଥ ସଂସ୍କୃତି**

ଓଡ଼ିଶାର ଜାତୀୟ ଦେବତା ହେଉଛନ୍ତି 'ଶ୍ରୀଜଗନ୍ନାଥ'। 'ଶ୍ରୀଜଗନ୍ନାଥ' ହେଉଛନ୍ତି ଓଡ଼ିଆଙ୍କର ପରିଚୟ। ଜଗନ୍ନାଥ ସଂସ୍କୃତି, ଐତିହ୍ୟ ଓ ପରମ୍ପରାରେ ଉପରୋକ୍ତ ତିନି ଶ୍ରେଣୀର ସାମାଜିକ ଚଳଣି ପରିଲକ୍ଷିତ ହେଉଥିବାର ଦେଖିବାକୁ ମିଳେ। ଓଡ଼ିଶାର ସାମାଜିକ ବ୍ୟବସ୍ଥାରେ ମଧ୍ୟ ଏହି ତିନି ଶ୍ରେଣୀର ଲୋକଙ୍କ ଜୀବନଶୈଳୀ ପରିଲକ୍ଷିତ ହୁଏ। ଶ୍ରୀମନ୍ଦିରର ଐତିହ୍ୟ ଓ ପରମ୍ପରା ବହୁ ପ୍ରାଚୀନ। ଯାହା ଜଣାଯାଏ ଶ୍ରୀମନ୍ଦିରର ପ୍ରତିଷ୍ଠାତା ଗଙ୍ଗବଂଶୀୟ ରାଜା, ଯିଏ କି ଦ୍ରାବିଡ଼ଭାଷୀ ଥିଲେ। ପୁଣି ଏହାର ସେବାୟତ ଶବର ସମ୍ପ୍ରଦାୟଭୁକ୍ତ ଦଇତାପତି ଏବଂ ଆର୍ଯ୍ୟୋତ୍ତର ବ୍ରାହ୍ମଣ ପ୍ରଭୃତି ଅନ୍ୟାନ୍ୟ ଛତିଶ ଜାତିର ସେବାୟତ ନିଯୁକ୍ତ ଶ୍ରୀମନ୍ଦିରରେ। କାଳକ୍ରମେ ଶ୍ରୀମନ୍ଦିରକୁ ଦେଶବିଦେଶରୁ ବହୁ ସାଧୁସନ୍ଥ ଆସିଛନ୍ତି ଯେପରି ଶ୍ରୀ ଶଙ୍କରାଚାର୍ଯ୍ୟ, ଶ୍ରୀ ରାମାନୁଜ, ଶ୍ରୀ ଚୈତନ୍ୟ, ସାଲବେଗ, ରାମଦାସ ପ୍ରମୁଖ ଭକ୍ତମାନେ । ଶ୍ରୀକ୍ଷେତ୍ରକୁ ଆସି ସେମାନଙ୍କର ମହନୀୟତାକୁ ଛାଡ଼ିଯାଇଛନ୍ତି। ସର୍ବଧର୍ମ ସମନ୍ୱୟର କ୍ଷେତ୍ର ଶ୍ରୀକ୍ଷେତ୍ର ବା ପୁରୁଷୋତ୍ତମ କ୍ଷେତ୍ର ସବୁକୁ ଗ୍ରହଣ କରିନେଇଛି, ମନ୍ଦିରରେ ନୀତି, କାନ୍ତି ସମ୍ବନ୍ଧୀୟ ପରମ୍ପରା ଥରେ ପ୍ରତିଷ୍ଠିତ ହେଲାପରେ କାଳକ୍ରମେ ତାହା ପିଢ଼ି ପରେ ପିଢ଼ି ପରମ୍ପରାକ୍ରମେ ଗଢ଼ି ଚାଲିଥାଏ। ଜନସାଧାରଣଙ୍କର ମୁଖର ଭାଷା ବଦଳିବା ସ୍ୱାଭାବିକ ହେଲେ ହେଁ ପରମ୍ପରା ନୀତିକାନ୍ତି ସମ୍ପର୍କିତ ଭାଷା

ବଦଳିବା ସମ୍ଭବ ନୁହେଁ। କହିବାର କଥା ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥଙ୍କ ସମସ୍ତ ନୀତି, କାନ୍ତି ସମ୍ବନ୍ଧୀୟ ଭାଷା ବହୁ ପ୍ରାଚୀନ। ଶ୍ରୀମନ୍ଦିରର ଭାଷା ବା ଦେଉଳିଆ ଭାଷା ହିଁ ଯଥାର୍ଥ ଓଡ଼ିଆ ଭାଷା। ଯଥା ପ୍ରାଚୀନ ଓଡ଼ିଆ ଭାଷା। ବର୍ତ୍ତମାନ ଦେଉଳିଆ ଭାଷା ଶ୍ରୀମନ୍ଦିରରେ ଏବଂ କେବଳ ପୁରୀ ଅଞ୍ଚଳରେ ବ୍ୟବହୃତ ହୁଏ। ଶ୍ରୀମନ୍ଦିରକୁ ଭାଷା ସିଧା ଉଡ଼ି ଆସିନାହିଁ କୋରାପୁଟ କିମ୍ବା ମୟୂରଭଞ୍ଜ ଅଞ୍ଚଳରୁ ବରଂ ଶ୍ରୀମନ୍ଦିର ସହ ସମୟାନୁସାରୀ ବହୁ ଭକ୍ତଙ୍କର ଆଗମନ ଏବଂ ସେଠାକାର ଜନସାଧାରଣ ମୁଖର କଥିତ ଭାଷା ଉଭୟର ସମ୍ମିଶ୍ରିତ ରୂପ ହେଉଛି 'ଦେଉଳିଆ ଭାଷା'। 'ଦେଉଳିଆ ଭାଷା' ଯଦି ପ୍ରାଚୀନ ଓଡ଼ିଆ ଭାଷା ହୁଏ ତେବେ ଦେଉଳିଆ ଭାଷାରେ କାହିଁକି ଓଡ଼ିଶାର ଅନ୍ୟାନ୍ୟ ଅଞ୍ଚଳର ଲୋକମାନେ କଥାବାର୍ତ୍ତା କିମ୍ବା ଅନ୍ୟାନ୍ୟ ଅଭିଲେଖ ଏବଂ ପ୍ରାଚୀନ ପୋଥିପତ୍ରରେ ଅନୁରୂପ ଭାଷା ବ୍ୟବହୃତ ହୋଇଥିବାର ଦୃଷ୍ଟାନ୍ତ ନାହିଁ। ଏହାର ସତ୍ୟାସତ୍ୟ ବିଚାର କରିବାକୁ ହେଲେ ଓଡ଼ିଶା ଏକ ଭାଷା କ୍ଷେତ୍ର। ଓଡ଼ିଶାରେ ଗୋଟିଏ ଅଞ୍ଚଳର ଭାଷା ଅନ୍ୟ ଅଞ୍ଚଳର ଭାଷାଠାରୁ ପୃଥକ ପରିଲକ୍ଷିତ ହୁଏ। ଏ ସମସ୍ୟାଟି ଏକବିଂଶ ଶତାବ୍ଦୀରେ ନୁହେଁ ବରଂ ସାରଳାଙ୍କ ସମୟରୁ ଲକ୍ଷ୍ୟ କରାଯାଇପାରେ।

**ଗୋଟିଏ ସମାନ ଅର୍ଥରେ ଶ୍ରୀକ୍ଷେତ୍ରରେ ଓ ଶ୍ରୀମନ୍ଦିର ଭିତରେ ଭିନ୍ନ ଭିନ୍ନ ଶବ୍ଦର ବ୍ୟବହାର ପରିଲକ୍ଷିତ ହୁଏ।**

### ସାରଳା ମହାଭାରତରେ ଭାଷା

'ସାରଳା ଦାସ'ଙ୍କ 'ମହାଭାରତ' ଓଡ଼ିଶାର କଥିତ ଭାଷାରେ ରଚିତ ହେଲେ ହେଁ 'ସେହି ଭାଷାରେ ଯେ ସମଗ୍ର ଓଡ଼ିଶାବାସୀ କଥାବାର୍ତ୍ତା କରୁଥିଲେ ତାହା ଆଦୌ ପ୍ରମାଣଯୋଗ୍ୟ ନୁହେଁ। ସାରଳାଙ୍କ ମହାଭାରତ ହୁଏତ କଟକ ବା ଜଗତ୍‌ସିଂହପୁର ଜିଲ୍ଲାର ଲୋକଙ୍କ ମୁଖର ଭାଷାରେ ରଚିତ ହୋଇଛି। ମାତ୍ର ସମଗ୍ର ଓଡ଼ିଶାବାସୀ ସେହି ଭାଷାରେ କଥାବାର୍ତ୍ତା କରୁଥିଲେ। ତାହା ହୋଇଥିଲେ ସାରଳାଙ୍କ ସମସାମୟିକ ଖୋଦିତ ଓଡ଼ିଶାର ବିଭିନ୍ନ ଅଞ୍ଚଳର ଅଭିଲେଖର ଭାଷା ଏବଂ ସାରଳା ମହାଭାରତର ଭାଷା ମଧ୍ୟରେ ସାମ୍ୟତା ଦେଖିବାକୁ ମିଳନ୍ତା। ପୁଣି ସାରଳାଙ୍କ ପରବର୍ତ୍ତୀ ଲେଖକ ଷୋଡ଼ଶ ଶତାବ୍ଦୀର କବି ବଳରାମ ଦାସଙ୍କ 'ଲକ୍ଷ୍ମୀ ପୁରାଣ' ଓ 'ଭାବ ସମୁଦ୍ର' କଥିତ ଭାଷାରେ ରଚିତ ହୋଇଛି। ମାତ୍ର ସାରଳା ମହାଭାରତର ଭାଷାଠାରୁ ଏହା ଏତେ ମାର୍ଜିତ ଜଣାଯାଉଛି ଯେ ଗୋଟିଏ ଭାଷା ପଚାଶ କିମ୍ବା ସତୁରି ବର୍ଷ ଭିତରେ ଏତେ ବଦଳିଯିବା ସମ୍ଭବପର ନୁହେଁ ଏବଂ ସମସାମୟିକ ଅଭିଲେଖର ଭାଷାଠାରୁ ଏମାନଙ୍କର ଭାଷାରେ ସାମ୍ୟ ନ ଥିଲା ପରି ମନେ ହୁଏ। ଏହାର ଗୋଟିଏ ମାତ୍ର କାରଣ ହେଉଛି ଓଡ଼ିଶା ଏକ ଭାଷାକ୍ଷେତ୍ର ହୋଇଥିବାରୁ ଗୋଟିଏ ଅଞ୍ଚଳର ଭାଷାଠାରୁ ଅନ୍ୟ ଅଞ୍ଚଳର ଭାଷା କିଛିଟା ପରିମାଣରେ ପାର୍ଥକ୍ୟ ପରିଲକ୍ଷିତ ହୁଏ। ଏହା ହିଁ ଯଥାର୍ଥ ସତ୍ୟ। ତେବେ ଆଉ ଏକ କଥା ଯେ ପୁରୀ ଅଞ୍ଚଳରେ ବ୍ୟବହୃତ ଭାଷାଠାରୁ ଶ୍ରୀମନ୍ଦିରର ଭାଷାରେ କାହିଁକି ଭିନ୍ନତା ପରିଲକ୍ଷିତ ହୁଏ ଏବଂ ଗୋଟିଏ ସମାନ ଅର୍ଥରେ ଶ୍ରୀକ୍ଷେତ୍ରରେ ଓ ଶ୍ରୀମନ୍ଦିର ଭିତରେ ଭିନ୍ନ ଭିନ୍ନ ଶବ୍ଦର ବ୍ୟବହାର ପରିଲକ୍ଷିତ ହୁଏ। ଭାଷାରେ ଏପରି ହେବାର ବହୁବିଧ କାରଣ ରହିଛି। ଗୋଟିଏ ଉଦାହରଣ ଦେଇ ପ୍ରସଙ୍ଗଟିକୁ ସ୍ପଷ୍ଟ କରିବା ଉଚିତ ହେବ।

ପ୍ରକାଶଥାଉ କି, ଶ୍ରୀମନ୍ଦିର ପରିସରରେ 'କ୍ଷୀର' ଅର୍ଥବାଚୀ 'ଦୁଧ' ଶବ୍ଦର ବ୍ୟବହାର ପରିଲକ୍ଷିତ ହେଉଥିବା ବେଳେ କେବଳ ଶ୍ରୀମନ୍ଦିର ବାହାରେ ବିଶେଷ କରି ସାମାଜିକ ପରିସରରେ ବୋଧହୁଏ କୌଣସି କାରଣରୁ ଏହାକୁ ନିଷିଦ୍ଧ କରାଯାଇ ତା'ପରିବର୍ତ୍ତେ 'ନିତ୍ୟାନି' ଶବ୍ଦଟିର ପ୍ରଚଳନକୁ ସ୍ୱୀକୃତି ଦିଆଯାଇଛି। ତା' ହେଲେ ଏହାର ପ୍ରକୃତ କାରଣଟି କ'ଣ ହୋଇପାରେ, ତାହା ବିଚାର କରାଯାଉ।

### ଦୁଗ୍ଧ - ଦୁଧ - କ୍ଷୀର

ସମ୍ଭବତଃ ସଂସ୍କୃତ 'ଦୁଗ୍ଧ' ଶବ୍ଦରୁ ଓଡ଼ିଆ 'ଦୁଧ' ଶବ୍ଦଟି 'କ୍ଷୀର'ର ପ୍ରତିଶବ୍ଦ ଭାବେ ସୃଷ୍ଟି ହୋଇଥିଲେ ହେଁ, ଏହାର ଆଉ ଗୋଟିଏ ଅଶ୍ଳୀଳ ବ୍ୟଞ୍ଜକ ଅର୍ଥ ଥିବା ଦେଖିବାକୁ ମିଳିଥାଏ। ଯଥାର୍ଥରେ 'ଦୁଧ' ଶବ୍ଦଟି 'କ୍ଷୀର' ଓ 'ନାରୀର ସ୍ତନ'-ଏ ଉଭୟ ଅର୍ଥରେ ଓଡ଼ିଆରେ ବ୍ୟବହୃତ ହେଉଥିବା ଦେଖାଯାଏ। 'ଦୁଧ'ର ଏହି ଦ୍ୱିତୀୟ ଅର୍ଥଟି ଅଶ୍ଳୀଳତା ବ୍ୟଞ୍ଜକ ହୋଇଥିବାରୁ ପୁରୀର ରକ୍ଷଣଶୀଳ ସମାଜ, ନାରୀମାନଙ୍କ ସମ୍ମୁଖରେ ଏହାକୁ ବ୍ୟବହାର କରିବାକୁ ବୋଧହୁଏ ସଂକୋଚ ମନେ କରି ଏହାକୁ ବର୍ଜନ କରିଥିଲା। 'ଦୁଧ' ଶବ୍ଦଟି ପୁରୀର ସାମାଜିକ ସ୍ତରରେ 'ନିଷିଦ୍ଧ' ହେବା କାରଣରୁ ତା'

ପ୍ରତିବଦଳରେ, ବିଶେଷ କରି ସୁଭାଷଣ ପ୍ରକ୍ରିୟାରେ ଆଉ ଏକ 'ପ୍ରତିଶବ୍ଦ' ସୃଷ୍ଟି ହେବାର ସୁଯୋଗ ବା ଯଥାର୍ଥତା ରହିଥିଲା। ଫଳରେ ଦୁଧ ଶବ୍ଦର ପ୍ରତିଶବ୍ଦ ଭାବେ 'ନିତ୍ୟାନି'ର ପ୍ରଚଳନ ଘଟିପାରିଥିଲା। ମାତ୍ର ମନ୍ଦିର ପରିସରରେ କୌଣସି 'ନାରୀ' ସେବାକାରୀ ନ ଥିବାରୁ, ସେଠାରେ ଏପରି ଘଟିବାର କୌଣସି କାରଣ ନ ଥିଲା। ସେଥିପାଇଁ ମନ୍ଦିର ଭିତରେ ଏହି ଶବ୍ଦଟି ଏବେ ବି ବ୍ୟବହୃତ ହେଉଛି। ଯଥା-ମନ୍ଦିରର ଗୋପାଳ ସେବକମାନଙ୍କୁ ସାମଗ୍ରିକ ଭାବେ 'ଦୁଧଘର ସେବକ' 'ଦୁଧଘର ଜଗିଥା', 'ଦୁଧ ମେଲାଣ' ସେବକ ନାମରେ ମଧ୍ୟ ନାମିତ କରାଯାଇଛି। ବର୍ତ୍ତମାନ ଶ୍ରୀମନ୍ଦିରରେ ବ୍ୟବହୃତ କେତେକ ଶବ୍ଦର ବ୍ୟୁତ୍ପତ୍ତିଗତ ଆଲୋଚନା କରାଗଲା। ଏଥିରୁ କେତେକ ବିଜୟ ପ୍ରସାଦ ମହାପାତ୍ରଙ୍କ 'ଓଡ଼ିଆ ଭାଷା ବିଭବ' ପୁସ୍ତକରୁ ସଂଗୃହୀତ ଯଥା-

ଅଭଡ଼ା<ସଓରା. ଆବ୍-ଆଡ଼ା (ବ>ଭ)



ଶ୍ରୀଜଗନ୍ନାଥ ପ୍ରଭୃତି ଦେବତାମାନଙ୍କୁ ଭୋଗ କରାଯାଉଥିବା ଅନ୍ନାଦି ରନ୍ଧା ସାମଗ୍ରୀ 'ଅଭଡ଼ା' ନାମରେ ପରିଚିତ। ବଢ଼ା ହେଉ ନ ଥିବାରୁ ଏହାର ନାମ 'ଅବଢ଼ା' ଏବଂ ସେଥିରୁ ଅନୁରୂପ 'ଅଭଡ଼ା' ଶବ୍ଦଟିର ସୃଷ୍ଟି ହୋଇଥିବାର କଥା ଓଡ଼ିଆ ଅଭିଧାନ ଏବଂ କେତେକ ବିଦ୍ୱାନଙ୍କର ମତ। ମାତ୍ର ଏଭଳି ସିଦ୍ଧାନ୍ତ ସମ୍ପୂର୍ଣ୍ଣ ବିଭ୍ରାନ୍ତିକର। କାରଣ ଜଗନ୍ନାଥଙ୍କ ରୋଷେଇଘରେ କେବଳ ଛୋଟ କୁଡୁଆରେ ହିଁ ଅନ୍ନାଦିକୁ ରନ୍ଧାଯାଇ ତାକୁ ବଡ଼ ବାଇହାଣ୍ଡିକୁ ଅଜଡ଼ାଯାଏ। ଅନ୍ତତଃ ପକ୍ଷେ ବଡ଼ ବାଇହାଣ୍ଡି ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ପରେ ଛୋଟ କୁଡୁଆ ସହ ଏହି ବଡ଼ ବାଇହାଣ୍ଡିକୁ ଭାରରେ ଭୋଗ ସ୍ଥାନକୁ ନିଆଯାଇଥାଏ। ଅତଏବ ସାମାନ୍ୟ ରୂପରେ ହେଲେ ମଧ୍ୟ ଏଥିରେ ବଢ଼ା କାର୍ଯ୍ୟଟି ନିହିତ ଅଛି। ସେହିପରି ପହିଲି ଭୋଗ ସମୟରେ ବିଶେଷ କରି ସକାଳ ଧୂପରେ ପ୍ରଭୁମାନଙ୍କୁ ଯେଉଁଠି ଖେଚୁଡ଼ି ଭୋଗ ଦିଆଯାଏ। ତାହା ବଡ଼ ଥାଳିରେ ହିଁ ବଢ଼ାଯାଇ ଭୋଗ ହୋଇଥାଏ। ଏ ଦୃଷ୍ଟିରୁ ବଢ଼ା ହେଉ ନ ଥିବାରୁ 'ଅବଢ଼ା' ଏବଂ ସେଥିରୁ 'ଅଭଡ଼ା' ଶବ୍ଦଟିର ବ୍ୟୁତ୍ପତ୍ତି ନିର୍ଦ୍ଧାରଣ ଆଦୌ ଗ୍ରହଣଯୋଗ୍ୟ ନୁହେଁ।

'ଅଭଡ଼ା' ଶବ୍ଦଟିର ମୂଳ ମୁଣ୍ଡାଗୋଷ୍ଠୀ ଅନ୍ତର୍ଗତ 'ସଓରା' ଭାଷାରେ ହିଁ ଉପଲବ୍ଧ ହୋଇଥାଏ। ସଓରା ଭାଷାରେ ବ୍ୟବହୃତ 'ଆବ୍-ଆଡ଼ା' ରୁ ଓଡ଼ିଆ 'ଅଭଡ଼ା' ଶବ୍ଦଟିର ବ୍ୟୁତ୍ପତ୍ତି ନିର୍ଦ୍ଧାରଣ କରାଯାଇପାରେ। ଧ୍ୱନିତତ୍ତ୍ୱ ଦୃଷ୍ଟିରୁ ଏହିଭଳି ନିର୍ଦ୍ଧାରଣ ଏକାନ୍ତ ଯୁକ୍ତିଯୁକ୍ତ ପରି ମନେ ହୁଏ। କାରଣ ମହାପ୍ରାଣୀକରଣ କାରଣରୁ ମୂଳ ଶବ୍ଦ ଅନ୍ତର୍ଗତ 'ବ'ର 'ଭ'ରେ ପରିବର୍ତ୍ତନ ଘଟିବା ସ୍ୱାଭାବିକ। ତେବେ ଅର୍ଥତତ୍ତ୍ୱ ଦୃଷ୍ଟିରୁ ଏଭଳି ନିର୍ଦ୍ଧାରଣର ଯଥାର୍ଥତା ପ୍ରମାଣିତ ହେବା ଆବଶ୍ୟକ।

ମୁଣ୍ଡାଗୋଷ୍ଠୀ ଅନ୍ତର୍ଗତ ସଓରା ଭାଷାରେ ପ୍ରଚଳିତ ଥିବା 'ଆବ୍-ଆଡ଼ା' ଶବ୍ଦଟି କେବଳ ପାଣିରେ ସିଝାଯାଇ ପ୍ରସ୍ତୁତ ହେଉଥିବା ସାମଗ୍ରୀକୁ ବୁଝାଏ। ମୂଳ ଶବ୍ଦଟିର ଅର୍ଥକୁ ଧରି 'ଅଭଡ଼ା' ଶବ୍ଦଟିକୁ ବିଶ୍ଳେଷଣ ବା ତର୍ଜମା କଲେ ଏ ଉଭୟ ମଧ୍ୟରେ ପ୍ରସ୍ତୁତି ପ୍ରକ୍ରିୟାଗତ ସାମଞ୍ଜସ୍ୟ ରହିଥିବା ଦେଖିବାକୁ ମିଳେ। ଅର୍ଥାତ୍ ଶ୍ରୀଜଗନ୍ନାଥଙ୍କର ରନ୍ଧା ଭୋଗ ସାମଗ୍ରୀ ମଧ୍ୟ କେବଳ କୁଡୁଆରେ ପାଣି ଦ୍ୱାରା ସିଝାଯାଇ ପ୍ରସ୍ତୁତ ହୋଇଥାଏ। ଏହି ଅର୍ଥଗତ ସାମଞ୍ଜସ୍ୟ ଦୃଷ୍ଟିରୁ 'ଅଭଡ଼ା' ଶବ୍ଦଟି ସଓରା ଭାଷା ଅନ୍ତର୍ଗତ 'ଆବ୍-ଆଡ଼ା' ଶବ୍ଦରୁ ବ୍ୟୁତ୍ପନ୍ନ ହୋଇଛି ବୋଲି ନିର୍ଦ୍ଧାରଣ କରାଯାଇପାରେ। ସେହିପରି ଆଉ କେତୋଟି ଶବ୍ଦର ବ୍ୟୁତ୍ପତ୍ତିଗତ ଦିଗଗୁଡ଼ିକ ତଳେ ଉଦାହରଣ ସ୍ୱରୂପ ନିଆଗଲା।

ଗୁଣ୍ଡିଚା (ଯାତ୍ରା)< ସଓରା. କୁନଡ଼ିୟା

ଯଥା- କୁନଡିୟା >ଗୁଣ୍-ଡ଼ିଜା >ଗୁଣ-ଡିଚା > ଗିଣ୍ଡିଚା

ଛେରା ପହଁରା < ଦ୍ରାବିଡ଼. ତେଏର

ଯଥା - ତେଏର୍ > ଚେଏର > ଚେରା > ଛେରା

କୁଡୁଆ <ଦ୍ରାବିଡ଼. କୁଡୁୱା

ବାନା < ସଓରା. ବାନ୍ନା-କାବ୍

ଛାମୁଣ୍ଡିଆ < ସଓରା. ସୋମୋଣ୍ଡା

ପହଣ୍ଡି < ସଓରା. ପଡ୍-ଜେଙ୍ଗ୍

ଡାହୁକ < ସଓରା. ଡକ୍‌କୁ-ମରନ୍

ମାଦଳା ଦ୍ରା. (ତେ) ମୋଦଳି > ମୋଦଳା > ମଦଳା > ମାଦଳା

କିମ୍ବା

ମୋଦଲୁଗା > ମୋଦଲଗା > ମଦଲଗା > ମଦଲଆ > ମଦଲା > ମାଦଲା > ମାଦଳା

ସିଙ୍ଗିଦୁଆର (ସିଂହଦ୍ୱାର) < ସଓରା. ସିଙ୍, ସୁଙ୍

ମାହର୍ଦ୍ଧି, ଭଅଣ୍ଡ, ଦାରୁ ଇତ୍ୟାଦି ଶବ୍ଦଗୁଡ଼ିକର ମୂଳ ଶବର ବାମୁଣ୍ଡା ଭାଷାଗୋଷ୍ଠୀ ଭିତରେ ନିହିତ। ଏତଦ୍ ବ୍ୟତୀତ 'ଟଙ୍କତୋରାଣି', 'ଟେରାଫିଟିବା' ପ୍ରଭୃତି ଶ୍ରୀମନ୍ଦିରର ଶବ୍ଦଗୁଡ଼ିକ ଓଡ଼ିଆ ପ୍ରାଚୀନ ରୂପକୁ ପରିପୁଷ୍ଟ କରୁଛି।

ଓଡ଼ିଆ ଭାଷାର ପରିଚାୟକ ଅଙ୍ଗକୁ ଦେଉଳିଆ ଭାଷାରେ ମଧ୍ୟ ଠାବ କରାଯାଇପାରେ। ଶ୍ରୀମନ୍ଦିରର ଐତିହ୍ୟ ଓ ପରମ୍ପରା ସମ୍ବନ୍ଧୀୟ ନାନା ନୀତିକାନ୍ତିରେ ବ୍ୟବହୃତ ବାକ୍ୟ, ସଂଳାପ, ବଚନିକାକୁ ଲକ୍ଷ୍ୟ କରାଯାଇପାରେ।

**ଖାଣ୍ଟି ଓଡ଼ିଆ**

ଗୋଟିଏ ଉଦାହରଣକୁ ଲକ୍ଷ୍ୟ କରନ୍ତୁ। ଯଥା-

"ଆହେ ସୁଆର ମହାସୁଆରେ ଶ୍ରୀଛାମୁକୁ ମହୁଣି ନିମନ୍ତେ ସକାଳ ଧୂପ ଅମୃତମଣି ଛେକ ଘେନିବା ହୁଅନ୍ତୁ।"

ଖାଣ୍ଟି ପ୍ରାଚୀନ ଓଡ଼ିଆ ବାକ୍ୟ ଭାବରେ ଏହା ଗ୍ରହଣଯୋଗ୍ୟ। ଶ୍ରୀମନ୍ଦିରରେ ବ୍ୟବହୃତ ଭାଷା ଓଡ଼ିଆଙ୍କର ରକ୍ତମାଂସରେ ମିଶିଯାଇଛି। ବିଜୟ ପ୍ରସାଦ ମହାପାତ୍ର ଜଗନ୍ନାଥଙ୍କର ମାତୃଭାଷା ଓଡ଼ିଆ ବୋଲି ଦୃଢ଼ୋକ୍ତି ବାଢ଼ନ୍ତି। ଯଥା- "ଏବେ ଅବଶ୍ୟ ତାଙ୍କ ପୂଜାଧୁଜା ସଂସ୍କୃତ ଭାଷାରେ ହୁଏ। ଏହା ତାଙ୍କ ମାତୃଭାଷା ସଂସ୍କୃତ ହୋଇଥିବାର ପ୍ରମାଣ ନୁହେଁ। ଆମ ସମସ୍ତଙ୍କର ବାହାଘର, ବ୍ରତଘର, ଦଶାହ ବି ସଂସ୍କୃତରେ ହୋଇଥାଏ। ସେ ସଂସ୍କୃତ ଶ୍ଳୋକମାନଙ୍କରୁ ଆମେ ଧାଡ଼ିଏ ବି ବୁଝୁନାହୁଁ। ଜଗନ୍ନାଥ ପୁଣି ରାତିରେ ଶୋଇବା ପୂର୍ବରୁ ସଂସ୍କୃତ 'ଗୀତଗୋବିନ୍ଦ' ଶୁଣିବାକୁ ଭଲପାଆନ୍ତି। ଆମ ମୁଖ୍ୟମନ୍ତ୍ରୀଙ୍କୁ ବି ସଂସ୍କୃତରେ କବିତା ଲେଖିବାକୁ ଭଲ ଲାଗେ। ତେଣୁ ତାଙ୍କ ମାତୃଭାଷା କି ସଂସ୍କୃତ ? ଚୋର ଧରାପଡ଼ିବା ପରି ଜଗନ୍ନାଥଙ୍କ ଅସଲି ସ୍ୱରୂପ ଧରାପଡ଼େ। ଯେତେବେଳେ ତାଙ୍କର ବଚନିକା ହୁଏ ଲକ୍ଷ୍ମୀଠାକୁରାଣୀଙ୍କ ସାଙ୍ଗରେ। ଗୁଣ୍ଡିଚା ଯାତରୁ ଯେତେବେଳେ ଜଗନ୍ନାଥ ବାହୁଡ଼ନ୍ତି ବଡ଼ ଦେଉଳକୁ ଲକ୍ଷ୍ମୀ ଠାକୁରାଣୀ ତାଙ୍କୁ ଖାଣ୍ଟି ଓଡ଼ିଆରେ ବଚନିକା ଶୁଣାଇ ସାରିବା ପରେ ସିଂହଦୁଆର କିଳିଦିଅନ୍ତି। ପୁଣି ଜଗନ୍ନାଥ ଯେତେବେଳେ ରଥଚଢ଼ି ବାହାରନ୍ତି ଗୁଣ୍ଡିଚା ଘରକୁ, ରଥ ଉପରେ ଡାହୁକମାନେ କଞ୍ଚା ଓଡ଼ିଆରେ ଯେଉଁ ବୋଲି ଶୁଣାନ୍ତି ତାଙ୍କୁ ଜଗନ୍ନାଥେ ଓ ରଥ ଏଆଡ଼େ ବୋଲି ସେଆଡ଼େ ଧାଏଁ। ଜଗନ୍ନାଥ ବାୟା ହୋଇଯାଆନ୍ତି। ଏବେ ଅବଶ୍ୟ ଓଡ଼ିଆମାନେ ସଭ୍ୟ ହେବା ପରେ ସେ ସବୁରେ ପାବନ୍ଦି ଲଗାଇ ଦେଉଛନ୍ତି। ଯା'ପରେ ସେମାନେ କୋଣାର୍କ, ଭୁବନେଶ୍ୱର ଦେଉଳ କାନ୍ଥରେ ଲଙ୍ଗୁଳି ଅଳସୀ କନ୍ୟାମାନଙ୍କୁ ବି ସାୟା ବ୍ଲାଉଜ୍ ପିନ୍ଧାଇବେ, କାରଣ ଏସବୁ ପ୍ରାଚୀନ ଭ୍ରଷ୍ଟାଚାର ଆଜି ଆମର କୋମଳମତି ଶିଶୁ ଓ ପର୍ଦ୍ଦାନସୀନ ଭଦ୍ରମହିଳାମାନଙ୍କୁ ବ୍ୟତିବ୍ୟସ୍ତ କରିପକାଉଛି। ନଗ୍ନତାକୁ ସହ୍ୟ କରିବାର ସତ୍‌ସାହସ ବି ଓଡ଼ିଆ ସମାଜର ଆଉ ନାହିଁ। ସେହିପରି ଜଗନ୍ନାଥଙ୍କର ଯାହା ବି ଓଡ଼ିଆ ପରମ୍ପରା ଥିଲା, ସେ ସବୁ ପୋଛି ଆମେ ତାଙ୍କୁ ନେଇ ସିଧା ବେଦରେ ପୂରାଇଛୁ। କେବେ ଭାବିଛୁ କି, ଜଗନ୍ନାଥ ବେଦଠାରୁ ବି ପ୍ରାଚୀନ ହୋଇପାରନ୍ତି। ତେବେ ଜଗନ୍ନାଥ ଯଦି ବେଦ ଠାରୁ ପ୍ରାଚୀନ ହୁଅନ୍ତି, ତାଙ୍କ ମାତୃଭାଷା ଓଡିଆ ବେଦର ଭାଷା ହେବ ବୋଲି ସ୍ୱୀକାର କରିବାକୁ ହେବ ଏବଂ ଯାହା କହିଥିଲେ ନୀଳକଂଠ ଓଡ଼ିଆ ଭାଷା ସଂସ୍କୃତରୁ ନୁହେଁ ବରଂ ସଂସ୍କୃତ ଓଡ଼ିଆରୁ ଶବ୍ଦ ନେଇ ନିଜକୁ ପରିପୃଷ୍ଟ କରିଥିବ। ଆଜିର ଶାସ୍ତ୍ରୀୟ ଓଡ଼ିଆ ଭାଷାର ପ୍ରାଚୀନ ରୂପ କେଉଁପରିଥିଲା ତାହା ଜାଣି ଅଧିକ ଗବେଷଣା କରିବାକୁ ହେଲେ ଆମକୁ ଶ୍ରୀମନ୍ଦିର ଭାଷାକୁ ବିଚାରକୁ ନେବାର ଅଛି।" (ଦ୍ରଷ୍ଟବ୍ୟ- ମାତୃଭାଷା ଓଡ଼ିଆ, ୧୯୯୭, ଫ୍ରେଣ୍ଡସ ପବ୍ଲିଶର୍ସ)

**ଶ୍ରୀମନ୍ଦିରରେ ବ୍ୟବହୃତ ଭାଷା ଓଡ଼ିଆଙ୍କର ରକ୍ତମାଂସରେ ମିଶିଯାଇଛି। ବିଜୟ ପ୍ରସାଦ ମହାପାତ୍ର ଜଗନ୍ନାଥଙ୍କର ମାତୃଭାଷା ଓଡ଼ିଆ ବୋଲି ଦୃଢ଼ୋକ୍ତି ବାଢ଼ନ୍ତି।**

ଶେଷରେ ଏତିକି କହୁଛି ଯେ ଦେଉଳିଆ ଭାଷାର ଶବ୍ଦଗୁଡ଼ିକର ବ୍ୟୁତ୍ପତ୍ତିଗତ ଆଲୋଚନା ଦ୍ୱାରା ସମୟ ଓ ସ୍ୱରୂପ ପ୍ରତିଷ୍ଠା ହେବା ଉଚିତ। ଯାହା ଫଳରେ ଦେଉଳ ସମ୍ପର୍କିତ

ଅନେକ ଐତିହାସିକ ସତ୍ୟାସତ୍ୟର ସନ୍ଧାନ ହେବାର ସମ୍ଭାବନା ରହିଛି (ମାଦଳା ଶବ୍ଦର ବ୍ୟୁତ୍ପତ୍ତିଗତ ଆଲୋଚନା ଏବଂ ତା'ର ଅର୍ଥ ତାତ୍ତ୍ୱିକ ଦୃଷ୍ଟିରୁ ମାଦଳା ପାଞ୍ଜି ରଚନାର କାଳ ନିରୂପଣ କରାଯାଇପାରିବ) ଏବଂ ଦେଉଳର ସଂସ୍କୃତି (ବିଶେଷ କରି ଜଗନ୍ନାଥ, ବଳଭଦ୍ରଙ୍କ ମଝିରେ ଲକ୍ଷ୍ମୀ ଠାକୁରାଣୀ ନ ବସି ସୁଭଦ୍ରା ଦେବୀ ବସିବାର କାରଣ ଏହା ଯେ ମୁଣ୍ଡା ଗୋଷ୍ଠୀରେ ବଡ଼ଭାଇ ଓ ସାନଭାଇର ସ୍ତ୍ରୀ ସମ୍ପର୍କ ଦେଢ଼ଶୁର ଭାଇବୋହୂର ସମ୍ପର୍କ ତେଣୁ ଦୁଇ ଭ୍ରାତାଙ୍କ ମଝିରେ କେବଳ ଭଉଣୀ ହିଁ ବସିପାରିବ) ସମ୍ପର୍କରେ ବିଶେଷ ଗବେଷଣା ହେଲେ ହେଁ ଓଡ଼ିଶାର ବିଭିନ୍ନ ମୁଣ୍ଡା ଭାଷା ଓ ପଡ଼ୋଶୀ ଦ୍ରାବିଡ଼ ଭାଷାକୁ ନେଇ ତୁଳନାତ୍ମକ ଅଧ୍ୟୟନର ପଥ ସୁଗମ ହେବା ସୁନିଶ୍ଚିତ।

**ଦେଉଳିଆ ଭାଷାର ଶବ୍ଦଗୁଡ଼ିକର ବ୍ୟୁତ୍ପତ୍ତିଗତ ଆଲୋଚନା ଦ୍ୱାରା ସମୟ ଓ ସ୍ୱରୂପ ପ୍ରତିଷ୍ଠା ହେବା ଉଚିତ।**

**ସହାୟକ ଗ୍ରନ୍ଥସୂଚୀ**

(୧) ଦାଶ, ଗଗନେନ୍ଦ୍ର ନାଥ (୨୦୨୨)- ଓଡ଼ିଶାର ଭାଷା ଦୀକ୍ଷା ଓ ସମୀକ୍ଷା, ଫ୍ରେଣ୍ଡସ ପବ୍ଲିଶର୍ସ, କଟକ।

(୨) ଦାସ, ନୀଳକଣ୍ଠ (୧୯୮୪)- ଓଡ଼ିଆ ସାହିତ୍ୟର କ୍ରମ ପରିଣାମ, ନବଭାରତ ଗ୍ରନ୍ଥାଳୟ, କଟକ।

(୩) ମହାପାତ୍ର, ବିଜୟ ପ୍ରସାଦ (୨୦୧୭)-ଓଡ଼ିଆ ଭାଷା ବିଭବ, ବିଦ୍ୟାପୁରୀ, କଟକ।ୟ (୧୯୯୭)- ମାତୃଭାଷା: ଓଡ଼ିଆ, ଫ୍ରେଣ୍ଡସ ପବ୍ଲିଶର୍ସ, କଟକ।

(୪) ମିଶ୍ର, ହର ପ୍ରସାଦ (୨୦୧୯)-ପୁରୁଷୋତ୍ତମରୁ ଶ୍ରୀଜଗନ୍ନାଥ: ଉପାସନାଗତ କ୍ରମ ଉତ୍ତରଣର ଇତିବୃତ୍ତ, ବିଜୟିନୀ ପବ୍ଲିକେଶନ, କଟକ।

□□

ଲେଖକଙ୍କ ଇ-ମେଲ ଠିକଣା:
biswalhemanta26@gmail.com

'ସାହିତ୍ୟ ଚର୍ଚ୍ଚା' ୱେବ୍‌ସାଇଟ୍‌ରେ ମଧ୍ୟ ଉପଲବ୍ଧ ଅଛି।
ଏହାର କେତେକ ଉପାଦେୟ ଲେଖା ତୁରନ୍ତ ପଢ଼ିବା ପାଇଁ
ନିମ୍ନଲିଖିତ ଲିଙ୍କକୁ ଯାଆନ୍ତୁ :
www.sahityacharcha.com




ସାହିତ୍ୟ ଚର୍ଚ୍ଚା ବର୍ତ୍ତମାନ ମୋବାଇଲ ଆପ୍ ରେ
Search **Sahitya Charcha** on Play Store




ଆପଣଙ୍କ **ଆଣ୍ଡ୍ରଏଡ୍ ମୋବାଇଲ ଫୋନ୍** ପାଇଁ **'ସାହିତ୍ୟ ଚର୍ଚ୍ଚା'**ର **ଆପ୍** ବର୍ତ୍ତମାନ **'ପ୍ଲେ ଷ୍ଟୋର୍'**ରେ ଉପଲବ୍ଧ ଅଛି।



ଅନୁଭୂତି

# ମୃତ୍ୟୁ ଏକ ପ୍ରେମର

**ସନ୍ତୋଷ କୁମାର ପଟ୍ଟନାୟକ**

ଚାକିରି ଜୀବନର ପ୍ରାରମ୍ଭରେ କେତେଗୁଡ଼ିଏ ଅଙ୍ଗେ ନିଭାଇଥିବା ଘଟଣା ସ୍ମୃତିପଟକୁ ଆସିଲେ ମନ ଭାରୀ ହୋଇଯାଏ। ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥର ପୂର୍ବ ପାର୍ଶ୍ୱରେ ଥିବା ଏକ ଥାନାରେ ମୁଁ ସର୍ବକନିଷ୍ଠ ଅଫିସର ଭାବରେ କାର୍ଯ୍ୟଭାର ନେଇଥିଲି। ସେତେବେଳେ ମୁଁ ପ୍ରୋବେସନର ସବଇନସ୍ପେକ୍ଟର ଥିଲି। ଶିକ୍ଷାନବିସ ଭାବରେ ସରକାରୀ କର୍ତ୍ତବ୍ୟ ପାଳନ କଲାବେଳେ କିଛି ଉଲ୍ଲେଖଯୋଗ୍ୟ କାମକରି ଦେଖାଇବା ପାଇଁ ଚେଷ୍ଟା କରିବାକୁ ପଡ଼ିଥାଏ। ଏହାଦ୍ୱାରା ଉପରିସ୍ଥ ଅଫିସର ସନ୍ତୁଷ୍ଟ ହୋଇଥାନ୍ତି ଓ ପ୍ରୋବେସନର କାର୍ଯ୍ୟକାଳ ସୁରୁଖୁରୁରେ ସମାପ୍ତ ହୋଇଥାଏ। ସେ ସମୟରେ ପୁରୀ ଜିଲ୍ଲାର ବିଭିନ୍ନ ଥାନାରେ ଅନେକ ଡକାୟତି ହେଉଥାଏ।



ମୁଁ କାର୍ଯ୍ୟଭାର ଗ୍ରହଣ କରିବାର କେତୋଟି ସପ୍ତାହ ପରେ ଆମ ଥାନାରେ ଗୋଟିଏ ଭୟଙ୍କର ଡକାୟତି ହୋଇଥିଲା। ଯେଉଁଠି ଡକାୟତି ହୋଇଥିଲା, ସେ ଘରର ଗୃହସ୍ୱାମୀ ଡକାୟତମାନଙ୍କ ମାଡ଼ରେ ଗୁରୁତର ଆହତ ହୋଇଥିଲେ। ସେହି ଏଫ.ଆଇ.ଆରରେ ଉଲ୍ଲେଖଥିବା ସୁନା ଗହଣାର ପରିମାଣ ଦେଖି ଆମେ ଆଶ୍ଚର୍ଯ୍ୟ ହୋଇଯାଇଥିଲୁ। ପରବର୍ତ୍ତୀ ତଦନ୍ତ ସମୟରେ ଜଣାପଡ଼ିଥିଲା ଯେ, ଉକ୍ତ ବ୍ୟକ୍ତି ଗହଣା ବନ୍ଧକରଖି ସୁଧ କାରବାର କରିଥାନ୍ତି। ଆଖପାଖ ଅଞ୍ଚଳର ପ୍ରାୟ ଦଶ ପନ୍ଦର ଖଣ୍ଡ ଗାଁର ଲୋକମାନେ ଡକାୟତିରେ ପୀଡ଼ିତ ବ୍ୟକ୍ତିଙ୍କଠାରେ ସୁନା ଗହଣା ବନ୍ଧକ ରଖି ଟଙ୍କା ନେଇଥାନ୍ତି। ଡକାୟତ ଦଳର କେହିଜଣେ ଏ ଖବର ସଂଗ୍ରହକରି ଡକାୟତି କରିଥିବ ବୋଲି ଆମେ ସନ୍ଦେହ କରୁଥିଲୁ। ଏହି ଡକାୟତି ଘଟଣାଟି ସେତେବେଳେ ସମଗ୍ର ଜିଲ୍ଲାରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ଡକାୟତିରେ ପୀଡ଼ିତ ଗୃହସ୍ୱାମୀ ଡକାୟତମାନଙ୍କ ସହିତ ସଂଘର୍ଷରେ ଗୁରୁତର ଆହତ ହୋଇ ପ୍ରଥମେ ପୁରୀ ସହର ଓ ତା'ପରେ କଟକ ବଡ଼ ମେଡିକାଲ ମୃତ୍ୟୁ ସହିତ ସଂଗ୍ରାମ କରୁଥିଲେ। ସ୍ଥାନୀୟ ସମ୍ବାଦପତ୍ରରେ ଏ ଘଟଣା ପରେ ପୁଲିସ ପ୍ରତି ସମାଲୋଚନାର ଅନ୍ତ ନ ଥିଲା। ଅପରାଧର ଗୁରୁତ୍ୱ ଦୃଷ୍ଟିରୁ ଜିଲ୍ଲା ମୁଖ୍ୟାଳୟରୁ କେତେଜଣ ଅଫିସର ଏହି କେସ୍‌ର ତଦନ୍ତରେ ସହାୟତା ପାଇଁ ଆସିଥିଲେ। ଆମେ ଏହି ଦେଶର ଅପରାଧୀମାନଙ୍କୁ ଧରିବା ପାଇଁ ଦିନ ଓ ରାତି ଏକ କରିଦେଇଥିଲୁ। ଇତି ମଧ୍ୟରେ ଗୁରୁତର ଆହତ ଗୃହସ୍ୱାମୀ କଟକ ଡାକ୍ତରଖାନରେ ମୃତ୍ୟୁବରଣ କରିଥିଲେ। ତେଣୁ ଏହି କେସ୍‌ରେ ଡକାୟତି ସାଙ୍ଗକୁ ନରହତ୍ୟାର ଅଭିଯୋଗ ମଧ୍ୟ ଯୋଡ଼ି ହୋଇଥିଲା। ସମଷ୍ଟିଗତ ଚେଷ୍ଟା, ନିଷ୍ଠା ଓ ଅକ୍ଳାନ୍ତ ନିରବଚ୍ଛିନ୍ନ ପରିଶ୍ରମ ଫଳରେ ସବୁ ଡକାୟତ ଧରାପଡ଼ିଥିଲେ ଓ ସେମାନଙ୍କଠାରୁ ଚୋରି ସୁନା ଗହଣା ଜବତ କରାଯାଇଥିଲା। ଗୋଟିଏ ଅପେକ୍ଷାକୃତ କମ୍ ବୟସର ଡକାୟତକୁ ପଚରାଉଚରା କରିବା ଓ ତା'ଠାରୁ ସେ ଭାଗ ପାଇଥିବା ସୁନା ଗହଣାକୁ ଜବତ କରିବା ଦାୟିତ୍ୱ ମୋ ଉପରେ ପଡ଼ିଥିଲା। ଏ କାମରେ ସହାୟତା ପାଇଁ ଜଣେ ଅଭିଜ୍ଞ ଏ.ଏସ.ଆଇ., ହାବିଲଦାର ଓ କନେଷ୍ଟବଳଙ୍କୁ ମତେ ଦିଆଯାଇଥିଲା।

**ଅଭିଯୁକ୍ତକୁ ପଚରା ଉଚରା**

ମୁଁ ସେହି ଅଭିଯୁକ୍ତକୁ ସତର୍କତାର ସହିତ ପଚରାଉଚରା ଆରମ୍ଭ କରିଥିଲି। ଅନେକ ସମୟ ଜେରା ପରେ କେତୋଟି ଦୀର୍ଘ ନିଃଶ୍ୱାସ ନେଇ ତା' ଭାଗରେ ପାଇଥିବା ସୁନାଗହଣା ଆମକୁ ଦେବ ବୋଲି କହିଥିଲା। ମୁଁ ଉତ୍ସାହିତ ହୋଇ ରାତି

୧୨ଟା ବାଜିଥିଲେ ମଧ୍ୟ ଦଳବଳ ସହିତ ସେ ଅଭିଯୁକ୍ତର ଗାଁ'କୁ ବାହାରିଥିଲି । ସେତେବେଳେ ବର୍ଷା ଦିନ । ସରୁ ମାଟି ରାସ୍ତା କାଦୁଅରେ ପରିପୂର୍ଣ୍ଣ । ଟିକେ ଅସତର୍କ ହେଲେ ଗୋଡ଼ ଖସି କଚାଡ଼ି ହୋଇ ପଡ଼ିବାର ସମ୍ଭାବନା ବହୁତ । ପ୍ରାୟ ଚାରି ମାଇଲ ରାସ୍ତା ଗଲା ପରେ ଅଭିଯୁକ୍ତର ଗାଁ ଦୃଷ୍ଟିଗୋଚର ହୋଇଥିଲା । ଗାଁ ମୁଣ୍ଡରେ ଚାଳ ଛପର ଝାଟିମାଟିର ଘର । କୁଟୁମ୍ବ କହିଲେ ତା'ର ଏକମାତ୍ର ବୁଢ଼ୀ ମା' କେତେ ସପ୍ତାହ ଆଗରୁ ପରଲୋକଗତ । ଘର ଭିତରସାରା ମୂଷାଳଣ୍ଡି ଓ ନିତାନ୍ତ ଅପରିଷ୍କାର । ଗୋଟିଏ କଣରେ ଥିବା ମାଟିଚୁଲି ଦେଖାଇ ସେ କହିଥିଲା "ଏଇଠି ପୋତିଛି" । ହାବିଲଦାର ବାବୁ ସେ ଚୁଲି ଚାରିପାଖ ମାଟିକୁ ବାଡ଼ିରେ କେଞ୍ଚି ଦେଖୁଥିଲେ । ଗୋଟିଏ ଜାଗାରେ ମାଟି ନରମ ଥିବା ଜଣାପଡ଼ିଥିଲା, ଖୋଳିବାରୁ ତା' ଭିତରୁ ଜରି ଗୁଡ଼ାଯାଇଥିବା ସୁନା ଗହଣା ମିଳିଥିଲା । ସେଠିକାର ସରପଞ୍ଚ ଓ ଭଦ୍ରବ୍ୟକ୍ତିଙ୍କ ସାମ୍ନାରେ ଜବତ ତାଲିକା ପ୍ରସ୍ତୁତ କରିଥିଲି । ଥାନାକୁ ଫେରିବା ବେଳେ ଗାଁ ଭଦ୍ରଲୋକଙ୍କ ଅନୁରୋଧ କ୍ରମେ ଚା' ପିଉ ପିଉ ସରପଞ୍ଚ ବାବୁ କହିଥିଲେ "ଆଜ୍ଞା ୟାକୁ କହନ୍ତି ଶନି ଦଶା" । ଅଭିଯୁକ୍ତକୁ ଦେଖାଇ କହୁଥିଲେ, "ଏ ପିଲାଟିର ଗୁଣଗ୍ରାମ ଭଲଥିଲା ସାର୍ । ପାଠ ମଧ୍ୟ ଭଲ ପଢୁଥିଲା । ମାଟ୍ରିକ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ପାସ୍ କରିଥିଲା । କଲେଜକୁ ଯାଇ ପାଠ ପଢ଼ିବାକୁ ସମ୍ବଳ ନ ଥିଲା । ବେକାର ରହି କରି ବଦମାସଙ୍କ ସାଙ୍ଗହୋଇ ଏପରି ଗୋଟିଏ କାମ କଲା ଯେ ଗାଁ'ରେ ଆମେ ସମସ୍ତେ ଲଜ୍ଜିତ ।"

**କିଛି ବାଟ ଅତିକ୍ରମ କଲାପରେ ସେ ଅଭିଯୁକ୍ତ ଜଣକ ମୋର ମୁହଁକୁ ବାରମ୍ବାର ଚାହିଁବାରୁ ମତେ ଲାଗିଲା, ସେ କିଛି କହିବାକୁ ଚାହୁଁଛି ।**

## ପ୍ରଥମ ଅପରାଧ

ଗାଁ ଲୋକଙ୍କଠାରୁ ବିଦାୟନେଇ ଥାନାକୁ ଫେରୁଥିଲି । ସାରାରାତି ଅନିଦ୍ରା ସାଙ୍ଗକୁ ପଥଶ୍ରମ । ତେବେ ଆଶ୍ୱସ୍ତିର ବିଷୟ ଏହିକି ଯେ, ଚୋରି ସୁନା ଗହଣା ଜବତ ହୋଇଛି । ମୁଁ ଜାଣୁ ଥିଲି ଯେ ଏହା ତାହାର ପ୍ରଥମ ଅପରାଧ ଥିଲା । ଟିକେ ସହାନୁଭୂତି ଦେଖାଇ ତାକୁ ପଚାରିଥିଲି, ଏମିତି କାମ କାହିଁକି କଲୁ ? ସେ କହିଥିଲା "ସାର ମୁଁ ଜାଣିନି, ମୋ ସାଙ୍ଗରେ ସେମାନେ ସାଙ୍ଗ ହୁଅନ୍ତି, ମତେ କହିଲେ ଗାଁ'ରେ ଯାତ୍ରା ହେଉଛି ଯିବା । ମୁଁ ତାଙ୍କ ସାଙ୍ଗେ ଗଲା ବେଳକୁ ସେମାନେ ହଠାତ୍ ଜଣକ ଘରେ ପଶି ଏପରି କାଣ୍ଡ କଲେ । ମୁଁ ଭୟରେ ଥରୁଥିଲି, ଡକାୟତି କରିସାରିବା ପରେ ତାଙ୍କର ସର୍ଦ୍ଦାର ମୋର ପିଠି ଥାପୁଡ଼ାଇ କିଛି ସୁନାଗହଣା ମତେ ଦେଇ କହିଥିଲେ, "ଗାଁକୁ ପଳା ଏକଥା କାହାକୁ କହିବୁ ନାହିଁ ।" ତା'ର ଏପରି ସ୍ପଷ୍ଟୀକରଣରେ ମୁଁ ସନ୍ତୁଷ୍ଟ ହୋଇପାରୁ ନ ଥିଲି । କିନ୍ତୁ ସାଙ୍ଗରେ ଥିବା ଏ.ଏସ୍.ଆଇ. ବାବୁ କହିଥିଲେ "ହୋଇପାରେ ଆଜ୍ଞା । ପ୍ରଥମ ଅପରାଧଗୁଡ଼ିକ ପ୍ରାୟ ଏପରି ଆରମ୍ଭ ହୁଏ" । କିଛି ବାଟ ଅତିକ୍ରମ କଲାପରେ ସେ ଅଭିଯୁକ୍ତ ଜଣକ ମୋର ମୁହଁକୁ ବାରମ୍ବାର ଚାହିଁବାରୁ ମତେ ଲାଗିଲା, ସେ କିଛି କହିବାକୁ ଚାହୁଁଛି । ରାସ୍ତାକଡ଼ର ଗୋଟିଏ ବରଗଛ ମୂଳରେ ଆମେ ସମସ୍ତେ କିଛି ସମୟ ଅଟକି ଥିଲୁ । ସେଠି ମୁଁ ସେ ଅଭିଯୁକ୍ତକୁ ଚାହିଁ ପଚାରିଥିଲି "କ'ଣ କିଛି କହିବାକୁ ଚାହୁଁଛୁ ?" ସେ ସାମାନ୍ୟ ଇତସ୍ତତଃ ହେଇ କହିଥିଲା "ସାର ଆଉ ଗୋଟିଏ ଜାଗାରେ ଆହୁରି ସୁନା ଗହଣା ରଖିଛି, ଗଲେ ଦେଖାଇଦେବି" । ମୋର ସମସ୍ତ କ୍ଳାନ୍ତ ସତେ ଯେପରି ମନ୍ତ୍ର କଲାପରି ଉଭେଇଗଲା । ମୁଁ ସାଙ୍ଗେ ସାଙ୍ଗେ ପଚାରିଥିଲି "କେତେ ବାଟ ହେବ ସେ ଜାଗା ? ତୁ ସତ କହୁଚୁ ତ ?" ।

"ମୁଁ ମିଛ କାହିଁକି କହିବି ସାର୍, ସେ ଗାଁଟି ପ୍ରାୟ ତିନି ଚାରି ମାଇଲ ହେବ ଏଠାରୁ" । ସାଙ୍ଗରେ ଥିବା ଷ୍ଟାଫ୍‌ମାନଙ୍କ ମନରେ କିପରି ଏକ ଅବିଶ୍ୱାସ ଓ ଅସନ୍ତୋଷର ଭାବ । କିନ୍ତୁ ମୁଁ ମନେ ମନେ ସ୍ଥିର କରିସାରି ଥିଲି ଯେ, ରାସ୍ତା ଯେତେ କଷ୍ଟକର ହେଉ ପଛେ, ସେଠାକୁ ଯାଇ ଆହୁରି ସୁନା ଗହଣା ଜବତ କଲେ ତା'ର ଶ୍ରେୟ ମତେ ମିଳିବ । ଏକ ଅସ୍ୱସ୍ତିକର ନିରବତା ମଧ୍ୟରେ, ଆମେ ଗୋଡ଼ର ବଳଗଣ୍ଠି ପର୍ଯ୍ୟନ୍ତ ବୁଡ଼ିଯାଇଥିବା କାଦୁଅ ରାସ୍ତାରେ ଚାଲିବାକୁ ଲାଗିଲୁ । କ୍ରମେ ସେ ଗାଁ ଆସିଥିଲା, ଦୂରରୁ ଅଭିଯୁକ୍ତ ସେ ଘରଟା ଆମକୁ ଦେଖାଇ ଦେଇଥିଲା । ରାସ୍ତା କଡ଼ରେ ଗୋଟିକିଆ ଘର । ଘର ସାମନାରେ ତାଳଗଛ ଓ ପଛପଟେ କ୍ଷେତ । ପାଖରେ ଅନ୍ୟ କୌଣସି ଘର ନାହିଁ । ଘର ସାମ୍ନା ପଟ ଦ୍ୱାର ବାଉଁଶ ତାଟିରେ ଭିତରୁ ବନ୍ଦ । ଆମ ସମସ୍ତଙ୍କୁ ଚୁପ୍ ରହିବାକୁ ସଙ୍କେତ ଦେଇ ସେ ଅଭିଯୁକ୍ତ ମୃଦୁ ସ୍ୱରରେ ଗୋଟିଏ ସ୍ତ୍ରୀ ଲୋକର ନାଁ ଧରି

ଡାକିଥିଲା। ସେ ତାଟିଟା ଭିତରୁ ଖୋଲିବା ଶବ୍ଦରେ ଅମେ ସମସ୍ତେ ସତର୍କ ହୋଇଗଲୁ।

ସେ ତାଟିଟା ଅଧାଖୋଲା ହୋଇଛି, ସେ ଅଭିଯୁକ୍ତଟା ହଠାତ୍ ସେଇ ଫାଙ୍କରେ ଘର ଭିତରକୁ ପଶିଯାଇ କବାଟଟା ଭିତରୁ ଧଡ଼୍‌କରି ବନ୍ଦ କରିଦେଲା। ଆମେ ସବୁ କିଂକର୍ତ୍ତବ୍ୟବିମୂଢ଼ ହୋଇଯାଇଥିଲୁ। ହାବିଲଦାର ବାବୁ ତା' ନାଁ ଡାକି କବାଟ ଖୋଲିବାକୁ ପାଟିକଲେ। କିଛି ଉତ୍ତର ନ ଆସିବାରୁ, ବୁଟ୍ ପିନ୍ଧା ଗୋଡ଼ରେ ସେ କବାଟକୁ ଗୋଟିଏ ଗୋଇଠା ମାରିଥିଲେ ଓ ତାହା ଖୋଲିଯାଇଥିଲା। ଭିତରର ଦୃଶ୍ୟ ଦେଖି ଆମେ ସବୁ ସ୍ତବ୍ଧ, ଚକିତ ହୋଇଯାଇଥିଲୁ।

**ଆଲିଙ୍ଗନବଦ୍ଧ ପ୍ରେମୀଯୁଗଳ**

ଗୋଟିଏ ଯୁବତୀ ଓ ସେ ଅଭିଯୁକ୍ତ ପରସ୍ପର ଗାଢ଼ ଆଲିଙ୍ଗନବଦ୍ଧ ଥିଲେ। ଆମକୁ ଘର ଭିତରକୁ ଆସିବା ଦେଖି ଦୁଇଜଣ ଛୋଟ ପିଲାଙ୍କ ପରି କାନ୍ଦିବାକୁ ଲାଗିଲେ। ହାବିଲ୍‌ଦାର ବାବୁଙ୍କ ଧମକରେ ପ୍ରକୃତିସ୍ଥ ହୋଇ ଘର ବାହାରକୁ ଆସି ମତେ କହିଥିଲା "ସାର୍ ମୁଁ ଆପଣଙ୍କୁ ମିଛ କହିଥିଲି। ଏ ଝିଅକୁ ମୁଁ ପିଲାଦିନୁ ପ୍ରେମ କରୁଛି। ମତେ ତ ନିଶ୍ଚିତ ଜେଲ ହେବ ଓ ମୋର ତା' ସାଙ୍ଗରେ ଶେଷଥର ପାଇଁ ଭେଟ କରିବା ପାଇଁ ଆସିଲି"। କ୍ଷୋଭ ଓ କ୍ରୋଧରେ ମୁଁ ଧରିଥିବା ମିଡ଼ିୟମ ଲାଠିର ଚମଡ଼ା ଗ୍ରୀପ୍ ଉପରେ ମୋର ହାତମୁଠା ଶକ୍ତ ହୋଇଆସୁଥିଲା। ଏତିକି ବେଳେ ସେ ଝିଅଟି ଭୋ ଭୋ କାନ୍ଦି ହାତଯୋଡ଼ି କହିଥିଲା। "ସାର୍ ଦୟାକରି ତାକୁ କ୍ଷମା କରିଦିଅନ୍ତୁ। ସେ ତ ଭୁଲ କରିଛି, ତା'ର ସାଙ୍ଗମାନେ ତାକୁ ଏପରି ବିପଦରେ ପକାଇ ଦେଇଛନ୍ତି"। ମୁଁ ନିଜକୁ ଯଥା ସମ୍ଭବ ନିୟନ୍ତ୍ରଣ କରି ପଚାରିଥିଲି "ତୋ ପାଖରେ ସେ କିଛି ଗହଣା ରଖିଛି?" ସେ ଦୃଢ଼ ଭାବରେ ମନା କରିଥିଲା। ତଥାପି ଆମେ ତା'ର ଘର ତଲାସି କରି କିଛି ନ ପାଇ ଥାନାକୁ ଫେରିଥିଲୁ। ତା' ପରଦିନ ସମସ୍ତ କାଗଜପତ୍ର ସହ ସେ ଅଭିଯୁକ୍ତକୁ ଜେଲକୁ ପଠାଇ ଦିଆଯାଇଥିଲା। ଏ ଘଟଣାର କେତୋଟି ସପ୍ତାହ ପରେ ଦିନେ ସେଇ ଝିଅଟିକୁ ଥାନା ବାରଣ୍ଡାରେ ଠିଆ ହୋଇଥିବାର ଦେଖି ମୁଁ ବିସ୍ମିତ ହୋଇଥିଲି। ହାତଯୋଡ଼ି ଲୁହଭରା ଆଖିରେ ମତେ ପଚାରିଥିଲା ସାର୍ ସିଏ ଜେଲରେ କେତେଦିନ ରହିବ? ମୁଁ କ'ଣ ଉତ୍ତର ଦେବି ଚିନ୍ତା କଲାବେଳେ ପଛରୁ ଏ.ଏସ.ଆଇ. ବାବୁ କହିଲେ "ସେ ବିଷୟରେ ଆମେ କିଛି କହିପାରିବୁ ନାହିଁ। କୋର୍ଟରେ ଗୋଟିଏ ଓକିଲ ଧରି ଚେଷ୍ଟା କଲେ ଯାହାହେବ ଜାଣିପାରିବୁ। ଏଠିକି କାହିଁକି ଆସିଛୁ?" ସେ ଏ.ଏସ.ଆଇ. ମଲ୍ଲିକ ବାବୁଙ୍କ କଥାକୁ ଉପେକ୍ଷା କରି ମତେ ଚାହିଁ କହିଥିଲା। "ସେଠି କୋର୍ଟରେ ମୋ କଥା କେହି ଶୁଣୁ ନାହାନ୍ତି। ଧାର ଉଧାର କରି ଯାହା ପଇସା ଆଣିଥିଲି ସବୁ ସରିଗଲାଣି। ସେ ଜେଲରୁ ନ ଆସିଲେ ମୁଁ ନିଶ୍ଚେ ମରିଯିବି ସାର୍।"



ମୁଁ ସିଧାସଳଖ ତା'ର ମୁହଁକୁ ଚାହିଁଥିଲି। ତା'ର ଲୁହଭରା ଆଖିକୁ ଚାହିଁ ମତେ ଲାଗିଥିଲା ସେ ମିଛ କହୁନାହିଁ। ମୁଁ ନରମ ସ୍ୱରରେ କହିଲି, "ତୁ ଯା ମୁଁ ତା ବିଷୟରେ ବୁଝି ତମ ଗାଁ ଚୌକିଦାର ହାତରେ ଖବର ଦେବି"। ତା'ର ଶୀର୍ଣ୍ଣ ମଳିନ ମୁହଁ ମୁହୂର୍ତ୍ତକ ପାଇଁ ଉଜ୍ଜ୍ୱଳ ହୋଇ ଉଠିଥିଲା। ସେ ଚାଲି ଯାଇଥିଲା। ଏ.ଏସ.ଆଇ. ମତେ କହୁଥିଲେ, ଏପରି ଅସଂଖ୍ୟ ଲୋକ ଥାନାକୁ ଆସିବେ ଆଜ୍ଞା, କାହା କଥା ଶୁଣିବେ କେତେ ଘଟଣା ବୁଝିବେ? ଛାଡ଼ ଏସବୁ ଆମର କାମ ନୁହେଁ ଆଜ୍ଞା।

ଏ ଘଟଣାର କେତେ ମାସ ପରେ ମୋର ପୁରୀ ଟାଉନ ଥାନାକୁ ବଦଳି ହୋଇ "ଚନ୍ଦ୍ରଭାଗା ବୁଡ଼" ଡ୍ୟୁଟି ପଡ଼ିଥିଲା। ଯା ଆଗରୁ ମୁଁ କାମକରୁଥିବା ଥାନାର ସେହି ଏ.ଏସ.ଆଇ. ବାବୁ ମୋ ସାଙ୍ଗରେ ଡ୍ୟୁଟି ପାଇଁ ନିର୍ଦ୍ଦେଶିତ ହୋଇଥିଲେ। ଚନ୍ଦ୍ରଭାଗାରେ ତାଙ୍କ ସହିତ ଦେଖା ହୋଇଗଲା। ମତେ ଦେଖି ସେ ପାଖକୁ ଆସି କହିଥିଲେ "ଆଜ୍ଞା ଆପଣଙ୍କ ସାଙ୍ଗେ ଡ୍ୟୁଟି ପଡ଼ିଛି ଜାଣି ଗତକାଲି ପୁରୀ ବାହାରୁଛି ଗୋଟିଏ ୟୁ.ଡି.କେସ୍

ଆସି ପହଞ୍ଚିଗଲା । ଆପଣଙ୍କର ମନେ ଥିବ ସାର୍ ସେ ଯେଉଁ ଝିଅଟା ତା'ର ଡକାୟତ ପ୍ରେମିକ ପାଇଁ ଥାନାକୁ ଆସି ଗୁହାରି କରୁଥିଲା, ଗତକାଲି ତା' ଘରେ ଗଳାରେ ଫାଶୀ ଦେଇ ଆତ୍ମହତ୍ୟା କରିଦେଲା । ତାକୁ ପୋଷ୍ଟ ମର୍ଟମ ପାଇଁ ପଠାଇ ଆସିବାରେ ଡେରି ହେଲା । "ଆଉ ଗୋଟିଏ କଥା ସାର୍ ଗତ ସପ୍ତାହରେ ସେ ଯେଉଁ ଡକାୟତି କେସ୍‌ରେ ଆମେ ପାଣି କାଦୁଅରେ ଯାଇ ସୁନା ଗହଣା ଜବତ କରିଥିଲେ, ଶୁଣି ଖୁସିହେବେ ଯେ, ସବୁଯାକ ଡକାୟତଙ୍କୁ ଆଜୀବନ ସଶ୍ରମ ସଜା ହୋଇଗଲା ।" ସେ ଝିଅଟିର କାନ୍ଦୁରା ମୁହଁ ମୋ ଆଖି ସାମ୍ନାରେ ଭାସି ଉଠିଲା । ମୁଁ ଭାବୁଥିଲି ବୋଧହୁଏ ଯେତେବେଳେ ସେ ଜାଣିଲା ଯେ, ଭଲ ପାଉଥିବା ଲୋକଟି ସାରା ଜୀବନ ଜେଲରେ ରହିବ, ସେଥିପାଇଁ ଆତ୍ମହତ୍ୟା କରିଦେଲା ।


ପ୍ରେମ ବିଷୟରେ ମୁଁ ଅନେକ ପ୍ରଖ୍ୟାତ ଲେଖକଙ୍କର କବିତା, କ୍ଷୁଦ୍ରଗଳ୍ପ ଓ ଉପନ୍ୟାସ ପଢ଼ିଛି । ଆଦ୍ୟ ଯୌବନରେ ମୁଁ କିଛି କିଛି ପ୍ରେମର ବାସ୍ନା ଅନୁଭବ କରିଛି । ସେ ଏକ ଅବର୍ଣ୍ଣନୀୟ ସ୍ୱର୍ଣ୍ଣାଭ ଅନୁଭୂତି । କିନ୍ତୁ ସେତିକି । ଆଉ ଅଧିକ କିଛି ଉପଲବ୍ଧି ବୋଧେ ମୋ ଭାଗ୍ୟରେ ନ ଥିଲା । ଏହି ବିଖ୍ୟାତ ଓ ବ୍ୟାପକ ଶବ୍ଦ 'ପ୍ରେମ'ର ସଂପୂର୍ଣ୍ଣ ସଂଜ୍ଞା ନିର୍ଣ୍ଣୟ କଲାଭଳି ଧୃଷ୍ଟତା ମୋର ନାହିଁ । ତେବେ ଏ ଘଟଣା ପରେ ମନେ ମନେ ଭାବୁଥିଲି ପ୍ରେମର ପରିଣତିରେ ମିଳନ ଓ ବିଚ୍ଛେଦ ବ୍ୟତିରେକ ମୃତ୍ୟୁ ମଧ୍ୟ ଏକ ସମ୍ଭାବିତ ସତ୍ୟ ।

**ଏ ଘଟଣା ପରେ ମନେ ମନେ ଭାବୁଥିଲି ପ୍ରେମର ପରିଣତିରେ ମିଳନ ଓ ବିଚ୍ଛେଦ ବ୍ୟତିରେକ ମୃତ୍ୟୁ ମଧ୍ୟ ଏକ ସମ୍ଭାବିତ ସତ୍ୟ ।**

□□

ଲେଖକଙ୍କ ଇ-ମେଲ ଠିକଣା:
santoshpatnaikcb@gmail.com

ଧାରା ଶ୍ରୀରାଧା ଟ୍ରଷ୍ଟର ଏକ ଅନବଦ୍ୟ ପ୍ରକାଶନ




**ଧାରା ଶ୍ରୀରାଧା**

କବି - ମଙ୍ଗଳାପ୍ରସାଦ ପ୍ରଧାନ

DHARA SHREE RADHA TRUST
Regd. No.: 41081705388
Bhubaneswar, Odisha

**DHARA SHREE RADHA TRUST**
**(A Literary & Cultural Organisation)**
**Email - dharashreeradha2017@gmail.com**

ଗଳ୍ପ




# କାନ

ତପନ ମହାପାତ୍ର

**ତୋ**ତେ ଆଉ ଶୁଭୁନି କି ?

କଥାଟା ଶୁଣୁ ଶୁଣୁ ମୋତେ ଚାଉଁ କରି ଲାଗିଲା । କହିଲି, କ'ଣ କାଲା ! ଶୁଭୁନାହିଁ ମୋତେ ! ମିଳାମିଶା ଅଛି ବୋଲି କ'ଣ ଏତେ ଲୋକଙ୍କ ଆଗରେ ଏମିତି କହିବ ? ସକାଳୁ ସକାଳୁ ମୁଁ ବି ଭଲକରି ଦି'ପଦ ଶୁଣାଇ ଦେବାକୁ ଯାଉଥିଲି । ରଘୁ ନନ୍ଦନ କୁହାଇ ଦେଲାନି ଓ ଦୋକାନ ଆଗକୁ ଆସି ଖୁବ ଆବେଗରେ ମୋ ହାତ ଧରିପକାଇଲା ଓ ଟା' ପର୍ଯ୍ୟନ୍ତ ଟାଣି ନେଉ ନେଉ କହିଲା, ଦି' ଦିନ ତଳେ ଏଇଠି ଏତେ ଜୋରରେ ଡାକିଲି, ପଳାଇଲୁ ?



ରଘୁ ନନ୍ଦନ ଡାକିବ, ମୁଁ ଶୁଣିବି ନାହିଁ; ଏମିତି କ'ଣ କିଛି କାରଣ ଅଛି ! ବନ୍ଧୁ ହିସାବରେ ଆମ ଭାଗ ମାପ ବଡ଼ ଘନିଷ୍ଠ । ସେ କହିଥିବା କଥା ଛାଡ଼ନ୍ତୁ; ଏମିତିକି ନ କହିଥିବା କଥା ବି ମୋତେ ଶୁଭିଯାଏ ପ୍ରାଞ୍ଜଳ । ଏବେ ତା' ଆନ୍ତରିକତାରେ ମୁଁ ରାଗ ଭୁଲିଗଲି ଓ ସମୟକୁ ମନେ ପକାଇବା ଅନାବଶ୍ୟକ ସତ୍ତ୍ୱେ ବି ପଚାରିଦେଲି, କେତେବେଳେ କହିଲୁ... ମୁଁ ଶୁଣି ନ ଥିବିରେ !

ରଘୁ ନନ୍ଦନ ଟା' ଆଣି ମୋ ହାତକୁ ବଢ଼ାଇ ଦେଇ କହିଲା, ହଁ' ମ । ମୁଁ କ'ଣ ଜାଣିପାରୁନି ? ଶୁଣିଥିଲେ ତୁ ଚାଲି ଯାଇଥାନ୍ତୁ ନା' କ'ଣ ?

ସେତିକି ପରେ ଆମ ପ୍ରସଙ୍ଗ ବଦଳିଗଲା ଓ ବେଶ୍ କେଇ ସମୟର ଦୁଃଖସୁଖ ପରେ ପରସ୍ପର ଠାରୁ ବିଦାୟ ନେଲୁ ଆମେ ।

ଘଟଣାଟା ସପ୍ତାହେ କି ଟିକେ ବେଶି ହେବ ବୋଧେ ।

ଏବେ ଭାବୁଛି ରଘୁ ନନ୍ଦନ ସେଦିନ କ'ଣ ତେବେ ସତ କହିଥିଲା ? ମୋତେ ଠିକରେ ଶୁଭୁନି ନା' ଟିକେ କମ ଶୁଭୁଛି ? ନୋହିଲେ, ସେଇ ଏକା କଥା ସେଦିନ କେମିତି ପଚାରିଲା ସ୍ୱର୍ଣ୍ଣ; ଏଇଠି ବସିଛ....କେତେ ଥର ଡାକିଲିଣି ... ଶୁଭୁନି ତୁମକୁ ?

ସ୍ୱର୍ଣ୍ଣର ଧୀର କଥା ବି ମୁଁ ଠିକ ଶୁଣି ପାରେ ।

ଏମିତିକି ସେ ସତରେ ନ ଡାକିଥିଲେ ବି ମୁଁ ତା' ଡାକଟା ବେଳେ ବେଳେ ଅନୁଭବ କରିପକାଏ ମୋ ଅନ୍ତର୍ମନରେ । ଆଉ ଏବେ କୋଉଠି ଥାଇ ସେ କ'ଣ କହିଲା ଯେ ମୁଁ ଶୁଣି ପାରିଲିନି ! ପଚାରି ଦେବାକୁ ଯାଉଥିଲି ଓ ଗୋଟେ ଛୋଟ ପ୍ରଶ୍ନର ଉତ୍ତର ନେଇ ସ୍ୱର୍ଣ୍ଣ ମୋ ପାଖକୁ ଯେତେ ଶୀଘ୍ର ଆସିଥିଲା ସେତେ ଶୀଘ୍ର ଚାଲିଯିବାରୁ ପଚାରି ପାରିଲିନି ।

ଏବେ ମୁଁ ଦ୍ୱନ୍ଦ୍ୱରେ ପଡ଼ିଲି ଓ ରଘୁ ନନ୍ଦନ ପରି ସ୍ୱର୍ଣ୍ଣର ସେଇ ସମାନ ପ୍ରଶ୍ନ ଯେ ଶୁଭୁ ନାହିଁ ଯଦି ତା' କଥାର ଉତ୍ତର ଦେଲି କେମିତି ? ନା' ନା' ଏସବୁ କହିବା ବାହୁଲ୍ୟ ଓ ଏତିକି ଭାବି ମୁଁ ଟିକେ ଆଶ୍ୱସ୍ତ ହେଲି ଓ କିଛି ସମୟ ପରେ ମୋତେ ବି ଠିକ ଲାଗିଲା । ମାତ୍ର ପରେ ପରେ ଭାବିଲି; ଠିକ ଶୁଭୁଛି କି ନା' ନିଜେ ନିଜେ ଟିକେ ପରୀକ୍ଷା କରି ନେଲେ ଅସୁବିଧା କ'ଣ ? ପରୀକ୍ଷାଟା ମୋତେ କିଏ କେବେ ଶିଖାଇଥିଲା, ଫଳାଫଳ କ'ଣ ଥିଲା ମୁଁ ମନେ ପକାଇ ପାରିଲିନି । ମାତ୍ର ଧାଇଁଗଲି ବାଡ଼ି ପଟକୁ । ନିଜକୁ ନିରୋଳା କରି ଛିଡ଼ା ହୋଇ ପଡ଼ିଲି ନିଛାଟିଆ ଆମ୍ବଗଛ ତଳେ । ସ୍ୱାଭାବିକ ସ୍ୱରରେ କିଛି କିଛି କଥା କହି ଶୁଣିଲି ବାଁ କାନ ବୁଜି । ଆଉ କିଛି କଥା ଶୁଣିଲି ଡାହାଣ କାନ ବୁଜି । ଠିକ ତ ଶୁଭୁଛି ! ଶୁଭୁନି କ'ଣ ! ଧେତ୍, ମୁଁ ଅଯଥା ସନ୍ଦେହରେ ପଡୁଛି । ଅବଶ୍ୟ ଏ ଦେହ ମୁଣ୍ଡ ମୋର କ'ଣ ଟିକେ ହେଲେ

ମୁଁ ଭାରି ବ୍ୟସ୍ତ ହୋଇପଡ଼େ। କିଛି ହେଉ ହେଉ ଡାକ୍ତରଙ୍କ ପାଖକୁ ଧାଇଁ ଯାଏ।

ତେବେ ଶୁଭିବା ନ ଶୁଭିବା କଥା ଆଉ କେହି କହି ନାହାନ୍ତି । ସେ କଥା ବି ମୁଁ ଆଉ ଭାବି ନଥିଲି । ହେଲେ ଆଜି ସକାଳୁ ବାଁ କାନଟା ଟିକେ ଟଣକିଲା ପରି ଲାଗିବାରୁ ମୁଁ ପୂରାପୂରି ବ୍ୟସ୍ତ ହୋଇ ପଡ଼ିଲି । କ'ଣ ହେଲା କାନଟା? ପୀଡ଼ା ପରାସ ନ ଥିଲେ ବି ଠିକ ଲାଗୁନି କାହିଁକି? ରଘୁ ନନ୍ଦନ ଓ ସ୍ୱର୍ଣ୍ଣଙ୍କ କଥା କ'ଣ ସତ? ହେ ପ୍ରଭୁ! କାନକୁ ନ ଶୁଭିବା; କାହା କଥା ଶୁଣି ନ ପାରିବା କ'ଣ କମ୍ କଷ୍ଟ ! ଆଗ ନାହିଁ ପଛ ନାହିଁ ଭଲ କାନକୁ ତ କାହାରି ଖାତିର ନାହିଁ। ସହିବା ଅପେକ୍ଷା କହିବା ଲୋକ ଏତେ ଅଧିକ ଯେ ଯିଏ ଯାହା ପାରିଲା କହିଗଲା। ଏ କାନକୁ ଶୁଭୁ ନାହିଁ ଜାଣିଲେ କୋଉ କିଏ ବାକି ରଖିବେ? ଏମିତି ଭାବି ମୁଁ ଆହୁରି ବ୍ୟସ୍ତ ହୋଇ ପଡ଼ିଲି। ଅବଶ୍ୟ ବୟସ ହେଲେ ଏମିତି ଛୋଟ ଛୋଟ ଘଟଣାରେ ଆଶଙ୍କିତ ହେବା ସ୍ୱାଭାବିକ।

ଏଇ ବେଳକୁ ମୋତେ ଦିଶିଗଲା ସେଇ ବୁଢ଼ା ଲୋକ ଜଣଙ୍କର ମୁହଁ। ଯିଏ କିଛି ଦିନ ତଳେ ମୋ କାଉଣ୍ଟରକୁ ଆସିଥିଲେ। କାଚ ପରଦାରେ ମୁହଁ ଲଗାଇ ପଚାରିଥିଲେ ତାଙ୍କ ଖାତାର ନେଣଦେଣ କଥା। ମୁଁ ବି ଥରକୁ ଦି'ଥର ସୂଚନା ଦେଇଥିଲି। ହେଲେ ସେ ମୋ ମୁହଁକୁ ସେମିତି ଚାହିଁ ରହିଥିଲେ। ଗୋଟେ ହାତରେ ବାଁ କାନ ବୁଜି ପଚାରିଥିଲେ, ଆଜ୍ଞା କ'ଣ କହିଲେ? ତୃତୀୟ ଥରକୁ ସ୍ୱାଭାବିକ ସ୍ୱରଠାରୁ ଟିକେ ଜୋର ଦେଇ ମୁଁ ଉତ୍ତର ଦେବାରୁ ସେ ମୁଣ୍ଡ ହଲାଇଲେ ଓ ସୌଜନ୍ୟ ଦୃଷ୍ଟିରୁ କହି ଦେଇଗଲେ, ମୋତେ ଟିକେ କମ ଶୁଭେ ଆଜ୍ଞା।

ମୁଁ କ'ଣ ଏମିତି ଗୋଟେ କାନ ବୁଜି କାହା କଥା ଶୁଣିବି? ନା' କିଏ କ'ଣ କହିଲେ ତାଙ୍କ ମୁହଁକୁ ଚାହିଁ ରହିଥିବି? ନା' ନା' ଡେରି କଲେ ହେବନି। ପାଖରେ ସରକାରୀ ଡାକ୍ତରଖାନା। କେତେ ବାଟ ଯେ? ଆଜି ଯାଇ ଦେଖାଇ ଦେବି। ହେଇ ହେଇ କ'ଣ ହୋଇଥିବ? ମଇଳା ଫଇଳା ଟିକେ ଜମିଯାଇଥିବ। ନୋହିଲେ ପିଲାବେଳ ପରି କୋଉ କୂଅ ପୋଖରୀରେ ଗାଧୁଆ ହେଉଛି ଯେ ପାଣି ପଶିଗଲା। ଛୋଟ ବେଳେ ଏମିତି କେତେ ଥର କାନରେ ପାଣି ପଶିଛି। ଟଣ ଟଣ ଶୁଭିଛି। ତାବଦା ଲାଗିଛି କି କମ ଶୁଭିଛି। ଦିନେ ଦି'ଦିନ ପରେ ପାଣି ଶୁଖି ଆପେ ଠିକ ହୋଇଯାଇଛି ।

ମୁଁ ଟିକେ ସ୍ୱାଭାବିକ ହେବାକୁ ଚେଷ୍ଟା କରିଥିବା ହେତୁ କି କ'ଣ, ପଞ୍ଜୀକୃତ ଧାଡ଼ିରେ ଛିଡ଼ା ହୋଇ ମନକୁ ମନ ଭାବିଲି, ଏ ରୋଗୀ ଶବ୍ଦଟା ଠିକ ଲାଗୁନି। କାନ୍ଥ ବାଡ଼ ଯୁଆଡ଼େ ଦେଖିବ ରୋଗୀ ରୋଗୀ ଶବ୍ଦ। ତା'ର ବ୍ୟବହାର ଅବଶ୍ୟ ଠିକ। କିନ୍ତୁ ଆଉ କିଛି ପ୍ରତିଶବ୍ଦ ଦେଇ ଲେଖିଥିଲେ ବୋଧେ ବେଶି ଭଲ ଲାଗନ୍ତା। ଯଦ୍ୱାରା ମେଡିକାଲ ହତାରେ ପଶୁ ପଶୁ ଏମିତି ଆମ ତମ ପରି ଲୋକଙ୍କ ଭିତରେ ଗୋଟେ ରୋଗୀ ରୋଗୀ ଭାବନା ମନ ଭିତରକୁ ଆସନ୍ତା ନାହିଁ ।

ଆଗକୁ ଧାଡ଼ି ଚାଲୁଥିଲା, ମୁଁ ଚାଲୁଥିଲି। କାଚ ଜଳକା ପାଖରେ ମୁହଁ ଦେଇ, ମୁଁ ନାଁ କହିଲି, ଚକ୍ରଧର ଚୌରାଶିଆ। ବୟସ- ଷାଠିଏ ଓ ଘର- ସାହାପୁର ଟାଉନ। ମୋ ଶୀଘ୍ର କୁହାରେ ନାଁ ଦରଜ କରୁଥିବା ବ୍ୟକ୍ତି ମୋତେ ରୋକି ଦେଇ କହିଲେ, ରୁହ ରୁହ । ମୁଁ ଲେଖି ସାରେ। ହଁ କ'ଣ କହିଲେ? ସାହାପୁର ଟାଉନ । ଏଥର ଶେଷ ପ୍ରଶ୍ନ ପରି ତାଙ୍କର ସ୍ୱର, କ'ଣ ହୋଇଛି? କେଉଁ ବିଭାଗକୁ ଯିବେ? ଘୋଷି ରଖିଥିବା ପରି ମୁଁ ସାଙ୍ଗେ ସାଙ୍ଗେ କହି ପକାଇଲି, କାନ ...କାନ.....। ମୋ କଥା ସରୁ ନ ସରୁ ତାଙ୍କ କଥା ଶୁଣି ମୁଁ ଚମକି ପଡ଼ିଲି 'କାନ ତ ଆଜି କାହିଁକି ଆସିଲ? କାନ ପାଳି ବୁଧ, ଶୁକ୍ର। ହପ୍ତାହକୁ ଦି'ଦିନ।'

**ହେ ପ୍ରଭୁ! କାନକୁ ନ ଶୁଭିବା; କାହା କଥା ଶୁଣି ନ ପାରିବା କ'ଣ କମ୍ କଷ୍ଟ ! ଆଗ ନାହିଁ ପଛ ନାହିଁ ଭଲ କାନକୁ ତ କାହାରି ଖାତିର ନାହିଁ।**

କେମିତି ଟିକେ ଉଦାସ, ନିରାଶ ଲାଗିଲା ମୋତେ । ସଦର ଡାକ୍ତରଖାନାରେ ସପ୍ତାହେକୁ ଦି'ଦିନ ଆସୁଛନ୍ତି କାନ ଡାକ୍ତର! କି କଥା ମ ! ତେବେ ଟିକେଟ ଧରି ମୁଁ ଫେରି ଆସିଲି।

ଘର ମୁହଁରେ ପହଞ୍ଚିଛି ଦେଖିଲି, ଚିଣ୍ଟୁ ଆମ ଘରୁ ବାହାରି ଯାଉଛି। କୁଆଡ଼େ ଆସିଥିଲା ସେ? ମୋ ପାଖରେ କିଛି କାମ ଥିଲା କି? ମୁଁ ଡାକି ପଚାରି ଦେବାକୁ ଯାଉଥିଲି କିନ୍ତୁ ମନେ ପଡ଼ିଗଲା ତା' ପିଲା ଦିନ କଥା। ଚିଣ୍ଟୁକୁ ଯାହା କହିବ ସାମ୍ନାସାମ୍ନି। ଏକାଠି ବସି କଥା ହେଲେ ବି, ମୁହଁ ଟିକେ

ଏପଟ ସେପଟ କରି କହି ଦେଲେ ସେ ଶୁଣି ପାରିବ ନାହିଁ ଓ ଆଉ ଥରେ ପଚାରିବ। ତୁମକୁ ସେଇ ଏକା କଥା ଆଉ ଥରେ କହିବାକୁ ହେବ। ହେଲେ ଆଶ୍ଚର୍ଯ୍ୟ ଲାଗେ; ପଛରୁ ତମେ ଚିଣ୍ଟୁ ଚିଣ୍ଟୁ ଯେତେ ଡାକ ସେ ଶୁଣିପାରିବନି। କିନ୍ତୁ ଜୋର ତାଳିଟିଏ ମାରିଦେଲେ ସେ ଜାଣିଯିବ ଓ ମୁହଁ ବୁଲାଇ ପଛକୁ ଚାହିଁବ। ହାତଠାରି ଡାକିଦେଲେ ପାଖକୁ ଚାଲି ଆସିବ। ଏଇଥିପାଇଁ ପିଲାଗୁଡ଼ାକ କ'ଣ କମ ନବଜ କରନ୍ତିକି ତା' ସାଥିରେ? ପଛରେ ତା'ର ତାଳି ମାରି ଲୁଚି ପଡ଼ିବେ ଓ ଚିଣ୍ଟୁ ପଛକୁ ଚାହିଁଲା ବେଳକୁ କେହି ନ ଥିବେ। କାହାକୁ ନ ଦେଖି ସେ ଖଣ୍ଡେ ବାଟ ଯାଇଥିବ କି ନା' ଆଉ ଜଣେ ତାଳି ମାରିଦେବ। ଲୁଚି ପଡ଼ିବ ଓ ବିଚରା ଚିଣ୍ଟୁ ଏମିତିରେ କେତେ ହଇରାଣ ହୋଇଛି।



କେବେ କେବେ ପିଲା ପିଲାଙ୍କ ମଧ୍ୟରେ ଗଣ୍ଡଗୋଳ ବି ହୋଇଛି। କେବେ ତା'ରି ପାଖରେ ବସି ତା'ରି ବିରୁଦ୍ଧରେ କେତେ କଥା ହୋଇ ହସାହସି ହୋଇଛନ୍ତି କିଏ କିଏ। ବିଚରା ଶୁଣି ନ ପାରି ସେ ବି ସାଙ୍ଗମାନଙ୍କ ସହିତ ନିଜେ ହସିଛି। ପରେ ବୋକାଙ୍କ ପରି ପଚାରିଛି, ଆରେ କୋଉ କଥା ହେଉଥିଲ? ଏ ଅଜବ ଅସହ୍ୟ ଘଟଣାର ସାକ୍ଷୀ ମୁଁ। ତେବେ ଚିଣ୍ଟୁର ଆଉ କିଛି ଅସୁବିଧା ହେଲା ନାହିଁ କାନରେ ଯନ୍ତ୍ରଟିଏ ଲଗାଇବା ପରେ। ଅବଶ୍ୟ ଯନ୍ତ୍ର କାଢ଼ିଦେଲେ ସେ ସେଇ ଅସୁବିଧାରେ ପଡ଼େ। କ'ଣ କରିବ ସେ? ଦିନରାତି ଶୋଇବା ବସିବା ବେଳେ ତ କାନରେ ଯନ୍ତ୍ର ଖଞ୍ଜି ବୁଲିବନି। ସେ କଥା ଭାବି ମୁଁ ବି ଟିକେ ବ୍ୟସ୍ତ ହୋଇ ପଡ଼ିଲି। ମୁଁ କ'ଣ କାନରେ ଏମିତି ଯନ୍ତ୍ର ଖଞ୍ଜି ବୁଲିବି? ସେଥିକୁ ଆଜି କାଲିକା ଡାକ୍ତର। କ'ଣ ଟିକେ ହୋଇଥିବ କି ନା' ଗୁଡ଼େ ପରୀକ୍ଷା ।

ତେବେ କିଛି ନ ହେଉଥାଉ ଭାବି ମୁଁ ବୁଧବାରକୁ ଅପେକ୍ଷା କଲି। ସତ କହିଲେ ସୋମ, ମଙ୍ଗଳ ଦି'ଦିନ ମୋତେ ଯେମିତି ନିଦ ନ ଥିଲା। ଶୁଣିପାରୁ ନ ଥିବା ଲୋକମାନଙ୍କ ମୁହଁ ମନେ ପଡ଼ି ମୋତେ ବିବ୍ରତ ଲାଗୁଥିଲା ।

ଡାକ୍ତର ବାବୁ ମୋ ଦୁଇ କାନ ଟାଣି ପୁଡ଼ାରେ ଆଲୁଅ ପକାଇଲେ ଓ ପୂରା ଭିତରକୁ ଚାହିଁ ପଚାରିଲେ, ବିନ୍ଧୁଛି?

ନାଇଁ। ଟିକେ ଟଣକିଲା ପରି ଲାଗୁଛି।

କେତେ ଦିନ ହେବ? ମାସେ ପନ୍ଦର ଦିନ ହେବ।

ସେପଟେ କାନ ଟିକେ ସଫା କରି ଦିଅ।

କ'ଣ ମଇଳା ଅଛି?

ସେମିତି ଲାଗୁଛି ଓ ସଫା କଲା ପରେ ଯଦି କିଛି ଅସୁବିଧା ଲାଗିଲା ଆଉ ଥରେ ଆସିବ। କିଛି ଇନଫେକ୍ସନ ରହୁଛି କି ନାହିଁ ଦେଖିଦେବା।

କମ୍ପାଉଣ୍ଡର ମୋତେ ଖଟିଆ ଉପରେ ଶୋଇବାକୁ ନିର୍ଦ୍ଦେଶ ଦେଲେ। ମୁଁ ଶୋଉ ଶୋଉ ବାଁ କାନରେ କିଛି ତରଳ ଔଷଧ ଢାଳିଦେଲେ। କାନ ଟେକି ମୁଁ କଡ଼େଇ ଶୋଇଲି। କିଛି ବେଳ ପରେ ଗୋଟେ ଷ୍ଟିଲ ପାତ୍ରରେ ସେ ମୋ କାନ ପଟକୁ ନୁଆଇଁ ଦେଲେ। ନିଗିଡ଼ି ଆସିଲା କିଛି ମଇଳା ପାଣି ସହିତ ଛୋଟ ଛୋଟ କାନଗୁଇ। ଅପରିଷ୍କାର ପାତ୍ରଟାକୁ ଦେଖି ମୋତେ ବି କେମିତି ଟିକେ ଅସନା ଲାଗିଲା। ମୁଁ କ'ଣ କହିଥାନ୍ତି? କେବଳ ଏତିକି କହିଲି, ଗୁଡ଼େ ମଇଳା ଜମି ଯାଇଛି।

ସବୁ ଦିନର କାମ ହେତୁ ସେ ହୁଁ ଚୁ କିଛି କହିଲେ ନାହିଁ। ସେମିତି ନିର୍ଦ୍ଦେଶ ଦେଲେ ଡାହାଣ କାନ ଦେଖାଇ ଶୋଇ ଯିବାକୁ ଓ ଡାହାଣ କାନରେ ବି ସେମିତି ଗୁଡ଼େ ମଇଳା। କୁଆଡୁ ଆସିଲା କେଜାଣି?

ସେତିକି ପରେ ମୁଁ ଡାକ୍ତରଖାନାରୁ ଫେରି ଆସିଲି।

ଏବେ ମୋତେ ଖୁବ ହାଲକା ଲାଗୁଛି ଓ ଦୁଇ କାନ ମୋର ପରିଷ୍କାର ଲାଗୁଛି। ଆପଣ କହୁ ନ ଥିବା କଥା ବି ମୋ କାନକୁ ଠିକ୍ ଶୁଭୁଛି।

□□

ଲେଖକଙ୍କ ଇ-ମେଲ ଠିକଣା:
tapanmahapatra1969@gmail.com

ପ୍ରବନ୍ଧ

# ଏକ ଭିନ୍ନ ଦୃଷ୍ଟିରେ କଳାହାଣ୍ଡିର ଲୋକକଥା



ଡ. ଦୋଳଗୋବିନ୍ଦ ବିଶୀ

ଆଦିମ ମଣିଷ ଆପଣାର ସ୍ୱାଭାବିକ ଜିଜ୍ଞାସାବୋଧରୁ ବିଶ୍ୱରହସ୍ୟକୁ ବ୍ୟାଖ୍ୟା କରିବା ପାଇଁ ଯେଉଁ ଆଦିମ-ବୌଦ୍ଧିକ ପ୍ରଚେଷ୍ଟା ଚଳାଇଥିଲା, ତହିଁରୁ ସୃଷ୍ଟି ହୋଇଥିଲା ପୁରାକଥା ବା 'ମିଥ୍'। ପ୍ରଥମ ପର୍ଯ୍ୟାୟରେ ମିଥ୍‌ଗୁଡ଼ିକର ପ୍ରତ୍ନରୂପ ସୃଷ୍ଟି ହୋଇ ପରବର୍ତ୍ତୀ ପର୍ଯ୍ୟାୟରେ 'ବିକଶିତ ମିଥ୍' ଗୁଡ଼ିକର ସୃଷ୍ଟି ହୋଇଥିଲା। ମିଥ୍ ହେଉଛି ଗଳ୍ପ ବିଷୟକ ସମସ୍ତ ପ୍ରକାର ଲୋକମୌଖିକ କଳାର ପ୍ରାଚୀନ ରୂପ। ଲୋକସାହିତ୍ୟର ଗବେଷକମାନେ ମିଥ୍‌ରୁ ଲୋକ କଥା ଓ ଲୋକକଥାରୁ କିଂବଦନ୍ତୀର ବିକାଶ ହୋଇଥିବାର ସ୍ୱୀକାର କରନ୍ତି। କେତେକ ଲୋକସଂସ୍କୃତିବିଦ୍ କେବଳ ଲୋକକାହାଣୀ ବା 'କଥାନି'କୁ ହିଁ ଲୋକକଥା ବୋଲି ଗ୍ରହଣ କରନ୍ତି- ଏମାନଙ୍କ ମତରେ ମିଥ୍, ଲୋକକଥା ଓ କିଂବଦନ୍ତୀ ଆଦି ହେଉଛି ଲୋକ ସାହିତ୍ୟର ଭିନ୍ନ ଭିନ୍ନ ରୂପ। ଯା' ଉପରେ ବିଶେଷଜ୍ଞମାନେ ବହୁ ପ୍ରକାର ଆଲୋଚନା କରିଥିଲେ ହେଁ ସାଧାରଣତଃ ସୃଷ୍ଟିକଥା, ଧର୍ମଗାଥା ଓ ସଂସ୍କୃତିତତ୍ତ୍ୱ କଥା ଆଦିକୁ ମିଥ୍, ଲୋକଶିକ୍ଷା ଧର୍ମୀ ବିନୋଦ ଗପ ବା କାହାଣୀକୁ ଲୋକ କଥା ଓ ଐତିହାସିକ ତଥ୍ୟ ଥିବା ବା ଇତିହାସ ପରି ଲାଗୁଥିବା ଶ୍ରୁତିକଥାକୁ କିଂବଦନ୍ତୀ ଭାବରେ ଗ୍ରହଣ କରିଛନ୍ତି। କିଂବଦନ୍ତୀକୁ କଥାରେ ନ କହି ଗୀତରେ ପରିବେଷଣ କଲେ ତାହା ଗାଥା ହୁଏ। ଏ ସକଳ ପ୍ରକାଶଶୈଳୀ ଦୃଷ୍ଟିରୁ ଭିନ୍ନବୋଧ ହେଉଥିଲେ ହେଁ ଆତ୍ମା ଦୃଷ୍ଟିରୁ ଗୋଟିଏ ଓ ସେହି ଆତ୍ମାଟି ହେଉଛି 'କଥାଭାଗ'। ନିର୍ଦ୍ଦିଷ୍ଟ 'କଥାଭାଗ'କୁ ଅବଲମ୍ବନ କରି ଏଗୁଡ଼ିକ ସୃଷ୍ଟି ହୋଇଥାନ୍ତି। ଏହି ଦୃଷ୍ଟିରୁ ମିଥ୍ ଓ କିଂବଦନ୍ତୀକୁ ଲୋକକଥା ଭାବରେ ଗ୍ରହଣ କରିବାରେ ଆପତ୍ତି ନ ରହିବା ଉଚିତ। ଏହି ଯଥାର୍ଥତାକୁ ସ୍ୱୀକାର କରି ଲୋକସାହିତ୍ୟ ବିଜ୍ଞାନର ପ୍ରସିଦ୍ଧ ବିଦ୍ୱାନ ଡକ୍ଟର ସତ୍ୟେନ୍ଦ୍ର କଥାତ୍ମକରୂପ କ୍ରମରେ ଧର୍ମଗାଥା, ପରୀକଥା, ଅବଦାନ, ଲୋକ କାହାଣୀ, ତନ୍ତ୍ରାଖ୍ୟାନ ଓ ଲୋକଗାଥାକୁ ଗ୍ରହଣ କରିଛନ୍ତି। ଲୋକସାହିତ୍ୟର ଗଦ୍ୟ, ପଦ୍ୟ ଓ ଗଦ୍ୟ-ପଦ୍ୟାତ୍ମକ ସମସ୍ତ ରୂପର ପ୍ରାୟ ଶତକଡ଼ା ନବେ ଭାଗ ଆତ୍ମା ହେଉଛି କଥା ବା କଥାନି ବା କାହାଣୀ। ଗଦ୍ୟରେ ହେଉ ବା ପଦ୍ୟରେ ହେଉ, କାହାଣୀ ଶୁଣାଇବା ଉଦ୍ଦେଶ୍ୟରେ ହିଁ ଅଧିକାଂଶ ଲୋକସାହିତ୍ୟର ସୃଷ୍ଟି ।




## 'କଥା'ର ପରିଭାଷା

ଲୋକମାନେ ଲୋକାୟତନ ମଧ୍ୟରେ ଲୋକଧାରା ବା ଲୋକବିଦ୍ୟାକୁ ଯେପରି ଭାବରେ ପ୍ରୟୋଗ କରନ୍ତି, ତାକୁ ହିଁ ଦୃଷ୍ଟିରେ ରଖି ଗଣଗ୍ରାହ୍ୟ ଭାବେ ତା'ର ନାମ ଦେଇଥାନ୍ତି। କଳାହାଣ୍ଡିର ଲୋକମୌଖିକ ପରମ୍ପରାରେ ପ୍ରଚଳିତ ମିଥ୍, କିଂବଦନ୍ତୀ, ଗାଥା, ଲୋକପୁରାଣ, ଜାତିପୁରାଣ, ସିଡ଼ି, ଗାଭା, ଲୋକକାବ୍ୟ, ଲଘୁକଥା ଆଦି ଲୋକସାହିତ୍ୟର ବହୁ ବିଭାବ ଲୋକ ସମାଜରେ 'କଥା' ଭାବରେ ହିଁ ଗୃହୀତ। କଳାହାଣ୍ଡିର ଲୋକାୟତନରେ 'କଥା' ଏକ ଜନ ସ୍ୱୀକୃତ ପରିଭାଷା। କଥା ପୁଣି କଥା, କଥାନି, କୁହୁନି ଓ କୋଏନି ନାମରେ ଉଚ୍ଚାରିତ ହୁଏ। ଶ୍ରୋତାମାନେ କଥକ ଓ ଗାୟକମାନଙ୍କଠାରୁ ଯାହା ବି ଶୁଣିବାକୁ ଇଚ୍ଛାକଲେ "ସେ ଅମ୍‌କା କଥା ଧର/ମୁନ୍ଦଲ୍ କର" ବୋଲି ଅନୁରୋଧ ଜଣାଇଥାନ୍ତି। ଏ'ତ ଗଳ୍ପ ବିଷୟକ ଲୋକସାହିତ୍ୟ ଓ ବର୍ଣ୍ଣନାତ୍ମକ ମୌଖିକକଳାର କଥା-ଯାହାକୁ 'କଥା' ନାମରେ ନାମିତ କରିବା ଅତି ସ୍ୱାଭାବିକ। ଅଧିକନ୍ତୁ

କଳାହାଣ୍ଡିର ଲୋକସମାଜରେ "ଆନୁଷ୍ଠାନିକ ବିଧିବିଧାନ ଆଦିର ବର୍ଣ୍ଣନା ବା ସୂଚନା, ଉପଚାର ବିଧି ଓ ଲୋକସମ୍ବାଦ ଆଦିକୁ ମଧ୍ୟ 'କଥା' ନାମରେ ପ୍ରକାଶ କରାଯାଇଥାଏ। ଏସବୁ ଦୃଷ୍ଟିରୁ କଳାହାଣ୍ଡିର ଲୋକକଥା ସମ୍ପର୍କରେ ଚର୍ଚ୍ଚା କଲାବେଳେ ପାଶ୍ଚାତ୍ୟ ମତକୁ ଅନୁସରଣ କରି କେବଳ 'ଫୋକ୍‌ଟେଲ୍' ମଧ୍ୟରେ ସୀମିତ ରହିବା ଉଚିତ୍ ହେବନାହିଁ। ଗଳ୍ପ ବିଷୟକ ଲୋକସାହିତ୍ୟର ସମସ୍ତ ବିଭାବ ବା କଥାତ୍ମକ ରୂପକୁ ଲୋକ କଥା ଭାବରେ ଗ୍ରହଣ କଲେ ତାହା ହିଁ ଯଥାର୍ଥ ହେବ, ଓଷାକଥା ବା ବ୍ରତ କଥା ନାମରେ ମିଳୁଥିବା ଗୀତଗୁଡ଼ିକ ମଧ୍ୟ ଲୋକକଥା ଶୃଙ୍ଖଳାର ଏକ ବିଶିଷ୍ଟ ଅଙ୍ଗ-ସେ ସବୁକୁ ଆମେ ବାଦ ଦେଇ ପାରିବା ନାହିଁ।

ବିଶ୍ୱର ଅନେକ ଦେଶରେ ଥିବା ବହୁ ମହାକାବ୍ୟ ଓ ପୁରାଣଗୁଡ଼ିକ ସେହି ସେହି ଦେଶର ଲୋକକଥା/ପୁରାକଥା ଦ୍ୱାରା ପ୍ରଭାବିତ। ବୈଦିକ-ସାହିତ୍ୟ ଓ ଉତ୍ତର-ବୈଦିକ ସାହିତ୍ୟରେ ଲୋକକଥାଧର୍ମୀ ବହୁ ଆଖ୍ୟାନ ରହିଛି। ପ୍ରାଚୀନ ଭାରତୀୟ କଥାସାହିତ୍ୟ ଅନ୍ତର୍ଗତ ପଞ୍ଚତନ୍ତ୍ର, ହିତୋପଦେଶ, କଥାସରିତ ସାଗର, ଶୁକସପ୍ତତି, ଦ୍ୱାତ୍ରିଂଶ ପୁତ୍ତଳିକା ଓ ବେତାଳ ପଞ୍ଚବିଂଶତି ଆଦିକୁ ଭାରତୀୟ ଲୋକକଥାର ଶୃଙ୍ଖଳିତ ଓ ସମ୍ପାଦିତ ରଚନା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ପାଲି-ପ୍ରାକୃତ ଓ ଅପଭ୍ରଂଶ ଭାଷାର ବିଶାଳ ସାହିତ୍ୟ-ସାଗର ମଧ୍ୟରେ ଯେଉଁ କଥାସାହିତ୍ୟ, ଆଖ୍ୟାୟିକା-ସାହିତ୍ୟ, ଚରିତ-ସାହିତ୍ୟ ଓ ଅବଦାନ-ସାହିତ୍ୟ ଆଦି ଦେଖିବାକୁ ମିଳେ ସେ ସମସ୍ତ ଧର୍ମୋପଦେଶ ଓ ଲୋକଶିକ୍ଷା ମୂଳକ ଲୋକକଥାଗୁଡ଼ିକର ହିଁ ବିଦଗ୍ଧ ରୂପ। ଲୋକକଥାର ବୈଶିଷ୍ଟ୍ୟ ଏଗୁଡ଼ିକରେ ପ୍ରତିଫଳିତ। (ଦୃଷ୍ଟାନ୍ତ-ବଡ଼କଥା ବା ବୃହତ୍ କଥା) ଭାରତୀୟ ସାହିତ୍ୟ ସବୁ ଯୁଗରେ ହିଦଲୌକିକ ବିଷୟ ଉପରେ ଗୁରୁତ୍ୱ ଦେଇ ଆସିଥିବାରୁ ଏହା ଲୋକଧାରାରୁ ବିଚ୍ୟୁତ ହୋଇପାରିନାହିଁ। ବରଂ ଲୋକଧାରାକୁ ଆଶ୍ରୟ କରି ବିକଶିତ ହୋଇଛି। ଆମ ବିଦଗ୍ଧ-ଧାରା ଲୋକଧାରା ଦ୍ୱାରା ପୁଷ୍ଟ ଓ ପ୍ରଭାବିତ ହୋଇ କେତେକାଂଶରେ ପରବର୍ତ୍ତୀ ଲୋକଧାରାକୁ ମଧ୍ୟ ପ୍ରଭାବିତ କରିଛି। ଏହି ଦୃଷ୍ଟିରୁ ମୌଖିକ ପରମ୍ପରାର ଲୋକକଥା ଓ ଲିଖିତ କଥାସାହିତ୍ୟ ମଧ୍ୟରେ ଆମେ ବହୁ ସାମଞ୍ଜସ୍ୟ ଦେଖିବାକୁ ପାଉଁ। ସଂସ୍କୃତ, ପାଲି, ପ୍ରାକୃତ ଓ ଅପଭ୍ରଂଶ କଥା ସାହିତ୍ୟର ବହୁ ବିଷୟ/ଆଖ୍ୟାନ ସହିତ କଳାହାଣ୍ଡିର ଲୋକକଥାଗୁଡ଼ିକର ସାମ୍ୟତା ରହିଛି। ଇତିହାସର କେଉଁ କାଳରେ କିପରି ଭାବରେ କିଏ କାହାକୁ ପ୍ରଭାବିତ କରିପାରିଛନ୍ତି- ତାହା ଗଭୀର ଗବେଷଣାର ବିଷୟ। ଆଞ୍ଚଳିକ ପରମ୍ପରା ଓ ମହାନ ପରମ୍ପରାର ପୃଷ୍ଠଭୂମିରେ କଳାହାଣ୍ଡିର ସାମାଜିକ ଓ ଧର୍ମ ସାଂସ୍କୃତିକ ଇତିହାସ ସଙ୍ଗେ ଭାରତୀୟ ପ୍ରାଚୀନ ଇତିହାସକୁ ଅଧ୍ୟୟନ କରି ଦେଖିଲେ ଏଇ ଲୋକକଥାର ଘେନାଘେନି ଭାବ ସହଜରେ ଜଣାପଡ଼ିବ।

**ବିଶ୍ୱଜନୀନତା**

ଲୋକକଥାର ପ୍ରମୁଖ ବୈଶିଷ୍ଟ୍ୟ ହେଉଛି, ଏହାର ବିଶ୍ୱଜନୀନତା। କୌଣସି ଗୋଟିଏ ଲୋକକଥା ବା ଏହାର ସଂରଚନାତ୍ମକ ଉପାଦାନ ଏକ ସୀମିତ ଅଞ୍ଚଳରେ ଆବଦ୍ଧ ହୋଇ ରହେନାହିଁ। ପ୍ରଜାତି, ଭାଷା ଓ ଆଞ୍ଚଳିକତାର ବାଡ଼ ଡେଇଁ ଲୋକକଥା ବିଶ୍ୱ ପରିଭ୍ରମଣ ପାଇଁ ବାହାରିପଡ଼େ। ପୃଥିବୀର ସମସ୍ତ ଦେଶର ଲୋକ କାହାଣୀଗୁଡ଼ିକ ମଧ୍ୟରେ ଭାବଗତ ଓ ରୂପଗତ କ୍ଷେତ୍ରରେ ଅନ୍ତରଙ୍ଗ ସମଧର୍ମିତା ଲକ୍ଷ୍ୟ କରାଯାଇଥାଏ। ଏହି ସମଧର୍ମିତା ବା ସାଧାରଣ ଐକ୍ୟର ମୂଳଉତ୍ସ ନିରୂପଣ କରିବାକୁ ଯାଇ ଲୋକସଂସ୍କୃତିବିଦ୍‌ମାନେ ଦୁଇ ପ୍ରକାର ମତ ଦିଅନ୍ତି:-

**କୌଣସି ଗୋଟିଏ ଲୋକକଥା ବା ଏହାର ସଂରଚନାତ୍ମକ ଉପାଦାନ ଏକ ସୀମିତ ଅଞ୍ଚଳରେ ଆବଦ୍ଧ ହୋଇ ରହେନାହିଁ।**

ପ୍ରଥମ ମତଟି ବିସରଣବାଦୀ ସିଦ୍ଧାନ୍ତ ଉପରେ ଆଧାରିତ ହୋଇଥିବା ବେଳେ ଦ୍ୱିତୀୟ ମତଟି ମାନବ ବିଜ୍ଞାନୀ ସିଦ୍ଧାନ୍ତ ଉପରେ ଆଧାରିତ। ଲୋକ ସାହିତ୍ୟ ଅଧ୍ୟୟନ କ୍ଷେତ୍ରରେ ବିଶ୍ୱ-ପ୍ରତିଷ୍ଠା ଅର୍ଜନ କରିଥିବା ଧର୍ମଗାଥା ସମ୍ପ୍ରଦାୟ ବା ଭାରତୀୟ ସମ୍ପ୍ରଦାୟଙ୍କ ମତରେ ଲୋକକଥା ବା କାହାଣୀଗୁଡ଼ିକର ମୂଳ ସୃଷ୍ଟି ପ୍ରଥମେ ଭାରତରେ ହୋଇଥିଲା ଓ ପରବର୍ତ୍ତୀ ସମୟରେ ସେଗୁଡ଼ିକ ପାଶ୍ଚାତ୍ୟ ଗୋଲାର୍ଦ୍ଧକୁ ଯାଇଥିଲା। ଭାରତର ଯେଉଁ ଅଞ୍ଚଳମାନଙ୍କରେ ପ୍ରାଗୈତିହାସିକ ଜନବସତିମାନ ଗଢ଼ି ଉଠିଥିଲା। ସେହି ସ୍ଥାନମାନଙ୍କରେ ଲୋକକଥାଗୁଡ଼ିକର ମୂଳରୂପ ଉନ୍ମେଷ ହୋଇଥିବା ଅଧିକ ସମ୍ଭବ। କଳାହାଣ୍ଡିର ବହୁ ସ୍ଥାନରେ ପ୍ରାଗୈତିହାସିକ ଜନବସତି ଗଢ଼ି ଉଠିଥିବାର

କଥା ଐତିହାସିକ ଓ ନୃତତ୍ତ୍ୱବିଦ୍‌ମାନେ ସ୍ୱୀକାର କରନ୍ତି। ବିଶ୍ୱ ରହସ୍ୟକୁ ବ୍ୟାଖ୍ୟା କରିବାର ମାନସିକତାକୁ ନେଇ କଳାହାଣ୍ଡିର ପ୍ରାଗୈତିହାସିକ ମାନବ ନିଶ୍ଚୟ ଅନେକ ଲୋକକଥାର ପ୍ରନ୍-ରୂପକୁ ଜନ୍ମଦେଇଥିବ। ସାର୍ବଜନୀନ ସମରୂପତା ମଧ୍ୟରୁ କେଉଁ କେଉଁ ମିଥ୍ ବା କଥା କଳାହାଣ୍ଡିର ମୌଳିକ ସମ୍ପଦ ତାହା ବର୍ତ୍ତମାନ ନିର୍ଣ୍ଣୟ କରିବା କଷ୍ଟକର ହେଲେ ହେଁ, ଏହି ମୌଳିକତା ଯେ ଏହି ମାଟିର ଆଦିବାସୀ ସମାଜରେ ପ୍ରଚଳିତ ମିଥ୍ / କଥାଗୁଡ଼ିକରେ ରହିଛି,ଏଥିରେ ସନ୍ଦେହ ନାହିଁ।

**ପ୍ରକାର ଭେଦ**

ବିଷୟ, ବୈଶିଷ୍ଟ୍ୟ ଓ ଶୈଳୀ ଆଧାରରେ କଳାହାଣ୍ଡିର ଲୋକକଥାଗୁଡ଼ିକର ଏକ ନିଜସ୍ୱ ପ୍ରକାର ଭେଦ ରହିଛି। ଏ ଦିଗରେ ବିଭିନ୍ନ ପ୍ରକାର ନାମକରଣର ଯଥାର୍ଥତା ଲୋକଦୃଷ୍ଟି ଓ ଲୋକମାନସର ସଠିକତାକୁ ଯୁକ୍ତିଯୁକ୍ତ ବୋଲି ସମର୍ଥନ ଯୋଗାଇଥାଏ। ପ୍ରକାର ଭେଦ କ୍ରମରେ କଳାହାଣ୍ଡିର ଲୋକକଥାଗୁଡ଼ିକୁ ଦଶ ଭାଗରେ ବିଭକ୍ତ କରାଯାଇପାରିବ। ସେଗୁଡିକ ହେଉଛି-



୧) ମଥାନ୍‌କଥା- ସିଡ଼ି, ଶିରା, ଗାଭା ଆଦି ସୃଷ୍ଟିପୁରାଣ/ ଲୋକପୁରାଣ/ ଜାତିପୁରାଣ ଓ ଲୋକମହାକାବ୍ୟମାନ ମଥାନକଥାର ଅନ୍ତର୍ଗତ।

୨) ଉପସନ୍‌କଥା- ଜୀବ, ଉଦ୍ଭିଦ ଓ ପଦାର୍ଥ/ ବସ୍ତୁ ସକଳର ସୃଷ୍ଟି ପ୍ରସଙ୍ଗ ବିଶେଷତଃ ମିଥ୍ ସମୂହ ଏହାର ଅନ୍ତର୍ଗତ। ମଥାନକଥାରେ ମଧ୍ୟ ଏହା ଥାଏ।

୩) ଧାନ୍ନାକଥା- ଦେବଦେବୀଙ୍କ ଧରାବତରଣ ଓ ଲୋକଶିକ୍ଷା ତଥା ଧର୍ମସ୍ଥାପନ ଉଦ୍ଦେଶ୍ୟରେ ବିଭିନ୍ନ ମାନବୋଚିତ ଲୀଳା ପ୍ରସଙ୍ଗ ବର୍ଣ୍ଣିତ ହୋଇଥିବା ଗଳ୍ପ ବା ଗାଥା।

୪) ଖମନା- ଆରଣ୍ୟକ କାହାଣୀ ସମୂହ।

୫) ଯୁଗଳ-ପ୍ରଶ୍ନୋତ୍ତରୀ ବା ଓଗାଳ ଧର୍ମୀ (ବିଶେଷତଃ ଧନ୍ଦା ମୋଚନ ଧର୍ମୀ) ପଚରାଉଚରା କଥା। ଲଘୁକଥା ଶୈଳୀ ଓ ଦୀର୍ଘ କାହାଣୀ ଶୈଳୀ-ଏପରି ଉଭୟ ଶୈଳୀରେ ଏହା ପ୍ରଚଳିତ।

୬) ଲବଜ-ଲୋକଶିକ୍ଷା ମୂଳକ ସମୟୋପଯୋଗୀ ଲଘୁକଥା।

୭) ସାକି- ବଣ୍ଟାରା ଲୋକକଥା।

୮) କିଂବଦନ୍ତୀ ବା ଜନଶ୍ରୁତିର ସ୍ଥାନୀୟ ପରିଭାଷା ଠିକ୍ ଜଣାପଡୁନାହିଁ। ତଥାପି 'କୁହୁନି' ନାମରେ ମିଳୁଥିବା କେତୋଟି ଲୋକକଥାର ସ୍ୱରୂପ କିମ୍ବଦନ୍ତୀ ହିଁ ଅଟେ।

୯) ଟୋବୋରୋଚୋ:- ଲବଜ ଧର୍ମୀ କିନ୍ତୁ ଛଳ-ଚତୁର ଲଘୁକଥା।

୧୦) ଲମକ୍ - ଦୀର୍ଘ କାହାଣୀ ବା କଥାନି 'ଲମକ୍' ନାମରେ ପରିଚିତ। ଲମାକଥାନି (ଦୀର୍ଘ କାହାଣୀ) ଅର୍ଥରେ ଲମକ୍ ନାମଟି ଯଥାର୍ଥ ବୋଧହୁଏ। ଲମକ୍ ବିଭିନ୍ନ ଶୈଳୀରେ ଉପଲବ୍ଧ ହୋଇଥାଏ। ଯଥା:-

କ) ଡଣାପଟିଆ- ଡଣାପଟିଆ ଲମକ୍‌ରେ କାହାଣୀର ଗତି ସରଳ ରୈଖିକ ହୋଇଥାଏ। ଅନ୍ୟୂନ ଦୁଇଟି ସରଳ ରୈଖିକ କାହାଣୀ ଏକ ସାଧାରଣ ବିନ୍ଦୁରେ ମିଳିତ ହୋଇ ଉପସଂହାର ଆଣିଥାନ୍ତି-ଠିକ୍ ଦୁଇଟି 'ଶଗଡ଼ଡ଼ଣା' ପରି।

ଖ) ଡେଲାବାଟିଆ- ଡେଲାବାଟିଆ 'ଲମକ୍'ରେ ଏକ ମୂଳ କାହାଣୀ ଆଗକୁ କିଛି ବାଟ ଗତିକରି ଯିବା ପରେ ପ୍ରସଙ୍ଗକୁ ଧରି ତହିଁରୁ ଦ୍ୱିତୀୟ କାହାଣୀଟିଏ ଆରମ୍ଭ ହୁଏ। ଦ୍ୱିତୀୟ କାହାଣୀକୁ ମୂଳ କରି ଗଳ୍ପ ଭାଗ ପୂର୍ବପରି କିଛିବାଟ ଗତିକରି ଯିବା ପରେ ସେଥିରୁ ତୃତୀୟ କାହାଣୀଟିଏ ଆରମ୍ଭ ହୁଏ। ଏପରି ମୂଳ କାହାଣୀର ସୂତ୍ରକୁ ଭିତ୍ତିକରି ଆଗକୁ ଆଗକୁ ଅନେକ ଶାଖା ପ୍ରଶାଖା କାହାଣୀମାନଙ୍କର ଆରମ୍ଭ ହୋଇ ଚାଲେ ଯେପରି ଗୋଟିଏ ମଣିଷଚଲା ପଥରୁ ଆଗକୁ ଅନେକ ବାଟ ବାହାରି ବିଭିନ୍ନ ଆଡ଼କୁ ଯାଇଥାଏ, ଠିକ୍ ସେପରି।

ଗ) ଗୁମାଗୁପିଆ-ପରିଚ୍ଛେଦ କ୍ରମରେ ନାତିଦୀର୍ଘ ଭିନ୍ନ ଭିନ୍ନ 'ଲମକ୍' କହି ସାରିବା ପରେ ଶେଷ ଲମକ୍‌ରେ କଥକ ସମସ୍ତ 'ଲମକ୍'କୁ ସମ୍ବନ୍ଧିତ କରିଥାନ୍ତି। ଫଳରେ, ସାମଗ୍ରିକ ଭାବେ ଲମକ୍‌ଗୁଡ଼ିକ ମଧ୍ୟରେ ଥିବା ପୂର୍ବାପର ସମ୍ପର୍କ ସ୍ପଷ୍ଟ ହୋଇଥାଏ। ସମସ୍ତ ପରିଚ୍ଛେଦର ଆରମ୍ଭ ସହ ଉପସଂହାର ପର୍ଯ୍ୟାୟର ପୃଷ୍ଠଭୂମିକ ସମ୍ପର୍କ ରହିଥାଏ।

ଘ) ଛିଡ଼ାମୁନ୍ଦଲିଆ-ଏ ପ୍ରକାର 'ଲମକ୍'ରେ ଭିନ୍ନ ଭିନ୍ନ ଚରିତ୍ର 'କଥକ' ରୂପରେ ଭିନ୍ନ ଭିନ୍ନ ଲମକ୍ କହିଥାନ୍ତି। ପ୍ରଥମ ଚରିତ୍ର

ନିଜ କଥାନିକୁ ଯେଉଁଠି ଶେଷ କରେ, ସେଇଠି ନିଜ ମତ ପ୍ରକାଶ କରିବାକୁ ଯାଇ ଦ୍ୱିତୀୟ ଚରିତ୍ର ଅନ୍ୟ ଏକ କଥାନି ଆରମ୍ଭ କରେ- ଏହା ଅନୁଭୂତି ବର୍ଣ୍ଣନା ବା ଦୃଷ୍ଟାନ୍ତ ଆଖ୍ୟାନ ମୂଳକ ହୋଇଥାଏ। ଏପରି ସମସ୍ତଙ୍କ କଥା ଶେଷ ହେବା ପରେ ମୂଳ ସମସ୍ୟାର ସମାଧାନ ଉପରେ ବିଚାର କରାଯାଏ। ଜଣକର କଥାନି ଯେଉଁଠି 'ଛିଡ଼େ' ବା ଶେଷ ହୁଏ ଆର ଜଣକର କଥାନି ସେଇଠୁ 'ମୁନ୍ଦଲ' ବା ଆରମ୍ଭ ହେଉଥିବାରୁ ଏହାକୁ ଛିଡ଼ାମୁନ୍ଦଲିଆ ଲମକ୍ କୁହାଯିବା ଯଥାର୍ଥ।

ଙ) ଆରାତୁମିଆଁ- ଏ ପ୍ରକାର 'ଲମକ୍'ରେ ବିଭିନ୍ନ ସୂତ୍ରରୁ ଏକାଧିକ କଥାନି ଆସି ଶେଷରେ ଗୋଟିଏ ବିନ୍ଦୁରେ ମିଳିତ ହୋଇଥାନ୍ତି ଠିକ୍ ଶଗଡ଼ 'ଚକ'ର ତୁମିରେ 'ଆରା' ସବୁ ଆସି ମିଶିଥିବା ପରି।

ଚ) ଏକ୍‌ଧରସିଆ- ଏହା ଗୋଟିଏ ମାତ୍ର ସରଳ ରୈଖିକ କଥାନିକୁ ବୁଝାଏ।

କଳାହାଣ୍ଡିର ଲୋକକଥାରେ କଥକମାନେ ଗୀତ, ଆବୃତ୍ତିପଦ, ହନା, ଧନ୍ଦା ଓ ସୂକ୍ତି ବଚନ ଆଦି ସଂଯୋଗକରି ପରିବେଷଣ ଶୈଳୀକୁ ଅଧିକ ବିନୋଦ ଧର୍ମୀ କରିଥାନ୍ତି। ଲମକ୍‌ଗୁଡ଼ିକରେ ଏସବୁର ପ୍ରୟୋଗ ବେଶି ମାତ୍ରାରେ ଦେଖାଯାଏ। ଏପରିକି କେତେକ 'ଲମକ୍' କେବଳ ଗୀତଶୈଳୀରେ କୁହାଯାଇଥାଏ। କଥକୀୟ ଶୈଳୀ ଅନୁସାରେ ଗୋଟିଏ କଥାନି ମୁନ୍ଦଲ, ବହଲେନ୍, ଥାକେନ୍, ପଛଘିଚେନ୍, ପଚରେନ୍, ହିଟେନ୍, ଚଘେନ୍ ଓ ଛିଡ଼େନ୍ ଆଦି ବିଭିନ୍ନ ଭାଗ ବା ଅଂଶରେ ବିଭକ୍ତ ହୋଇଥାଏ।

**ସାର୍ବଜନୀନତା ସତ୍ତ୍ୱେ କଳାହାଣ୍ଡିର ଲୋକକଥାରେ ଏ ମାଟିର ପରିବେଶ, ଐତିହ୍ୟ ଓ ସଂସ୍କୃତିର ମୌଳିକ ପରିଚୟ ମିଳିଥାଏ।**

## କଥକ ଓ କଥାନି

କଳାହାଣ୍ଡିର ଗାଁ ପାଲିରେ ରହୁଥିବା ନବେ ଭାଗ ଲୋକେ ଊଣାଅଧିକେ କିଛି ନା କିଛି କଥାନି କହିପାରନ୍ତି। ତଥାପି 'କଥକ'ମାନଙ୍କୁ ଛଅଟି ବର୍ଗରେ ବିଭକ୍ତ କରାଯାଇପାରିବ- (୧) ବାଇ/ ଆଜୀ / ନାନୀ, ଦାଦି / ଅଜା, ସାଙ୍ଗସରସା, ମା, ମଉଁସୀ (ମାଉସୀ), ବୁଆ, ବଡ୍ଡୁ, (୨) ଗାଁ କଥାଡୁ, ଟହଲିଆ, ଚହକେନ୍, ସୁଡ୍ରେନ୍, ମେଲାଭୁଡିଆର, ଜଲଙ୍ଗିଆ, ସିହାନ୍, (୩) ବୁଲାଭୁର୍କୁଟିଆ, ବୁଲା ଭଗତିଆ, (୪) ଜାନି, ଝାଁଙ୍କର, ଦିଆରି, ଗୁନିଆଁ, ଦେହେଲିଆ (୫) ଭାଟ, ଘୋଗିଆ, ପରଘନିଆଁ, ବଗୁଆ, ମରାଲ, ବିତରିଆ, ଦେବଗୁନିଆଁ ଓ ଏମାନଙ୍କ ସ୍ତ୍ରୀ ଲୋକମାନେ ଓ (୬) ଗାଏନ୍, ଗୀତକୁଡ଼ିଆ / ଗୀତକୁଡ଼ିଏନ୍, ବାଁଶିଆ ଆଦି।

ମୋଟିଫ୍ ଓ ସଂରଚନାର ସାର୍ବଜନୀନତା ସତ୍ତ୍ୱେ କଳାହାଣ୍ଡିର ଲୋକକଥାରେ ଏ ମାଟିର ପରିବେଶ, ଐତିହ୍ୟ ଓ ସଂସ୍କୃତିର ମୌଳିକ ପରିଚୟ ମିଳିଥାଏ। ଅରଣ୍ୟ ପ୍ରକୃତି ଓ ଜନପଦ ସଂସ୍କୃତି ସହ କାହାଣୀଗୁଡ଼ିକର ନିବିଡ଼ ସମ୍ପର୍କ ଦେଖିବାକୁ ମିଳେ। କଳାହାଣ୍ଡିର ଲୋକକଥା ଈଶ୍ୱର ଓ ପ୍ରକୃତିର କୌଣସି ବିଭାବକୁ ଅବହେଳିତ କରି ଛାଡ଼ି ଦେଇନାହିଁ। 'ମିଥ୍' ଅନୁସାରେ କାଳୀବୀର-ମାଟି-କନ୍ଧାନ-କଳାହାଣ୍ଡିରେ ବାର ପ୍ରକାର ମାଟି ଅଛି। ଏ ମାଟିର ନିଜସ୍ୱ କାହାଣୀ ଅଛି। ମାଟି ଧରି ରଖିଥିବା ଗିରି-ପର୍ବତ ନଦୀ-ନାଳ, ଗଛ-ବୃକ୍ଷ, ପଶୁ-ପକ୍ଷୀ, ଜୀବ-ଜନ୍ତୁ, ସରୀସୃପ, ଭୂତ-ପ୍ରେତ, ଦେବ-ଦେବୀ ଓ ନର-ଅସୁର ତଥା ମାଟି ଉପରେ ଥିବା ବତାସ-ଆକାଶ ଏ ସମସ୍ତର ନିଜସ୍ୱ କାହାଣୀ ଅଛି। ସେହି ସବୁ କାହାଣୀ ହିଁ କଳାହାଣ୍ଡିର ଲୋକକଥା। ଲୋକକଥାରେ ଏ ସକଳ ବିଭାବ 'ମାନବାୟନ' ହୋଇଛନ୍ତି। ସେମାନେ ମଣିଷ ପରି କଥାବାର୍ତ୍ତା କରିଛନ୍ତି, ଜୀବନଯାପନ କରିଛନ୍ତି, ହସିଛନ୍ତି, କାନ୍ଦିଛନ୍ତି, ନାଚିଛନ୍ତି, ସମାଜ ଗଢ଼ିଛନ୍ତି, ଚିନ୍ତାବ୍ୟକ୍ତ କରିଛନ୍ତି, ପ୍ରତିକ୍ରିୟାଶୀଳ ହୋଇଛନ୍ତି, ମନ୍ଦକୁ ନିନ୍ଦା କରି ଭଲକୁ ସ୍ୱାଗତ କରିଛନ୍ତି। ଲୋକକଥାରେ ଏମାନଙ୍କ ସଂସାରର କଥା ହିଁ କୁହାଯାଇଛି।

କଳାହାଣ୍ଡିର ଲୋକକଥା ସଂଖ୍ୟାରେ ଏତେ ବେଶି ଯେ, ସେ ସକଳର ସଂଗ୍ରହ ଓ ସଂକଳନ ପାଇଁ ପ୍ରଚୁର ଅର୍ଥ, ସମୟ, ସାହସ ଓ ଧୈର୍ଯ୍ୟ ଆବଶ୍ୟକ। କଳାହାଣ୍ଡିର ଐତିହ୍ୟ ଓ ସଂସ୍କୃତି ଚର୍ଚ୍ଚାର ଉପୋଦ୍‌ଘାତରେ ଏ ମାଟିର ଅଜସ୍ର ଲୋକକଥାର ଭୂମିକାକୁ ଅସ୍ୱୀକାର କରାଯାଇ ନ ପାରେ।

□□


ଲେଖକଙ୍କ ଇ-ମେଲ ଠିକଣା:
dgbkoshalayana@gmail.com

**କବିତା**




# ଭୋଅଟ୍ ପରବ୍

**ବଳରାମ ପୂଜାରୀ**




ସବୁ ପାହାଡ଼ଛୁଆଁ
'ଜିନ୍ଦାବାଦ୍'
ଓ 'ମୁର୍ଦ୍ଦାବାଦ୍' ମାନେ
ଓହ୍ଲାଉଥିଲେ
ଏବେ ଏବେ
ସମ୍ପର୍କରେ ଚେଙ୍ଗି ଦେଇ
ଡହଡହ ହିଂସାର
ଅଗ୍ନିଝୁଲ
ଅସହିଷ୍ଣୁତାର
ରଡ଼ ରଡ଼ିଆ ରଡ଼ନିଆଁ
ଆସନ୍ତା ପାଞ୍ଚ ବର୍ଷ ପାଇଁ
ନିଆଁ ଧାସରେ ସିଝୁଥିଲେ
ବିଚରା ଭାଇଚାରା
ନିରୀହ ସମ୍ପର୍କର
ଥଟ୍ଟା ମଜା
ରାଗ ରୁଷା, ଲାଡ ଗେଲ
ଧାଁ'ଦଉଡ଼ିଆ, ଓଷ ବିଷୁ
ଖୋଜା ଲୋଡ଼ା
ଦୁଃଖ ସୁଖରେ
ରାତି ବିକାଳି ସହାୟତାର
ହାତ ବଢ଼ାଉଥିବା
ସ୍ନେହ ସମ୍ପର୍କର
କଞ୍ଚା ପାଚିଲା
ବୋଲ ହାକ ସବୁ।



ହାତ ଛାଡୁଥିଲେ
ପାନିଆଁ ଜୁନିଆଁ ମିତ ମଇତର୍
ମୁହଁ ମୋଡୁଥିଲେ
ସାଇ ପଡ଼ିଶା ବନ୍ଧୁବର୍ଗ
ଦଳ ଦଳରେ ଚିହ୍ନ ଚିହ୍ନରେ
ଭାଗ ଭାଗ ହୋଇ
ବାଣ୍ଟି ହୋଇ ଯାଉଥିଲେ
ଭାଇ ବନ୍ଧୁ କୁଟୁମ୍ବ
ଜାତି ଗୋତ୍ର ସମାଜ
ଦିଅଁ ଦେବତା ଧର୍ମ
ଜୀଉଣୀ ଖାଉଣୀ
କମାଣି ମାଗାଁଣୀ
ମୁଣ୍ଡିଆ ମଥାନର ଆକାଶଟା
ବି ଆଜି ଠୁଁ ଦି'ଭାଗ
ପାଦ ତଳର ମାଟି ଫାଟୁଥିଲା
ଚଡ୍ ଚଡ୍ ମଡ୍ ମଡ୍
ଲାଜରେ ସରମରେ
ପୂରା ଲୁହରେ ଭିଜିଯାଇଥିଲା
ଭଙ୍ଗା ଖପରା ଭର୍ତ୍ତି
ଗାଁ ଛେଦର ମଶାଣିପଦା
ଝାଉଁଳି ପଡୁଥିଲା
ତଳସାହି ବନ୍ଧହୁଡାର ଫଟା ପାହାଚ
ବରଗଛକୁ ଠେସ ଦେଇଥିବା
ଅସ୍କରିଆ ଅପରଛନିଆଁ

ଛାଲ ଉତୁରା
ବାପ ଦାଦି ଅମଳର
ଚକଡ଼େ ପଲସ୍ତରା ।

ନିରବରେ ଲୁହ ଝରାଉଥିଲା
ମଣିଷପଣିଆଁ
ପ୍ରପଞ୍ଚ କରୁଥିଲା
ପାଞ୍ଚ ବର୍ଷିଆ ପଞ୍ଜାଙ୍ଗ
ପଥର ପାଲଟି ଯାଉଥିଲା
ସାମାନ୍ୟ ସାଧାରଣ
ଜନଗଣଙ୍କ ଅଭେଦ୍ୟ ଉପପାଦ୍ୟ
ରାଜା ଓ ରଙ୍କଙ୍କୁ ଚିହ୍ନଟ କରି
ଭିନ୍ନ ଦୃଷ୍ଟିରେ ଦେଖୁଥିବା



ଉଧାର ଅଣା
ଧାରା ଉପଧାରାରେ
ସୁସଜ୍ଜିତ ବଡ଼ବଡ଼ିଆଙ୍କ
ଗଳାବାଟିଆ ସୁରକ୍ଷା କବଚ
ବହୁମତରେ ସଦାସର୍ବଦା
ଦଳିମକ୍ଷି ହୋଇପାରୁଥିବା
ଗଣତାନ୍ତ୍ରିକ ବାକ୍ୟବେଦ
ଅପହଞ୍ଚିଆ ଅବୁଝା
ସମ୍ବିଧାନର ଭଗ୍ନସ୍ତୂପର
ଆଉଜିଆ ଶିଳାଲେଖ ଖଣ୍ଡେ ।

□□

କବିଙ୍କ ଇ-ମେଲ ଠିକଣା:
balarampujari1974@gmail.com

## 'ସାହିତ୍ୟ ଚର୍ଚ୍ଚା'କୁ ଲେଖା ପଠାଇବାର ନିୟମାବଳୀ

୧. 'ସାହିତ୍ୟ ଚର୍ଚ୍ଚା' ଏକ ପାରିବାରିକ, ସାଂସ୍କୃତିକ, ଆଧ୍ୟାତ୍ମିକ, ଅବା ଫିଚର-ଧର୍ମୀ ପତ୍ରିକା ନୁହେଁ, ବରଂ ଏକ ନିରୁତା ସାହିତ୍ୟ ପତ୍ରିକା । ଲେଖକମାନେ ନିଜର ଲେଖା ପଠାଇବା ବେଳେ ଏହା ଦୃଷ୍ଟିରେ ରଖିବା ପାଇଁ ଅନୁରୋଧ ।

୨. ପ୍ରବନ୍ଧ, ସମାଲୋଚନା, ଗଳ୍ପ, ରମ୍ୟରଚନା, ବ୍ୟଙ୍ଗ, କବିତା, ଅନୁବାଦ ଓ ଶିଶୁଗଳ୍ପ ଆଦି ଯେକୌଣସି ବିଭାଗର ଲେଖା ପଠାଇ ପାରନ୍ତି । ଆମେ ଗଦ୍ୟ ରଚନାଗୁଡ଼ିକୁ ଅଧିକ ପ୍ରାଧାନ୍ୟ ଦେଉ ।

୩. ପତ୍ରିକା ପାଇଁ କୌଣସି ପ୍ରବନ୍ଧ ଲେଖିବା ଆରମ୍ଭ କରିବା ପୂର୍ବରୁ ଦୟାକରି ଆମକୁ ତାହାର ବିଷୟ ସମ୍ପର୍କରେ ପୂର୍ବରୁ ଇ-ମେଲ୍ କିମ୍ବା ହ୍ୱାଟ୍‌ସଆପ୍ ଯୋଗେ ଜଣାନ୍ତୁ । ଆବଶ୍ୟକ ହେଲେ ଏ ବିଷୟରେ ଫୋନ୍‌ରେ ମଧ୍ୟ ଆଲୋଚନା କରିପାରନ୍ତି ।

୪. ଲେଖାଗୁଡ଼ିକୁ ଟାଇପ୍ କରି ଇ-ମେଲ୍ ଯୋଗେ info@sahityacharcha.com ଠିକଣାରେ କିମ୍ବା ଆମର ହ୍ୱାଟସଆପ୍ ନମ୍ବର 9368772506 କୁ ପଠାଇବାକୁ ଅନୁରୋଧ । ଆବଶ୍ୟକ ସ୍ଥଳେ ସ୍ୱହସ୍ତଲିଖିତ ରଚନାର ସ୍ପଷ୍ଟ ଛବି ଉଠାଇ ମଧ୍ୟ ପଠାଇପାରନ୍ତି ।

୫. ପୂର୍ବ ପ୍ରକାଶିତ କୌଣସି ଲେଖା ନ ପଠାଇବାକୁ ଅନୁରୋଧ । ଏପରିକି ଫେସ୍‌ବୁକ୍ ଇତ୍ୟାଦିରେ ପ୍ରକାଶିତ ଲେଖା ମଧ୍ୟ ପଠାନ୍ତୁ ନାହିଁ ।

୬. ଲେଖା ସହିତ ଲେଖକ ବା ଲେଖିକାଙ୍କର ଏକ ଫଟୋ, ମୋବାଇଲ୍ ନମ୍ବର ଏବଂ ଇ-ମେଲ୍ ଠିକଣା ରହିଥିବା ଆବଶ୍ୟକ ।

୭. ଅତି ଦୀର୍ଘ ଲେଖା ନ ପଠାଇବାକୁ ଅନୁରୋଧ ।

୮. ଲେଖକମାନଙ୍କ ପାଇଁ ଆମର ଶ୍ରଦ୍ଧା ଓ ସମ୍ମାନର ନିଦର୍ଶନ ସ୍ୱରୂପ କିଞ୍ଚିତ୍ ମାନଦେୟର ବ୍ୟବସ୍ଥା ଅଛି । କିନ୍ତୁ ଲେଖାଟି ପୂର୍ବରୁ ଅନ୍ୟତ୍ର ପ୍ରକାଶିତ ହୋଇଥିବାର ଜଣାଗଲେ ଏହି ମାନଦେୟ ରାଶି ପ୍ରେରଣ ହୁଏ ନାହିଁ । ଆମର କେବଳ ଅନ୍‌ଲାଇନ୍ ସଂସ୍କରଣରେ ପ୍ରକାଶିତ ରଚନା ପାଇଁ ମଧ୍ୟ ମାନଦେୟ ପ୍ରେରଣ ହୁଏନାହିଁ ।

୯. ଚୟନ କରାଯାଇଥିବା ଲେଖାର ପ୍ରକାଶନ ପାଇଁ ଅନ୍ତତଃ ଦୁଇମାସ ଅପେକ୍ଷା କରିବା ପାଇଁ ନିବେଦନ ।

୧୦. ଅପ୍ରକାଶିତ ଲେଖାର କାରଣ ଦର୍ଶାଇବା ପାଇଁ ସମ୍ପାଦନାମଣ୍ଡଳୀ ବାଧ୍ୟ ନୁହନ୍ତି ।


୧୧. ପ୍ରକାଶନ ପୂର୍ବରୁ ଲେଖାଗୁଡ଼ିକୁ ଆବଶ୍ୟକ ମୁତାବକ ସଂପାଦନା, ସଂଶୋଧନ ବା ପୁନର୍ଲିଖନ କରିବାର ଅଧିକାର ସଂପାଦନା ମଣ୍ଡଳୀର ରହିଛି ।

ମିନି ଗଳ୍ପ

# ଦୁଇଟି ମିନିଗଳ୍ପ



ହରେକୃଷ୍ଣ ସାହୁ



## ମଣିଷଖିଆ ବାଘ

ମଣିଷଖିଆ ବାଘ ମାତିଥିଲା। ଜଙ୍ଗଲ ଭିତରୁ ବାହାରି ଆସି ବେଳେବେଳେ ମଣିଷଟିଏମାନ ଟାଣି ନେଉଥିଲା। ତେଣୁ ବାଘଟିକୁ ମାରିବା ପାଇଁ ସରକାରଙ୍କ ତରଫରୁ ମୋତେ ମୁତୟନ କରାଗଲା।

କିଛିଦିନ ଧରି ବାଘଟି ଉପରେ ନଜର ରଖିବା ପରେ ଦିନେ ତା'ର ପିଛା କରି ଜଙ୍ଗଲ ଭିତରେ ପଶିଲି। ଚତୁର ବାଘଟି ଲୁଚିଛପି ଜଙ୍ଗଲ ଭିତରକୁ ପଶିଗଲା ଓ ପାହାଡ଼ ଆରପଟକୁ ଯାଇ ବାଘମାନଙ୍କ ଦଳରେ ମିଶିଗଲା।

ବାଘମାନଙ୍କ ଦଳରୁ ମୁଁ ଆଉ ମଣିଷଖିଆ ବାଘଟିକୁ ଚିହ୍ନି ପାରିଲି ନାହିଁ। ସବୁ ବାଘଗୁଡ଼ିକ ଏକ ପ୍ରକାରର ଦେଖା ଯାଉଥିଲେ। ବିଫଳତାରେ ବିରକ୍ତ ହୋଇ ମୁଁ ଗୋଟେ ବାଘ ଉପରକୁ ଗୁଳି ଚଳାଇଦେଲି। ସେ ଆଘାତ ପାଇ ତଳେ ପଡ଼ିଯିବା ବେଳେ ଅନ୍ୟ ବାଘମାନେ ଭୟଭୀତ ହୋଇ ପଳାଇଗଲେ।

ମୁଁ ବାଘ ପାଖରେ ପହଞ୍ଚିବାରୁ ସେ କହିଲା- ମୋତେ କାହିଁକି ମାରିଲ ?

କହିଲି- ତୁମେ ମଣିଷ ମାରୁଛ କାହିଁକି ?

କହିଲା- ତୁମେ ମଣିଷମାନେ ଆମ ଜଙ୍ଗଲରୁ ଗଛ କାଟିପକାଉଛ କାହିଁକି ?

କହିଲି- ଯିଏ ଗଛ କାଟୁଛି ତାକୁ ମାର। ଅଯଥାରେ ନିରୀହ ମଣିଷଗୁଡ଼ାକୁ ମାରୁଛ କାହିଁକି।

କହିଲା- ଯିଏ ମଣିଷ ମାରୁଛି, ସେ ବାଘ ମୁଁ ନୁହେଁ।

କହିଲି- ସବୁ ବାଘ ତ ଏକାପରି ଦେଖାଯାଉଛନ୍ତି। ତେଣୁ ତୁମକୁ ମଣିଷଖିଆ ଭାବି ମାରିଦେଲି।

ବାଘ କହିଲା- ତୁମ କଥା ଠିକ। ସବୁ ମଣିଷଗୁଡ଼ା ଏକା ପ୍ରକାରର ଦେଖାଯାଉଛନ୍ତି। ତେଣୁ ଗଛ କାଟୁଥିବା ମଣିଷକୁ ଆମେ ଚିହ୍ନିବୁ କେମିତି ?

## ରାଜା

ବାଘଟି ପେଟପୂରା ଖାଇସାରି ଆରାମ କରୁଥାଏ। ତା'ର ଅଇଁଠା ବା ଅବଶେଷ ତା' ଆଗରେ ପଡ଼ିଥାଏ। ବାଘର ଏକାନ୍ତ ଅନୁଗତ ଶୃଗାଳଟି ସେ ଅଇଁଠାକୁ ଖାଉଥାଏ। ଅବଶ୍ୟ ସେଥିରେ ଥାଏ ଅନେକ ଖଣ୍ଡ ହାଡ଼। ତହିଁରେ ଲାଗିଥାଏ ଟିକେ ଟିକେ ମାଂସ। କିଛି ଚମଡ଼ା ଟୁକୁଡ଼ା ବି ଥାଏ। ବାଘଟି ଗର୍ବରେ ଏ ଦୃଶ୍ୟକୁ ଦେଖୁଥାଏ। ତା'ର ଅଇଁଠା କେହି ଖାଉଥିବାର ଦେଖିଲେ ସେ ଗର୍ବ ଅନୁଭବ କରେ।

ବାଘର ପେଟ ପୂରିଗଲା ପରେ ସେ ନିଜକୁ ଏ ପୃଥିବୀର ରାଜା ମନେ କରିଥାଏ। ରାଜା କଥା ମନେ ପଡ଼ିଯିବାରୁ ସେ ଶୃଗାଳକୁ ପଚାରିଲା- ଆରେ ଶୃଗାଳ, ତୁ ଜାଣିଛୁ ନା ଏ ମଣିଷମାନେ ମୋତେ ଏ ଜଙ୍ଗଲର ରାଜା କରିଛନ୍ତି।

ଶୃଗାଳ କହିଲା- ଇଏ କି କଥା ପଚାରୁଛନ୍ତି ମଣିମା! ଆପଣ ଆମ ରାଜା ବୋଲି ମୁଁ ପରା ବହୁତ ଆଗରୁ ଜାଣିଛି। ଆପଣଙ୍କଠାରୁ ଆଗରୁ।

ବାଘ ଖୁସି ହେଲା ଓ ସେ ଖୁସିକୁ ଚାପିରଖି ହୁଁ ଟିଏ ମାରିଦେଇ ଚୁପ ରହିଲା।

ଶୃଗାଳ କହିଲା- ମଣିମା, ଆପଣ ହେଲେ ରାଜା, ଆପଣ ଖାଦକ। ଆଉ ସମସ୍ତେ ପ୍ରଜା, ଆପଣଙ୍କ ଖାଦ୍ୟ। ରାଜା ପ୍ରଜାର ଏହା ହିଁ ସମ୍ପର୍କ। ଜଙ୍ଗଲରେ ଏକଥା ସମସ୍ତେ ଜାଣନ୍ତି। କିନ୍ତୁ ମୁଁ କହିବି ଆପଣ ଏ ପୃଥିବୀର ରାଜା। ମଣିଷ କ'ଣ ଆପଣଙ୍କର ଖାଦ୍ୟ ନୁହେଁ।

ବାଘ ଠିଆହେଲା। ଜଙ୍ଗଲ ଭିତରକୁ ଚାଲି ଯାଉ ଯାଉ ଅହଂକାରୀ ସ୍ୱରରେ କହିଲା- ମୁଁ ଏବେ ନିରବ ରହି ସେହି କଥା ହିଁ ଭାବୁଥିଲି। ମୋତେ ପୃଥିବୀକୁ ଦଖଲ କରିବା ପାଇଁ ପଡ଼ିବ। ତେଣୁ ମୁଁ ଆସନ୍ତାକାଲି ପାଖ ଗାଆଁକୁ ପରିଦର୍ଶନରେ ଯିବି।

□□

ଲେଖକଙ୍କ ଇ-ମେଲ ଠିକଣା:
harekrushna.mugupal@gmail.com

ଶିଶୁ ଗଳ୍ପ



# ଦଣ୍ଡ ଭଲ ପିଲା ହେଲା

ନାରାୟଣ ଚନ୍ଦ୍ର ଶତପଥୀ

ଦଣ୍ଡ। ଗୋବିନ୍ଦପୁର ଗାଁର ମାର୍କଣ୍ଡ ପଣ୍ଡାଙ୍କର ପୁଅ ଦଣ୍ଡପାଣି ପିଲାଦିନରୁ ଉଦ୍ଦଣ୍ଡ ଥିଲା। ଫିଙ୍ଗା ଫୋପଡ଼ା କରୁଥିଲା। ରାଗି ଗଲେ ନିଜ ମାଆ ମୁଣ୍ଡକୁ ଦୁଇ ହାତରେ ବିଧାକଷି ଦେଉଥିଲା। ମାଆ ଚଣ୍ଡୀ ତାକୁ ବହୁତ ଗେହ୍ଲା କରୁଥିବାରୁ କିଛି ଦଣ୍ଡ ଦେଇପାରୁ ନ ଥିଲା। ମାର୍କଣ୍ଡ ପଣ୍ଡା ତାକୁ ଖୁବ୍ ଭଲ ପାଉଥିଲେ। ତା' ପାଇଁ ତା' ପିଲାଦିନରୁ ପ୍ରତ୍ୟେକ ଦିନ ଗୋଟେ ଅଣ୍ଡାର ବ୍ୟବସ୍ଥା କରିଥିଲେ। ତା' ପାଇଁ ନିରୁତା ଗାଈ କ୍ଷୀରର ବ୍ୟବସ୍ଥା କରିଥିଲେ। ଦଣ୍ଡପାଣି ଖାଇ ପିଇ ଆରାମରେ ଚଳୁଥିଲା। ପାଠ ପଢ଼ିବାକୁ ସ୍କୁଲରେ ତା' ନାଁ ଲେଖି ଦେଇଥିଲେ। ଦଣ୍ଡର ପାଠପଢ଼ା କଥା କହିଲେ ନ ସରେ। ଶିକ୍ଷକମାନଙ୍କ ମୁଣ୍ଡକୁ ସେ ଖରାପ କରି ଦେଉଥାଏ। ବେଳ ଉଣ୍ଡି ସାଥୀ ପିଲା ଓ ଝିଅ ପିଲାଙ୍କୁ ବଡ଼ ହଇରାଣ କରୁଥିଲା। ତାକୁ କିଛି କହିଲେ ସେ ମୁଣ୍ଡାପରି କିଛି ବୁଝିପାରୁ ନ ଥିବାର ନାଟକ କରୁଥିଲା। ସମୟେ ସମୟେ ସେ ସ୍କୁଲର ପୋଖରୀରୁ କେରାଣ୍ଡି ମାଛ ବନ୍‌ଶିରେ ଧରୁଥିଲା। କେରାଣ୍ଡିତକ ନେଇ ତାଙ୍କ ଶିକ୍ଷକ ମାରାଣ୍ଡି ବାବୁଙ୍କୁ ଦେଉଥିଲା। ଦିନେ ତା' ବନିଶିରେ ଗୋଟେ ଧଣ୍ଡ ଲାଗିଗଲା। କିନ୍ତୁ ଦଣ୍ଡ ଡରିବାର ପିଲା ନ ଥିଲା। ଧଣ୍ଡର ମୁଣ୍ଡକୁ ଧରି ବୁଲାଇ ବୁଲାଇ ତଣ୍ଡି ବୁଦାକୁ ଫିଙ୍ଗିଦେଲା।



ଦଣ୍ଡପାଣିର ଉଦ୍ଦଣ୍ଡପଣ ଦିନକୁ ଦିନ ବଢ଼ି ଚାଲିଥିଲା। ପିଲାଙ୍କ ସାଙ୍ଗରେ ଦଣ୍ଡମରା ଖେଳ ଖେଳୁଖେଳୁ ଗଣ୍ଡା ଗଣ୍ଡା ପିଲାଙ୍କୁ ଗୁଣ୍ଡା ପରି ବିଧାଚାପୁଡ଼ା କଷି ଦେଉଥିଲା। ଦିନେ ଗାଁ ଦାଣ୍ଡରେ ଜଣେ ଲୋକ ପୁଟୁଳିରେ କିଛି ଚିଜ ନେଇ ଯାଉଥିଲା। ଦଣ୍ଡ ଡିଆଁମାରି ପୁଟୁଳୀ ନେଇ ଖୋଲି ଦେଖିଲା। ସେଥିରେ ଦି ଗଣ୍ଡା ମଣ୍ଡା ପିଠା ଥିଲା। ଚାହୁଁ ଚାହୁଁ ଦଣ୍ଡ ସବୁଯାକ ମଣ୍ଡାପିଠା ଗବାଗବ ଖାଇଦେଲା। ଲୋକଟି ତୁଣ୍ଡ ଫିଟାଇଲା ନାହିଁ, ବିରକ୍ତ ହୋଇ ଚୁପ୍‌ଚାପ୍ ଚାଲିଗଲା। କାରଣ ଏ ଚଣ୍ଡ ଦଣ୍ଡ ବିଷୟରେ ସେ ଆଗରୁ ଜାଣିଥିଲା ଏବଂ ମାର୍କଣ୍ଡ ପଣ୍ଡା ଗାଁର ମୁଣ୍ଡିଆଳ ଥିଲେ।

ଦିନେ ରବିବାରରେ ଖରାବେଳେ ଖଣ୍ଡେ କାଠ ଖଣ୍ଡା ନେଇ ଦାଣ୍ଡକୁ ଆସିଲା। ମାଆ ଚଣ୍ଡୀ ଦେବୀ ମେଣ୍ଢାପାନ ଦୋକାନରୁ ଦି'ଅଣ୍ଡା ଅଣ୍ଡା ଆଣିବାକୁ ବରାଦ କରିଥିଲେ। ସେ ମୁଣ୍ଡ ଟୁଙ୍ଗାରି ହଁ ମାରିଲା। ଦଣ୍ଡ ଖଣ୍ଡା ବୁଲାଇ ବୁଲାଇ ଆଗକୁ ବଢୁଥିଲା।

ଦଣ୍ଡ ଦାଣ୍ଡ ମଝିରେ ଗୋଟେ ଶଗଡ଼ ଗାଡ଼ି ଦେଖିଲା। ଦୁଇଟା ପଣ୍ଡା ଶଗଡ଼କୁ ଟାଣି ଟାଣି ଦେଉଥିଲେ। ଶଗଡ଼ିଆ ଗୋଟେ

ଲମ୍ବା ଦଣ୍ଡ ନେଇ ପଣ୍ଡା ଦୁଇଟାଙ୍କୁ ଟାହିଟାହି କରି ଧରିଥିବା ଦଣ୍ଡାରେ ପଣ୍ଡା ଦି'ଟାଙ୍କୁ ମଝିରେ ମଝିରେ ପିଟି ଦେଉଥାଏ। ପଣ୍ଡା ଦୁଇଟା ଜୋରଜୋରରେ ପାହୁଣ୍ଡ ପକାଇ ଆଗକୁ ଆଗକୁ ମାଡ଼ି ଚାଲିଯାଉଥିଲେ। ଦଣ୍ଡପାଣି ଖଣ୍ଡେ ଦୂରରୁ ଏହା ଦେଖିପାରିଲା ତା' ମୁଣ୍ଡରେ ଗୋଟେ ଦୁଷ୍ଟବୁଦ୍ଧି ଖେଳିଗଲା।

ଦଣ୍ଡ ନିରିଖେଇ ଚାହିଁଲା ଭଲ ରୂପେ ଲକ୍ଷ୍ୟ କଲା। ତା'ପରେ ସେଇ ଦଉଡ଼ି ଦଉଡ଼ି ଯାଇ ଶଗଡ଼ ଦଣ୍ଡାକୁ ଧରି ଏପଟ ସେପଟ ମୋଡ଼ାମୋଡ଼ି କରି ଓହଳି ପଡ଼ିଲା। ପଣ୍ଡା ଦୁଇଟା ତରକା ଥିଲେ। ସେମାନେ ବଡ଼ବଡ଼ ପାହୁଣ୍ଡ ପକାଇ ଦଉଡ଼ ଦେଲେ। ଦଣ୍ଡ ହାତରୁ ଦଣ୍ଡା ଖସିଗଲା। ଦଣ୍ଡ ମୁହଁ ମାଡ଼ି ମଝି ଦାଣ୍ଡରେ ପଡ଼ିଗଲା। ତା' ମୁହଁ ଦାଣ୍ଡରେ ପିଟି ହୋଇଗଲା ତା'ର ଦୁଇଟା ଦାନ୍ତ ଝଡ଼ି ପଡ଼ିଲା। ରକ୍ତବୋହିଲା, ହାତପାପୁଲି ରାସ୍ତାରେ ଘଷି ହୋଇ ଖଣ୍ଡିଆ ହୋଇଗଲା। ଦଣ୍ଡ ପ୍ରଚଣ୍ଡ ପାଟି କଲା। ଗାଁ ଲୋକ ରୁଣ୍ଡ ହୋଇଗଲେ। ମାର୍କଣ୍ଡ ପଣ୍ଡାଙ୍କୁ ଖବର ଦେଲେ। ଅନ୍ୟ କେଇଜଣ ଦଣ୍ଡକୁ ଉଠାଇଲେ। ତା' ମୁହଁରେ ଗାମୁଛା ପୂରାଇ ରକ୍ତ ବନ୍ଦ କରିବାରେ ଚେଷ୍ଟା କଲେ।



ଏହି ସମୟରେ ଡାକ୍ତର ମାର୍ତ୍ତଣ୍ଡ ବାବୁ ସେ ବାଟେ ଆସୁଥିଲେ। ମାର୍ତ୍ତଣ୍ଡ ବାବୁ ତାଙ୍କ କମ୍ପାଉଣ୍ଡର ଭୂଷଣ୍ଡ ବାବୁଙ୍କ ସାହାଯ୍ୟ ନେଇ ତାଙ୍କ କ୍ଲିନିକ୍ ପିଣ୍ଡାରେ ବସାଇଲେ। ତା'ର ହାତ ପାପୁଲି ଆଉ ଆଣ୍ଠୁ ଛିଣ୍ଡିଯାଇଥାଏ। ଦଣ୍ଡ ଖାଲି ହାଁ ହାଁ ହେଉଥାଏ ଆଉ କାନ୍ଦୁଥାଏ। ଏହି ସମୟ ଭିତରେ ମାର୍କଣ୍ଡ ପଣ୍ଡା ଓ ଚଣ୍ଡୀ ଦେବୀ ଆସି ପହଞ୍ଚିଗଲେ। ମାର୍ତ୍ତଣ୍ଡ ବାବୁ ସେମାନଙ୍କୁ ଦେଖି କହିଲେ, "ଏପରି ଉଦ୍ଦଣ୍ଡ ପିଲାକୁ ଦଣ୍ଡ ନ ଦେବାରୁ ସେ ଗୋଟେ ପ୍ରଚଣ୍ଡ ଗୁଣ୍ଡା ପାଲଟି ଗଲାଣି। ସେ ତୁମ ମୁଣ୍ଡ ନିଶ୍ଚୟ ଦିନେ ତଳକୁ କରିଦେବ। ଏପରି ପିଲାଙ୍କୁ ଗାଁ ମୁଣ୍ଡରେ ଥିବା ପ୍ରଚଣ୍ଡ ବାବୁଙ୍କ ସ୍କୁଲକୁ ପଠାଇଦେଲେ ସେ ଗଣ୍ଡେ ଦିନରେ ୟାର ସବୁ ଉଦ୍ଦଣ୍ଡପଣ ଛଡ଼ାଇ ଦେବେ। ଏହା କହି ମାର୍କଣ୍ଡ ବାବୁ ଭୂଷଣ୍ଡ ବାବୁଙ୍କ ସାହାଯ୍ୟରେ ଦଣ୍ଡକୁ ଭିତର ଘରକୁ ନେଇଗଲେ। ମାର୍କଣ୍ଡ ବାବୁ ଆଉ ଚଣ୍ଡୀଦେବୀ ଥକାମରା ହୋଇ ବାରଣ୍ଡାରେ ପଡ଼ିଥିବା ଲମ୍ବାବେଞ୍ଚରେ ବସି ରହିଲେ।

କିଛି ସମୟ ପରେ ଦଣ୍ଡର ପ୍ରଚଣ୍ଡ ଚିତ୍କାର ବାହାରକୁ ଶୁଭିଲା। ମାର୍କଣ୍ଡ ବାବୁ ଓ ଚଣ୍ଡୀ ଦେବୀ ଆତୁର ହୋଇ ଭିତର ଘରକୁ ପଶିଗଲେ। ମାର୍ତ୍ତଣ୍ଡ ବାବୁ ପ୍ରକାଣ୍ଡ ପାଟି କଲେ। ଔଷଧ ଲଗାଇଲା ବେଳେ ସେ ଏମିତି ଚିତ୍କାର କରିବ ବୋଲି ବୁଝାଇ ଦେଲେ। ସେମାନେ ପୁଣି ବାରଣ୍ଡାକୁ ଫେରି ଆସିଲେ।

କିଛି ସମୟ ପରେ ଦଣ୍ଡକୁ ଧରି ମାର୍ତ୍ତଣ୍ଡ ବାବୁ ବାହାର କକ୍ଷକୁ ଆସିଲେ। ଦଣ୍ଡ ଆଣ୍ଠୁ ଆଉ ହାତ ପାପୁଲିରେ ବ୍ୟାଣ୍ଡେଜ ବନ୍ଧା ହୋଇଥିଲା।

ବୁଝିଲେ ମାର୍କଣ୍ଡ ବାବୁ ! ପିଲାଙ୍କୁ ଗେଲ କର ମନା ନାହିଁ। ତାକୁ ଯଦି ପିଲାଦିନରୁ ଶାସନ ନ କରିବ ତେବେ ସେ ବିଗିଡ଼ିଯିବ। ହୃଦୟରେ ସ୍ନେହ ଥାଉ କିନ୍ତୁ ଉପରକୁ କଠୋର ହେବାକୁ ହେବ। ନଚେତ୍ ସେ ମଣିଷ ବଦଳରେ ଅମଣିଷ ହେବ।

"ଆଉ ଦଣ୍ଡ ତୁମେ ବି ଶୁଣ। ଦୁଷ୍ଟାମି କଲେ ତୁମ ନିଜର କ୍ଷତି। ତୁମ ଠାରୁ ତୁମ ପଢ଼ାସାଥୀ, ଖେଳସାଥୀ ସମସ୍ତେ ଦୂରେଇ ଯିବେ। ତୁମେ ଏକା ହୋଇ ରହିଯିବ। ପାଠ ନ ପଢ଼ିଲେ ତୁମେ ଅକାଳ କୁଷ୍ମାଣ୍ଡ ହୋଇଯିବ। ଭେରଣ୍ଡା ପରି ଭେଁ ଭେଁ ହୋଇ କେବଳ ବୁଲିବ। ଆଉ ଏମିତିଆ କେତେ ଦଣ୍ଡ ପାଇବ। ବୁଝିଲତ ।" ମାର୍ତ୍ତଣ୍ଡ ବାବୁ ବୁଝାଇଲେ।

ସତକୁ ସତ ଦଣ୍ଡପାଣି ଦୁଷ୍ଟାମୀ ଛାଡ଼ିଦେଲା। ପରେ ସେ ମନ ଲଗାଇ ପାଠ ପଢ଼ିଲା। ସାଙ୍ଗସାଥୀଙ୍କ ସହ ଆଉ ଗଣ୍ଡଗୋଳ କଲା ନାହିଁ। ତାକୁ ସମସ୍ତେ ଭଲ ପାଇଲେ। ସତରେ ଠିକିଲେ ହିଁ ଶିଖନ୍ତି।

(ପିଲାମାନଙ୍କୁ 'ଣ୍ଡ' ବର୍ଣ୍ଣର ବ୍ୟବହାର ସହିତ ଅଭ୍ୟସ୍ତ କରିବା ପାଇଁ ଏହା ଲେଖକଙ୍କର ଏକ ପ୍ରୟାସ।)

□□

ଲେଖକଙ୍କ ଇ-ମେଲ ଠିକଣା:
drncsatapathy@gmail.com




**ପୁସ୍ତକ ସମୀକ୍ଷା**

# ଲୁପ୍ତପ୍ରାୟ ଲୋକସଂସ୍କୃତି

**ଲେଖକ: ଡ. ଅଜୟ କୁମାର ମିଶ୍ର**

**ପ୍ରକାଶକ : ଅକ୍ଷର, କଟକ - ୭୫୩୦୧୩**

**ପୃଷ୍ଠା: ୨୫୬ ମୂଲ୍ୟ: ଟ. ୭୫୦/-**

ମିଶ୍ରଶାଳର ସ୍ରଷ୍ଟା ଭାବରେ ଡ. ଅଜୟ କୁମାର ମିଶ୍ର ଓଡ଼ିଶାର ସର୍ବତ୍ର ସୁପରିଚିତ। ସେ ହେଉଛନ୍ତି ଆମ ସମୟର ଜଣେ ବିଶିଷ୍ଟ ଲେଖକ ଓ ଗବେଷକ ମଧ୍ୟ। ଆମ ସମାଜ ଓ ଲୋକଜୀବନରୁ କ୍ରମେ ହଜି ଯାଉଥିବା ପାରମ୍ପରିକ ଉପକରଣ ଗୁଡ଼ିକର ନମୁନା ତିଆରି କରି ଡ. ମିଶ୍ର କଟକ ସହରରେ ଥିବା ତାଙ୍କର ଯେଉଁ ବାସଭବନରେ ସେଗୁଡ଼ିକୁ ପ୍ରଦର୍ଶିତ କରିଛନ୍ତି ତାହା 'ମିଶ୍ରଶାଳ'ର ଆଖ୍ୟା ପାଇଛି। ଏଥି ମଧ୍ୟରେ ଅଛି ଅଖିମୁଠି, ଅଣକ, ଆକାଶ ଦୀପ, କୂଅ ବିଲେଇ, କେନ୍ଦେରା, ତେଣ୍ଟା ଓ ଶ୍ରୁବ ଭଳି ଓଡ଼ିଶାର ଲୁପ୍ତପ୍ରାୟ ଅନେକ ନିତିଦିନିଆ ଲୋକ-ଉପକରଣ ତଥା ସାଂସ୍କୃତିକ ସାଧନ। ଏଗୁଡ଼ିକ କେବଳ ଯେ ଆମ ରାଜ୍ୟର ଜନଜୀବନରୁ ଉଭାନ ହେବା ଆରମ୍ଭ ହୋଇଛନ୍ତି ତା' ନୁହେଁ, ସେଗୁଡ଼ିକର ନାମ ମଧ୍ୟ ନୂଆ ପିଢ଼ିର ଓଡ଼ିଆଙ୍କର ଆଉ ସ୍ମରଣରେ ନାହିଁ। ଏହାକୁ ଏକ ସାଂସ୍କୃତିକ ସଂକଟ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ।

ଏହି ବିଡ଼ମ୍ବନା ପ୍ରତି ସଜାଗ ରହି ଗଭୀର ନିଷ୍ଠାର ସହ ନିଜର କର୍ତ୍ତବ୍ୟ ନିର୍ବାହ କରିଛନ୍ତି ଡ. ମିଶ୍ର। କଠିନ ପରିଶ୍ରମ ଓ କଳାତ୍ମକତାର ସହିତ ସେ ଏହି ହଜିଯାଉଥିବା ଉପକରଣଗୁଡ଼ିକର କ୍ଷୁଦ୍ର ନମୁନାମାନ ତିଆରି କରି ସର୍ବସାଧାରଣଙ୍କ ସମକ୍ଷରେ ଏହାକୁ ପ୍ରଦର୍ଶିତ କରିପାରିଛନ୍ତି।

ତେବେ ଏହିଭଳି ଗଢ଼ାଯାଇଥିବା ଉପକରଣଗୁଡ଼ିକୁ ପୁସ୍ତକାକାରରେ ନଥିକରଣ କରି ତାହା ବିଷୟରେ ସମ୍ୟକ ସୂଚନା ଆମର ଭାବୀ ବଂଶଧରଙ୍କ ପାଇଁ ସଂରକ୍ଷିତ କରି ରଖିବାର ଆବଶ୍ୟକତା ବହୁ ଦିନରୁ ଅନୁଭୂତ ହୋଇଆସୁଥିଲା। ସେହି ଅଭାବକୁ ପୂରଣ କରିଛି ଏହି ଆଲୋଚ୍ୟ ପୁସ୍ତକ। ତେବେ ଆମ ମତରେ 'ଲୁପ୍ତପ୍ରାୟ ଲୋକସଂସ୍କୃତି' ଅପେକ୍ଷା ବହିଟିର ନାମ ବରଂ 'ଓଡ଼ିଶାର ଲୁପ୍ତପ୍ରାୟ ଲୋକ-ଉପକରଣ' ବୋଲି ରଖିବା ଅଧିକ ଶ୍ରେୟସ୍କର ହୋଇଥାଆନ୍ତା।

୨୫୬ ପୃଷ୍ଠା ବିଶିଷ୍ଟ ଏହି ବହି ଏକ 'କଫି ଟେବୁଲ୍ ବୁକ୍'ର ଆକୃତିରେ ପ୍ରସ୍ତୁତ ଏବଂ ଏଥିରେ ୨୦୦ରୁ ଅଧିକ ଲେଖକଙ୍କ ସ୍ୱହସ୍ତ ପ୍ରସ୍ତୁତ ପାରମ୍ପରିକ ଉପକରଣଗୁଡ଼ିକର ରଂଗୀନ ଫଟୋଚିତ୍ର ମଧ୍ୟ ସ୍ଥାନିତ ହୋଇଛି। କେବଳ ସେତିକି ନୁହେଁ, ପ୍ରତ୍ୟେକଟି ଉପକରଣ ବିଷୟରେ ସୂଚନା ଦେବା ସହିତ ତାହାକୁ ନେଇ ମନଛୁଆଁ କବିତାମାନ ମଧ୍ୟ ରଚନା କରିଛନ୍ତି ଡ. ମିଶ୍ର। ଏହାର ଗୋଟିଏ ଦୃଷ୍ଟାନ୍ତ:

'ଗୋଲିଆ ପଥରେ ଗଢ଼ାଟି ଚକି<br>
ଜଣେ ଥାଏ ଶୋଇ ଆନ ଘୂରିଘୂରି ନ ପଡ଼େ ଥକି।<br>
ତଳପଟ ଚକି ମଝିରେ କଣା,<br>
ତହିଁ ମାଣିଖୁଣ୍ଟ ଥାଏ ଭରଣା।'<br>
(ଚକି ସମ୍ପର୍କରେ)

ଆଜି ଆମର ପିଲାମାନେ ଓଡ଼ିଆ ଘରର ପୁରାତନ ଚଳଣି ଓ ଲୋକସଂସ୍କୃତିଠାରୁ ବିଚ୍ଛିନ୍ନ ହୋଇଯାଉଥିବା ଘୋର ଚିନ୍ତାର ବିଷୟ। ସେହିମାନଙ୍କ ହାତରେ ଏହି ବହିଟି ପଡ଼ିଲେ ସେମାନେ ସାଧାରଣ ଜନଜୀବନରୁ ହଜିଯାଇଥିବା ବସ୍ତୁ ଓ ଉପକରଣଗୁଡ଼ିକୁ ନିଜର ସ୍ମୃତିରେ ସାଇତି ରଖିବାକୁ ସମର୍ଥ ହେବେ। ଆମ ରାଜ୍ୟରେ ଏ ଧରଣର ପୁସ୍ତକର ପ୍ରସ୍ତୁତି ସର୍ବପ୍ରଥମ। ଏଣୁ ଏହା ସମସ୍ତ ସଂସ୍କୃତିପ୍ରେମୀ ପାଠକମାନଙ୍କ ମଧ୍ୟରେ ଆଦୃତ ହେବ ବୋଲି ଆମର ଆଶା। ତେବେ ଏହି 'କଫି ଟେବୁଲ୍ ବୁକ୍'ର ଏକ ସୁଲଭ ସଂସ୍କରଣ ମଧ୍ୟ ପ୍ରକାଶ ପାଇଲେ ସର୍ବସାଧାରଣଙ୍କ ମଧ୍ୟରେ ଏହାର ବ୍ୟାପକ ପ୍ରସାର ଆହୁରି ସୁଗମ ହୋଇପାରନ୍ତା।

*-ନିହାର ଶତପଥୀ*

# ସାହିତ୍ୟ ସମାଚାର

## କୁଞ୍ଜବିହାରୀ ଦାଶ ସ୍ମାରକୀ ବକ୍ତୃତାମାଳାରେ ସାରସ୍ୱତ ଆଲୋଚନା




ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ରେଭେନ୍ସା ବିଶ୍ୱବିଦ୍ୟାଳୟ, କୁଞ୍ଜବିହାରୀ ସ୍ମୃତି ସଂସଦ ଓ ବିଶ୍ୱଭାରତୀ ପ୍ରାକ୍ତନୀ ଅନୁଷ୍ଠାନମାନଙ୍କର ସହଯୋଗରେ ଏପ୍ରିଲ ୨୨ ତାରିଖ ଦିନ ରେଭେନ୍ସା ବିଶ୍ୱବିଦ୍ୟାଳୟ 'ସେଭେନ୍ ପିଲାର୍ସ ଅଫ ଉଇଜଡ଼ମ୍'ର ଆନେକ୍ସ ୧ ରେ ଦ୍ୱିତୀୟ ଲୋକରତ୍ନ କୁଞ୍ଜବିହାରୀ ଦାଶ ସ୍ମାରକୀ ବକ୍ତୃତାମାଳା ଅନୁଷ୍ଠିତ ହୋଇଯାଇଛି।

ଓଡ଼ିଆ ବିଭାଗର ସଂଯୋଜକ ଜ୍ଞାନୀ ଦେବାଶିଷ ମିଶ୍ର ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବା ସହ ସଂଯୋଜନା କରିଥିଲେ। ବିଶିଷ୍ଟ କବି ଓ ସମାଲୋଚକ ସରୋଜ ରଞ୍ଜନ ମହାନ୍ତି ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ବକ୍ତୃତାମାଳାରେ ପ୍ରଫେସର ବସନ୍ତ କୁମାର ପଣ୍ଡା 'ଓଡ଼ିଆ ଆତ୍ମକାହାଣୀରେ ମୋ କାହାଣୀ: ଏକ ଅନନ୍ୟ କାହାଣୀ' ଶୀର୍ଷକ ଭିତ୍ତିପ୍ରବନ୍ଧ ଉପସ୍ଥାପନା କରିଥିଲେ। ସମାଲୋଚକ ଯତୀନ୍ଦ୍ର କୁମାର ନାୟକ ଲୋକରତ୍ନଙ୍କ ଜୀବନୀ ଓ ସାରସ୍ୱତ ସାଧନାରେ ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଫେସର ଗିରିଶଚନ୍ଦ୍ର ମିଶ୍ର ଲୋକରତ୍ନଙ୍କ ଉପନ୍ୟାସ ତଥା କବିତା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଉପଲକ୍ଷେ ଦ୍ୱିତୀୟ ଲୋକରତ୍ନ ସ୍ମାରକୀ ବକ୍ତୃତାମାଳା ପୁସ୍ତକ ମଧ୍ୟ ଉନ୍ମୋଚିତ ହୋଇଥିଲା। ସ୍ନାତକୋତ୍ତର ଦ୍ୱିତୀୟ ବର୍ଷର ସୁଲଗ୍ନା ମହାନ୍ତି, ବୈଶାଖୀ ପାତ୍ର ଏବଂ ଗବେଷକ ଶଙ୍ଖଚୂଳ ଦାସ, ଇପସିତା ସାହୁ କୁଞ୍ଜବିହାରୀଙ୍କ ସମ୍ପର୍କରେ ପ୍ରବନ୍ଧ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମର ଅନ୍ତିମ ପର୍ଯ୍ୟାୟରେ କୁଞ୍ଜବିହାରୀଙ୍କ ସମଗ୍ର କୃତି ଥିବା ଏକ ୱେବ୍‌ସାଇଟର ଉନ୍ମୋଚନ କରାଯାଇଥିଲା।

## 'ପ୍ରଜାତନ୍ତ୍ର'ର ବିଷୁବ ମିଳନ: ବିଷୁବ ପୁରସ୍କାର ପାଇଲେ ସୁଲୋଚନା ଦାସ



ପ୍ରଜାତନ୍ତ୍ର ପ୍ରଚାର ସମିତିର ବିଷୁବ ମିଳନ ଏବଂ ବିଷୁବ ସାହିତ୍ୟ ପୁରସ୍କାର ପ୍ରଦାନ ଉତ୍ସବ କଟକସ୍ଥିତ 'ପ୍ରଜାତନ୍ତ୍ର' ପରିସରରେ ତିନିଦିନ ବ୍ୟାପୀ ଅନୁଷ୍ଠିତ ହୋଇଯାଇଛି।

ଏହି ସାରସ୍ୱତ ସଭାରେ ବରିଷ୍ଠ କଥାକାର ତଥା ଅବସରପ୍ରାପ୍ତ ପ୍ରାଧ୍ୟାପିକା ଡକ୍ଟର ସୁଲୋଚନା ଦାସଙ୍କୁ ସମିତିର ସର୍ବୋଚ୍ଚ ସମ୍ମାନ, ଚଳିତ ବର୍ଷର 'ବିଷୁବ ପୁରସ୍କାର' ପ୍ରଦାନ କରାଯାଇଥିଲା।

ଏପ୍ରିଲ୍ ୧୪ ତାରିଖରେ ଏହି ଉପଲକ୍ଷେ ଅନୁଷ୍ଠିତ ଏକ ମନୋଜ୍ଞ ସାହିତ୍ୟ ସଭାରେ ଅଧ୍ୟକ୍ଷତା କରିଥିଲେ ବିଶିଷ୍ଟ କଥାକାର ଶାନ୍ତନୁ ଆଚାର୍ଯ୍ୟ। ଏଥିରେ ମୁଖ୍ୟ ଅତିଥିଭାବେ ପ୍ରତିଷ୍ଠିତ ମରାଠି ଲେଖକ ବିଶ୍ୱାସ ପାଟିଲ ଯୋଗଦାନ କରିଥିଲେ। ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ 'ପ୍ରଜାତନ୍ତ୍ର ପ୍ରଚାର ସମିତି'ର ଅଧ୍ୟକ୍ଷ ଭର୍ତ୍ତୃହରି ମହତାବ। 'ଝଙ୍କାର'ର ସମ୍ପାଦକ ସରୋଜ ରଞ୍ଜନ ମହାନ୍ତି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ବିଷୁବ ପୁରସ୍କାର ବ୍ୟତୀତ ପ୍ରବନ୍ଧ ଓ ସମାଲୋଚନା ନିମନ୍ତେ ଡକ୍ଟର ଦିଲ୍ଲୀପ କୁମାର ସ୍ୱାଇଁ, କବିତା ନିମନ୍ତେ ଶ୍ରୀହରି ଧଳ, ଗଳ୍ପ ନିମନ୍ତେ ସିତେଶ ତ୍ରିପାଠୀଙ୍କୁ ମଧ୍ୟ ଚଳିତ ବର୍ଷର 'ଝଙ୍କାର ପୁରସ୍କାର' ପ୍ରଦାନ କରାଯାଇଥିଲା। ଏହି ତିନିଜଣ ପ୍ରତିଭାଙ୍କୁ ମାନପତ୍ର ସହ ୨୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା ସେହିଭଳି ଅନୁବାଦ ପାଇଁ ଜନ୍ମେଜୟ ବାବୁଙ୍କୁ 'ଝଙ୍କାର ଅନୁବାଦ ଭାରତୀ' ପୁରସ୍କାରର ମାନପତ୍ର ସହ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା।

# ଶେଷ ପୃଷ୍ଠା



ପ୍ରଶାନ୍ତ ଭୂୟାଁ

# ଅସଙ୍କ୍ଷେପ*

ଢଗଟିଏ ଅଛି,

*କୁହାଯାଉଥାଏ ସିନା; ତୁହାଇ ତୁହାଇ ପୁଟ ଦେଉଥିଲେ ଲୁହା କି ହୋଇବ ସୁନା।*

ଆମ ଓଡ଼ିଆ ସାହିତ୍ୟ ସଂସାରରେ ଆନ୍ତର୍ଜାତୀୟ ସ୍ତରର ଅନେକ ଲେଖକଙ୍କ ଉପସ୍ଥିତି ନେଇ ଫୁଲିଫାଟି ଯାଉଥିବା ଆୟୋଜକ, ଘୋଷକ ଓ ପ୍ରଶଂସକଙ୍କ ଭିଡ଼ରେ ଉତୁରୁପୁତୁରୁ ହୋଇଯାଉଛନ୍ତି ଅନେକ ସାହିତ୍ୟପ୍ରେମୀ ଏବେ।

ଜନୈକ, ସମ୍ପାଦକ ମହାଶୟ ଖେଦ ପ୍ରକାଶ କରି କହିଲେ, "ପ୍ରଭୂ, ଏବେ ଓଡ଼ିଆ ସାହିତ୍ୟ ସଂସାରରେ ପ୍ରବନ୍ଧର ମରୁଡ଼ି। କହିପୋଛି, ବୁଝିବୁଝାଇ, କହାଶୁଣା ଅବା ଜୁହାର ପାଆଁ ପଡ଼ି ମଧ୍ୟ ଗୋଟିଏ ଅନୁଭବ, ଅଭିଜ୍ଞତା, ଅନୁଧ୍ୟାନ ଓ ଅନୁଶୀଳନ ଭରା ସ୍ୱକୀୟ ନୂତନ ପ୍ରବନ୍ଧଟିଏ ପାଇବା ଦୁଃସ୍ୱପ୍ନ ହୋଇ ପଡ଼ିଛି। ଯିଏ ଦେଲା, ତା'ର ପୁରୁଣା ଅବା କେଉଁଠୁ ଦେଖି-ଲେଖି ପ୍ରବନ୍ଧଟିଏ ପଠାଇ ଦେଉଛନ୍ତି। କରିବା କିସ!"

ଭୋ ପାଠକେ; ଏଇ ଲକ୍ଷଣ ହେଉଛି "କୀର୍ତ୍ତନରେ ହାବୁଡ଼ାଟା ଆଁ କରିବା ନ୍ୟାୟ ପ୍ରାୟେକ।" କିହୋ ପାଠୁଆ ପୁଅ; ସାହିତ୍ୟଚାଷ କରିବାର ଏତେ କକରଥନା ଅଛି ତ ଦି'ଚାରି ଅକ୍ଷର ପଢ଼, ପୋଥିପୁରାଣ ଭିତରେ ମଗଜ ପୂରାଅ, ବୁଝ; ସାହିତ୍ୟ ସଂସାରର ବିଡ଼ମ୍ବନା ଓ ଭବିଷ୍ୟତର ଆବଶ୍ୟକ କଣ! ତେବେ ଯାଇ ଦୁଇପଦ ଲେଖ, ଯାହା ମନ୍ଥି ଦେବ ଅନ୍ୟ ଲେଖକ, ପାଠକ ସଭିଙ୍କୁ। ଯାହା ମାନସମନ୍ଥନ କରିବାକୁ ବାଧ୍ୟ କରିବ ଓଡ଼ିଆ ସାହିତ୍ୟ ସବାରିର କାନ୍ଧିଆ ବେହେରାଗଣଙ୍କୁ। ତେବେ ଯାଇ ଓଡ଼ିଆ ସାହିତ୍ୟର ସମୃଦ୍ଧି ଓ ପ୍ରଶସ୍ତିର ବଡ଼ଦାଣ୍ଡ ନିର୍ମଳ ରହିବ ଆଗାମୀ ପିଢ଼ିର ସାହିତ୍ୟ ଭକ୍ତଙ୍କ ଚାଲିବା ନିମନ୍ତେ ସାହିତ୍ୟ ଶ୍ରୀମନ୍ଦିର ଆଡ଼କୁ। ନଚେତ୍, ଏଇ ଅଭିଲାଭିଲା ସାହିତ୍ୟ ରସିକଙ୍କୁ ନେଇ ଆଉ କେତେ ଦୂର ଏଇ ଭାଷା ରଥକୁ ଆଗକୁ ନେବା; ବୁଝନ୍ତୁ ଏବେ।

ଅସଙ୍କ୍ଷେପ କବିତା, ଗଳ୍ପ, ଉପନ୍ୟାସ, ବ୍ୟଙ୍ଗସାହିତ୍ୟ, ମାଇକ୍ରୋଗଳ୍ପ, ଅଣୁଗଳ୍ପ, ମାକ୍ରୋଗଳ୍ପ, ପ୍ରାୟୋପନ୍ୟାସ, ଲିମେରିକ୍, ସନେଟ୍, ହାଇକୁ ଲେଖକ ପ୍ରଭୃତିଙ୍କ ଗହଳିରେ ପ୍ରାବନ୍ଧିକ ଓ ସମୀକ୍ଷକଙ୍କ ଦୁର୍ଭିକ୍ଷ ଏବେ। ମହାକାଶରେ ଓଜୋନ୍ ସ୍ତରରେ ଫାଟ ଦେଖାଦେଲା ଭଳି, ଏକ ଗୌରବମୟ ଐତିହ୍ୟର ଜୟ ନେତ ଉଡ଼ାଉଥିବା ଓଡ଼ିଆ ସାହିତ୍ୟ ସଂସାରରେ ଏବେ ଫାଟ। ଅନେକ ଦିନ ତଳେ ଉଖୁରେଇଥିଲି ଯେ, ଶିଶୁସାହିତ୍ୟ, ରହସ୍ୟ ଉପନ୍ୟାସ, ଗୀତିନାଟ୍ୟ ପ୍ରଭୃତି ଆଜିକାଲି କାଁ ଭାଁ ଦେଖା ଯାଉଛି। ମନେପଡ଼େ; କବିସୂର୍ଯ୍ୟଙ୍କ ଦୁଇପଦ

*ସମଜଇ ନାହିଁ ସ୍ୱଜାତି ଭାଷା। କହିଲେ ଯେ ହୁଅଇ ଲୋକହସା।*

*ଜଡ଼ ମୁଁ ବୋଲି ନ ଜନ୍ମି ନିର୍ବେଦ। ଷଡ଼ଦର୍ଶୀ ତୁଲେ କଲେ ବିବାଦ।*

ସାହିତ୍ୟକୁ ହାତବାରିସୀ କରି, ଅଳପ କେତୋଟି ବହି ଘୁଞ୍ଚାପେଲା ଦେଇ, ସାହିତ୍ୟ ସଙ୍ଗଠନର ଉଚ୍ଚାଧିକାରୀଙ୍କ ଜେଜେକାର କରି, ଭାଷା ଓ ସାହିତ୍ୟରେ ଘୋଡ଼ାବେପାର କରି ସମ୍ମାନ, ଫଳକ, ଶ୍ରୀ, ଭୂଷଣ, ବିଭୂଷଣ, ପ୍ରଭୃତି ପାଇଁ ଅମୁରୁଛକ ହେଉଥିବା ଅର୍ଥାର୍ଥୀଙ୍କୁ ନେଇ ଆଉ କେତେଦିନ ଗର୍ବ କରୁଥିବା! ସୁଧୀଜନେ; ଅଇଘରାକୁ ବାଇଗଣ ଫୋପାଡ଼ିବା ପ୍ରବୃତ୍ତିରୁ ଅତ୍ୟନ୍ତନିବୃତ୍ତି ହେବା ବେଳ ଇଏ।

"କୋରେଇ ଗାଡ଼; ବୁଲେଇ ମାଡ଼"

ଅଳମତି ବିସ୍ତରେଣ।

**-ପ୍ରଭୂ**

* **ଅସଙ୍କ୍ଷେପ** – ଅଗଣତି, ବହୁ।

□□

ଲେଖକଙ୍କ ଇ-ମେଲ୍ ଠିକଣା:
prasantabhunya@gmail.com

Eastern India's No.1* Paediatric Hospital

# JAGANNATH HOSPITAL

AN EXCLUSIVE PERINATAL CENTRE

## Because we treat every child like our own



- 24 X 7 PAEDIATRIC NEONATAL EMERGENCY
- LEVEL - 3 NICU
- PAEDIATRICS & NEONATAL SURGERY
- 24 X 7 OBSRETRIC & GYNAECOLOGY
- 24 X 7 PATHO LAB

Call : 8093091301

185-P, Saheed Nagar, Bhubaneswar-15

*Source: Times of India Critical Healthcare Survey

Jugaad Corner

A bit of Jugaad & lots of Love





Jugaad Corner deals with supplies of raw bases for art and craft purposes for artists and Crafters PAN India.

www.jugaadcorner.com

www.facebook.com/jugaadcorner

www.instagram.com/jugaadcorner







We design, customize and manufacture all kinds of MDF and pinewood products that are further used by artists and crafters all over India for their creative projects.

Our designs are exclusively curated for home décor, utility and gifting purposes.

J.C. CREATIONS
Shop No. 2, Plot No. 137,
Mahavir Vihar,
Near Patia Railway Station,
Kalarahanga, Patia,
Bhubaneswar - 751024, Odisha
Contact - 9439034505,

Blessed Fingers deals with art and craft finished products and orders even accepted on çustomizations.



www.blessedfingers.com

www.facebook.com/theblessedfingers

www.instagram.com/theblessedfingers

Blessed Fingers








Printed, Published and owned by Nihar Ranjan Satpathy, and Printed at Gayatri Industries, TS 3/193, Mancheswar Industrial Estate, Bhubaneswar - 751010 and published from SB-19, Arya Village, Dumuduma, Phase-4, Bhubaneswar - 751019.
Editor : Nihar Ranjan Satpathy